# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଏପ୍ରିଲ ୧୬ /୨୦୧୯ (୧୬ ପୃଷ୍ଠା) Rayagada, Tuesday, April 16 / 2019 ★

୯ମ ଭାଗ ୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




## ଜିଲ୍ଲାର ସ୍ୱତନ୍ତ୍ର ବିକାଶ ପାଇଁ ପ୍ରତିବଦ୍ଧତା

# ଜୁହାର

**ବରଗଡ, ଝାରସୁଗୁଡା, ବଲାଙ୍ଗୀର, ସୁବର୍ଣ୍ଣପୁର** ଏବଂ **ବୌଦ୍ଧ**
ଜିଲ୍ଲା ପାଇଁ ୫୦% ମହିଳା ସଦସ୍ୟଙ୍କୁ ନେଇ

## ‘ସ୍ୱତନ୍ତ୍ର ଉନ୍ନୟନ ପରିଷଦ’।



ବିକାଶର ପ୍ରକୃତ **ଡବଲ ଇଂଜିନ୍**
ମହିଳାଙ୍କ ସଶକ୍ତିକରଣ ପାଇଁ ପ୍ରତିବଦ୍ଧତା

- ‘ମିଶନ ଶକ୍ତି’ ମହିଳାଙ୍କୁ ୫ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ
- ବିନା ସୁଧରେ ୫ଲକ୍ଷ ଟଙ୍କାର ଋଣ
- କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା
- ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’ରେ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା

**ନବୀନ ଓଡ଼ିଶା**
**ସଶକ୍ତ ଓଡ଼ିଶା**

ବିଜୁ ଜନତା ଦଳ
ପ୍ରତିଶ୍ରୁତି ନୁହେଁ ପ୍ରତିବଦ୍ଧତା

‘ଶଙ୍ଖ’ ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।



" ଭାଜପା କିମ୍ବା କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବା ସମ୍ଭାବନା ନ ଥିବାରୁ ଦେଶ ମେଣ୍ଟ ସରକାର ଆଡ଼କୁ ମୁହାଁଉଛି।
- ସିଦ୍ଧାରାମାୟା, ବରିଷ୍ଠ କଂଗ୍ରେସ ନେତା



# ବିଗୁଡୁଛି ନେତାଙ୍କ ତୁଣ୍ଡ

ସାଧାରଣ ନିର୍ବାଚନ ପାଇଁ ପ୍ରଚାର ସରଗରମ। କ୍ଷମତା ପାଇଁ ମଇଦାନରେ ପ୍ରାର୍ଥୀ। ମତଦାତାଙ୍କୁ ଆକର୍ଷିତ କରିବା ଲାଗି ସବୁ ଦଳ ଓହ୍ଲାଇଛନ୍ତି ଷ୍ଟାର୍ କ୍ୟାମ୍ପେନର୍‌ଙ୍କୁ। ହେଲେ ରାଜନୀତିର କାଦୁଅଫିଙ୍ଗା ଏଭଳି ନିମ୍ନସ୍ତରକୁ ଚାଲିଯାଇଛି ଯେ ବଡ଼ ବଡ଼ ନେତାଙ୍କ ପାଟିରେ ବି ଲଗାମ ରହୁନାହିଁ। ମୂଳ ପ୍ରସଙ୍ଗରୁ ଓହରି ବିବାଦୀୟ ତଥା ଆପତ୍ତିଜନକ ମନ୍ତବ୍ୟ ଦେବା ଏବେ ଏକ ଟ୍ରେଣ୍ଡ (ଧାରା)ରେ ପରିଣତ ହୋଇଯାଇଛି। ଏପରି କି ନିର୍ବାଚନ କମିଶନ ଓ ଅଦାଲତି ଅଙ୍କୁଶ ବି କାମ କରୁନି ଏମାନଙ୍କ ଉପରେ। ଫଳରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କରିବାରେ ଦ୍ୱନ୍ଦ୍ୱରେ ପଡ଼ୁଛନ୍ତି ଭୋଟର।

■ ରାଫାଲ ରାୟ ପରେ 'ଚୋର' ମନ୍ତବ୍ୟ

## ରାହୁଲଙ୍କୁ ସ୍ପଷ୍ଟୀକରଣ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୪(ପି.ଟି./ଆଇଏଏନ୍‌ଏସ୍)

ରାଫାଲ ରାୟରେ ସୁପ୍ରିମକୋର୍ଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଚୋର' କହି ନ ଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହାର ଭୁଲ୍ ବ୍ୟାଖ୍ୟା କରି ଅଡୁଆରେ ଫସିଛନ୍ତି। ସର୍ବୋଚ୍ଚ ଅଦାଲତ ଏଥିପାଇଁ ଆସନ୍ତା ୨୨ ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ ରାହୁଲଙ୍କୁ ନୋଟିସ କରିଛନ୍ତି।

ରାଫାଲ ଯୁଦ୍ଧବିମାନ ଚୁକ୍ତି ପ୍ରସଙ୍ଗରେ ୨୦୧୮ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନର୍ବିଚାର କରିବା ସମୟରେ 'ପ୍ରଘଟ' ଦସ୍ତାବିଜକୁ ଗ୍ରହଣ କରାଯିବ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ଏହାକୁ ନେଇ ରାହୁଲ କହିଥିଲେ, ରାଫାଲ ଦୁର୍ନୀତି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି ଏବଂ ଚୁକ୍ତିକୁ ନେଇ ଏବେ ତଦନ୍ତ ହେବ। 'ଚୌକିଦାର ଚୋର ହେ' ବୋଲି ସୁପ୍ରିମକୋର୍ଟ ମାନିଛନ୍ତି। ପ୍ରଧାନମନ୍ତ୍ରୀ ରାଫାଲ ଦୁର୍ନୀତି ପ୍ରସଙ୍ଗରେ ତାଙ୍କ ସହ ବିତର୍କ ପାଇଁ ସ୍ଥାନ ଓ ତାରିଖ ବାଛନ୍ତୁ ବୋଲି ରାହୁଲ ଚ୍ୟାଲେଞ୍ଜ ଦେଇଥିଲେ। ଏହାକୁ ନେଇ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଇସିଙ୍କୁ ଭେଟିଥିଲେ। ଏହାସହ ବରିଷ୍ଠ ଭାଜପା ନେତା ମୀନାକ୍ଷୀ ଲେଖି ସୁପ୍ରିମକୋର୍ଟରେ ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସୋମବାର ଏହାର ଶୁଣାଣି କରି କହିଛନ୍ତି, ରାଫାଲ ରାୟର ପୁନର୍ବିଚାର ପାଇଁ ଅଦାଲତ ରାଜି ହେବାବେଳେ କେଉଁଠାରେ ବି ଏପରି କହିନାହାନ୍ତି। ତେଣୁ ରାହୁଲ ୨୨ ତାରିଖ ସୁଦ୍ଧା ନିଜର ସ୍ପଷ୍ଟୀକରଣ ଦିଅନ୍ତୁ। ୨୩ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ରାହୁଲଙ୍କୁ ପୁଣି ଟାର୍ଗେଟ କରିଛି ଭାଜପା। ରାହୁଲ ପ୍ରଧାନମନ୍ତ୍ରୀଙ୍କ ମାନହାନି କରିଥିବାରୁ କ୍ଷମାମାଗନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଦାବି କରିଛନ୍ତି।

■ ଜୟପ୍ରଦାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

## ଆଜମ୍ ଖାନ୍‌ଙ୍କ ନାଁରେ ମାମଲା

ନୂଆଦିଲ୍ଲୀ,୧୫।୪(ପି.ଟି.)

**କାର୍ଯ୍ୟାନୁଷ୍ଠାନ ପାଇଁ ଇସିଙ୍କୁ ଅନୁରୋଧ କଲେ ଏନ୍‌ସିଡବ୍ଲ୍ୟୁ**



ପାଟନାରେ ଆଜମ୍ ଖାନ୍‌ଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି ଭାଜପା ମହିଳା ମୋର୍ଚ୍ଚା କର୍ମୀ।

ଉତ୍ତରପ୍ରଦେଶର ରାମପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଜୟପ୍ରଦାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଛନ୍ତି ମେଣ୍ଟ ପ୍ରାର୍ଥୀ ଆଜମ୍ ଖାନ୍। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଆଜମ୍‌ଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାଚନ କମିଶନ (ଇସି)ଙ୍କୁ ଅନୁରୋଧ କରିଛନ୍ତି।

ରାମପୁରର ଏକ ନିର୍ବାଚନୀ ସଭାରେ ସମାଜବାଦୀ ପାର୍ଟି (ଏସ୍‌ପି)ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଆଜମ୍ ଖାନ୍ ଜୟପ୍ରଦାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେ ଲୋକଙ୍କୁ କହିଥିଲେ, ରାମପୁରବାସୀ ଓ ଭାରତର ଲୋକଙ୍କୁ ତାଙ୍କ ପ୍ରକୃତ ରୂପ ଜାଣିବା ପାଇଁ ୧୭ ବର୍ଷ ଲାଗିଗଲା। କିନ୍ତୁ ସେ ଖାକି ଅଣ୍ଡରୱେର ପିନ୍ଧନ୍ତି ବୋଲି ମୁଁ ୧୭ ଦିନରେ ଜାଣିପାରିଥିଲି। ଏହାକୁ ନେଇ ଏନ୍‌ସିଡବ୍ଲ୍ୟୁ କହିଛନ୍ତି, ଆଜମ୍ ଖାନ୍‌ଙ୍କ ମନ୍ତବ୍ୟ ଅପମାନଜନକ, ଅନୈତିକ ଓ ମହିଳାଙ୍କ ମର୍ଯ୍ୟାଦା ପ୍ରତି ଅସମ୍ମାନ। ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ରାମପୁର ଥାନାରେ ମଧ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଜୟପ୍ରଦା କହିଛନ୍ତି, ସେ ଏଥିରେ ଭୟଭୀତ ହୋଇ ରାମପୁର ଛାଡ଼ି ଯିବେନାହିଁ। ଆଜମ୍ ଖାନ୍ ତାଙ୍କ ପରିବାରର ମହିଳାଙ୍କ ପ୍ରତି ମଧ୍ୟ ଏପରି ଭାଷା ପ୍ରୟୋଗ କରନ୍ତି କି ବୋଲି ଜୟପ୍ରଦା ପ୍ରଶ୍ନ କରିଛନ୍ତି। ବିବାଦ ସୃଷ୍ଟି ହେବା ପରେ ଆଜମ୍ ଖାନ୍ କହିଛନ୍ତି, ସେ ଭାଷଣ ଦେବାବେଳେ କାହା ନାମ ଧରିନାହାନ୍ତି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଆଜମ୍‌ଙ୍କ ମନ୍ତବ୍ୟକୁ ନେଇ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀ ନୀରବ ରହିବା ସେମାନଙ୍କ ପାଇଁ ଲଜ୍ଜାଜନକ କଥା। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ ଓ ସ୍ମୃତି ଇରାନୀ ଏବଂ ରାଜ୍ୟ ସଭା ସଦସ୍ୟ ଅମର ସିଂ ମଧ୍ୟ ଆଜମ୍‌ଙ୍କ ମନ୍ତବ୍ୟକୁ ନେଇ କଡ଼ାନିନ୍ଦା କରିବା ସହ ତାଙ୍କୁ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା ପାଇଁ ଦାବି କରିଛନ୍ତି।

## ବିଶ୍ୱବିଦ୍ୟାଳୟ ସିଟ୍ ୨ଲକ୍ଷ ବଢ଼ିବ

ନୂଆଦିଲ୍ଲୀ,୧୫।୪(ପି.ଟି.)

**କ୍ୟାବିନେଟ ମଞ୍ଜୁରୀ**

ସାଧାରଣ ବର୍ଗ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ଯୋଗାଇ ଦେବା ଲାଗି ଦେଶରେ ଥିବା ୧୫୮ଟି ଜାତୀୟ ଶିକ୍ଷାନୁଷ୍ଠାନରେ ୨ ଲକ୍ଷରୁ ଅଧିକ ଅତିରିକ୍ତ ସିଟ୍ ସୃଷ୍ଟି କରାଯିବ। ସୋମବାର କେନ୍ଦ୍ର କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥାକୁ ଅନୁମୋଦନ କରାଯାଇଛି। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ କ୍ୟାବିନେଟରେ ପ୍ରସ୍ତାବ ଆଣିବା ପୂର୍ବରୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ନିର୍ବାଚନ କମିଶନଙ୍କ ଅନୁମତି ଲୋଡିଥିଲା। କ୍ୟାବିନେଟ ଅନୁମୋଦନ ଫଳରେ ଦୁଇ ବର୍ଷରେ ବିଶ୍ୱବିଦ୍ୟାଳୟଗୁଡିକରେ ୨,୧୪,୭୬୬ ଅତିରିକ୍ତ ସିଟ୍ ସୃଷ୍ଟି କରାଯିବ। ୨୦୧୯–୨୦ ଶିକ୍ଷାବର୍ଷରେ ୧,୧୯,୯୮୩ ସିଟ୍ ଏବଂ ୨୦୨୦–୨୧ରେ ୯୫,୭୮୩ ସିଟ୍ ସୃଷ୍ଟି ହେବ। ୧୫୮ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ନାମଲେଖାରେ ସାଧାରଣ ବର୍ଗ ଗରିବଙ୍କ ପାଇଁ ସଂରକ୍ଷଣ ଲାଗୁ କରିବା ନିମନ୍ତେ ୪୩୧୫.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## 'ଜାତୀୟ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ'

**ବିରୋଧୀଙ୍କୁ ଜେଟ୍‌ଲୀଙ୍କ ଜବାବ**


ନୂଆଦିଲ୍ଲୀ,୧୫।୪(ପି.ଟି.)

ଜାତୀୟ ସୁରକ୍ଷା ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢ଼ାଯିବା ଉଚିତ ନୁହେଁ ବୋଲି ବିରୋଧୀ ଦଳଗୁଡିକ ପକ୍ଷରୁ ଯୁକ୍ତି ଦର୍ଶାଯାଉଥିବାବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏହାକୁ ଖଣ୍ଡନ କରିଛନ୍ତି। ଦେଶ ସମ୍ମୁଖୀନ ହେଉଥିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ଜାତୀୟ ସୁରକ୍ଷା ଏବଂ ଆତଙ୍କବାଦ ସମସ୍ୟା ବୋଲି ଜେଟଲୀ କହିଛନ୍ତି। ଜମ୍ମୁ–କଶ୍ମୀର ପ୍ରସଙ୍ଗ ଏବଂ ଆତଙ୍କବାଦ ଦୀର୍ଘମିଆଦୀ ସମସ୍ୟା ହୋଇଥିବାବେଳେ ଏହା ଦେଶର ସାର୍ବଭୌମତ୍ୱ ପାଇଁ ଚିନ୍ତାଜନକ ହୋଇପଡିଛି। ଅନ୍ୟ ସମସ୍ତ ଚ୍ୟାଲେଞ୍ଜର ସମାଧାନ କରାଯାଇପାରିବ ବୋଲି ଜେଟଲୀ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ଫାଇଦା ପାଇଁ ପୁଲ୍‌ୱାମା ଆକ୍ରମଣରେ ଯବାନ ଶହୀଦ ହେବା ଏବଂ ପାକିସ୍ତାନର ବାଲାକୋଟରେ ବାୟୁସେନାର କାର୍ଯ୍ୟାନୁଷ୍ଠାନର ରାଜନୀତିକରଣ କରୁଥିବା ବିରୋଧୀ ଦଳ ଅଭିଯୋଗ କରିଆସୁଛନ୍ତି।

## ଯୋଶୀଙ୍କ ନାଁରେ ଜାଲ୍ ଚିଠି

ମୁମ୍ବାଇ,୧୫।୪(ପି.ଟି.)

**ଇସି ତଦନ୍ତ ଦାବି**



ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଯୋଶୀଙ୍କ ନାମରେ ମିଥ୍ୟା ଚିଠି ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ନିର୍ବାଚନ କମିଶନ (ଇସି) ଏହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଦଳର ସର୍ବବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଲେଖାଯାଇଥିବା ଏହି ଜାଲ୍ ଚିଠି କିଛିଦିନ ହେଲା ପ୍ରସାରିତ ହେଉଛି। ଯୋଶୀ ଏଭଳି ଚିଠି ଲେଖି ନ ଥିବା ମୁଖ୍ୟ ନିର୍ବାଚନ କମିଶନ ସୁନୀଲ ଅରୋରାଙ୍କୁ ଜଣାଇବା ସହ ତଦନ୍ତ ଦାବି କରିଛନ୍ତି।

ଯୋଶୀ ଓ ଆଡଭାନୀ ଭାଜପାର ପ୍ରତିଷ୍ଠାତା ଏବଂ ୨୦୧୪ ନିର୍ବାଚନରେ ଉଭୟ କାନପୁର ଓ ଗାନ୍ଧୀନଗର ଆସନରୁ ଜିତିଥିଲେ। ଏଥର ଦୁହିଁଙ୍କୁ ଟିକେଟ ମିଳିନାହିଁ।

## ରାହୁଲଙ୍କୁ ଅଶ୍ଳୀଳ ଭାଷାରେ ଗାଳି କଲେ ହିମାଚଳ ପ୍ରଦେଶ ଭାଜପା ସଭାପତି

ଶିମ୍ଲା,୧୫।୪

**ଭିଡିଓ ଭାଇରାଲ**



ସତ୍‌ପାଲ ସିଂ ସତ୍ତୀ

କ୍ଷମତା ରାଜନୀତିରେ ଅରୋପ–ପ୍ରତ୍ୟାରୋପ କେତେ ନିମ୍ନସ୍ତରକୁ ଚାଲିଯାଇଛି ତା'ର ଏକ ଜ୍ୱଳନ୍ତ ଉଦାହରଣ ହିମାଚଳ ପ୍ରଦେଶ ଭାଜପା ସଭାପତି ସତ୍‌ପାଲ ସିଂ ସତ୍ତୀଙ୍କ ସଦ୍ୟ ମନ୍ତବ୍ୟରୁ ବୁଝିହେଉଛି। ସତ୍‌ପାଲ କ୍ଷମାମାଗନ୍ତୁ ବୋଲି ହିମାଚଳ କଂଗ୍ରେସ ଦାବି କରିଛି। କ୍ଷମା ନ ମାଗିଲେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ହିମାଚଳପ୍ରଦେଶର ଶିମ୍ଲା ଲୋକ ସଭା ଆସନ ଅନ୍ତର୍ଗତ ବଡ୍‌ଡି ସହରରେ ଭାଜପାର ଏକ ନିର୍ବାଚନୀ ସଭାରେ ସତ୍‌ପାଲ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଭାରତର ଚୌକିଦାର ବୋଲି କହୁଛନ୍ତି। ରାହୁଲ ଯଦି ତାଙ୍କୁ ଚୋର ବୋଲି କହୁଛନ୍ତି, ତେବେ ସେ ନିଜେ '*****' । ରାହୁଲ ଜାମିନରେ ଅଛନ୍ତି, ତାଙ୍କ ମା' ଓ ଭିଣୋଇ ମଧ୍ୟ ବେଲ୍‌ରେ ଅଛନ୍ତି। ଏହାସତ୍ତ୍ୱେ ସେ ପ୍ରଧାନମନ୍ତ୍ରୀଙ୍କୁ 'ଚୋର' କହୁଥିବାରୁ ଜଣେ ପଞ୍ଜାବୀ ଏହି ସନ୍ଦେଶ ପ୍ରେରଣ କରିବା ପାଇଁ ମୋତେ ଅନୁରୋଧ କରିଥିଲେ ବୋଲି ସତ୍‌ପାଲ କହିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିବାଦ ଉଠିଛି। ଜଣେ ବରିଷ୍ଠ ରାଜନେତାଙ୍କଠାରୁ ଏଭଳି ଅଭଦ୍ର ଭାଷା ଆଶା କରାଯାଇ ନ ପାରେ ବୋଲି ରାଜ୍ୟ କଂଗ୍ରେସ ମୁଖ୍ୟ କୁଳଦୀପ ରାଠୋଡ୍ ସମାଲୋଚନା କରିଛନ୍ତି।

ସାମ୍ପ୍ରଦାୟିକ ମନ୍ତବ୍ୟ ପାଇଁ ନିର୍ବାଚନ ପ୍ରଚାର ମନା

## ମାୟାବତୀଙ୍କୁ ୨, ଯୋଗୀଙ୍କୁ ୩ ଦିନ

ନୂଆଦିଲ୍ଲୀ,୧୫।୪(ପି.ଟି.)





ଭୋଟ ମାଗିବାବେଳେ ସାମ୍ପ୍ରଦାୟିକ ମନ୍ତବ୍ୟ ମହଙ୍ଗା ପଡ଼ିଛି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କୁ। ନିର୍ବାଚନ କମିଶନ (ଇସି) ମାୟାବତୀଙ୍କୁ ୪୮ ଘଣ୍ଟା ଓ ଯୋଗୀଙ୍କୁ ୭୨ ଘଣ୍ଟା ପାଇଁ ନିର୍ବାଚନ ପ୍ରଚାର କରିବାକୁ ବାରଣ କରିଛନ୍ତି। ଉଭୟଙ୍କ ନିର୍ବାଚନ ପ୍ରଚାର ଉପରେ କଟକଣା ମଙ୍ଗଳବାର ସକାଳ ୬ଟାରୁ ଲାଗୁ ହୋଇଛି। ଉଭୟଙ୍କ ସକାଶେ ଇସି ଦୁଇଟି ପୃଥକ୍ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ନିକଟରେ ଦେଓବନ୍ଦଠାରେ ଏସ୍‌ପି–ବିଏସ୍‌ପି–ଆର୍‌ଏଲ୍‌ଡି ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ବେଳେ ମାୟାବତୀ ମୁସଲମାନ ସମ୍ପ୍ରଦାୟର ମତଦାତାଙ୍କୁ ଭୋଟ ମାଗିଥିଲେ। ସଂଖ୍ୟାଲଘୁ ଭୋଟର ମେଣ୍ଟକୁ ଏକତରଫା ଭୋଟ ଦିଅନ୍ତୁ ବୋଲି ମାୟାବତୀ କହିଥିଲେ। ଏହା ପରେ ମିରଟରେ ଭାଜପାର ଏକ ନିର୍ବାଚନୀ ସଭାରେ ଯୋଗୀ କହିଥିଲେ, ଏଥର ଲୋକ ସଭା ନିର୍ବାଚନ 'ଅଲି ବନାମ ବଜରଙ୍ଗବଲୀ' ହେଉଛି। ସେମାନେ ଅଲି (ମହମ୍ମଦଙ୍କ ବଂଶଧର)ଙ୍କ ଉପରେ ଭରସା କରୁଥିବାବେଳେ ବଜରଙ୍ଗବଲୀ (ହନୁମାନ)ଙ୍କ ଉପରେ ଆମର ଆସ୍ଥା ରହିଛି ବୋଲି ଭୋଟ ଧ୍ରୁବୀକରଣ ଉଦ୍ଦେଶ୍ୟରେ ଯୋଗୀ ମନ୍ତବ୍ୟ ଦେଇଥିଲେ। ଏହାର ଜବାବରେ ମାୟାବତୀ ପୁନଶ୍ଚ କହିଥିଲେ, ଆମକୁ ଉଭୟ 'ଅଲି ଓ ବଜରଙ୍ଗବଲୀ'ଙ୍କ ଭୋଟ ମିଳିବ। ନିର୍ବାଚନ କମିଶନ ଏଥିଲାଗି ସମ୍ବିଧାନର ଅନୁଚ୍ଛେଦ ୩୨୪ ବଳରେ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗକରି ମାୟାବତୀଙ୍କୁ ମଙ୍ଗଳବାର ସକାଳ ୬ଟାରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରଚାରରୁ ବାରଣ କରିଛନ୍ତି। ସେହିପରି ଯୋଗୀ ମଧ୍ୟ ୭୨ ଘଣ୍ଟା ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାର କରିପାରିବେ ନାହିଁ ବୋଲି ଇସି କଟକଣା ଜାରି କରିଛନ୍ତି। ଫଳରେ ଉଭୟେ ନିର୍ଦ୍ଧାରିତ ଅବଧି ମଧ୍ୟରେ କୌଣସି ସଭାସମିତି, ଶୋଭାଯାତ୍ରା ଓ ରୋଡ୍ ଶୋ, କରିପାରିବେ ନାହିଁ। ସେହିପରି ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଓ ସୋସିଆଲ ମିଡିଆକୁ ମଧ୍ୟ ସାକ୍ଷାତ୍‌କାର ଦେଇପାରିବେ ନାହିଁ। ଉଭୟ ନେତାଙ୍କ ମନ୍ତବ୍ୟ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ। ଏଭଳି ମନ୍ତବ୍ୟ ବିଭିନ୍ନ ଧର୍ମାବଲମ୍ବୀ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଥିବା ବିଭେଦକୁ ଆହୁରି ବୃଦ୍ଧି କରିବା ସହ ଘୃଣାଭାବ ସୃଷ୍ଟି କରିବ। ଦୁଇନେତା ଧର୍ମ ନାମରେ ଭୋଟ ମାଗି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବୋଲି ଇସି କହିଛନ୍ତି। ପ୍ରକାଶ ଯେ, ଗତ ୧୧ ତାରିଖରେ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଯୋଗୀ ଓ ମାୟାବତୀଙ୍କୁ ନୋଟିସ ଜାରି କରିଥିଲେ।

## ଉର୍ମିଳାଙ୍କ ପ୍ରଚାର ବେଳେ କଂଗ୍ରେସ–ଭାଜପା କର୍ମୀ ସଂଘର୍ଷ

ମୁମ୍ବାଇ,୧୫।୪(ପି.ଟି.)



କଂଗ୍ରେସ ପ୍ରାର୍ଥୀ ତଥା ବଲିଉଡ୍ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ଉତ୍ତର ମୁମ୍ବାଇରେ ନିର୍ବାଚନ ପ୍ରଚାର କରୁଥିବାବେଳେ ଭାଜପା ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିବାରୁ ସେ ପୋଲିସ ସୁରକ୍ଷା ଲୋଡ଼ିଛନ୍ତି। ଉତ୍ତର ମୁମ୍ବାଇ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା ଉର୍ମିଳା ବୋରିଭାଲି ଷ୍ଟେଶନ ନିକଟରେ ପ୍ରଚାର କରୁଥିବା ବେଳେ କେତେଜଣ ଭାଜପା କର୍ମୀ 'ମୋଦି, ମୋଦି' ସ୍ଲୋଗାନ ଦେବାରୁ ସେମାନଙ୍କ ସହ କଂଗ୍ରେସ କର୍ମୀଙ୍କର ସଂଘର୍ଷ ଘଟିଥିଲା। ଉକ୍ତ ନିର୍ବାଚନମଣ୍ଡଳୀର ଭାଜପା ବର୍ତ୍ତମାନର ଏମ୍‌ପି ଗୋପାଳ ଶେଟ୍ଟୀଙ୍କୁ ପ୍ରାର୍ଥୀ କରିଛି। ଉର୍ମିଳା ଥାନାରେ ଏତଲା ଦେବା ସହ ତାଙ୍କୁ ସୁରକ୍ଷା ଯୋଗାଇଦେବାକୁ ପୋଲିସକୁ ନିବେଦନ କରିଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବା ଉର୍ମିଳା କହିଛନ୍ତି।

[ଇତିହାସର ଆଇନାରେ]

**ଏପ୍ରିଲ ୧୬ର ପ୍ରମୁଖ ଘଟଣା**

### ଜାହାଜରେ ଅଗ୍ନିକାଣ୍ଡ

୧୯୪୭ ଏପ୍ରିଲ ୧୬ରେ ଟେକ୍ସାସ ବନ୍ଦରରେ ଏକ ମାଲବାହୀ ଜାହାଜରେ ନିଆଁ ଲାଗିବା ଯୋଗୁ ପାଖାପାଖି ୬୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଟେକ୍ସାସ୍ ନଗରୀ ଆମେରିକାର ଗାଲ୍‌ଭେଷ୍ଟନ୍ ଅଞ୍ଚଳରେ ଅବସ୍ଥିତ। ଏହା ଗାଲ୍‌ଭେଷ୍ଟନ୍ ଉପସାଗରର ଦକ୍ଷିଣ-ପଶ୍ଚିମ ଭାଗରେ ଅବସ୍ଥିତ। ଟେକ୍ସାସ ବନ୍ଦର ହେଉଛି ଏକ ଗଭୀର ପୋତାଶ୍ରୟ। ଏଠାରେ ପେଟ୍ରୋଲିୟମ ବିଶୋଧନାଗାର ଏବଂ ପେଟ୍ରୋକେମିକାଲ ନିର୍ମାଣକେନ୍ଦ୍ର ରହିଛି।

### ଆପୋଲୋ ୧୬ ଲଞ୍ଚ୍

୧୯୭୨ ଏପ୍ରିଲ ୧୬ରେ ଫ୍ଲୋରିଡାର କେପ୍ କାନାଭେରାଲ୍ ଉତ୍‌କ୍ଷେପଣ ସ୍ଥଳରୁ ଆପୋଲୋ ୧୬ ମହାକାଶଯାନ ଲଞ୍ଚ୍ କରାଯାଇଥିଲା। ଆପୋଲୋ ପ୍ରୋଗ୍ରାମକୁ ପ୍ରୋଜେକ୍ଟ ଆପୋଲୋ ମଧ୍ୟ କୁହାଯାଏ। ଏହା ଆମେରିକାର ମହାକାଶ ଗବେଷଣା କେନ୍ଦ୍ର 'ନାସା' ଦ୍ୱାରା ପରିଚାଳିତ ହୁଏ। ନାସା ୧୯୬୯ରୁ ୧୯୭୨ ମଧ୍ୟରେ ଚନ୍ଦ୍ରରେ ପ୍ରଥମକରି ମାନବ ଅବତରଣ କରାଇବାରେ ସଫଳ ହୋଇଥିଲା।

ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ବାୟୋପିକ୍ ଦେଖି ରିପୋର୍ଟ ଦିଅ

ନୂଆଦିଲ୍ଲୀ,୧୫।୪

ନିର୍ବାଚନ କମିଶନ 'ପିଏମ୍ ନରେନ୍ଦ୍ର ମୋଦି' ଫିଲ୍ମ ଦେଖି ସପ୍ତାହକ ମଧ୍ୟରେ ଜଉମୁଦ ଲଫାପା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇ, ବିଚାରପତି ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଫିଲ୍ମ ପ୍ରଯୋଜକ ସନ୍ଦୀପ ସିଂଙ୍କ ଦ୍ୱାରା ଦାଖଲ ଏକ ଆବେଦନ ବିଚାରକୁ ନେଇ ଏହି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨ରେ ହେବ।

ନିର୍ବାଚନ କମିଶନ ଉକ୍ତ ଫିଲ୍ମ ଦେଖିଛନ୍ତି କି ନାହିଁ ସେ ସମ୍ପର୍କରେ ଅଦାଲତ କମିଶନଙ୍କ ଓକିଲଙ୍କୁ ପ୍ରଶ୍ନ କରିଥିଲେ। ପ୍ରଯୋଜକଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ୍ ମୁକୁଲ ରୋହତ୍‌ଗୀ ଏକ ସତ୍ୟପାଠ ଦାଖଲକରି ଦର୍ଶାଇଥିଲେ, ନିର୍ବାଚନ କମିଶନ୍ ଉକ୍ତ ଫିଲ୍ମକୁ ଆଦୌ ନ ଦେଖି ରିଲିଜ ଉପରେ ନିଷେଧାଜ୍ଞା ଜାରି କରିଛନ୍ତି। ଏହାପରେ ଖଣ୍ଡପୀଠ ଉକ୍ତ ଫିଲ୍ମ ଦେଖି ରିପୋର୍ଟ ଦାଖଲ କରିବାକୁ ସମ୍ପୃକ୍ତ ଓକିଲଙ୍କୁ ପରାମର୍ଶ ଦେଇଥିଲେ।

ଆବେଦନକାରୀ ଦର୍ଶାଇଛନ୍ତି ଯେ, ଫିଲ୍ମ ରିଲିଜ ବନ୍ଦ ଲାଗି କମିଶନ୍‌ଙ୍କ ନିର୍ଦ୍ଦେଶ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ବାକ୍ ସ୍ୱାଧୀନତାର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ବର୍ତ୍ତମାନ ନିର୍ବାଚନ ଚାଲିଥିବାବେଳେ ଉକ୍ତ ଫିଲ୍ମ ରିଲିଜ୍ ବନ୍ଦ ପାଇଁ ଗତ ସପ୍ତାହରେ ନିର୍ବାଚନ କମିଶନ୍ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ବିବେକ ଓବେରୟଙ୍କ ଅଭିନୀତ ଉକ୍ତ ଫିଲ୍ମ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଏପ୍ରିଲ ୧୧ରେ ରିଲିଜ ହେବାର ଥିଲା।



### ମା' ହେଲେ ଚାଇନାର ପ୍ରଥମ ଟେଷ୍ଟ–ଟ୍ୟୁବ୍ କନ୍ୟା



**ବେଜିଂ,୧୫।୪**–ଚାଇନାରେ ପ୍ରଥମକରି ଟେଷ୍ଟ–ଟ୍ୟୁବ୍ ପଦ୍ଧତିରେ ଜନ୍ମିତ ଶିଶୁକନ୍ୟା ଝେଙ୍ଗ୍ ସୋମବାର ଏକ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ପେକିଂ ୟୁନିଭର୍ସିଟି ଥାର୍ଡ ହସ୍ପିଟାଲ୍‌ର ସୂଚନା ଅନୁଯାୟୀ, ଟେଷ୍ଟ ଟ୍ୟୁବ୍ ବେବି ରିସର୍ଚ୍ଚ ମୁଖ୍ୟ ଡାକ୍ତର ଝାଙ୍ଗ୍ ଲିଝୁଙ୍କ ସହାୟତାରେ ୧୯୮୮ ମାର୍ଚ୍ଚ ୧୦ରେ ଝେଙ୍ଗ୍ ଜନ୍ମ ହୋଇଥିଲେ। ଡାକ୍ତର ଝାଓ ତାଙ୍କର ଅସ୍ତ୍ରୋପଚାର କରି ଶିଶୁକୁ ଜନ୍ମ କରାଇଥିଲେ। ଜନ୍ମବେଳେ ଶିଶୁର ଓଜନ ୩,୮୫୦ ଗ୍ରାମ ଥିଲା। ଚାଇନାରେ ପୁନଃ ପ୍ରଜନନ ଇତିହାସରେ ଏହି ସଫଳତା ଆଉ ଏକ ମାଇଲଖୁଣ୍ଟ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଟେଷ୍ଟ ଟ୍ୟୁବ୍ ଶିଶୁ ଜନ୍ମ ପଦ୍ଧତିରେ ଚାଇନା ବିଶ୍ୱରେ ଅଗ୍ରଣୀ ଭୂମିକା ନେଉଛି।

## ବିଶ୍ୱର ପ୍ରଥମ ସଶସ୍ତ୍ର ଉଭୟଚର ଡ୍ରୋନ୍

ବେଜିଂ,୧୫।୪(ପି.ଟି)

**ଚାଇନାରେ ବିକଶିତ**



ଚାଇନା ପ୍ରଥମକରି ବିଶ୍ୱର ପ୍ରଥମ ସଶସ୍ତ୍ର ଉଭୟଚର ଡ୍ରୋନ୍ ବୋଟ୍ ସଫଳତାର ସହିତ ପରୀକ୍ଷା କରିଛି। ଉଭୟ ଜଳଭାଗରେ ଏବଂ ଆକାଶରେ ଏହାକୁ ବ୍ୟବହାର କରାଯାଇପାରିବ ବୋଲି ଚାଇନାର ସାମରିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

ଚାଇନା ଶିପ୍ ବିଲ୍ଡିଂ ଇଣ୍ଡଷ୍ଟ୍ରି କର୍ପୋରେଶନ୍ (ସିଏସ୍‌ଆଇସି) ଅଧୀନସ୍ଥ ୟୁଚାଙ୍ଗ ଇଣ୍ଡଷ୍ଟ୍ରି ଗ୍ରୁପ୍ ଦ୍ୱାରା ଏହା ନିର୍ମାଣ କରାଯାଇଛି। ମେରାଇନ୍ ଲିଜାର୍ଡ ନାମକ ଏହି ଡ୍ରୋନ୍ ଶିପ୍‌କୁ କେନ୍ଦ୍ରୀୟ ଚାଇନାର ହୁବେଇ ପ୍ରଦେଶର ରାଜଧାନୀ ଉହାନ୍‌ସ୍ଥିତ କାରଖାନାରୁ ଏପ୍ରିଲ ୮ରେ ପରୀକ୍ଷା ପାଇଁ ବାହାର କରାଯାଇଥିଲା। ସାଟେଲାଇଟ୍ ଜରିଆରେ ରିମୋଟ ଦ୍ୱାରା ନିୟନ୍ତ୍ରିତ ଏହି ମେରାଇନ୍ ଲିଜାର୍ଡକୁ ସର୍ବାଧିକ ୧୨୦୦ କିଲୋମିଟର ଦୂରତା ମଧ୍ୟରେ ଚଳାଚଳ କରାଯାଇପାରିବ। ୧୨ମିଟର ବିଶିଷ୍ଟ ମେରାଇନ୍ ଲିଜାର୍ଡ ଡିଜେଲ୍ ଚାଳିତ ହାଇଡ୍ରୋଜେଟ୍ ଦ୍ୱାରା ଜଳଭାଗରେ ସର୍ବାଧିକ ୫୦ ନଟ୍ ବେଗରେ ଗତି କରିପାରିବ। ସ୍ଥଳଭାଗ ନିକଟବର୍ତ୍ତୀ ହେଲେ ଉକ୍ତ ଉଭୟଚର ଡ୍ରୋନ୍‌ର ନିମ୍ନଭାଗରେ ଥିବା ୪ଟି ଟ୍ରାକ୍ ୟୁନିଟ୍ ଖୋଲିଯିବ ଏବଂ ସ୍ଥଳଭାଗରେ ପ୍ରତି ଘଣ୍ଟାରେ ୨୦କି.ମି. ବେଗରେ ଗତି କରିବ।

ଚାଇନାର ପ୍ରତିରକ୍ଷା ବଜେଟ୍ ୧୭୮ ବିଲିୟନ୍ ଆମେରିକୀୟ ଡଲାର ହୋଇଥିବା ବେଳେ ୨୦ଲକ୍ଷ ସୈନ୍ୟଙ୍କୁ ନେଇ ଗଠିତ ବିଶ୍ୱର ସର୍ବବୃହତ୍ ଚାଇନା ସାମରିକ ବିଭାଗ କିଛିବର୍ଷ ହେଲା ଆଧୁନିକ ଅସ୍ତ୍ର ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଛି।

# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଏପ୍ରିଲ ୧୬ /୨୦୧୯ | Rayagada, Tuesday, April 16 / 2019 | ପୃଷ୍ଠା-୧




## ନିଜକୁ ଭାଗ୍ୟବତୀ ମନେକରନ୍ତି ବିପାଶା

ଅଭିନେତ୍ରୀ ବିପାଶା ବସୁ ସ୍ୱାମୀ କରନ୍ ସିଂ ଗ୍ରୋଭରଙ୍କ ପାଇଁ ନିଜକୁ ଭାଗ୍ୟବତୀ ମନେକରନ୍ତି ବୋଲି ପ୍ରକାଶ କରିଛନ୍ତି।

୦୨

୧୧

## ସର୍ବୋଚ୍ଚ ସ୍ତର ଛୁଇଁଛି ରପ୍ତାନି : ପ୍ରଭୁ

ଦେଶର ରପ୍ତାନି ଗତ ଆର୍ଥିକ ବର୍ଷରେ ସର୍ବୋଚ୍ଚ ସ୍ତର ଛୁଇଁଛି। ଏହି ଅବଧିରେ ରପ୍ତାନି ୫୪୦ ବିଲିୟନ ଡଲାର ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି।





# ଆଇସିସି ବିଶ୍ୱକପ୍: ବିରାଟ କୋହଲି ଅଧିନାୟକ

**ମୁମ୍ବାଇ, ୧୫।୪(ପି.ଟି.)**

ଆଇସିସି କ୍ରିକେଟ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏହା ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲିବ। କ୍ରିକେଟର ମହାକୁମ୍ଭ ଭାବେ ପରିଚିତ ଏହି ମେଗା ଇଭେଣ୍ଟ ପାଇଁ ସୋମବାର ୧୫ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ବିରାଟ କୋହଲି ପ୍ରଥମଥର ପାଇଁ ବିଶ୍ୱକପରେ ଭାରତୀୟ ଦଳର ନେତୃତ୍ୱ ନେବାକୁ ଯାଉଥିବାବେଳେ ରୋହିତ ଶର୍ମାଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତ କରାଯାଇଛି। ବିଶ୍ୱକପରେ ଆୟୋଜକ ଇଂଲଣ୍ଡ ସମେତ ଦକ୍ଷିଣ ଆଫ୍ରିକା, ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ଅଂଶଗ୍ରହଣ କରିବେ। ଜୁନ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ବିଶ୍ୱକପ ଅଭିଯାନ ଆରମ୍ଭ କରିବ। ଭାରତୀୟ ଦଳରେ ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ୍ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ୍‌କିପର), କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଳଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ, ରବୀନ୍ଦ୍ର ଜାଡେଜା ସାମିଲ ହୋଇଛନ୍ତି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)

# ସ୍ୱାଭାବିକ ହେବ ମୌସୁମୀ ବର୍ଷା

**ନୂଆଦିଲ୍ଲୀ,୧୫।୪(ପି.ଟି.)**

କୃଷକମାନଙ୍କ ଲାଗି ଖୁସି ଖବର। ଚଳିତ ବର୍ଷ ମୌସୁମୀ ବର୍ଷା ପାଖାପାଖି ସ୍ୱାଭାବିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୋମବାର ପୂର୍ବାନୁମାନ କରିଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଦେଶର ସବୁ ଭାଗରେ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି। ଦୀର୍ଘମିଆଦୀ ହାରାହାରି (ଏଲ୍‌ପିଏ) ବୃଷ୍ଟିପାତ ହାର ୯୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିବାବେଳେ ଏହାଠାରୁ ୫ ପ୍ରତିଶତ କମ୍ କିମ୍ବା ବେଶି ହୋଇପାରେ ବୋଲି କୁହାଯାଇଛି।

୧୯୫୧ରୁ ୨୦୦୦ ପର୍ଯ୍ୟନ୍ତ ୫୦ ବର୍ଷର ଏଲ୍‌ପିଏକୁ ଅନୁଧ୍ୟାନ କଲେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ୮୯ ସେଣ୍ଟିମିଟର ରହୁଛି। ମୌସୁମୀ ବର୍ଷା ଏଲ୍‌ପିଏର ୯୬ରୁ ୧୦୪ ପ୍ରତିଶତ ମଧ୍ୟରେ ରହିଲେ ଏହାକୁ ସ୍ୱାଭାବିକ ଧରାଯାଇଥାଏ। ସେହିପରି ୯୦ରୁ ୯୬ ପ୍ରତିଶତ ବୃଷ୍ଟିପାତକୁ ସ୍ୱାଭାବିକ୍‌ରୁ କମ୍ ବୋଲି କୁହାଯାଇଥାଏ। ସ୍ୱାଭାବିକ ବର୍ଷା ସାଙ୍ଗକୁ ସବୁ ଅଞ୍ଚଳରେ ବୃଷ୍ଟିର ଉତ୍ତମ ବଣ୍ଟନ ସମ୍ଭାବନା ଥିବାରୁ କୃଷି ସେକ୍ଟର ପାଇଁ ଭଲ ଖବର ବୋଲି ମୌସୁମୀ ବର୍ଷା ସମ୍ପର୍କିତ ପୂର୍ବାନୁମାନ ଜାରି କରିବା ଅବସରରେ ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରାଜୀବନ ଏବଂ ଆଇଏମ୍‌ଡି ମହାନିର୍ଦ୍ଦେଶକ କେ.ଜେ. ରମେଶ କହିଛନ୍ତି। ପୂର୍ବ ଦୁଇ ବର୍ଷରେ ମୌସୁମୀ ବର୍ଷା ସ୍ୱାଭାବିକ୍‌ଠାରୁ କମ୍ ଥିଲା। ଗତବର୍ଷ ୯୭ ପ୍ରତିଶତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲେ ହେଁ ଏହା ପାଖାପାଖି ୯୧ ପ୍ରତିଶତ ହୋଇଥିଲା। ଚଳିତ ବର୍ଷ ମରୁଡ଼ି ସମ୍ଭାବନା ମାତ୍ର ୧୭ ପ୍ରତିଶତ ରହିଥିବାବେଳେ ପାଖାପାଖି ସ୍ୱାଭାବିକ୍ ବୃଷ୍ଟିପାତ ସମ୍ଭାବନା ୩୯ ପ୍ରତିଶତ ରହୁଛି। ୨୦୧୪-୧୫ ଏବଂ ୨୦୧୫-୧୬ରେ ସ୍ୱାଭାବିକଠାରୁ ୧୦ ପ୍ରତିଶତ କମ୍ ବର୍ଷା ହେବାରୁ କେତେକ ଅଞ୍ଚଳରେ ମରୁଡ଼ି ଦେଖାଦେଇଥିଲା। ୨୦୧୬-୧୭ରେ ସ୍ୱାଭାବିକ ବର୍ଷା ହେବାରୁ ଖାଦ୍ୟଶସ୍ୟ ଉତ୍ପାଦନ ୨୭୫.୧୧ ନିୟୁତ ଟନ୍‌ରେ ପହଞ୍ଚିଥିଲା। ୨୦୧୭-୧୮ ଏବଂ ୨୦୧୮-୧୯ରେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହୋଇଥିଲେ ମଧ୍ୟ ଖାଦ୍ୟଶସ୍ୟ ଉତ୍ପାଦନ ଯଥାକ୍ରମେ ୨୮୪.୮୩ ନିୟୁତ ଟନ୍ ଏବଂ ୨୮୧.୩୭ ନିୟୁତ ଟନ୍ ରହିଥିଲା।

ଏଲ୍ ନିନୋ ପ୍ରଭାବରୁ ଚଳିତ ବର୍ଷ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହେବ ବୋଲି ଗତ ୩ ତାରିଖରେ ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ୍ ୱେଦର ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା। ଏଥିରେ ବୃଷ୍ଟିପାତ ହାର ଏଲ୍‌ପିଏର ୯୩% ରହିବ ବୋଲି କୁହାଯାଇଥିଲା। ତେବେ ଏଲ୍ ନିନୋ ସ୍ଥିତି ଦୁର୍ବଳ ରହିବା ସମ୍ଭାବନା ଥିବାରୁ ମୌସୁମୀ ବର୍ଷାକୁ ପ୍ରଭାବିତ କରିବ ନାହିଁ ବୋଲି ଉଭୟ ରମେଶ ଓ ରାଜୀବନ କହିଛନ୍ତି।

### ଆଜିର ସମ୍ପାଦକୀୟ

## ସମାଧାନକାରୀ ନୁହେଁ, ସୃଷ୍ଟିକର୍ତ୍ତା

### ଆଜିର ମନ୍ତବ୍ୟ

"ରାଫାଲ ପ୍ରସଙ୍ଗରେ ସୁପ୍ରିମକୋର୍ଟ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ମିଛ ଧରାପକାଇ ଦେଇଛନ୍ତି।

-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ


NECC NATIONAL EGG CO-ORDINATION COMMITTEE 15.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 88 | 142 | 152 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


## ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣା

# ଖୋର୍ଦ୍ଧାରେ ଉତ୍ତେଜନା, ୬ ଘଣ୍ଟିଆ ବନ୍ଦ

**ଖୋର୍ଦ୍ଧା ଅଫିସ,୧୫।୪**

### ପ୍ରାକ୍ ନିର୍ବାଚନୀ ହିଂସା

- ହତ୍ୟାକାରୀଙ୍କ ଗିରଫ ଦାବିରେ ଥାନା ଘେରାଉ
- ଜାତୀୟ ରାଜପଥ ସମେତ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ
- ଆଇଜିଙ୍କ ସମୀକ୍ଷା, ସାଇବର ସେଲ୍ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ଘଟଣାକୁ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ
- ବିଜେଡି, ନବୀନଙ୍କୁ ସମାଲୋଚନା କଲେ ନିରଞ୍ଜନ ଓ ଧର୍ମେନ୍ଦ୍ର

ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଆସନ୍ତା ୨୩ ତାରିଖରେ ହେବ ନିର୍ବାଚନ। ଏହାପୂର୍ବରୁ ଦେଖିବାକୁ ମିଳିଛି ପ୍ରାକ୍ ନିର୍ବାଚନୀ ହିଂସା। ଗଡ଼ିଛି ଜଣେ ଭାଜପା ନେତାଙ୍କ ମୁଣ୍ଡ। ସେ ହେଉଛନ୍ତି ଏହି ନିର୍ବାଚନମଣ୍ଡଳୀର ୯ନଂ. ଜୋନ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡ଼ପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଳି ଜେନା। ତାଙ୍କୁ ରବିବାର ରାତିରେ ଗୁଳିକରି ହତ୍ୟା କରାଯାଇଛି। ଖୋର୍ଦ୍ଧା ଆଦର୍ଶଥାନା ଅନ୍ତର୍ଗତ ନବୀନାବାଗରେ ଘଟିଥିବା ଏହି ଘଟଣାକୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ଉତ୍ତେଜନା ଦେଖାଦେଇଛି। ହତ୍ୟାକାରୀ ଓ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ ଦାବିରେ ଜିଲାର ଏକାଧିକ ସ୍ଥାନରେ ରାସ୍ତାରୋକୋ ସହ ଥାନା ଘେରାଉ କରାଯାଇଥିଲା। ସେହିଭଳି ଘଟଣାର ପ୍ରତିବାଦରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ସୋମବାର ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଅନ୍ୟପକ୍ଷରେ ଖୋର୍ଦ୍ଧା ଆଦର୍ଶ ଥାନାରେ ଆଇପିସି ଦଫା ୩୦୨, ୩୪ ସହ ୨୫ ଓ ୨୭ ଆର୍ମସ ଆକ୍ଟ ଅନୁଯାୟୀ ମାମଲା (ନଂ. ୧୧୯/୧୯) ରୁଜୁ ହୋଇଛି। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ତଦାରଖରେ ଥାନାଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି। ଏସ୍‌ପି ଅମୂଲ୍ୟ ଦାସ ଓ ଏସ୍‌ଡିପିଓ ସୁଶୀଲ ମିଶ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ୪ଟି ଟିମ୍ ଗଠନ କରାଯାଇଥିବାବେଳେ ସାଇବର ସେଲ୍ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତରେ ସହଯୋଗ କରୁଥିବା ଆଇଜି ପ୍ରିୟଦର୍ଶୀ କହିଛନ୍ତି। ମିଳିଥିବା ସୂଚନାନୁସାରେ, ହତ୍ୟାକାଣ୍ଡ ପରଠାରୁ ରବିବାର ରାତି ୨ଟାରୁ ଖୋର୍ଦ୍ଧା ଆଦର୍ଶ ଥାନା ଘେରାଉ କରାଯିବା ସହ ଏହା ସମ୍ମୁଖରେ ଭାଜପା କର୍ମୀମାନେ ରାସ୍ତାରୋକୋ ଓ ଧାରଣା ଦେଇଥିଲେ। ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ଓ ଭାଜପା ପ୍ରାର୍ଥୀ କାଳୁ ଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣା ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ସେହିଭଳି ସକାଳ ୮ଟାରୁ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ☞ପୃଷ୍ଠା-୨




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଙ୍କିତ୍
ପରିବାରବର୍ଗ


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିଜକୁ ଭାଗ୍ୟବତୀ ମନେକରନ୍ତି ବିପାଶା



**ନୂଆଦିଲ୍ଲୀ**

୩ ବର୍ଷ ତଳେ ବିବାହ କରିଥିବା ଅଭିନେତ୍ରୀ ବିପାଶା ବସୁ ସ୍ୱାମୀ କରନ୍ ସିଂ ଗ୍ରୋଭରଙ୍କ ପାଇଁ ନିଜକୁ ଭାଗ୍ୟବତୀ ମନେକରନ୍ତି ବୋଲି ପ୍ରକାଶ କରିଛନ୍ତି। କାରଣ କରନ୍ ମହିଳା-ପୁରୁଷ ମଧ୍ୟରେ ପାତରଅନ୍ତରକୁ ବିଶ୍ୱାସ କରନ୍ତି ନାହିଁ। ୨୦୧୫ରେ ସେ କରନ୍ଙ୍କ ସହିତ ପ୍ରଥମେ ଡେଟିଂ ଆରମ୍ଭ କରିଥିଲେ। ୨୦୧୬ ଏପ୍ରିଲ ୩୦ରେ ଦୁହିଁଙ୍କର ବିବାହ ହୋଇଥିଲା। ଉକ୍ତ ବାହାଘର ନେଇ ଖୁବ୍ ଖୁସି ପ୍ରକାଶ କରନ୍ତି ବିପାଶା। ସେ କହନ୍ତି, ଜୀବନସାଥୀ ସବୁଠୁ ଭଲ ହେବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଉଭୟ ଦୁଃଖସୁଖରେ ସମଭାଗୀ ହେଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ସ୍ତ୍ରୀସ୍ୱାମୀଙ୍କ ମଧ୍ୟରୁ କେହି ଜଣେ ଘରକୁ ଫେରିବା ବେଳକୁ ଅନ୍ୟଜଣେ ତା' ବାଟକୁ ଚାହିଁ ବସିଥିଲେ ଏହା ଖୁବ୍ ଆନନ୍ଦ ଦେଇଥାଏ ବୋଲି ବିପାଶା ପ୍ରକାଶ କରିଛନ୍ତି।

୪୦ବର୍ଷ ବୟସ୍କା ବିପାଶା ତାଙ୍କ ସ୍ୱାମୀଙ୍କୁ ପ୍ରଶଂସା ନ କରି ରହିପାରନ୍ତି ନାହିଁ। କାରଣ ପ୍ରତ୍ୟେକ କାର୍ଯ୍ୟରେ କରନ୍ ତାଙ୍କୁ ସହାୟତା କରନ୍ତି ବୋଲି ବିପାଶା କହିଛନ୍ତି। ସେ ୨୦୧୫ରେ ହରର୍ ଫିଲ୍ମ 'ଆଲନ୍' ଶୁଟିଂସେଟ୍‌ରେ କରନ୍ଙ୍କୁ ପ୍ରଥମକରି ଭେଟିଥିଲେ। ଉଭୟ ଆଗାମୀ ଫିଲ୍ମ 'ଆଦତ'ରେ ଏକାଠି ଅଭିନୟ କରିବାକୁ ଯାଉଛନ୍ତି।

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**ଦିଗପହଣ୍ଡି,୧୫।୪ (ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ସହରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ରବିବାର ସନ୍ଧ୍ୟାରେ ପରଲୋକ ଘଟିଛି। ଗୋଆ ମୁକ୍ତି ଆନ୍ଦୋଳନର ନେତା ଭାବେ ସେ କାରାବରଣ କରିଥିଲେ। ସୁଭାଷ ବୋଷଙ୍କ ଆଜାଦ୍ ହିନ୍ଦ୍ ଫୌଜର ସୈନିକ ଭାବେ ସେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ପରବର୍ତ୍ତୀ ଅବସ୍ଥାରେ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ । ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦିଗପହଣ୍ଡି ସାନ ବ୍ରାହ୍ମଣ ସାହିସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ବହୁ ସଂଖ୍ୟକ ପ୍ରାକ୍ତନ ଛାତ୍ର ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ପ୍ରଚଣ୍ଡ ଗ୍ରୀଷ୍ମ: ୪୦ ଡିଗ୍ରୀ ଉପରେ ୧୨ ସହର

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ରାଜ୍ୟରେ ତାତି ଅସହ୍ୟ ହେଲାଣି । ସବୁଠି ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ତତଲା ହାଓ୍ୱା ସାଙ୍ଗକୁ ଗୁଳୁଗୁଳି ପରିବେଶକୁ ଉତ୍ତପ୍ତ କରି ପକାଇଛି। କେବଳ ପଶ୍ଚିମ କିମ୍ବା ଆଭ୍ୟନ୍ତରୀଣ ଓଡ଼ିଶା ନୁହେଁ ଉପକୂଳ ଓ ଦକ୍ଷିଣ ଓଡ଼ିଶା ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମରେ ତ୍ରାହି ତ୍ରାହି ଡାକୁଛି। ଗତ ଦୁଇଦିନରେ ପାରଦ ୩ରୁ ୪ ଡିଗ୍ରୀ ସେଲସିୟସ ବଢିଗଲାଣି। ରାଜ୍ୟର ୧୨ଟି ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୩ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ତାଳଚେରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଖଦି ସାମଗ୍ରୀ ବିକ୍ରି ୨୮% ବଢି ୩୨୧୫ କୋଟି ଟଙ୍କା ଛୁଇଁଛି।

– ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗନ୍ତାକୁ ଦିଅନ୍ତି ନାହିଁ,**
**ନିତି ମଲୁକୁ ଚାହାନ୍ତି ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ତା'ପ୍ରତି ସଭିଙ୍କ ମନରେ ଏକପ୍ରକାର ବିତୃଷ୍ଣା ଭାବ ଆସିଯାଇଥାଏ । ଏପରି ମାଗିଖିଆ ବ୍ୟକ୍ତିଙ୍କୁ ଦେବା ଲାଗି କେହିବି ଇଚ୍ଛାପ୍ରକାଶ କରି ନ ଥାନ୍ତି। ସେହିପରି ରୋଗ ବଇରାଗରେ ପଡ଼ିଲେ ସାଇପଡ଼ିଶା, ବନ୍ଧୁବାନ୍ଧବ ଥରେ ଅଧେ ଦେଖା କରିବାକୁ ଆସିଥାନ୍ତି। କିନ୍ତୁ ବହୁତ ଦିନ ଧରି ବେମାରରେ ପଡ଼ିଲେ ଆଉ କେହି ଦେଖାଶୁଣା କରିବାକୁ ସେତେଟା ଆଗ୍ରହ ଦେଖାଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ନଈ ଦିଏ ଥଳ,**
**ବନ୍ଧୁ ଦିଏ ବଳ ।**

ନଈ ଥିଲେ ଚାଷବାସ ପାଇଁ ପାଣିର ଅଭାବ ରହି ନ ଥାଏ। ଜୀବନ ଜୀବିକା ପାଇଁ ନଈ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ସେହିପରି ବନ୍ଧୁହିଁ ସୁବିଧା ଅସୁବିଧାରେ ସହାୟତାର ହାତ ବଢ଼ାଇ ଦେଇଥାଏ। ବିପଦ ଆପଦ ବେଳେ ପାଖରେ ରହି ସାହାଭରସା ଯୋଗାଇ ଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଝାଡ଼ଖଣ୍ଡରେ ଏନ୍‌କାଉଣ୍ଟର

ରାଞ୍ଚି,୧୫।୪(ପି.ଟି.)-ଝାଡ଼ଖଣ୍ଡର ଗିରିଡିହ ଜିଲାରେ ସୋମବାର ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବାବେଳେ ସିଆର୍‌ପିଏଫ୍‌ର ଜଣେ ଯବାନ ଶହୀଦ ହୋଇଛନ୍ତି। ସିଆର୍‌ପିଏଫ୍‌ର ସପ୍ତମ ବାଟାଲିୟନ ପକ୍ଷରୁ ମାଓବାଦୀ ଦମନ କାର୍ଯ୍ୟାନୁଷ୍ଠାନ ଚାଲିଥିବାବେଳେ ସୋମବାର ସକାଳ ୬ଟାରେ ବେଲଭା ଘାଟ ଜଙ୍ଗଲ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ତିନି ମାଓବାଦୀଙ୍କ ମୃତଦେହ, ଗୋଟିଏ ଏକେ-୪୭ ରାଇଫଲ, ତିନୋଟି ମାଗାଜିନ, ୪ ପାଇପ୍ ବୋମା ଉଦ୍ଧାର ହୋଇଛି।

## ମାଲକାନଗିରି ଶିଶୁମୃତ୍ୟୁ ମାମଲା

# ଖର୍ଚ୍ଚର ହିସାବ ମାଗିଲେ ହାଇକୋର୍ଟ

କଟକ ଅଫିସ, ୧୫।୪- ମାଲକାନଗିରି ଜିଲାରେ ୨୦୦୭-୦୮ରୁ ୨୦୧୧-୧୨ ମଧ୍ୟରେ ପୁଷ୍ଟିହୀନତା ଓ ଅନ୍ୟାନ୍ୟ ରୋଗରେ ୭ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଛି। ଏହି ଶିଶୁମୃତ୍ୟୁର କାରଣ ଖୋଜିବା ପାଇଁ ସରକାର ବିଶେଷଜ୍ଞ ଦଳ ନିଯୁକ୍ତି କରିବା ସହିତ ପୁଷ୍ଟିହୀନତା ଓ ରୋଗ ସଂକ୍ରମଣକୁ ରୋକିବା ପାଇଁ ଅନେକ ପଦକ୍ଷେପ ନେଇଥିବା କହିଛନ୍ତି। ଏହାକୁ ନେଇ ଆଡଭୋକେଟ ପ୍ରବୀର ଦାସଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ହାଇକୋର୍ଟ ସରକାରଙ୍କୁ ଅପପୁଷ୍ଟି ସହିତ ରୋଗ ସଂକ୍ରମଣକୁ ରୋକିବା କ୍ଷେତ୍ରରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ତାହାର ହିସାବ ମାଗିଛନ୍ତି। ଆସନ୍ତା ମେ' ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ମାଲକାନଗିରି ଜିଲାରେ ୨୦୦୭ରୁ ୨୦୧୨ ମସିହା ମଧ୍ୟରେ ୭୪୦୦ ଶିଶୁଙ୍କ ମୃତ୍ୟୁ ଘଟିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଥିଲା। ମୃତ୍ୟୁବରଣ କରିଥିବା ଶିଶୁମାନଙ୍କ ବୟସ ଜନ୍ମରୁ ୬ ବର୍ଷ ମଧ୍ୟରେ ଥିଲା। ଅଧିକାଂଶ ଶିଶୁ ଅପପୁଷ୍ଟି ଓ ପ୍ରତିରୋଧ ନିବାରକ ରୋଗ (ପ୍ରିଭେଣ୍ଟେବୁଲ ଡିଜିଜ୍)ର ଶିକାର ହୋଇଥିଲେ। ତଥ୍ୟ ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୯୬୮, କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪୧୧, ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧୬୬ ଓ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୬୮ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଆବେଦନକାରୀ ଆଡଭୋକେଟ ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

## ଖୋର୍ଦ୍ଧାରେ ଉତ୍ତେଜନା...

ପ୍ରଥମ ପୃଷ୍ଠାରୁ...

ସମ୍ମୁଖରେ ଆନ୍ଦୋଳନକାରୀମାନେ ଟାୟାର ଜାଳିବା ସହ ରାସ୍ତା ଉପରେ ବାଇକ ରଖି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ରୋଡ୍‌ସ୍ଥିତ ଚଣ୍ଡିବୁଆଠାରେ ରାଜପଥକୁ ମଧ୍ୟ ଦୀର୍ଘ ସମୟ ଧରି ଅବରୋଧ କରାଯାଇଥିଲା। ଫଳରେ ନୂଆ ବସ୍‌ଷ୍ଟାଣ୍ଡ ରାସ୍ତା ସମେତ ସହରର ବିଭିନ୍ନ ରାସ୍ତାରେ ଯାନବାହନ ସହ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ନ ପାରି ହଟହଟା ହୋଇଥିଲେ। ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାକାରୀମାନେ ବିଜେଡି ବିରୋଧରେ ନାନା ନାରା ଦେଇ ବନ୍ଦ ଡାକରା ଦେଇଥିଲେ। ଫଳରେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। କୋଲକାତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ନିରାକାରପୁର ଥାନା ବଡ଼ପୋଖରିଆ ଅଞ୍ଚଳରେ ଅନୁରୂପ ଭାବେ ସକାଳୁ ରାସ୍ତାରୋକୋ ଚାଲୁ ରହିଥିଲା। ୪ଦିନ ଭିତରେ ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଦାସ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟା ୧୫ରେ ରାସ୍ତା ଅବରୋଧ ହଟିଥିଲା।

ଅନ୍ୟପକ୍ଷରେ ଘଟଣାକୁ ନେଇ ମୃତକଙ୍କ ଭାଇ ବିଷ୍ଣୁ ଚରଣ ଜେନା ଖୋର୍ଦ୍ଧା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ମଗୁଲିଙ୍କ ସହ ବିଷ୍ଣୁ ରବିବାର ରାତିରେ ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ନବୀନାବାଗ ଗାନ୍ଧୀପଡିଆସ୍ଥିତ ବାସଭବନରେ ପହଞ୍ଚି କଥାବାର୍ତ୍ତା ହୋଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରିବାକୁ ସେମାନେ ଦଳର ଜଣେ କର୍ମୀ ପ୍ରଫୁଲ୍ଲ ଖଣ୍ଡେଇତରାୟଙ୍କ ସହ ବୋଲେରୋରେ ବସିଥିଲେ। ଏହି ସମୟରେ ଆଉ ଏକ ବୋଲେରୋ ଆସି ନିକଟରେ ଅଟକିଥିଲା। ସେଥିରେ କେତେଜଣ ଲୋକ ବସିଥିବାବେଳେ ଗାଡିରୁ ସଚିନ୍ ବଳିୟାରସିଂ ଓ ସରପଞ୍ଚ ସାଗର ବିଳିୟାରସିଂ ବାହାରିଥିଲେ। ଏହି ସମୟରେ ଜଣେ ଯୁବକ ଏକ ବାଇକ୍‌ରେ ଆସି ସଚିନ୍‌ଓ ଅନ୍ୟମାନଙ୍କ ସହ କଥା ହୋଇଥିଲେ। ସେଠାରୁ ଉକ୍ତ ଯୁବକ ଜଣକ ଆସି ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟଙ୍କ ଉପରକୁ ଗୁଳି କରିଥିଲେ। ମାତ୍ର ସେ ଖସିଯିବା ପରେ ତାଙ୍କ ବୋଲେରୋ ଉପରକୁ ୩ରୁ ୪ରାଉଣ୍ଡ ଗୁଳିମାଡ଼ ହୋଇଥିଲା। ସେଥିରୁ ୨ଟି ଗୁଳି ମଗୁଲିଙ୍କ ବାମ ପିଞ୍ଜରା ଓ ବାହୁରେ ବାଜିଥିଲା। ଅନ୍ୟ ଏକ ଗୁଳି ବିଷ୍ଣୁ ବସିଥିବା ଗାଡି ସିଟ୍‌ରେ ବାଜିଥିଲା। ପରେ ଗୁଳି ଚଳାଇଥିବା ଯୁବକ ଅନ୍ୟ ବୋଲେରୋରେ ଥିବା ଲୋକଙ୍କୁ ଇସାରା ଦେଇ ଘଟଣାସ୍ଥଳରୁ ପଳାଇଥିଲେ। ସେହି ବୋଲେରୋଟି ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଛି। ପୂର୍ବରାଗ ଓ ରାଜନୈତିକ ଶତ୍ରୁତାକୁ ନେଇ ମଗୁଲିଙ୍କୁ ହତ୍ୟା କରାଯାଇଥିବା ବିଷ୍ଣୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଘଟଣା ସଂକ୍ରାନ୍ତରେ ଖୋର୍ଦ୍ଧା ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟ ଗଣମାଧ୍ୟମରେ ଭିନ୍ନ ଭିନ୍ନ ବିବୃତି ଦେଇଛନ୍ତି। ହତ୍ୟାକାରୀ ଗାମୁଛା ଘୋଡାଇ ଆସିଥିବା ସେ କହୁଥିବାବେଳେ ଅନ୍ୟ ଏକ ବିବୃତିରେ ହେଲ୍‌ମେଟ ପିନ୍ଧି ଗାଡିରେ ଆସିଥିବା କହିଛନ୍ତି। ସେ କହିଛନ୍ତି, 'ରବିବାର ରାତି ପ୍ରାୟ ୧୧ଟା ୨୦ରେ ଗାନ୍ଧୀପଡିଆସ୍ଥିତ ମୋ ଘରର ଉପର ମହଲାରେ ଆମେ ବସିଥିଲୁ। ପରେ ତଳକୁ ଆସି ମଗୁଲିଙ୍କ ସହ ମୁଁ କଥା ହେଉଥିଲି। ଏହି ସମୟରେ ସେଠାରେ ପ୍ରାୟ ୧୦ରୁ ୧୫ଜଣ ଲୋକ ଥିଲେ। ମଗୁଲିଙ୍କ ସହ ଟାଙ୍ଗୀ ଅଞ୍ଚଳର ମୋର ଜଣେ ସହଯୋଗୀ ଯାଇଥାନ୍ତେ। ଏହି ସମୟରେ ମୁହଁରେ ଗାମୁଛା ପକାଇ ଦୁଇ ଜଣ ବାଇକରେ ଆସିଲେ। ସେମାନଙ୍କ ମଧ୍ୟରୁ ଜଣେ ଗୁଳି ଚଳାଇଥିଲେ। ଗୁଳିଟା ମୋ ପାର୍ଶ୍ୱଦେଇ ପଳାଇଲା। ମୁଁ ବୋଉଲୋ କହି ପଳାଇ ଆସିଲି। ସେହି ସମୟରେ ଗାଡି ଭିତରେ ମଗୁଲି ଜେନାଙ୍କୁ ୨ ରାଉଣ୍ଡ ଗୁଳି ହୋଇଥିଲା। ସେ ଗାଡି ଭିତରେ ଟଳି ପଡିଥିଲେ।'


ରବିବାର ରାତିରେ ଖୋର୍ଦ୍ଧା ଥାନା ସମ୍ମୁଖରେ ଧାରଣା।

ହତ୍ୟାକାଣ୍ଡକୁ ନେଇ ସୋମବାର ଦିନତମାମ ଉତ୍ତେଜନା ଲାଗି ରହିଥିବାବେଳେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିବା ସହ ଭୁବନେଶ୍ୱରରେ ଡିଜିପିଙ୍କ କ୍ୟାମ୍ପ୍ ଅଫିସ୍‌ରେ ଖବରଦାତା ସମ୍ମିଳନୀ କରି ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଭିଯୋଗରେ ନିର୍ଦ୍ଦିଷ୍ଟ ଲୋକଙ୍କ ନାଁ ରହିଛି। ପୋଲିସର ପ୍ରଥମ ଲକ୍ଷ୍ୟ ହତ୍ୟାକାରୀ ଓ ଆତତାୟୀଙ୍କୁ ଗିରଫ କରିବା। ଏଥପାଇଁ ଖୋର୍ଦ୍ଧା ଆଦର୍ଶ ଥାନାର ଆଇଆଇସିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଆଇଆଇସିଙ୍କୁ ସହାୟତା ପାଇଁ ୪ ଟିମ ଗଠନ ହୋଇଛି। କଟକ କ୍ରାଇମବ୍ରାଞ୍ଚର ସାଇବର ସେଲ ଟିମ୍ ଓ ସାଇଣ୍ଟିଫିକ୍ ଟିମ ତଦନ୍ତରେ ସହଯୋଗ କରୁଛି। ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ଘଟଣାରେ ରାଜନୈତିକ ସମ୍ପୃକ୍ତି ଥିବା ଅଭିଯୋଗ ରହିଥିବାରୁ ତାହାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଘଟଣାସ୍ଥଳରେ ଲାଗିଥିବା ୨ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଛି। ତେବେ ଗୋଟିଏ ଫୁଟେଜ୍ କ୍ଲିଅର ନାହିଁ। ତୁରନ୍ତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହେବ ବୋଲି ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ କହିଛନ୍ତି ଯେ, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ଖୋର୍ଦ୍ଧାରେ ହୋଇଥିବା ହିଂସାକୁ ସେ ଦୃଢ଼ ନିନ୍ଦା କରି ଟୁଇଟ୍ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବାକୁ ନିର୍ବାଚନ କମିଶନରଙ୍କୁ ଅନୁରୋଧ କରିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏହା ବିଜେଡିର ହତାଶାର ପରିଭାଷା। ଶାସକ ଦଳ ପରାଜୟ ଭୟରେ ଏଭଳି କରୁଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପା ପାର୍ଟି ଅଫିସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶୋକ ପ୍ରକାଶ କରି କହିଛନ୍ତି ଯେ, ଦଳୀୟ କାର୍ଯ୍ୟକ୍ରମ ନେଇ ଆଲୋଚନା ବେଳେ ହୋଇଛି ଗୁଳିକାଣ୍ଡ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। କିଛି ଲୋକ ହାରିବା ଭୟରେ ହିଂସାର ବାଟ ଆପଣାଇଛନ୍ତି। ଗଣତନ୍ତ୍ରରେ ବାଲଟ୍‌ର ଲଢେଇ ବୁଲେଟ୍‌ର ନୁହେଁ। ମୁଖ୍ୟମନ୍ତ୍ରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କାର୍ଯ୍ୟାନୁଷ୍ଠାନ ନେବା ପୋଲିସର କାମ, ନିର୍ବାଚନ କମିଶନଙ୍କ ନୁହେଁ। ଶାସକ ଦଳ ଭାଜପା କର୍ମୀଙ୍କୁ ହତ୍ୟା କରି ବିଜୟୀ ହେବାକୁ ଚେଷ୍ଟା କରୁଛି। ଲୋକେ ୧୧ରେ ଏହାର ଜବାବ ଦେଇଛନ୍ତି, ଆଗାମୀ ୧୮, ୨୩ ଓ ୨୯ ତାରିଖରେ ମଧ୍ୟ ଦେବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ବିଜେଡିର ସମ୍ପୃକ୍ତି ଅଭିଯୋଗ ଆଣିଲା ଭାଜପା

ରାଜନୈତିକ ବିବାଦ ଓ ଶତ୍ରୁତାରୁ ଭାଜପା ନେତା ମଗୁଲି ଜେନାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଥିବାବେଳେ ଏ ନେଇ ମଧ୍ୟ ମୃତକଙ୍କ ଭାଇ ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡରେ ବିଜେଡିର ହାତ ରହିଥିବା ଭାଜପା ମୁଖପାତ୍ର ସୁଦୀପ୍ତ ରାୟ ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କାଲୁ ଖଣ୍ଡେଇତରାୟ ଅଭିଯୋଗ ଆଣିଛନ୍ତି। ମାତ୍ର ବିଜେଡି ପ୍ରାର୍ଥୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏହାକୁ ଖଣ୍ଡନ କରିଛନ୍ତି। ମିତ୍ରଙ୍କ କହିବାନୁସାରେ, ବିଜେଡି ଭଲ ସ୍ଥିତିରେ ଅଛି। ଭୋଟରଙ୍କୁ ବିଭ୍ରାନ୍ତ ଓ ବିଜେଡିକୁ ବଦନାମ କରିବାକୁ ଯୋଜନାବଦ୍ଧ ଭାବେ ଭାଜପା ଷଡ଼ଯନ୍ତ୍ର କରିଛି। ତେବେ ଏହା ଏକ ନିନ୍ଦନୀୟ ଘଟଣା। ସବୁ ପ୍ରକାରର ତଦନ୍ତକୁ ବିଜେଡି ସ୍ୱାଗତ କରୁଛି। ଏଥିରେ ଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ମିତ୍ର ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଏକାଦଶ ସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଆପଣଙ୍କୁ ଅର୍ଥପ୍ରାପ୍ତି, ବନ୍ଧୁ ସମ୍ପର୍କ, ସଭାସମିତି ଓ ଫଳପ୍ରଦ ଆଲୋଚନା ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବ। କିନ୍ତୁ ରବି ଅଶ୍ୱିନୀ ନକ୍ଷତ୍ରରେ ରହିଥିବାରୁ ଉଚ୍ଚବର୍ଗର ବ୍ୟକ୍ତି, ଗୁରୁଜନଙ୍କୁ କେନ୍ଦ୍ରକରି ପାରିବାରିକ କଳହର ଆଶଙ୍କା ଦେଖାଦେବ। କର୍ମଦିଗଟି ଭଲ ରହିଲେ ମଧ୍ୟ ପରିଚାଳନା ସମସ୍ୟାରେ ଚିନ୍ତିତ ହେବେ।

**ବୃଷ** ଚନ୍ଦ୍ର କେନ୍ଦ୍ରରେ ଶୁକ୍ରଙ୍କ ନକ୍ଷତ୍ର ପୂର୍ବାଫାଲଗୁନୀରେ ରହି ଆପଣଙ୍କୁ କାର୍ଯ୍ୟସିଦ୍ଧି, ଅଭିଳଷିତ ଦ୍ରବ୍ୟ ପ୍ରାପ୍ତି, ମିତ୍ରବନ୍ଧୁଙ୍କ ସହାୟତା ପ୍ରଦାନ କରିପାରେ। ଆର୍ଥିକ ଉନ୍ନତି ସହ ବିଳାସ ଉପକରଣ,ନୂତନ କର୍ମାରମ୍ଭ ଓ ଧାର୍ମିକ ବାତାବରଣ ମଧ୍ୟ ସୃଷ୍ଟି କରିବ। ସଭାସମିତିରେ, ରାଜନୈତିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସୁନାମ ଅର୍ଜନ କରିବେ।

**ମିଥୁନ** ରାଶ୍ୟାଧିପତି କର୍ମସ୍ଥାନରେ ଶୁକ୍ର ଯୁକ୍ତ ହୋଇ ପରିବାର ସ୍ଥାନକୁ ଅବଲୋକନ କରୁଥିବାରୁ ପାରିବାରିକ ସୁଖ ସମୃଦ୍ଧି ଓ ବନ୍ଧୁଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନର ମଉକା ପାଇବେ। ଆଜିର ଦୂରଯାତ୍ରା ସମୟରେ ଜାଣିଶୁଣି କେତେକ ଅପରିଚିତ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହୋଇପାରନ୍ତି। ଯାନବାହନ ଚାଳନା, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ସତର୍କତା ଅବଲମ୍ବନ କରିବା ଭଲ।

**କର୍କଟ** ଚନ୍ଦ୍ର ସୁଖଭାବରେ ରହିଥିବାରୁ ଆଜି ଦିନଟି ଆପଣଙ୍କ ମନ ବହୁତ ଖୁସି ରହିବ। ଏପରି କି ବନ୍ଧୁ ଗହଣରେ ହସଖୁସିରେ ସମୟ କଟିବ। କୌଶଳ ପ୍ରୟୋଗ ପୂର୍ବକ କୂଟନୀତି ବଳରେ କାର୍ଯ୍ୟ ସାଧନ କରିପାରନ୍ତି। ସାମାଜିକ ସ୍ତରରେ କେତେକ ସନ୍ଦେହଜନକ ପରିସ୍ଥିତିକୁ ଲକ୍ଷ୍ୟ କରି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ।

**ସିଂହ** ରାଶିରେ ବ୍ୟୟାଧିପତି ରହି ଆଜି ଆପଣଙ୍କୁ ବ୍ୟୟ ବହୁଳତା ମାଧ୍ୟମରେ ମନସ୍ତାପ ସୃଷ୍ଟି କରିପାରନ୍ତି। ଭାଗ୍ୟସ୍ଥାନରେ ରାଶ୍ୟାଧିପ ଆପଣଙ୍କ ସମସ୍ତ କାର୍ଯ୍ୟକୁ ସମ୍ମାନର ସହ ସମ୍ପନ୍ନ କରାଇବେ। ଏକାଦଶସ୍ଥ ରାହୁ ମନ୍ତ୍ରଣା ସ୍ଥାନକୁ ପ୍ରଭାବିତ କରୁଥିବାରୁ ଖଳ ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ସଫଳତା ପାଇବେ।

**କନ୍ୟା** ଧନକର୍ମାଧିପ ରାଶ୍ୟାଧିପ ସହ ରହିଥିବାରୁ ଆଜି ଯେଉଁ କାମରେ ହାତଦେବେ ସେଥିରେ ଆପଣ ନିଶ୍ଚିତ କୃତକାର୍ଯ୍ୟ ହେବେ। ପାରିବାରିକ କ୍ଷେତ୍ର, ଜମିଜମା ବ୍ୟବସାୟ, ବିଦ୍ୟୁତ୍, ଇଟାଭାଟି, ସମ୍ପର୍କୀୟ କ୍ଷେତ୍ର ମଧ୍ୟ ବିବାଦୀୟ ରହିବ। ଅଭାବ ରହିଲେ ମଧ୍ୟ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇବାରେ କୌଣସି ଅସୁବିଧା ହେବ ନାହିଁ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ତୁଳା** ଆଜିର ଚନ୍ଦ୍ର ଆପଣଙ୍କ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରି ମାନସିକ ଓ ଶାରୀରିକ ସୁସ୍ଥତା ରଖିବେ। ସପ୍ତମାଧିପ ମଙ୍ଗଳ ଦୁଃସ୍ଥାନରେ ରହି ଆପଣଙ୍କ ଅର୍ଥ ଓ ପାରିବାରିକ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି। ବନ୍ଧୁମାନଙ୍କୁ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବିଛା** କର୍ମସ୍ଥାନରେ ଭାଗ୍ୟାଧିପତି ଆପଣଙ୍କ ପ୍ରତ୍ୟେକ କର୍ମକୁ ବାଧାମୁକ୍ତ କରାଇବା ସହ ଆଶା ପୂରଣରେ ସହାୟକ ହେବେ। ପ୍ରତ୍ୟେକ ସ୍ତରରେ ଆଲୋଚନା ପରିସରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ସାମାଜିକ ସ୍ତରରେ ବ୍ୟକ୍ତିବିଶେଷଙ୍କୁ ପ୍ରୀତ କରାଇ ପ୍ରଶଂସିତ ହୋଇପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆକସ୍ମିକ ଭାବରେ ପାଇ ଖୁସି ହେବେ।

**ଧନୁ** ଅନୁକୂଳ ସ୍ଥିତିରେ ଭାଗ୍ୟାଧିପ ଆପଣଙ୍କ ଉଦ୍ୟମକୁ ସାକାର କରିବା ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରିବେ। ଚନ୍ଦ୍ରଙ୍କ ପ୍ରଭାବରେ ମାନସିକ ସ୍ଥିତି ଭଲ ରହିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପାପଯୁକ୍ତ ବୃହସ୍ପତିଙ୍କ ଯୋଗୁ ସାମାନ୍ୟ ଶାରୀରିକ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ହୋଟେଲ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମକର** ଆଜି ଅଷ୍ଟମସ୍ଥ ଚନ୍ଦ୍ର ଆପଣଙ୍କ ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ଯେତେ ପ୍ରକାରର ସୁବିଧା ଥିଲେ ମଧ୍ୟ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ପିଲାମାନଙ୍କ କଳହକୁ କେନ୍ଦ୍ର କରି ଓ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଅବଶ୍ୟ ବୈବାହିକ କର୍ମ ସମ୍ପାଦନା ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି।

**କୁମ୍ଭ** ଷଷ୍ଠାଧିପତି ସପ୍ତମ କେନ୍ଦ୍ରରେ ରହି ପରିବାର, ବନ୍ଧୁ, କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। କେତେକ କ୍ଷେତ୍ରରେ ମନ କଥାକୁ ମନରେ ରଖି କାମରେ ଅଗ୍ରସର ହେବାକୁ ବାଧ୍ୟ ହେବେ। ନିଜ ଲୋକ କେହି ଶତ୍ରୁତା କରିପାରନ୍ତି। ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ** ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ବିବାଦୀୟ ମନ୍ତବ୍ୟ,ସନ୍ତାନ ହେତୁକ ପୀଡା ପ୍ରଦାନ କରିପାରେ । ତଥାପି ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପ୍ରତ୍ୟେକ ଦିଗରୁ ସହଯୋଗ ପାଇ କର୍ମକ୍ଷେତ୍ରରେ ପ୍ରତିଷ୍ଠାଲାଭ କରିବେ । ପାରିବାରିକ କ୍ଷେତ୍ର ଓ ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ଊଣା ହେବ ନାହିଁ। ବିବାଦୀୟ ଘଟଣାରେ କିମ୍ବା ଅର୍ଥ ପ୍ରାପ୍ତିରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ ।

ଆଜି ଚୈତ୍ର ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଶ୍ରୀମନ୍ଦିରରେ ଶ୍ରୀରାମ ବନବାସ ଓ କନ୍ଦର୍ପାଧିବାସ, ଚୈତ୍ର ମଙ୍ଗଳବାର ଓଷା,ଚତୁର୍ଥ ଓ ଶେଷ ପାଳି, ଏପ୍ରିଲ ୧୬ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ମକରରାଶିର ଘାତବାର, ଦିବା ଘ୮ ।୩୩ମି. ଗତେ ଘ୧୦ ।୦୭ମି. ମଧ୍ୟେ, ଘ୧୧ ।୪୧ମି. ଗତେ ଘ୧ ।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୭ମି. ଗତେ ଘ୧୧ ।୪୧ମି. ମଧ୍ୟେ ଘ୨ ।୫୪ମି. ଗତେ ଘ୪ ।୧୮ମି. ମଧ୍ୟେ ମାହେନ୍ଦ୍ରବେଳା।

## classifieds

automobile
SALE

Ashok Leyland 36 seater AC bus model-II, Bolero pickup 2016 for sale. Contact: 8908213777. D- 64957

real estate
SALE

Commercial plot Prime location. Laxmisagar and Hanspal square. Contact: 7992916484. D-12156

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, electry, gharabari, temple, sqft. 650/-ରେ ଦିଆଯାଉ ଅଛି। 7008045582, 9692003948. D-12088

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar AIIMS front Govt. road କୁ ଲାଗି gharabari yellow zone plot ବିକ୍ରିହେବ: 8480745797. D-66332

CV Raman College ପାଖରେ yellowzone plot 2000 sqft. ବିକ୍ରିହେବ। Contact: 9778928492. D-65638

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

Now Matrimonial ads. only on Wednesday & Sunday Book 1 Get 1 FREE

Plot sale Patia sqft.- 1,090/-, Sundarpada- 300/-, Pitapalli- 620/-. 7377735755. D-12111

AFFIDAVIT

By virtue of an affidavit No.47AA721728, Dt.15.04.2019. I, Sri Bibekananda Dalai states that my name as per HSCE Certificate Vivekananda Dalai change to as per my Aadhar Card and all documents Bibekananda Dalai. D-12157

ଜନ୍ମଦିନ ଶୁଭେଚ୍ଛା



ଅଙ୍କିତ୍ ସାମନ୍ତରାୟ
ସମ୍ବଲପୁର
ଆଜି ତୋର ତ୍ରୟୋଦଶ ଜନ୍ମଦିବସରେ "ମା' ତାରିଣୀ" ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛା ସହ
ମା, ଅଜା, ଆଈ, ପାପା, ମାମା, ଗୁନା, ଟୁଣ୍ଟୁ, ଲାଡୁ, ବାବୁନି, ଟିଙ୍ଗଲା। ଧ-୧୨୧୬୦







# ‘ନିର୍ଭୟ’ର ସଫଳ ପରୀକ୍ଷଣ

## ■ ଶତ୍ରୁପକ୍ଷର ରାଡାରକୁ ଚକ୍‌ମା ଦେବାକୁ ସମର୍ଥ

**ବାଲେଶ୍ୱର ଅଫିସ, ୧୫।୪**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଟେଷ୍ଟ ରେଞ୍ଜରୁ ସୋମବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ସମୟରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦୂରଗାମୀ ସବ୍‌-ସୋନିକ କ୍ରୁଜ କ୍ଷେପଣାସ୍ତ୍ର ‘ନିର୍ଭୟ’ର ସଫଳ ପରୀକ୍ଷଣ କରାଯାଇଛି। ବହୁ ବୈଜ୍ଞାନିକ ଓ ପ୍ରତିରକ୍ଷା ବିଶେଷଜ୍ଞଙ୍କ ଉପସ୍ଥିତିରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜ(ଆଇଟିଆର୍)ସ୍ଥିତ ୩ନଂ. ଉତ୍‌କ୍ଷେପଣ କେନ୍ଦ୍ରରେ ଏହାକୁ ଉତ୍‌କ୍ଷେପଣ କରାଯାଇଥିଲା। ଶତ୍ରୁପକ୍ଷର ରାଡାରକୁ ଚକ୍‌ମା ଦେଇ ଏକ ସମୟରେ ଏହା ଏକାଧିକ ଟାର୍ଗେଟକୁ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଛି। ଭାରତର ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂସ୍ଥାନ (ଡିଆରଡିଏ) ଏବଂ ବାଙ୍ଗାଲୋରସ୍ଥିତ ଏରୋନେଟିକ ଡେଭଲପ୍‌ମେଣ୍ଟ ଏଷ୍ଟାବ୍ଲିଶମେଣ୍ଟ(ଏଡିଇ) ପକ୍ଷରୁ ଉକ୍ତ କ୍ଷେପଣାସ୍ତ୍ରକୁ ଆଧୁନିକ ଜ୍ଞାନ କୌଶଳରେ ବିକଶିତ କରାଯାଇଛି।



‘ନିର୍ଭୟ’ର ସଫଳ ପରୀକ୍ଷଣ କରାଯାଉଛି।

ଖୁବ୍‌ଶୀଘ୍ର ଏହାକୁ ସେନବାହିନୀରେ ସାମିଲ କରାଯିବ ବୋଲି ସୂଚନା ମିଳିଛି।

ସବ୍‌-ସୋନିକ କ୍ରୁଜ କ୍ଷେପଣାସ୍ତ୍ର ‘ନିର୍ଭୟ’ର ଓଜନ ପ୍ରାୟ ୧୫୦୦କି.ଗ୍ରା.। ଲକ୍ଷ୍ୟଭେଦ ଦୂରତା ୧ହଜାରରୁ ୧୫ଶହ କି.ମି.। ଲମ୍ବ ୬ମିଟର। ୦.୫୨ମି. ବ୍ୟାସ ପରିମିତି ଏହି କ୍ଷେପଣାସ୍ତ୍ର ଶବ୍ଦର ଗତିଠାରୁ ୬ଗୁଣ ଅଧିକ ବେଗରେ ଗତି କରି ଲକ୍ଷ୍ୟଭେଦ କରିପାରିବ। ସ୍ୱଳ୍ପ ଉଚ୍ଚତାରେ ଥାଇ ମଧ୍ୟ ଏହା ଅକ୍ଳେଶରେ ଲକ୍ଷ୍ୟ ଭେଦ କରିପାରିବ ବୋଲି ଡିଆରଡିଏ ପକ୍ଷରୁ କୁହାଯାଇଛି। ୨୦୧୩ ମାର୍ଚ୍ଚ ୧୨ତାରିଖରେ ଏହାର ପ୍ରଥମ ପରୀକ୍ଷଣ ହୋଇଥିଲା। ୨୦୧୪ ଅକ୍ଟୋବର ୧୭ ତାରିଖ, ୨୦୧୫ ଅକ୍ଟୋବର ୧୬ ତାରିଖରେ ଯଥାକ୍ରମେ ୨ୟ ଓ ୩ୟ ପରୀକ୍ଷା କରାଯାଇଥିଲା। ୨୦୧୬ ଡିସେମ୍ବର ୨୧ରେ ଏହାର ଚତୁର୍ଥ ପରୀକ୍ଷଣ ହୋଇଥିଲା।

ସୋମବାର ଅନୁଷ୍ଠିତ ନିର୍ଭୟର ୫ମ ପରୀକ୍ଷଣ ବେଳେ ଏଡିଇ ଏବଂ ଡିଆର୍‌ଡିଓ ପକ୍ଷରୁ ଉପସ୍ଥିତ ବୈଜ୍ଞାନିକମାନେ ଏହାର ଗତିବିଧି ନିରୀକ୍ଷଣ କରିଥିଲେ। ଏହାର ସଫଳ ପରୀକ୍ଷଣ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଏକ ସଫଳ ମାଇଲଖୁଣ୍ଟ ବୋଲି ବୈଜ୍ଞାନିକମାନେ ମତବ୍ୟକ୍ତ କରିଛନ୍ତି।

# ବ୍ୟବସାୟୀଙ୍କ ଗାଡ଼ିରୁ ୪୨ଲକ୍ଷ ଟଙ୍କା ଜବତ

**ଯାଞ୍ଚ ପରେ ଫେରାଇଲେ ଟଙ୍କା**

**ନିମାପଡ଼ା, ୧୫।୪(ଡି.ଏନ୍.ଏ.)**

ରାଜ୍ୟରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ପୁରୀ ଜିଲା ନିମାପଡ଼ା ବିଧାନସଭା ଆସନ ଆସନ୍ତା ୨୯ ତାରିଖରେ ଭୋଟ୍ ଗ୍ରହଣ ହେବ। ଏନେଇ ନିର୍ବାଚନରେ ବେଆଇନ ଅର୍ଥ କାରବାର ରୋକିବା ପାଇଁ ପ୍ରଶାସନ ଗୁରୁତ୍ୱ ଦେଇଛି। ଯାଞ୍ଚ ପାଇଁ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ତେବେ ସୋମବାର ଯାଞ୍ଚ ବେଳେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ନିକଟରୁ ବ୍ୟବସାୟୀ ସୁବାସ ସାହୁଙ୍କ ଗାଡ଼ିରୁ ୪୨ଲକ୍ଷ ଟଙ୍କା ଜବତ ହୋଇଥିଲା। ଯାଞ୍ଚ ପରେ ଉକ୍ତ ଟଙ୍କାକୁ ବ୍ୟବସାୟୀଙ୍କୁ ଫେରାଇ ଦିଆଯାଇଥିବା ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢୀ କହିଛନ୍ତି। ସୂଚନା ଅନୁଯାୟୀ, କୋଣାର୍କ ଅଞ୍ଚଳର ବ୍ୟବସାୟୀ ସୁବାସ ଏହି ଟଙ୍କାକୁ ନିମାପଡ଼ାସ୍ଥିତ ୟୁକୋ ବ୍ୟାଙ୍କରେ ଜମା କରିବାକୁ ଯାଉଥିଲେ। ଦିଘାଲୋ ନିକଟରେ ଫ୍ଲାଇଂ ସ୍କ୍ୱାଡ୍‌ର ଏକ ଟିମ୍ ସୁବାସଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିବା ସହ ଏହି ଟଙ୍କାକୁ ଜବତ କରିଥିଲା। ମାତ୍ର ଫ୍ଲାଇଂ ସ୍କ୍ୱାଡ୍‌ର ଏକ ଟିମ୍ ଓ ଆଇଆଇସି ପାଢୀ ଉକ୍ତ ଟଙ୍କା ସମ୍ପର୍କରେ ଯାଞ୍ଚ କରିଥିଲେ। ସୁବାସଙ୍କ ବ୍ୟାଙ୍କ ଆଇଟିଜିଏସ, ଏନ୍‌ଇଏଫଟି ଆଦି କାଗଜପତ୍ର ଦେଖିବା ପରେ ଟଙ୍କା ସହ ତାଙ୍କୁ ଛାଡିଦେଇଥିଲେ।

# ଫେସ୍‌ବୁକ୍‌ରେ ନିର୍ବାଚନୀ ପ୍ରଚାର

**ନିଲମ୍ବନ ହେଲେ ସହକାରୀ ଶିକ୍ଷକ**

**ଛତ୍ରପୁର,୧୫।୪(ଡି.ଏନ.ଏ.)**

ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାର କରିବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ସମ୍ପୃକ୍ତ ଶିକ୍ଷକଙ୍କୁ ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଲମ୍ବନ କରିଛନ୍ତି। ସେ ହେଲେ ହିଞ୍ଜିଳି ବ୍ଲକ ଆଲପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୈଳାସପତି ଦାଶ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି।

ପ୍ରକାଶ ଯେ, ସୋସିଆଲ୍ ମିଡିଆରେ ସହକାରୀ ଶିକ୍ଷକ ଦାଶ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାର କରୁଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କୁଲାଙ୍ଗେ ବିଶ୍ୱସ୍ତସୂତ୍ରରୁ ସୂଚନା ପାଇଥିଲେ। ତୁରନ୍ତ ଏହାର ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷକଙ୍କ ଫେସ୍‌ବୁକ୍ ଆକାଉଣ୍ଟ ଅନୁସନ୍ଧାନ କରାଯିବାରୁ ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ରିପୋର୍ଟକୁ ଆଧାର କରି ଜିଲାପାଳ କୁଲାଙ୍ଗେ ସୋମବାର ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସେ ପ୍ରତ୍ୟହ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ହୋଇଛି। ଯେ କୌଣସି ବି କର୍ମଚାରୀ ନିର୍ବାଚନ ଆଚରଣ ବିଧି ବ୍ୟବସ୍ଥାକୁ ଅବମାନନା କଲେ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସତର୍କ କରି ଦିଆଯାଇଛି।

# ନବୀନଙ୍କ ସମ୍ପତ୍ତି ୬୩ କୋଟି, ସଂଗୀତାଙ୍କ ୩୭ କୋଟି

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

**ଇଲେକ୍ସନ ୱାଚ୍ ରିପୋର୍ଟ**

- ■ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ
- ■ ୩୫ ବିଧାନସଭାର ୮୪ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା
- ■ ୬୮ ଜଣଙ୍କ ନାମରେ ସଙ୍ଗିନ୍ ଅପରାଧ
- ■ ୫ ଲୋକ ସଭାର ୫ ପ୍ରାର୍ଥୀଙ୍କ ନାମରେ ଗୁରୁତର ମାମଲା

ଆସନ୍ତା ୧୮ ତାରିଖରେ ରାଜ୍ୟରେ ୫ଟି ଲୋକ ସଭା ଆସନ ଏବଂ ୩୫ଟି ବିଧାନସଭା ଆସନରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ଭାବେ ୨୪୪ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୩୫ ବିଧାନସଭା ଆସନରେ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୮୪ ଜଣ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବା ବେଳେ ୬୮ ଜଣଙ୍କ ନାମରେ ରହିଛି ସଙ୍ଗିନ୍ ଅପରାଧ। ସେହିପରି ୫ଟି ଲୋକ ସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ୩୫ ଜଣଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣଙ୍କ ନାମରେ ରହିଛି ସଙ୍ଗିନ୍ ଆପରାଧିକ ମାମଲା। ଉକ୍ତ ପ୍ରାର୍ଥୀଙ୍କ ସତ୍ୟପାଠକୁ ଅନୁଶୀଳନ କରି ଓଡ଼ିଶା ଇଲେକ୍ସନ ୱାଚ ନାମକ ସଂସ୍ଥା ପକ୍ଷରୁ ଏଭଳି ତଥ୍ୟ ଦିଆଯାଇଛି।

ସୋମବାର ସଂସ୍ଥା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୮୪ ଜଣ ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା ରହିଥିବାବେଳେ ୬୮ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା ରହିଛି । ପ୍ରମୁଖ ରାଜନୈତିକ ଦଳ ଭାଜପାରେ ସର୍ବାଧିକ ୨୧ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୧୭ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ୧୦ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା, ବିଜେଡିର ୧୩ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କ ନାମରେ ଏବଂ ବହୁଜନ ସମାଜ ପାର୍ଟି(ବିଏସପି)ର ୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣଙ୍କ ନାମରେ ରହିଛି ସାଂଘାତିକ ଆପରାଧିକ ମାମଲା। ସେହିପରି ୫ଟି ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩୫ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କ ନାମରେ ଫୌଜଦାରି ମାମଲା ଥିବା ସେମାନେ ସତ୍ୟପାଠରେ ଘୋଷଣା କରିଥିବାବେଳେ ୫ ଜଣଙ୍କ ନାମରେ ସଙ୍ଗିନ୍ ଆପରାଧିକ ମାମଲା ରହିଛି।

ଏପରି କି ଅନେକ ନେତା ଧନ ସମ୍ପତ୍ତି ଆହରଣ କରିବାରେ ମଧ୍ୟ ପଛରେ ନାହାନ୍ତି। ବିଧାନସଭା ଆସନ ପାଇଁ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୦ ଜଣଙ୍କ ସମ୍ପତ୍ତି ଏକାଧିକ କୋଟି ଟଙ୍କା ହୋଇଥିବା ବେଳେ ଅନ୍ୟ ମାନଙ୍କର ସମ୍ପତ୍ତିର ହାରାହାରି ମୂଲ୍ୟ ୧.୯୩ କୋଟି ଟଙ୍କା ରହିଛି। ସତ୍ୟପାଠ ଦାଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣ ପ୍ରାର୍ଥୀ ୫ କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇଥିବାବେଳେ ୨୪ ଜଣ ୨ରୁ ୫ କୋଟି, ୬୧ ଜଣ ୫୦ ଲକ୍ଷରୁ ୨ କୋଟି, ୬୧ ଜଣ ୧୦ ଲକ୍ଷରୁ ୫୦ ଲକ୍ଷ ଏବଂ ୮୨ ଜଣ ୧୦ ଲକ୍ଷରୁ କମ୍ ଟଙ୍କାର ମାଲିକ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପ୍ରାର୍ଥୀମାନଙ୍କ ମଧ୍ୟରେ ସବୁଠାରୁ ଧନୀ ହୋଇଥିବାବେଳେ ଏମପି ପ୍ରାର୍ଥୀମାନଙ୍କ ମଧ୍ୟରେ ବଲାଙ୍ଗୀରର ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ସବୁଠୁ ଧନୀ ପ୍ରାର୍ଥୀ। ନବୀନଙ୍କର ମୋଟ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ୬୩ କୋଟି ଟଙ୍କା ହୋଇଥିବାବେଳେ ସଂଗୀତାଙ୍କର ସମ୍ପତ୍ତି ମୂଲ୍ୟ ୩୭ କୋଟି। ସେହିପରି ବିଧାନସଭା ପ୍ରାର୍ଥୀ ଭାବେ ଭାଜପା ପ୍ରାର୍ଥୀ କନକ ବର୍ଦ୍ଧନ ସିଂଦେଓଙ୍କ ସମ୍ପତ୍ତିର ମୂଲ୍ୟ ୩୭ କୋଟି ଟଙ୍କା ହୋଇଥିବା ବେଳେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇ ଝାରସୁଗୁଡ଼ା ବିଧାନସଭା ସିଟ୍‌ରୁ ବିଜେଡି ଟିକେଟରେ ଲଢୁଥିବା ନବ କିଶୋର ଦାସଙ୍କ ସମ୍ପତ୍ତିର ମୂଲ୍ୟ ୩୩ କୋଟି ବୋଲି ସତ୍ୟପାଠରୁ ଜଣାପଡ଼ିଛି। ରାଜନୈତିକ ଦଳଗୁଡିକୁ ହିସାବକୁ ନେଲେ ବିଜେଡିରେ ସର୍ବାଧିକ ୬୦ ପ୍ରତିଶତ ପ୍ରାର୍ଥୀ କୋଟି ପତି ହୋଇଥିବା ବେଳେ ଭାଜପା ୫୭ ପ୍ରତିଶତ ଏବଂ କଂଗ୍ରେସର ୪୧ ପ୍ରତିଶତ ପ୍ରାର୍ଥୀ କୋଟି ପତି।

ବିଧାନସଭା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ନିଜର ଶିକ୍ଷାଗତ ଯୋଗ୍ୟତା ଦର୍ଶାଇ ନ ଥିବା ବେଳେ ୪ ଜଣ ଖାଲି ନା ଦସ୍ତଖତ ଶିଖିଛନ୍ତି। ୧୧୧ ଜଣ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ଯାଏ ପାଠ ପଢିଥିବା ବେଳେ ୧୨୧ ଜଣ ଗ୍ରାଜୁଏଟ ଓ ତାଠାରୁ ଅଧିକ ପାଠ ପଢିଛନ୍ତି। ସେହିପରି ପ୍ରାର୍ଥୀମାନଙ୍କର ବୟସକୁ ଯଦି ଦେଖା ଯାଏ ତେବେ ଜଣେ ପ୍ରାର୍ଥୀ ତାଙ୍କର କେତେ ବୟସ ଦର୍ଶାଇ ନ ଥିବା ବେଳେ ୩୬ ଜଣଙ୍କର ବୟସ ୬୧ରୁ ୮୦, ୧୪୭ ଜଣଙ୍କର ୪୧ରୁ ୬୦ ଏବଂ ୫୭ ଜଣଙ୍କର ୨୫ରୁ ୪୦ ବର୍ଷ ଦର୍ଶାଇଛନ୍ତି। ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୨୫ ଜଣ ମହିଳା ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇଛନ୍ତି। ସେହିପରି ଲୋକସଭା ଆସନ ପାଇଁ ନିର୍ବାଚନ ଲଢୁଥିବା ୧୧ ଜଣ ପ୍ରାର୍ଥୀଙ୍କର ସମ୍ପତ୍ତିର ମୂଲ୍ୟ ୧ କୋଟିରୁ ଅଧିକ। ବଲାଙ୍ଗୀର ଲୋକସଭା ଆସନରୁ ନିର୍ବାଚନ ଲଢୁଥିବା ରାଜ୍ ପରିବାରର ଦୁଇ ପ୍ରାର୍ଥୀ ସଂଗୀତା କୁମାରୀ ସିଂଦେଓଙ୍କ ସମ୍ପତ୍ତି ମୂଲ୍ୟ ୩୭ କୋଟି ଟଙ୍କା ହୋଇଥିବା ବେଳେ କଳିକେଶ ନାରାୟଣ ସିଂଦେଓଙ୍କ ସମ୍ପତ୍ତିର ମୂଲ୍ୟ ୨୦ କୋଟି ଏବଂ ବରଗଡ଼ ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରସନ୍ନ ଆଚାର୍ଯ୍ୟଙ୍କର ସମ୍ପତ୍ତିର ମୂଲ୍ୟ ୯କୋଟି ଟଙ୍କା ରହିଛି।



ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ-ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ।

-ଶ୍ରୀଅରବିନ୍ଦ



# ସମାଧାନକାରୀ ନୁହେଁ, ସୃଷ୍ଟିକର୍ତ୍ତା

ସାଧାରଣ ନିର୍ବାଚନ ୨୦୧୯ର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଏପ୍ରିଲ ୧୮ରେ ଅନୁଷ୍ଠିତ ହେବାକୁ ଯାଉଛି। ସମଗ୍ର ଦେଶରେ ଦିନକୁ ଦିନ ପ୍ରଚାର ଅଭିଯାନ ଜୋରଦାର ହେବାରେ ଲାଗିଛି। ନିଜ ସପକ୍ଷରେ ଭୋଟ ହାତେଇବା ସକାଶେ ରାଜନୈତିକ ଦଳଗୁଡ଼ିକ ପରସ୍ପର ଉପରେ ବିଭିନ୍ନ ପ୍ରକାର ଦୋଷାରୋପ ଓ ଅକଥନୀୟ ଭାଷା ପ୍ରୟୋଗ କରୁଛନ୍ତି। ନିକଟରେ ଉତ୍ତରପ୍ରଦେଶର ରାମପୁର ଲୋକ ସଭା ଆସନ ଲାଗି ପ୍ରାର୍ଥୀ ହୋଇଥିବା ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଜନତା ପାର୍ଟି (ଭାଜପା)ର ଜୟ ପ୍ରଦାଙ୍କ ଉପରେ ଯେଭଳି ନୀଚ ଧରଣର ଟିପ୍ପଣୀ ଦେଇଛନ୍ତି, ତାହା ସାଧାରଣରେ ଆଦୌ ଗ୍ରହଣୀୟ ହୋଇନାହିଁ। ଏ ନେଇ ଆଜମ୍‌ଙ୍କ ବିରୋଧରେ ଏତଲା ଦାଏର କରାଯାଇଛି। ଏପରି କି ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଆଜମ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ବାଚନ କମିଶନ (ଇସି)ଙ୍କୁ ଚିଠି ଲେଖିଛନ୍ତି। ଲୋକ ସଭା ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ଯଦି ଅଭଦ୍ର ଶବ୍ଦ ବ୍ୟବହାର କରିବେ, ତେବେ ଗଣତାନ୍ତ୍ରିକ ମୂଲ୍ୟବୋଧ ବଡ଼ଧରଣର ବିପଦରେ ପଡ଼ିଛି ବୋଲି କୁହାଯାଇପାରେ। ସେମିତି କୁହାଯାଉଛି, ଯାହାର ଭିଡିଓ ମଧ୍ୟ ଦେଖିବାକୁ ମିଳିଛି ଯେ, ହିମାଚଳ ପ୍ରଦେଶର ରାଜ୍ୟ ଭାଜପା ସଭାପତି ସତ୍‌ପାଲ ସିଂ ସତ୍ତୀ ଏକ ସାଧାରଣ ସଭାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଅତ୍ୟନ୍ତ ଅଶାଳୀନ ଭାଷା ବ୍ୟବହାର କରିଛନ୍ତି। ଏହାର ଅନ୍ତର୍ଜାତୀୟ ଉଦାହରଣ ଦେଖିଲେ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନ ସମୟରେ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ନିର୍ବାଚନୀ ବିରୋଧୀମାନଙ୍କୁ ଅତି ଅଶାଳୀନ ଭାଷାରେ ଶୋଧୁଥିବାର ଦେଖାଯାଇଥିଲା। ଏବେ ପ୍ରଚାର ସମୟରେ ଭାରତରେ ଯେଉଁ ପ୍ରକାରର ଭାଷା ବ୍ୟବହାର କରାଯାଉଛି, ତାହା ପୂର୍ବରୁ ଶୁଣିବାକୁ ମିଳୁ ନ ଥିଲା। ତେଣୁ ନିର୍ବାଚନ କମିଶନ ଏଭଳି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା ବ୍ୟକ୍ତି, ଯେକୌଣସି ଦଳର ହୋଇଥାଆନ୍ତୁ ନା କାହିଁକି, ତାଙ୍କୁ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରଖିବା ସକାଶେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇପଡ଼ିଲାଣି।

ଅନ୍ୟ ଏକ ଘଟଣାରେ ନିର୍ବାଚନ କମିଶନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନେତ୍ରୀ ମାୟାବତୀଙ୍କ ବିରୋଧରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରିଥିବାରୁ ଉଭୟଙ୍କୁ ଦଣ୍ଡିତ କରିଛନ୍ତି। ଯୋଗୀଙ୍କୁ ଆଗାମୀ ୩ ଦିନ ଓ ମାୟାବତୀଙ୍କୁ ୨ ଦିନ ପ୍ରଚାରର ପ୍ରତ୍ୟେକ ମଞ୍ଚରୁ ଦୂରେଇ ଦେଇଛନ୍ତି। ଅର୍ଥାତ୍ ଉଭୟେ ଏହି ସମୟ ମଧ୍ୟରେ କୌଣସି ରାଜନୈତିକ ସଭା, ଶୋଭାଯାତ୍ରା କରିପାରିବେ ନାହିଁ। ସେହିପରି ଗଣମାଧ୍ୟମରେ ସାକ୍ଷାତ୍‌କାର ଉପରେ ନିଷେଧାଜ୍ଞା ଲଗାଯାଇଛି। ଏପରି କି ସୋସିଆଲ ମିଡିଆରେ ପ୍ରଚାର ଉପରେ ମଧ୍ୟ ଇସି ରୋକେ ଲଗାଇଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଦେଓବନ୍ଦଠାରେ ମାୟାବତୀ ମୁସଲମାନମାନଙ୍କୁ ନିବେଦନ କରିଥିଲେ ଯେ, ସେମାନେ ଭୋଟକୁ ଭାଗ ନ କରି ତାଙ୍କ ମେଣ୍ଟକୁ ସମର୍ଥନ ଦିଅନ୍ତୁ। ଅନ୍ୟପକ୍ଷରେ ଯୋଗୀ ଆଦିତ୍ୟନାଥ ଏହାକୁ ତାଚ୍ଛଲ୍ୟ କରି 'ଅଲି ବନାମ ବଜରଙ୍ଗବଲୀ' ମନ୍ତବ୍ୟ ଦେଇଥିଲେ। ଏଭଳି କହିବାର ଉଦ୍ଦେଶ୍ୟ ଥିଲା ଯଦି ମୁସଲମାନମାନେ ମାୟାବତୀଙ୍କୁ ସମର୍ଥନ କରିବେ, ତାହାହେଲେ ତାଙ୍କ ପାଇଁ ବଜରଙ୍ଗବଲୀ ଅଛନ୍ତି। ଦେଖିବାକୁ ଗଲେ ଧର୍ମ ଓ ଜାତି ନାମରେ ରାଜନୈତିକ ନେତାମାନେ ଯେଭଳି ଭୋଟ ନେବାକୁ ପ୍ରୟାସ କରୁଛନ୍ତି, ତଦ୍ୱାରା ଦେଶରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ସେହି ଅପ୍ରୀତିକର ପରିସ୍ଥିତି ଯଦି ସାମାଜିକ ବିଭେଦକୁ ବୃଦ୍ଧି କରିବାରେ ପ୍ରୟୋଗ କରାଯାଉଛି, ତେବେ ତାହା ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପଡୁଛି। ଏମିତି ଦେଖିଲେ ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦ ଭଙ୍ଗାଯିବା ଓ ପରବର୍ତ୍ତୀ ସମୟରେ ସେଠାରେ ରାମ ମନ୍ଦିର ନିର୍ମାଣ ନେଇ ଉଠିଥିବା ବିବାଦ ଦୀର୍ଘବର୍ଷ ଧରି ଚାଲିଥିଲେ ମଧ୍ୟ ସମାଧାନ ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ଏକତ୍ର କରିବା ପରିବର୍ତ୍ତେ ନେତାମାନେ ଧର୍ମ ଓ ଜାତି ନାମରେ ଲୋକଙ୍କୁ ଉତ୍ତ୍ୟକ୍ତ କରାଇଲେ ଦେଶ ଭାଗ ଭାଗ କଲା ଭଳି ଉଦ୍ୟମ କରୁଥିବାର ମନେହେଉଛି।

ଦେଖାଯାଉଛି, ବିଗତ କିଛି ବର୍ଷ ହେବ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ଲୋକ ପ୍ରତିନିଧିମାନେ ପ୍ରସଙ୍ଗଭିତ୍ତିକ ଯୁକ୍ତିରୁ ଦୂରେଇ ଯାଇ ହୋହଲ୍ଲା କରିବାରେ ବ୍ୟସ୍ତ ରହୁଛନ୍ତି। କରଦାତାଙ୍କ ଅର୍ଥରେ ପରିଚାଳିତ ହେଉଥିବା ପାର୍ଲାମେଣ୍ଟ ଓ ବିଧାନସଭାର ମୂଲ୍ୟବାନ୍ ସମୟକୁ ସେମାନେ ନଷ୍ଟ କରୁଛନ୍ତି। ଗଣତନ୍ତ୍ରର ମୁଖ୍ୟସ୍ଥଳକୁ ଯାଉଥିବା ନେତାମାନେ ଯଦି ବିପଥଗାମୀ ହେବେ, ତେବେ ଦେଶର ଗଣତନ୍ତ୍ର ଭୁଶୁଡ଼ିପଡ଼ିବାର ଆଶଙ୍କା ସୃଷ୍ଟି ହେବା ସହିତ ଗୁଣ୍ଡାରାଜ୍ ପ୍ରତିଷ୍ଠିତ ହେବାର ଲକ୍ଷଣ ମୁଣ୍ଡ ଟେକୁଛି। ବାସ୍ତବରେ ସାଧାରଣ ଜୀବନରେ ରାଜନେତାମାନେ ରହୁଥିବାରୁ ସେମାନେ ପ୍ରତ୍ୟେକ ସ୍ତରରେ ମାର୍ଜିତ ବ୍ୟବହାର ପ୍ରଦର୍ଶନ କରିବା କଥା। ଏହା ମଧ୍ୟ ସ୍ୱୀକାରଯୋଗ୍ୟ ଯେ, ସାଧାରଣ ନାଗରିକଙ୍କ ଚରିତ୍ର ଯେଉଁଭଳି କ୍ରମଶଃ ଉଗ୍ରରୂପ ଧାରଣ କରୁଛି, ନେତାମାନେ ମଧ୍ୟ ତାହାର ଆଇନା ସାଜୁଛନ୍ତି। ଗଣତାନ୍ତ୍ରିକ ଦେଶରେ ବିଶ୍ୱାସ କରାଯାଉଛି ଯେ, ରାଜନୈତିକ ବ୍ୟକ୍ତିମାନେ ସବୁ ସମସ୍ୟାର ସମାଧାନ ଆଣିପାରିବେ। ଆମେରିକାର ରାଜନେତା ବେନ୍ କାର୍‌ସନ୍‌ଙ୍କ କହିବା ଅନୁଯାୟୀ, ଆମେ ସମସ୍ତେ ଆଶା କରି ବସିଥାଉ ଯେ ରାଜନୈତିକ ବ୍ୟକ୍ତିମାନେ ଆମ ସମସ୍ୟାର ସମାଧାନ କରିବେ। କିନ୍ତୁ ଅଧିକାଂଶ ସମସ୍ୟାର ସୃଷ୍ଟି ସେହି ରାଜନେତାବୃନ୍ଦ ବୋଲି କାର୍‌ସନ୍‌ଙ୍କ ମନ୍ତବ୍ୟ ଆଜି ଭାରତ ପାଇଁ ପ୍ରଯୁଜ୍ୟ।

## ଚିରନ୍ତନୀ

''ହାତେ ତବ ନାହିଁ ବନ୍ଧୁ!
ପାରିବାକୁ ବୁଝି ଏଥି ତିଳେ
''କିଏ ସ୍ୱପ୍ନ ଜାଗରଣ
ସତ୍ୟ ମିଥ୍ୟା ଏ ଧରଣୀ-ନୀଡ଼େ।

(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | 2 | 6 | | | 3 | B |
| | | | | C | A | | | | | 7 | 5 | | | |
| 0 | | | | 7 | | | 6 | 9 | B | | 8 | E | C | |
| 2 | | E | 1 | | 6 | | | | | 4 | | | 0 | |
| 9 | | | | | | A | 2 | | | | 1 | D | | 7 |
| 3 | | | | | 0 | | | | | | | 8 | | 6 |
| B | | | 7 | | | 2 | | C | 6 | | | 4 | E | |
| | E | 9 | | 8 | 1 | | | 0 | | 3 | | | | |
| 1 | 7 | 8 | | | | | | | | | | 3 | 2 | |
| 4 | | D | 2 | | | | 9 | | E | | | | 7 | |
| | | 0 | | | | | | | | 9 | A | | | E |
| C | | | 0 | | | | 1 | | 7 | | | | | |
| | | 5 | 6 | 2 | | C | D | | 1 | | | 7 | | |
| 7 | 2 | | | | 5 | | | | | | E | | 8 | 4 |
| D | | B | 8 | | | | | 6 | | 5 | 4 | | 9 | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | 8 | A | 0 | 9 | 6 | 3 | 7 | 5 | B | 1 | C | 4 | 2 |
| 4 | 1 | 3 | 6 | B | E | 5 | D | C | 7 | 2 | A | 8 | 0 | 9 |
| C | B | 6 | 2 | 1 | 5 | E | A | 0 | 4 | 9 | 8 | 3 | 7 | D |
| 0 | 5 | 2 | 7 | 3 | 4 | 9 | B | 8 | C | D | E | 6 | A | 1 |
| 9 | 7 | A | D | C | 8 | 2 | 1 | 4 | 0 | 6 | 3 | B | 5 | E |
| A | 9 | 4 | 5 | 6 | 0 | D | 8 | 2 | 3 | C | 7 | E | 1 | B |
| 3 | C | 0 | B | 2 | D | 7 | 9 | 1 | E | A | 5 | 4 | 8 | 6 |
| 7 | 6 | 5 | 4 | 8 | A | C | E | 3 | B | 1 | 2 | 9 | D | 0 |
| B | 8 | D | C | E | 1 | A | 0 | 5 | 9 | 4 | 6 | 7 | 2 | 3 |
| 2 | E | 1 | 3 | 9 | 7 | 4 | 6 | B | D | 8 | 0 | 5 | C | A |
| 5 | 3 | C | 9 | A | 6 | 1 | 7 | E | 8 | 0 | D | 2 | B | 4 |
| D | 2 | E | 0 | 4 | C | 8 | 5 | 9 | 1 | 3 | B | A | 6 | 7 |
| 1 | 4 | B | 8 | D | 2 | 3 | C | 6 | A | 7 | 9 | 0 | E | 5 |
| 8 | 0 | 7 | 1 | 5 | 3 | B | 2 | A | 6 | E | 4 | D | 9 | C |
| 6 | A | 9 | E | 7 | B | 0 | 4 | D | 2 | 5 | C | 1 | 3 | 8 |

ଗତକାଲିର ଉତ୍ତର

# ବଡ଼ ଲୋକଙ୍କୁ ଉତ୍ତର ନାହିଁ



ବୈକୁଣ୍ଠନାଥ ମିଶ୍ର

ଘଞ୍ଚ ଜଙ୍ଗଲ ମଧ୍ୟରେ ସୁଉଚ୍ଚ ପାହାଡ଼। ପାହାଡ଼ରୁ କଳକଳ ନାଦ କରି ବହିଆସୁଛି ଚିର ଚଞ୍ଚଳ ଝରଣା। ବନ୍ୟଜନ୍ତୁଙ୍କ ତୃଷା ନିବାରଣର ଏକ ଉତ୍କୃଷ୍ଟ ଉତ୍ସ। ଏକଦା ମୃଗ ଶାବକଟିଏ ପାହାଡ଼ର ପାଦଦେଶରେ ଥିବା ଝରଣାରୁ ପରମତୃପ୍ତିରେ ଜଳ ପାନ କରୁଥିବା ସମୟରେ ପାହାଡ଼ର ଶିଖର ଦେଶରୁ ମହାବଳ ବାଘର ଦୃଷ୍ଟି ତା' ଉପରେ ପଡିଲା ଓ ଆଖି ପିଛୁଳାକେ ଆସି ମୃଗଶାବକ ସମ୍ମୁଖରେ ଉଭାହେଲା। ବାଘ ତାକୁ ଖାଇବାକୁ ଉଦ୍ୟତ ହେବାରୁ ସେ ଭୟର ସହ କହିଲା, ମୋତେ ଖାଇବା ପୂର୍ବରୁ ଦୟାକରି ମୋ କଥା ଟିକେ ଶୁଣ- ତୁମ ଉଦର ତୁଳନାରେ ମୋ ଶରୀର ଏତେ କ୍ଷୁଦ୍ର ଯେ ମୋ ମାଂସରେ ତୁମ କ୍ଷୁଧା ମେଣ୍ଟିବ ନାହିଁ। ଦ୍ୱିତୀୟତଃ ମୋର କେଉଁ ଅପରାଧ ଯୋଗୁ ତୁମେ ମୋତେ ମାରିବାକୁ ଚାହୁଁଛ? ବାଘ କହିଲା, ତୁ ଏ ଝରଣା ଜଳ ଗୋଳିଆ କଲୁ, ଯେଉଁଥିପାଇଁ ନିର୍ମଳ ଜଳପାନରୁ ମୁଁ ବଞ୍ଚିତ ହେଲି। ମୃଗ ଶାବକ କହିଲା, ତୁମେ କ'ଣ ବୁଦ୍ଧିଭ୍ରଷ୍ଟ ହୋଇଛ? ପାହାଡର ନିମ୍ନଦେଶରେ ମୁଁ ଜଳପାନ କରୁଥିଲି, ତୁମେ ଶୀର୍ଷ ଭାଗରେ ଥିଲ। ମୁଁ ଯଦି ପାଣି ଗୋଳି କରିଥାଏ ତାହା ସ୍ରୋତର ପ୍ରତିକୂଳରେ ଯାଇ ତୁମ ପାଖରେ ପହଞ୍ଚିଲା କିପରି? ବାଘ ଘାବରେଇଯାଇ କହିଲା ତୁ ନ କରିଥିଲେ ତୋ ମା' କରିଥିବ; ତେଣୁ ମୁଁ ତୋତେ ଖାଇବି। ବିଚରା ମୃଗଶାବକ ଶାନ୍ତ ଭାବରେ ଉତ୍ତର ଦେଲା, ତୁମେ ଯେତେବେଳେ ମୋତେ ଖାଇବା ପାଇଁ ସିଦ୍ଧାନ୍ତ ନେଇସାରିଛ, ମୋ କଥାରେ ତ ତୁମେ ବିରତ ହେବନାହିଁ। ତେବେ ଏତେ ବାହାନା କାହିଁକି? ମୋତେ ଖାଇପାର। ବଡ଼ଲୋକଙ୍କୁ କ'ଣ ଉତ୍ତର ଅଛି?

ଆମ ଦେଶରେ ସମ୍ପ୍ରତି ଏପରି ନ୍ୟାୟ ସର୍ବତ୍ର ପରିଦୃଷ୍ଟ। କମ୍ପାନୀଗୁଡ଼ିକ ଉପରେ କୋଟି କୋଟି ଟଙ୍କାର ବିଦ୍ୟୁତ୍ ଶୁଳ୍କ ଅନାଦାୟ ପଡିଥିବା ବେଳେ ମହାବଳମାନେ ପ୍ରତିଦିନ କ୍ଷୁଦ୍ର ଉପଭୋକ୍ତାଙ୍କୁ ମାରି ଚାଲିଛନ୍ତି। ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ ନ କରି ବ୍ୟାପକ ବିଦ୍ୟୁତୀକରଣ ଓ ଶୁଳ୍କ ଆଦାୟର କଠୋରତା ସାଧାରଣ ଉପଭୋକ୍ତାଙ୍କୁ ନୈରାଶ୍ୟ ମଧ୍ୟକୁ ଠେଲି ଦେଇଛି। ବର୍ତ୍ତମାନ ସୁଦ୍ଧା ଭାରତର ୧୫୪୩୧ଟି ଗ୍ରାମ ବିଦ୍ୟୁତୀକରଣରୁ ବଞ୍ଚିତ। ସେଗୁଡିକ ମଧ୍ୟରୁ ଓଡ଼ିଶାର ୩୨୮୨ଟି ଗ୍ରାମ ଅନ୍ତର୍ଭୁକ୍ତ। ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ନ କରି ଉପଭୋକ୍ତା ସଂଖ୍ୟା ବୃଦ୍ଧିପାଇଲେ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ସଙ୍କଟ ଉପୁଜିବା ସୁନିଶ୍ଚିତ। ଅଘୋଷିତ ବିଦ୍ୟୁତ୍‌କାଟ ସହ କ୍ଷୀଣ ଶକ୍ତି ସରବରାହ କ୍ଷୁଦ୍ର ଉପଭୋକ୍ତା ଓ ଚାଷୀକୁଳକୁ ଉଚ୍ଛନ୍ନ କରୁଥିବା ସତ୍ତ୍ୱେ ବିଦ୍ୟୁତ୍ ଦେୟ ପୈଠର ଜୁଲମ୍ ତାକୁ ପୀଡା ଦେଉଛି। ବିଦ୍ୟୁତ୍ ସେବାରୁ ବଞ୍ଚିତ ଗ୍ରାମଗୁଡିକୁ ବିଦ୍ୟୁତ୍ ଯୋଗାଣ ସରକାରଙ୍କର ସକ୍ରିୟ ବିଚାରାଧୀନ ଅଛି। ତେଣୁ ଉତ୍ପାଦନ ବୃଦ୍ଧି ଓ ନିରନ୍ତର ସେବାର ଆବଶ୍ୟକତା ରହିଛି। ଏ ଦେଶର ଜନସାଧାରଣଙ୍କ ଅର୍ଥ ତୋଷରପାତ ସ୍ୱରୂପ ହଜାର ହଜାର କୋଟି ଠକିନେଇ ବିଜୟ ମାଲ୍ୟା, ନୀରବ ମୋଦିମାନେ ବିଦେଶକୁ ପଳାୟନ କରୁଛନ୍ତି। ବଡ଼ବଡ଼ ରାଜନେତା ଓ ବ୍ୟାଙ୍କ ଉଚ୍ଚ ପଦାଧିକାରୀଙ୍କ ସହ ଶୀତଳ ମଧୁଚନ୍ଦ୍ରିକାରେ ଏହା ସମ୍ଭବ ହୋଇଥିବା ବେଳେ ଏହାର ଉତ୍କଟ ପରିଣତି ସମଗ୍ର ଦେଶବାସୀଙ୍କୁ ଭୋଗିବାକୁ ହେଉଛି। ବ୍ୟାଙ୍କଗୁଡ଼ିକର ସାଧାରଣ କର୍ମଚାରୀ ଏ ବିଷଜ୍ୱାଳାରୁ ମୁକ୍ତ ନୁହନ୍ତି। ପ୍ରତି ୫ ବର୍ଷରେ ବ୍ୟାଙ୍କ କର୍ମଚାରୀଙ୍କର ବେତନ ସମୀକରଣ ହୁଏ। ୨୦୧୨ରେ ମୂଳ ବେତନର ୧୫% ବର୍ଦ୍ଧିତ ହୋଇଥିବା ବେଳେ ୨୦୧୭ରେ ମାତ୍ର ଦୁଇ ପ୍ରତିଶତ ବୃଦ୍ଧି ଘୋଷଣା ବ୍ୟାଙ୍କ କର୍ମଚାରୀଙ୍କୁ ହତୋତ୍ସାହ କରିଛି। ପୁଣି ବ୍ୟାଙ୍କଗୁଡ଼ିକରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଏହାର କୁଫଳର ଶିକାର ହେଉଛି ବିଚରା ଗ୍ରାହକ। ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ଏଥିପାଇଁ ଦାୟୀ।

ଏହା ଦିବାଲୋକ ପରି ସ୍ପଷ୍ଟ ଯେ, ଏ ଦେଶରେ ସଂଘଟିତ ହେଉଥିବା ସମସ୍ତ ଦୁର୍ନୀତି ମୂଳରେ ରାଜନେତା ଓ ଉଚ୍ଚ ପଦାଧିକାରୀଙ୍କର ପରୋକ୍ଷ ସମ୍ପୃକ୍ତି ନିହିତ। କୌଣସି ଘଟଣାରେ ଜନମତ ପ୍ରବଳ ହେଲେ ତାକୁ ପ୍ରଶମିତ କରିବା ପାଇଁ କିଛି ନିମ୍ନ ପାହ୍ୟାର କର୍ମଚାରୀଙ୍କୁ ଲୋକଦେଖାଣିଆଭାବେ ସାମୟିକ ନିଲମ୍ବନ କରିଦେଲେ କାର୍ଯ୍ୟ ଶେଷ। ନିର୍ମାଣରେ ମାନରକ୍ଷା କରାଯାଇ ନ ଥିବାରୁ ଅଧିକାଂଶ ନଦୀ ପୋଲ, ଫ୍ଲାଏଓଭର ଲୋକାର୍ପଣ ପୂର୍ବରୁ ଅଚଳ ହୋଇ ପଡୁଥିବା ଖବରକାଗଜ ପୃଷ୍ଠାରୁ ଜ୍ଞାତ ହେଉଛି। ଏ କ୍ଷେତ୍ରରେ କୌଣସି ବରିଷ୍ଠ ଅଧିକାରୀଙ୍କୁ ପ୍ରଶ୍ନ ମଧ୍ୟ କରାଯାଉ ନାହିଁ। ବରଂ ପ୍ରବଳ ଜନମତକୁ ପ୍ରଶମିତ କରିବା ପାଇଁ କିଛି କନିଷ୍ଠ ଯନ୍ତ୍ରୀଙ୍କୁ ନିଲମ୍ବନ କରାଯାଉଛି। ଏହା ଅତ୍ୟନ୍ତ ବାସ୍ତବ ଓ ଅନସ୍ୱୀକାର୍ଯ୍ୟ ଯେ ସେହି ଅଧସ୍ତନମାନଙ୍କର ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଯଦିବା କିଛି ସମ୍ପୃକ୍ତି ଥାଏ, ତାହା କେବଳ ଉପରିସ୍ଥ ହାକିମଙ୍କର ଅଲିଖିତ ଆଦେଶର ପ୍ରତିଫଳନ ମାତ୍ର। ପ୍ରଥମେ ଯେତେବେଳେ ଛତିଶଗଡ଼ ମହାନଦୀ ଉପରେ ବ୍ୟାରେଜ ନିର୍ମାଣ କଥା ଜଣାପଡିଲା, ଓଡ଼ିଶାର ତଦାନୀନ୍ତନ ଜଳସମ୍ପଦ ସଚିବ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଆମ ମହାନଦୀର ଏକବୁନ୍ଦା ଜଳ ଛତିଶଗଡ଼ ନେବାର ପ୍ରଶ୍ନ ଉଠୁନାହିଁ। ତେଣୁ ଓଡ଼ିଶାବାସୀ ଭୟଭୀତ ହେବାର କାରଣ ନାହିଁ। କିନ୍ତୁ ବାସ୍ତବ ସ୍ଥିତି ଆଜି ଆମେ ପ୍ରତ୍ୟକ୍ଷ କରୁଛୁ।

ଶିକ୍ଷାବର୍ଷର ଚାରିମାସ ଅତିକ୍ରାନ୍ତ ହେଲା ପରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ଯୋଗାଇ ନ ଦିଆଯିବା ଏକ ସାଧାରଣ ଘଟଣା। ଅଥଚ ପାଠପଢା ନ ହେବା ପାଇଁ ଶିକ୍ଷକଙ୍କୁ ଦାୟୀ କରାଯାଏ। ବିଦ୍ୟାଳୟ ଗୃହନିର୍ମାଣ ନିମ୍ନମାନର ହେବା ଶିକ୍ଷା କମିଟି, ଠିକାଦାର ଓ ବ୍ଲକ କନିଷ୍ଠଯନ୍ତ୍ରୀଙ୍କ ଅସାଧୁମେଣ୍ଟର ଫଳ ହେଲେ ମଧ୍ୟ ଛାତ ଭୁଶୁଡି କିଛି ଦୁର୍ଘଟଣା ଘଟିଲେ ବିଚରା ପ୍ରଧାନଶିକ୍ଷକଟି ବଳିପଡ଼େ। ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ହେବା ମୂଳରେ କିଛି ଅସାଧୁ ଅଭିଭାବକ ଓ ତାଙ୍କୁ ପ୍ରୋତ୍ସାହିତ କରୁଥିବା ଦାୟିତ୍ୱରେ ଥିବା କିଛି ପୋଲିସ ଅଧିକାରୀ ଓ ପରୀକ୍ଷାକେନ୍ଦ୍ରର କିଛି ଲାଞ୍ଚଖୋର ଶିକ୍ଷକଙ୍କ ମିଳିତ ମହାମେଣ୍ଟ ଦାୟୀ ହେଲେ ମଧ୍ୟ ବିଚରା କୋମଳମତି ପିଲାମାନଙ୍କର ପରୀକ୍ଷା ଫଳ ବାତିଲ କରାଯାଉଛି, ଯେଉଁମାନଙ୍କ ମଧ୍ୟରେ କିଛି ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଚିଟ୍‌ଫଣ୍ଡ ଠକେଇ ଆମ ରାଜ୍ୟର ଏକ କଳଙ୍କ। ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ରାଜନେତା ଓ ବରିଷ୍ଠ ଅଧିକାରୀଙ୍କ ଅନୁଗ୍ରହରେ ସାଧାରଣ ଜନତାର କଷ୍ଟଲବ୍ଧ ଧନକୁ ଆତ୍ମସାତ୍ କରି ମୁକ୍ତ ବିଚରଣ କରୁଥିବା ବେଳେ କମ୍ପାନୀମାଲିକ କିମ୍ବା ତାଙ୍କୁ ପ୍ରୋତ୍ସାହନ ଦେଇଥିବା ନେତା, ମନ୍ତ୍ରୀ କିମ୍ବା ସରକାରୀ ବାବୁମାନେ କେହି ବି ସାମାନ୍ୟ ଅନୁକମ୍ପା ପ୍ରଦର୍ଶନ କରୁନାହାନ୍ତି। ଫଳତଃ ନିବେଶକଟି ଅସୀମ ମାନସିକ ଯନ୍ତ୍ରଣାରେ ଦଗ୍ଧ ହେଉଛି।

ମଦ ଉତ୍ପାଦନ, ଆମଦାନି ଓ ବିକ୍ରିକୁ ନିଷିଦ୍ଧ ନ କରି ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ଦୁର୍ଘଟଣା ଓ ସାମାଜିକ ନିରାପତ୍ତା ବିପନ୍ନ ହେଉଛି ବୋଲି ଚିତ୍କାର କରିବା ନିହାତି ହାସ୍ୟାସ୍ପଦ। ସେହିପରି ପ୍ଲାଷ୍ଟିକ ଉତ୍ପାଦନକୁ ନିଷେଧ ନ କରି ତା'ର ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଲେ କିଛି ଲାଭ ନାହିଁ। କମ୍ପାନୀ ବନ୍ଦ ହେଲେ ଉତ୍ପାଦ ବଜାରରେ ଉପଲବ୍ଧ ହେବନାହିଁ କି ଲୋକେ ତା' ପ୍ରତି ଆକୃଷ୍ଟ ହେବେ ନାହିଁ। ଗୁଟ୍‌ଖା ଉତ୍ପାଦନ ନିଷିଦ୍ଧ ନ କରି ଏହାର ଖୋଳ ଉପରେ ବୈଧାନିକ ସତର୍କତା ଆଳରେ ଯେତେ ଭୟଙ୍କର ଚିତ୍ର ଆଙ୍କିଲେ ମଧ୍ୟ ଏହା ବ୍ୟବହାରକାରୀଙ୍କୁ ଆଦୌ ପ୍ରଭାବିତ କରୁନାହିଁ। ପରୋକ୍ଷରେ ସରକାରୀ ପ୍ରୋତ୍ସାହନପ୍ରାପ୍ତ କମ୍ପାନୀଗୁଡ଼ିକ ସମାଜକୁ ବିଷଜ୍ୱାଳାରେ ଭରପୂର କରିସାରିଲେଣି। କମ୍ପାନୀଗୁଡ଼ିକର ଧନ ଲାଳସା ଓ ସେଥିପାଇଁ ସରକାରୀ ବାବୁମାନଙ୍କର ପ୍ରୋତ୍ସାହନ ସାଧାରଣଙ୍କ ବିନାଶ ମାର୍ଗକୁ ସୁଗମ କରୁଛି। ଗରିବୀ ଶୋଷଣ ମାଧ୍ୟମରେ ଅର୍ଥ କ୍ଷମତାର ଶୀର୍ଷରେ ଉପନୀତ ହେବା ପାଇଁ ଚାଲିଥିବା ଅପ୍ରକାଶ୍ୟ ପ୍ରତିଯୋଗିତା ଏ ଦେଶର ସାଧାରଣ ଜନତାଙ୍କୁ ହତଚକିତ କରିଛି। ଓଡ଼ିଶାରେ ଅବସ୍ଥାପିତ ଜଣେ ତାମିଲ ଅଧିକାରୀଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ସାଢେ ସାତହଜାର କୋଟି ଏବଂ ସେ ତାମିଲନାଡୁର ଶ୍ରେଷ୍ଠ ନବମ ଧନୀବ୍ୟକ୍ତି ବୋଲି ନିକଟରେ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଏହା ସତ୍ୟ ହୋଇଥିଲେ ସାଂଘାତିକ। କାରଣ ଏ ବିପୁଳ ସମ୍ପତ୍ତିର ସିଂହଭାଗ ଓଡ଼ିଶାର, ଯାହାକୁ ସେ ଅତି ଚତୁରତାର ସହ ଲୁଟିଛନ୍ତି। ଏ ଦେଶର ମନ୍ତ୍ରୀ, ବିଧାୟକ ଓ ପାର୍ଲାମେଣ୍ଟ ସଦସ୍ୟଙ୍କ ସମ୍ପତ୍ତି ଆହରଣର ପୌନଃପୁନିକତା ସମସ୍ତ ଗାଣିତିକ ସୂତ୍ରର ଊର୍ଦ୍ଧ୍ୱରେ। ଦୁର୍ନୀତି ନିବାରଣ ସଂସ୍ଥା କ୍ଷୁଦ୍ର ଅଧିକାରୀମାନଙ୍କୁ କୌଶଳରେ ଜାଲ ବିଛାଇ କାବୁ କରୁଥିବା ବେଳେ କୌଣସି ସଂସ୍ଥା ଉଚ୍ଚ ପଦାଧିକାରୀ ଓ ସେମାନଙ୍କ ଶାସନ ମୁଖ୍ୟଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଗରିବ ଜୀବନଧାରଣ ପାଇଁ ସଂଗ୍ରାମ କରୁଥିବା ବେଳେ ଏମାନଙ୍କ ଧନରାଶି ସୀମାତୀତ ଭାବେ ବୃଦ୍ଧି ପାଇଚାଲିଛି।

ସବୁ ଧର୍ମଶାସ୍ତ୍ରରେ ଧନ ଉପାର୍ଜନ ପାଇଁ ସୀମାଧାର୍ଯ୍ୟ କରାଯାଇଛି। ଯେପରି ବେଦ କହେ- ଧନ ଉପାର୍ଜନ ସମୟରେ ପରଦୁଃଖ ପ୍ରତି ଉଦାସୀନ ହେବା ଉଚିତ ନୁହେଁ। ସ୍ୱଭାବ କବି ଗଙ୍ଗାଧର ମେହେର କହନ୍ତି- ''ଧନ ନୀରବେ ଆସିବୁରେ ଗରବ ନ ଦେବୁ ମନେ, ବିରତ ନ କରି ଅବିରତ ଥିବୁ ବିବେକ ଅନୁମୋଦନେ। ପଡିଲେ ତୋ ପାଦ ଦେବି ଧନ୍ୟବାଦ ତୋଷିବି ମୁଁ ସମାଜରେ, କିନ୍ତୁ ଏ ଜଗତେ ଅନ୍ୟକୁ ବା ମୋତେ ନ ପେଲିବୁ ପ୍ରମାଦରେ।''

ନିଜ ପାଇଁ ଓ ଅନ୍ୟ ଲାଗି ବିପଦ ସୃଷ୍ଟି କରି ଧନ ଅର୍ଜନ କରିବାକୁ କବି ବାରଣ କରିଛନ୍ତି। ସବଳ ବିରୋଧରେ କେହି ତୁଣ୍ଡ ଖୋଲନ୍ତି ନାହିଁ। ମହାବଳମାନେ ପ୍ରତ୍ୟହ ନିରୀହ ମୃଗଶାବକମାନଙ୍କୁ ଶିକାର କରିବାରେ ଲାଗିଛନ୍ତି। ହେଲେ ବଡ଼ ଲୋକଙ୍କୁ ଉତ୍ତର ନାହିଁ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ଭୋଟର ମାଫିଆ



ଦ୍ୱିତୀ ଚନ୍ଦ୍ର ସାହୁ

ନାଁ ତା'ର ନୃପତି। ନିର୍ବାଚନ ଘୋଷଣା ହେଲେ ତା'ର ମନ ଖାଲି ଛନଛନ। ସେ କେବେ ନେତା ହୋଇନି। ନେତା ହେବାକୁ ତା'ର ଇଚ୍ଛା ବି ନାହିଁ। କୌଣସି ନିର୍ବାଚନରେ ବି ଲଢ଼ିନି। ତଥାପି ନିର୍ବାଚନରେ ବେଶି ରୁଚି। ନିର୍ବାଚନ ମଇଦାନରେ ଯେତେ ଅଧିକା ଦଳର ପ୍ରାର୍ଥୀ ଠିଆ ହେବେ ସେ ସେତେ ଉତ୍‌ଫୁଲ୍ଲ। ନିର୍ଦ୍ଦିଷ୍ଟ ଦଳ କିମ୍ବା ନେତାଙ୍କ ବଶମ୍ବଦ ହୋଇ ରହିନି କେବେ! ତେଣୁ ହାରଜିତରେ ବି ତା'ର କିଛି ଫରକ ପଡେନି। କୌରବ ଜିତିଲେ ଯାହା ପାଣ୍ଡବ ଜିତିଲେ ବି ସେୟା।

ନୃପତିର ମତ ହେଲା ପ୍ରତିବର୍ଷ ନିର୍ବାଚନ ହେବା ଦରକାର। ପାଞ୍ଚ ବର୍ଷ ଧରି ଗୋଟେ ସରକାର କ'ଣ! ପ୍ରତିବର୍ଷ ନିର୍ବାଚନ ହେଲେ ହିଁ ତା' ଭଳି ଜୀବମାନେ ବଞ୍ଚିବେ। ନୃପତିର କିଛି ବେଉସା ନାହିଁ। ନେତା ନ ହୋଇକି ବି ସେ ସବୁବେଳେ ଖଦଡ ପାଇଜାମା ପିନ୍ଧେ। ମୁଣ୍ଡରେ ନେହେରୁ ଟୋପି। ଆଉ କାମ ହେଲା ଲୋକ ଯୋଗାଡ କରିବା। ନିର୍ବାଚନ ଆସିଲେ ସେ ବିଭିନ୍ନ ଦଳ ଲାଗି ଲୋକ ଯୋଗାଡ କରେ। ନିର୍ବାଚନୀ ସଭାକୁ, ନାମାଙ୍କନ ଦାଖଲ ପାଇଁ, କେବେକେବେ ସଭାସମିତି, ରାଲି ଆଦି ଲାଗି ନୃପତି ସହଜରେ ଲୋକ ଯୋଗାଡ କରେ। ଏଇ କାରଣରୁ ସବୁ ଦଳ ପାଇଁ ସେ ଦରକାରୀ। କିନ୍ତୁ ପକ୍କା ବେପାରୀ। ମୁଣ୍ଡ ପିଛା ଠନଠନ କରି ପଇସା ନେବ। ପ୍ରଚାର ଗାଡିରେ ଯିବା, ପୋଷ୍ଟର ମାରିବା, ବାନା ବାନ୍ଧିବା, ପଦଯାତ୍ରା, ବିକ୍ଷୋଭ, ଶାନ୍ତି ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ଏମିତି ଅଲଗା ଅଲଗା କାମ ପାଇଁ ସେ ସହଜରେ ସେଇ ଅନୁଯାୟୀ ଲୋକ ଯୋଗାଡ କରିଦେଇପାରେ। ଏସବୁରୁ ସେ ବର୍ଷ ତମାମ ବଞ୍ଚିବା ଲାଗି ଅର୍ଥ ଯୋଗାଡ କରେ। ତା' ବାଦେ ତା'ର ଚିହ୍ନା ଥିବା ଅଞ୍ଚଳରେ ଅଦୃଶ୍ୟରେ ହେଉଥିବା ଭୋଟ କିଣାବିକା ଲାଗି ବି ଭୋଟରଙ୍କ ମୁଣ୍ଡ ପିଛା ବିଭିନ୍ନ ଦଳରୁ ଟଙ୍କା ଆଣି ତା'ର ଅଧା ଅର୍ଥ ଲୋକଙ୍କ ଭିତରେ ବାଣ୍ଟେ। ଏମିତିରେ କାହାରି ଅଭାବ ଅସୁବିଧା ବେଳେ ଗାଁ ଲୋକଙ୍କ ନିକଟରେ ଠିଆ ହୁଏ ଠିକ୍ ନେତା ଭଳି। କେବଳ ବିଶ୍ୱସନୀୟତା ନ ହରାଇବା ଲାଗି। ଏମିତି କି ନିର୍ବାଚନ ଋତୁ ପରେ ବି ଛୋଟମୋଟିଆ ଚାକିରିଆଙ୍କ ବଦଳି ଲାଗି ରାଜଧାନୀ ଯାଇ ଯେନତେନ କାମ କରେ। କେବେ କେବେ ସଫଳ ହୁଏ। ପୁଣି କେବେ କେବେ ଅସଫଳ ହେଲେ ଗାଳିମାଡ଼ ଖାଏ। ତଥାପି ତା'ର ବୃତ୍ତି ପ୍ରତି ଆନୁଗତ୍ୟ ସବୁବେଳେ ରହିଆସିଛି।

କେବଳ ନୃପତି ନୁହଁ, ଏବେ ସବୁ ଗାଁ ଗହଳିରେ ଏମିତି ଭୋଟର ମାଫିଆ ହାଉଯାଉ। ସେମାନେ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ତଳସ୍ତରରେ କାମ କରନ୍ତି। ନେତା ସିନା ଫୁଲମାଳ ପିନ୍ଧି ଗାଁକୁ ଗାଁ, ସାହିକୁ ସାହି ବୁଲି ଭୋଟ ଭିକ୍ଷା କରିଚାଲନ୍ତି। କିନ୍ତୁ ଅସଲ ଖେଳ ଏଇ ଜାତୀୟ ଜୀବମାନେ କରନ୍ତି। କାହାକୁ କ'ଣ ଦେଇ ତୁଷ୍ଟ କରିବେ ସେଥିନେଇ ମୁଣ୍ଡ ଖଟାନ୍ତି। ସବୁ ଉଦ୍ୟମ ସତ୍ତ୍ୱେ ଲୋକଙ୍କ ମୋହ ନ ତୁଟିଲେ ନିଜ ସପକ୍ଷରେ ମତ ବୁଲାଇବା ଲାଗି ରାତି ଅଧିଆ କାମରେ ଲାଗିଯାନ୍ତି। ପୋଲିସ ପ୍ରଶାସନର କଡା ନଜର ସତ୍ତ୍ୱେ ସମସ୍ତଙ୍କୁ ଚକ୍‌ମା ଦେଇ ଟଙ୍କାଠାରୁ ଆରମ୍ଭ କରି ଲୁଗା, ଜିନିଷ, ଖେଳ ସାମଗ୍ରୀ ଭଳି ବହୁ ପ୍ରକାର ପ୍ରଲୋଭନରେ ବଶୀଭୂତ କରିବାକୁ ଚେଷ୍ଟା କରନ୍ତି। ଏମିତିକି ଭାବାବେଗକୁ ନେଇ ଠାକୁରଙ୍କ ନିକଟରେ ବି ଶପଥ କରାଇ ଭୋଟ ଦେବାକୁ ବିବଶ କରାଇପାରନ୍ତି। ଏଇକ୍ରମରେ ସେମାନେ ନିଜେ ମାଲାମାଲ ହୋଇଯାନ୍ତି। ନିଜର ଖର୍ଚ୍ଚପାଣି ଉଠାଇ ଦିଅନ୍ତି।

ଖଣି ମାଫିଆ, ଜାଗା ମାଫିଆ, ଦେହ ମାଫିଆ, ସାଂସ୍କୃତିକ ମାଫିଆଙ୍କ ଭଳି ଭୋଟର ମାଫିଆମାନେ ନିର୍ବାଚନ ଋତୁରେ ପୂରା ସକ୍ରିୟ। ଏମାନଙ୍କୁ ଛାଡି ନେତାମାନେ ରାଜନୀତି କରି ପାରିବେନି। ଏମାନଙ୍କ ତୁଷ୍ଟୀକରଣ ନେତାଙ୍କ ପ୍ରଥମ କାମ। ନେତା ଓ ଭୋଟର ମଧ୍ୟରେ ଏମାନେ ସେତୁ ଭଳି କାମ କରନ୍ତି। ଜିତିଲା ପରେ ନିର୍ବାଚନ ମଣ୍ଡଳୀକୁ କେବେ ଯିବାକୁ ହେଲେ ଏମାନେ ମୁଖ୍ୟତଃ କାର୍ପେଟଦାର ସାଜିଥାନ୍ତି। ଲୋକଙ୍କୁ ଯୋଗାଡ କରି ଏକାଠି କରିବା। ନେତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେବା। ର୍‍ୟାଲି କରାଇ ବୁଲେଇବା କାମ ପାଇଁ ତ ପୁଣି ନେତାଙ୍କୁ ଲୋକ ଦରକାର। ଅନ୍ତତଃ ଏଇ ସବୁ କାମ ଲାଗି ନେତାମାନେ ଏଇ ଭୋଟର ମାଫିଆମାନଙ୍କ ସୁବିଧା ଅସୁବିଧା ବୁଝି ପାଖରେ ରଖିଥାନ୍ତି। ଅବଶ୍ୟ ଅର୍ଥ ଅଧିକ ମିଳିଲେ ବହୁରୂପୀ ଭଳି ରଙ୍ଗ ବଦଳେଇ ପାରନ୍ତି ଏମାନେ ସହଜରେ। ନୃପତି ଅବଶ୍ୟ ସଚ୍ଚୋଟ ଭୋଟର ମାଫିଆ। କାରଣ ସେ ଯାହାର ଖାଏ ତା'ର ଗାଏ। ସେଇ ଅନୁରୂପ କାମ କରେ। କିନ୍ତୁ ଏବେ ଆପଣଙ୍କ ଚାରିପାଖରେ ନୃପତି ଭଳି ଗୁଡାଏ ଭୋଟର ମାଫିଆ ସକ୍ରିୟ ହୋଇସାରିଥିବେ। ସୁତରାଂ ସାବଧାନ! ପ୍ରଭାବିତ ନ ହୋଇ ନିଜ ବିବେକାନୁମୋଦିତ ଭୋଟ ଦିଅନ୍ତୁ। ଭଲ ଲୋକଙ୍କୁ ବାଛନ୍ତୁ। ଗଣତନ୍ତ୍ରକୁ ସୁଦୃଢ କରନ୍ତୁ।

ଇନ୍ଦିରା ନଗର, ରାୟଗଡ଼ା, ମା-୯୫୫୬୨୮୭୭୭୫,
dwitisahu@gmail.com

## ଏଇ ଭାରତରେ

ଗୁଜରାଟରେ ଏପ୍ରିଲ ୨୨ରେ ଏକ ବିବାହ ଉତ୍ସବ ଆୟୋଜନ ହେବାକୁ ଯାଉଛି। ଏଥିପାଇଁ ନିମନ୍ତ୍ରଣପତ୍ର ମଧ୍ୟ ବଣ୍ଟା ସରିଛି। ତେବେ ଏହା ସାଧାରଣ ବିବାହ ନୁହେଁ। ଏଥିରେ ଗୋଟିଏ ବେଦିରେ ୨ କନ୍ୟାଙ୍କୁ ବିବାହ କରିବେ ଜଣେ ବର ଏବଂ ବରଯାତ୍ରୀ ହେବେ ତାଙ୍କର ଜନ୍ମିତ ୩ ସନ୍ତାନ। ସେ ହେଉଛନ୍ତି ପାଲଘର ବାସିନ୍ଦା ସଞ୍ଜୟ ଧାଗଡ଼ା। ସେ ରିକ୍ସା ଚଳାନ୍ତି। ୧୦ ବର୍ଷ ତଳେ ବେବିଙ୍କ ସହିତ ତାଙ୍କର ଦେଖାହୋଇଥିଲା। ଚିହ୍ନା ପରିଚୟରୁ ପ୍ରେମସମ୍ପର୍କ। ପରେ ସେମାନେ ପଇସାପତ୍ର ଅଭାବରୁ ବିବାହ ନ କରି ଦୁହେଁ ଏକତ୍ର ରହିଲେ। ଉକ୍ତ ଦମ୍ପତିଙ୍କର ବର୍ତ୍ତମାନ ୩ ସନ୍ତାନ। ଏହାପରେ ୨୦୧୧ରେ ସଞ୍ଜୟ ଏକ କମ୍ପାନୀରେ ଚାକିରି କରୁଥିବାବେଳେ ସାଥୀ ରୀନାଙ୍କ ସହିତ ତାଙ୍କର କିଛିଦିନ ତଳେ ଦେଖା ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଲା। ଏବେ ସଞ୍ଜୟ, ବେବି ଏବଂ ରିନା ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣପତ୍ର ଦିଆସରିଛି। ଏହି ବିବାହକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜାରି ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଏପ୍ରିଲ ୧୯୯୪

- ଦୀର୍ଘ ୮ବର୍ଷ ଧରି ଚାଲି ଆସିଥିବା ଉରୁଗୁଏ ପର୍ଯ୍ୟାୟ ବାଣିଜ୍ୟ କଥାବାର୍ତ୍ତାର ପରିସମାପ୍ତି ଘଟାଇବାକୁ ଯାଇ ବିଶ୍ୱ ବାଣିଜ୍ୟ ସଂକ୍ରାନ୍ତ ବହୁଚର୍ଚ୍ଚିତ 'ଗାଟ୍' ରାଜିନାମା ସ୍ୱାକ୍ଷରିତ ହୋଇଛି।
- ଉଚ୍ଚ ପର୍ଯ୍ୟାୟର ବାଣିଜ୍ୟ ଏବଂ ପ୍ରଯୁକ୍ତି ସହଯୋଗ ପ୍ରତିଷ୍ଠା ପାଇଁ ଭାରତ ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ରୁଆଣ୍ଡାର ସରକାରୀ ସୈନ୍ୟ ଓ ବିଦ୍ରୋହୀ ରୁଆଣ୍ଡା ପାଟ୍ରିଓଟିକ ଫ୍ରଣ୍ଟର ସୈନ୍ୟମାନଙ୍କ ମଧ୍ୟରେ ରାଜଧାନୀ କିଗାଲିଠାରେ ଭୟାବହ ସଂଘର୍ଷରେ ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ତେ ଭୋଟ ଦିଅନ୍ତୁ

ମହାଶୟ,

ଏବେ ସାଧାରଣ ନିର୍ବାଚନ ଚାଲିଛି। ତେବେ ଦୁଃଖର ବିଷୟ। ଯୁବବର୍ଗଙ୍କ ମଧ୍ୟରୁ ଅନେକେ ଭୋଟ ଦେବାକୁ ଅନିଚ୍ଛୁକ। ଏକ ରିପୋର୍ଟ ଅନୁଯାୟୀ, ଗତ ସାଧାରଣ ନିର୍ବାଚନରେ ଭାରତରେ ୬୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଓଡ଼ିଶାରେ ଏହା ୭୩ ପ୍ରତଶତ ଥିଲା। ମତଦାନ କରି ନ ଥିବା ଜନସାଧାରଣଙ୍କ ମଧ୍ୟରୁ ଅଧାରୁ ଅଧିକ ହେଉଛନ୍ତି ଯୁବବର୍ଗ। ଆଶାକରେ, ଚଳିତ ସାଧାରଣ ନିର୍ବାଚନର ଅବଶିଷ୍ଟ ପର୍ଯ୍ୟାୟଗୁଡ଼ିକରେ ଯୁବବର୍ଗ ତଥା ସମସ୍ତ ଭୋଟର ବିପୁଳ ପରିମାଣରେ ମତଦାନ କରିବେ।

ସୌରୀ ମହାରଣା, ଛାତ୍ର, ଆଦିମାତା କଲୋନୀ, ଭୁବନେଶ୍ୱର

### ପ୍ରତିଶ୍ରୁତି ପାଳନ ହିଁ ସଫଳତାର ମାପକାଠି

ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳର ଷ୍ଟାର ପ୍ରଚାରକମାନେ ନିଜ ଦଳ ବା ସରକାରଙ୍କ ସଫଳତା ଓ ପ୍ରତିପକ୍ଷଙ୍କ ବିଫଳତା ବଖାଣିବାରେ ଲାଗିଛନ୍ତି। କିନ୍ତୁ ନିଜ ଦଳ ବା ସରକାର ପାଞ୍ଚବର୍ଷ ପୂର୍ବେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ କେତେ ପାଳନ କରିଛନ୍ତି, ସେ ସମ୍ପର୍କରେ କିଛି କହୁନାହାନ୍ତି। ପୂର୍ବ ପ୍ରତିଶ୍ରୁତି ପାଳନ ହିଁ ସଫଳତାର ମାପକାଠି। ଏଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଶାସକ ଦଳ ନିଜର ନିର୍ବାଚନୀ ପ୍ରତିଶ୍ରୁତିରୁ କେତେ ପ୍ରତିଶତ ପାଳନ କରିଛନ୍ତି ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭୋଟରଙ୍କ ନିକଟରେ ଉପସ୍ଥାପନ କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ରାଜନେତା ଓ ଚିଟ୍‌ଫଣ୍ଡ

ଏବେ ରାଜ୍ୟରେ ଏକ ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ଚାଲିଛି। ନେତାମାନେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଅନେକ ତୁଷ୍ଟୀକରଣ ଯୋଜନା ଘୋଷଣା କରିଛନ୍ତି। ନିର୍ବାଚନ ପୂର୍ବରୁ ରାଜ୍ୟରେ ଏକ ଅଦିନିଆ ଝଡ ପରି ଚିଟ୍‌ଫଣ୍ଡ ଠକାମିକୁ ନେଇ ଆନ୍ଦୋଳନ ଦାନା ବାନ୍ଧିଥିଲା। ଏ ଠକ ସଂସ୍ଥାଗୁଡ଼ିକ ସହ କିଛି ନେତା ହାତ ମିଳାଇ ଏବଂ ତାଙ୍କ ସହ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ସଂଶ୍ଲିଷ୍ଟ ହୋଇ ସଂସ୍ଥାର ଗ୍ରହଣୀୟତା ବଢାଇଥିଲେ। ଚିଟ୍‌ଫଣ୍ଡ ଓ ରାଜନୈତିକ ଦଳର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଏକ ଏବଂ ଅଭିନ୍ନ ପରି ମନେହୁଏ। ତେଣୁ ଜନସାଧାରଣ ଏପରି ଠକ ସଂସ୍ଥାଗୁଡ଼ିକଠାରୁ ଦୂରରେ ଥିବା ସଚ୍ଚୋଟ ନେତାଙ୍କୁ ଭୋଟ ଦିଅନ୍ତୁ।

ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଘୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅସଲ କଥା ହେଲା ବିଶ୍ୱାସୀ ବାଳକର ବିଶ୍ୱାସ ଭଳି, ଗୁରୁବାକ୍ୟରେ ବିଶ୍ୱାସ କର।
-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍



କୋରାପୁଟ,୧୫ା୪(ସ୍ୱ.ପ୍ର): ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ଜିଲାର ସମସ୍ତ ବିଧାନସଭାମଣ୍ଡଳୀରେ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମରେ ରହିଥିବା ଜଣାଯାଇଛି । କୋରାପୁଟ ଜିଲାର କୋରାପୁଟ, ପଟ୍ଟାଙ୍ଗି, ଲକ୍ଷ୍ମୀପୁର ବିଧାନସଭା ଆସନ ଓ କୋରାପୁଟ ଲୋକସଭା ଆସନ ଲାଗି ବ୍ୟବହୃତ ହୋଇଥିବା ସମସ୍ତ ଇଭିଏମ ଓ ଭିଭିପିଏଟି ଏବେ କୋରାପୁଟ ସରକାରୀ ମହାବିଦ୍ୟାଳୟଠାରେ କଡା ସୁରକ୍ଷା ଓ ସିସିଟିଭି ଘେରରେ ରଖାଯାଇଛି । ମହାବିଦ୍ୟାଳୟର ୬ଟି ଗୃହରେ ଏହି ଇଭିଏମ ରହିଛି । ଏହାର ସୁରକ୍ଷା ନିମନ୍ତେ ଗୃହ ଓ ବାହାରେ ମୋଟ ୧୨ ଟି ସିସିଟିଭି ଲଗାଯାଇଛି । ଏଥିସହ ବାହାରେ ସୁରକ୍ଷା ପାଇଁ ୧ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି । ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଏହି କଡା ସୁରକ୍ଷା କରାଯାଇଛି । ଆସନ୍ତା ମେ ୨୩ରେ ଏହି ଇଭିଏମ ଖୋଲାଯାଇ ଭୋଟ ଗଣତି କରାଯାଇ ପ୍ରାର୍ଥୀଙ୍କ ଭାଗ୍ୟ ନିରୁପଣ କରାଯିବ ।

### କୂଅରୁ ଗାଈ ଉଦ୍ଧାର



ଦଶମନ୍ତପୁର,୧୫ା୪(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରସ୍ଥିତ ହାଟପଦାସାହିରେ ଥିବା ଏକ ଶୁଖିଲା କୂଅରେ ପଡ଼ିଥିବା ଏକ ଗାଈକୁ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଛନ୍ତି । ବାଣୁଆଗୁଡା ଗ୍ରାମର ଦୈତାରି ମୁଦୁଲିଙ୍କ ଗାଈ ସକାଳୁ ଦାନା ଖାଇବାକୁ ଆସି ପୁରୁଷୋତ୍ତମ ବାଣୁଆଙ୍କ ବାରିପଟେ ଥିବା ଉକ୍ତ କୂଅରେ ପଡିଯାଇଥିଲା । ୧୫ ଫୁଟ ତଳକୁ ଗାଈର ପଡିବା ଶବ୍ଦ ଶୁଣି ସାହି ଲୋକେ ଏକଜୁଟ୍ ହୋଇଥିଲେ । ଖବରପାଇ ଅଗ୍ନିଶମ ବିଭାଗ ଅଧିକାରୀ ଆର.ଏସ୍. ନାୟକ ଏବଂ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗାଈକୁ ଉଦ୍ଧାର କରିଥିଲେ । କୂଅଟି ଅଣଓସାରିଆ ହୋଇଥିବା ଯୋଗୁ ବହୁ କଷ୍ଟରେ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଥିଲେ ।

■ ବିକ୍ରମଦେବ କଲେଜରେ ଛାତ୍ର ଅଶାନ୍ତି

# କଲେଜ ଅଧ୍ୟକ୍ଷାଙ୍କୁ ଘେରିଲେ ଛାତ୍ରୀଛାତ୍ର

ଜୟପୁର ୧୫ା୪ (ନି.ପ୍ର /ଡ଼ି.ଏନ.ଏ)



ଉତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ କଲେଜ ଅଧ୍ୟକ୍ଷା ବୁଝାଶୁଝା କରୁଛନ୍ତି ।

ଜୟପୁରସ୍ଥିତ ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଯାଇଛି । କଲେଜ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି କଲେଜ ଫାଟକରେ ତାଲା ପକାଇବା ସହ ଧାରଣାରେ ବସିଥିଲେ ଛାତ୍ରୀଛାତ୍ର । ପରେ କଲେଜ ଅଧ୍ୟକ୍ଷାଙ୍କୁ ଘେରିଥିଲେ । ପ୍ରତ୍ୟେକ ବର୍ଷ ଜୁନରେ ପରୀକ୍ଷା ହୋଇ ଆସୁଛି । ହେଲେ ଚଳିତ ବର୍ଷ ଏପ୍ରିଲ ୧୭ ତାରିଖରେ ପରୀକ୍ଷା କରିବା ପାଇଁ କଲେଜ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି ।

ଦକ୍ଷିଣ ଓଡିଶାର ପ୍ରମୁଖ ମହାବିଦ୍ୟାଳୟ ହେଉଛି ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ । ଏହି ମହାବିଦ୍ୟାଳୟରେ ପଢୁଥିବା ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା, ବାଣିଜ୍ୟ ଓ ବିଜ୍ଞାନ ଓ ପିଜି ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ନେଇ ଆଡ୍‌ମିଟ୍ କାର୍ଡ ପ୍ରଦାନ କରାଯାଇଛି । ଉକ୍ତ କାର୍ଡରେ ଜୁନ୍‌ରେ ପରୀକ୍ଷା ବୋଲି ମଧ୍ୟ ଉଲ୍ଲେଖ କରାଯାଇଛି। କିନ୍ତୁ କଲେଜ କର୍ତ୍ତୃପକ୍ଷ ଏହାକୁ ଖାତିର ନ କରି ଏପ୍ରିଲ ୧୭ ତାରିଖରେ ପରୀକ୍ଷା କରିବା ନେଇ ନିଷ୍ପତ୍ତି ନେଇଛନ୍ତି । ଅନ୍ୟପଟେ କଲେଜର ପାଠ୍ୟକ୍ରମ ସରି ନ ଥିବା ବେଳେ ଛାତ୍ରୀଛାତ୍ରଙ୍କୁ ପଢିବା ଲାଗି ସମୟର ଆବଶ୍ୟକତା ରହିଛି । ତେଣୁ ୨ ମାସ ଆଗରୁ ପରୀକ୍ଷା କଲେ ନମ୍ବର ଭଲ ଆସିବ ନାହିଁ ବୋଲି ଛାତ୍ରୀଛାତ୍ର କହିଛନ୍ତି । ଏହାକୁ ବିରୋଧ କରି ଛାତ୍ରୀଛାତ୍ର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ । କଲେଜ କର୍ତ୍ତୃପକ୍ଷ ଉତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ତାଙ୍କ ଜିଦରେ ଅଟଳ ରହି ଧାରଣା ଜାରି ରଖିଛନ୍ତି । ଏନେଇ କଲେଜ ଅଧ୍ୟକ୍ଷା ରଚନା ଆଚାର୍ଯ୍ୟଙ୍କୁ ପଚାରିବାରୁ, ପରୀକ୍ଷା କ୍ୟାଲେଣ୍ଡର ଛାତ୍ରୀଛାତ୍ରଙ୍କୁ ଦିଆଯାଇଛି। ମାସକ ତଳୁ ପରୀକ୍ଷା ବିବରଣୀ ମଧ୍ୟ ଦିଆଯାଇଛି । ଛାତ୍ରୀଛାତ୍ରଙ୍କ ଦାବି ନେଇ ଏବ୍‌ଓଡି ବୈଠକ ଚାଲିଛି । ଯୁକ୍ତ ୩ର ୪ର୍ଥ ସେମିଷ୍ଟର ଓ ୨ୟ ସେମିଷ୍ଟର ୧୭ ତାରିଖରୁ ଏବଂ ପିଜିର ୨ୟ ସେମିଷ୍ଟର ପରୀକ୍ଷା ୨୫ରୁ ହେବାର ଥିଲା । ଆଡ୍‌ମିଟ କାର୍ଡରେ ଜୁନ ଲେଖାଯାଇଥିବା କଥାକୁ ପିଲାମାନେ ଭୁଲ ବୁଝୁଛନ୍ତି । ଜୁନ ସେସନ ବୋଲି ଉଲ୍ଲେଖ ରହିଛି । ନିର୍ବାଚନ ଲାଗି କଲେଜର ରୁମ ନିଆଯାଇଥିବାରୁ ପ୍ରାକ୍ଟିକାଲ ବର୍ତ୍ତମାନ କରାଯାଇ ପାରୁନାହିଁ । ତେଣୁ ଥିଓରି ପରେ ପ୍ରାକ୍ଟିକାଲ କରାଯିବ ବୋଲି କହିଛନ୍ତି ।

- ■କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ବିରୋଧ
- ■ମୁଖ୍ୟ ଫାଟକରେ ପକାଇଲେ ତାଲା
- ■ଧାରଣାରେ ବସିଲେ ପିଲା



ମା'ଙ୍କ ଘଟକୁ ପରିକ୍ରମା କରାଯାଉଛି ।

## ମା' ବାଟମଙ୍ଗଳାଙ୍କ ଘଟ ପରିକ୍ରମା

କୋରାପୁଟ,୧୫ା୪(ସ୍ୱ.ପ୍ର)

କୋରାପୁଟରେ ମା' ବାଟମଙ୍ଗଳାଙ୍କ ଘଟ ସାହି ପରିକ୍ରମା କରିଛି । ଲୋକେ ବିଭିନ୍ନ ଫଳ ପୁଷ୍ପ ମା'ଙ୍କୁ ଅର୍ପଣ କରି ତାଙ୍କର ଆଶିଷ କାମନା କରିଛନ୍ତି । ଗତ ସୋମବାରଠାରୁ କୋରାପୁଟ ସହରରେ ଆରମ୍ଭ ହୋଇଥିବା ମା' ବାଟମଙ୍ଗଳାଙ୍କ ନବଦିନ ଘଟଯାତ୍ରା ଯୋଗୁଁ ଅମଲାକୁଟିର ଲାଇନଠାରେ ଥିବା ମା'ଙ୍କ ଅସ୍ଥାୟୀ ମଣ୍ଡପ ଆକର୍ଷଣୀୟ ହୋଇଥିଲା । ପ୍ରତିଦିନ ସକାଳୁ ମା'ଙ୍କ ଏହି ମଣ୍ଡପରେ ଶତାଧିକ ଭକ୍ତଙ୍କ ଭିଡ଼ ଜମିଛି । ମା'ଙ୍କୁ ପାରମ୍ପରିକ ନୀତିରେ ପୂଜା ଅର୍ଚ୍ଚନା କରାଯିବା ପରେ ଭକ୍ତଙ୍କ ନିମନ୍ତେ ଅସ୍ଥାୟୀ ମଣ୍ଡପ ଖୋଲାଯାଇଛି। ଚୈତ୍ରମାସରେ ମା'ଙ୍କ ଏହି ଘଟକୁ ପୂଜାର୍ଚ୍ଚନା କଲେ ସେମାନଙ୍କ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପ୍ରତିଦିନ ଅପରାହ୍ନ ୪ଟାରୁ ଏହି ୯ଟି ଘଟକୁ ମାନସିକଧାରୀମାନେ ମୁଣ୍ଡରେ ଧରି ବାଜା ବାଜଣା ସହ ସହରର ବିଭିନ୍ନ ସାହି ପରିକ୍ରମା କରିଥିଲେ। ମଙ୍ଗଳବାର ଏହି ଘଟଯାତ୍ରାର ଅନ୍ତିମ ଦିନ । ବୁଧବାର ସକାଳେ ମା' ସ୍ଥାୟୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି ।

## ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା: ପ୍ରେମିକ ଗିରଫ

ନନ୍ଦପୁର,୧୫ା୪(ଡି.ଏନ.ଏ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଫୁଲଗୁଡା ଗ୍ରାମର ଜଣେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରିବା ଘଟଣାରେ ପାଡୁଆ ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଗୋଲୁର ଗ୍ରାମର ସୁରି ପାଙ୍ଗି ।

ସୁରି ରେଳ ବିଭାଗରେ ଚାକିରି କରି ଦାର୍ଲିପୁଟ ଗ୍ରାମରେ ରହୁଥିଲେ । ମହିଳା ଜଣକ ମଧ ରେଳ ବିଭାଗରେ ଜଣେ ଶ୍ରମିକ ଭାବେ କାମ କରି ଦାର୍ଲିପୁଟ ଷ୍ଟେଶନ ନିକଟରେ ରହୁଥିଲେ । ଏହି ମଧରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ବିବାହର ପ୍ରତିଶ୍ରୁତି ଦେଇ ସୁରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ସୁରି ବିବାହିତ ହୋଇଥିବା ବେଳେ ତାଙ୍କୁ ଦ୍ୱିତୀୟ ସ୍ତ୍ରୀ କରିବା ଲାଗି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ପରେ ସୁରି ତାଙ୍କ ଚରିତ୍ରକୁ ସନ୍ଦେହ କରି ଅନେକ ସମୟରେ ଝଗଡା କରି ଆସୁଥିଲେ । ଗତ ମଙ୍ଗଳବାର ରାତିରେ ସୁରି ମହିଳା ଜଣଙ୍କୁ ଏକ ନିଛାଟିଆ ସ୍ଥାନକୁ ଡ଼ାକିଥିଲେ । ପୂର୍ବ ଯୋଜନା ମୁତାବକ ସୁରି ପ୍ରଥମେ ମହିଳାଙ୍କୁ ବଳାତ୍କାର କରିଥିଲେ । ପରେ ହତ୍ୟା କରି ଫିଙ୍ଗି ଦେଇଥିବା ପୋଲିସ ଆଗରେ ସୁରି ପ୍ରକାଶ କରିଛନ୍ତି । ଏନେଇ ପୋଲିସ ଏକ ମାମଲା (ନଂ ୨୮/୧୯) ରୁଜୁ କରିଛି ।

# ଜୟପୁର କ୍ରୀଡ଼ା କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ଆରମ୍ଭ

ଜୟପୁର,୧୫ା୪(ଡି.ଏନ.ଏ)



ନିର୍ମାଣ କାର୍ଯ୍ୟ ଚାଲିଛି ।

କୋରାପୁଟ ଜିଲା ଜୟପୁର ଫୁଲବାଡଠାରେ ୧୪ ଏକର ଜମିରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ ୧୬ କୋଟି ୮୮ଲକ୍ଷ ଟଙ୍କା ବ୍ୟୟରେ ଏହା ଆରମ୍ଭ ହୋଇଛି । ଗତ ୫ ବର୍ଷ ପୂର୍ବେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୭୦ ଲକ୍ଷ ଟଙ୍କାରେ ପାଚେରି ଏବଂ ମୁଖ୍ୟଫାଟକ କାର୍ଯ୍ୟ ଶେଷ ହୋଇଥିଲା । କିନ୍ତୁ କ୍ରିଡା କମ୍ପ୍ଲେକ୍ସ ନିର୍ମାଣ କରିବା ନେଇ ବାରମ୍ବାର ଦାବି ହୋଇ ଆସୁଥିଲା । ଦୀର୍ଘ ବର୍ଷ ପରେ ଏହାର ଟେଣ୍ଡର ପ୍ରକ୍ରିୟା ଶେଷ ହେବା ସହିତ ଜାତୀୟ ସ୍ତରର ଏକ ଘରୋଇ ଠିକା ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି । ଏହି କ୍ରିଡା କମ୍ପ୍ଲେକ୍ସକୁ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ କ୍ରିଡା ବିଭାଗ ପକ୍ଷରୁ ୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ଆଧୁନିକ କ୍ରିଡା କମ୍ପ୍ଲେକ୍ସରେ ଅନ୍ତର୍ଜାତୀୟ ସ୍ତରର ସୁଇମିଙ୍ଗ ପୁଲ, ଫୁଟବଲ ଗ୍ରାଉଣ୍ଡ, ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ ପାଇଁ ସିନ୍ଥେଟିକ ଟର୍ଫ, ସଟପୁଟ, ଡିସକସ, ଜାଭେଲିନ, ଟେନିସ ପଡିଆ, ଇଣ୍ଡୋର ଷ୍ଟାଡିୟମରେ ଟେବୁଲ ଟେନିସ, ଭଲିବଲ, ବ୍ୟାଡମିଣ୍ଟନ ଲାଗି ସିନ୍ଥେଟିକ ଟର୍ଫ, ଦର୍ଶକ ଗ୍ୟାଲେରୀ, ଖେଳାଳି ମାନଙ୍କ ରହିବା କକ୍ଷ, ପାର୍କି ବ୍ୟବସ୍ଥା ଓ ଅଫିସ କକ୍ଷ ନିର୍ମାଣ କରାଯିବ । ଏହି କାର୍ଯ୍ୟ ଦେଢବର୍ଷ ମଧ୍ୟରେ ଶେଷ କରିବା ନେଇ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ଏହା ନିର୍ମାଣ ହେଲେ ଜିଲା ଓ ଜାତୀୟସ୍ତରର ଅନେକ କ୍ରିଡା ଏଠାରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିଡା ଅଧିକାରୀ ଆର.କେ.ଜେନା ପ୍ରକାଶ କରିଛନ୍ତି ।

## ବିଷୁବ ମିଳନରେ ପଦ୍ମଶ୍ରୀ କମଳାଙ୍କୁ ସମ୍ମାନିତ

ଜୟପୁର ୧୫ା୪(ନିପ୍ର)

ଜୟପୁର ଲେଖିକା ସଂସଦରେ ବିଷୁବ ମିଳନ ଉତ୍ସବ ସଭାପତି ପ୍ରମୋଦିନୀ ହୋତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଏକ କଲେଜରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ କମଳା ପୁଜାରୀ ଯୋଗଦେଇ ଆଜିର ନାରୀ କୌଣସିଗୁଣରେ କମ୍ ନୁହଁନ୍ତି ବୋଲି କହିଥିଲେ । ସେ ଦେଶି ଧାନ ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ କନକଲତା ରଥ ଏବଂ ନାରାୟଣୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଷୁବ ମିଳନର ପ୍ରଧାନ୍ୟତା ବିଷୟରେ ସୂଚନା ଦେଇଥିଲେ । ଶୋଭାଗିନୀ ନନ୍ଦ , ଉର୍ମିଳା ଶର୍ମା, ପ୍ରମୋଦିନୀ ହୋତା ପଦ୍ମଶ୍ରୀ କମଳା ପୁଜାରୀଙ୍କ ଜୀବନୀ ବିଷୟରେ ଉପସ୍ଥାପନ କରିଥିଲେ । ବିଷ୍ଣୁ ପ୍ରିୟା ମିଶ୍ର, କୁମୁଦୀନୀ ହୋତା, ବିନୋଦିନୀ ହୋତା, ଗୁପ୍ତେଶ୍ୱର ଦାଶ, ବିଷ୍ଣୁ ପ୍ରିୟା ମିଶ୍ର, ଶିବାନି ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଗୁରୁକୁଳ ପ୍ଲେ ସ୍କୁଲ ବାର୍ଷିକ ଉତ୍ସବ



ଛାତ୍ରୀଛାତ୍ରଙ୍କ ସହ ଅତିଥି ଓ ଅନ୍ୟମାନେ ।

କୋରାପୁଟ,୧୫ା୪(ସ୍ୱ.ପ୍ର)

କୋରାପୁଟ ଆଦିବାସୀ ସଂଗ୍ରହାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ସ୍ଥାନୀୟ ଗୁରୁକୁଳ ପ୍ଲେ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସରକାରୀ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡଃ ଜୟନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଯୁଗରେ ଗୁରୁକୁଳ ଶିକ୍ଷାଦାନ ପଦ୍ଧତିର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ପିତାମାତାମାନେ ଶିଶୁମାନଙ୍କର ବୌଦ୍ଧିକ ବିକାଶରେ କେନ୍ଦ୍ରୀଭୁତ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡଃ ସୈରଭ ଗୁପ୍ତା ଯୋଗଦେଇ ଗୁରୁକୁଳ ପରମ୍ପରା ଭିନ୍ନ ଏକ ସମାଜ ଗଠନ କରିବାରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଡଃ ଜଗବନ୍ଧୁ ସାମଲ ଓ ଡଃ ଜୟନ୍ତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ବିଶିଷ୍ଟ କବି ଜଳଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ଅଧ୍ୟକ୍ଷା ସାରଦା ଖୁଣ୍ଟିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ କୋରାପୁଟ ସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଡଃ ପ୍ରକାଶ କୁମାର ପ୍ରଧାନ ଓ ସୈମେନ୍ଦ୍ର କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଦ୍ୟୁତ୍ ଆଘାତରେ ୨ ଆହତ

ଜୟପୁର,୧୫ା୪(ଡି.ଏନ.ଏ)



ଆହତଙ୍କୁ ଡାକ୍ତରଖାନା ନିଆଯାଉଛି ।

ଜୟପୁର ପାୱାର ହାଉସସ୍ଥିତ ପ୍ରକାଶ ବିଦ୍ୟାଳୟ ଲାଇନରେ ବିଦ୍ୟୁତ୍ ଆଘାତରେ ୨ ଜଣ ଆହତ ହୋଇଛନ୍ତି । ସେମାନେ ହେଲେ ସ୍ଥାନୀୟ କୁମ୍ଭାରସାହିର କୁଶଳୀ କାରିଗର(ବଢେଇ) ଗୁପ୍ତ ନାୟକ (୩୫) ଏବଂ ସୁନାରୀ ସାହିର ଟାଇଲ ମିସ୍ତ୍ରି ସୟଦ ସତ୍ତାର (୩୮) । ସେମାନଙ୍କୁ ଜୟପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଗୁପ୍ତଙ୍କ ଅବସ୍ଥା ଗୁରୁତର ରହିଛି । ସେମାନେ ଏଠାରେ ଏକ ଗୃହ ନିର୍ମାଣ କାର୍ଯ୍ୟ କରୁଥିଲେ । ଏହି ସମୟରେ ଏକ ଲୁହା ପାଇପ ଉଠାଉଥିବା ବେଳେ ନିକଟରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁପ୍ତ ଜଳିଯାଇଥିଲେ । ଦେହରେ ନିଆଁ ଲାଗିଯିବାରୁ ସେ ନିକଟରେ କାମ କରୁଥିବା ଟାଇଲ ମିସ୍ତ୍ରି ସତ୍ତାରଙ୍କ ଉପରେ ପଡିଯାଇଥିଲେ । ଫଳରେ ସତ୍ତାରଙ୍କୁ ବିଦ୍ୟୁତ୍ ଆଘାତ ଲାଗିବା ସହିତ ଜଳି ଯାଇଥିଲେ । ଗୁପ୍ତଙ୍କ ଶରୀର ୭୦ ଭାଗ ପୋଡିଯାଇଥିବା ବେଳେ ସତ୍ତାରଙ୍କ ୩୦ ଭାଗ ଶରୀର ପୋଡିଯାଇଛି । ଗୃହ ମାଲିକ ଚିକିତ୍ସାଳୟରେ ପହଞ୍ଚି ନ ଥିବା ବେଳେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନେଇ ସାହିବାସିନ୍ଦା ଦାବି କରିଛନ୍ତି ।





ନାଟକ ମାଧ୍ୟମରେ କଳାକାରମାନେ ସଚେତନ କରୁଛନ୍ତି ।

## ନାଟକ ମାଧ୍ୟମରେ ସଚେତନତା

ସୁନାବେଡ଼ା,୧୫ା୪(ଡ଼ି.ଏନ.ଏ)

ହାଲ୍‌ର ସୁରକ୍ଷା ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ସୁନାବେଡ଼ା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଏହା ୪ ଦିନ ଧରି ଚାଲିବ । ଏହି ନାଟକର ରଚନା ଏବଂ ନିର୍ଦ୍ଦେଶନା ସମୀର ମହାପାତ୍ର କରିଥିଲେ । ଏଥିରେ କଳାକାର ନିତୁ, ସ୍ମୃତିରେଖା, ଝରଣା, ଅରୁଣନ୍ଧତୀ,ସୋନାଲି, ମୋନାଲିସା, ସ୍ୱାତୀ, ସଞ୍ଜୟ, ଜିତ୍, ସୁନୀଲ, ଶ୍ୟାମ, ସୋୟମ, ରାକେଶ ଏବଂ କୁନା ପ୍ରମୁଖ ଅଭିନୟ କରିଥିଲେ ।

■ ପଞ୍ଚପଟମାଳୀ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

# ପ୍ରଥମ ସନ୍ଧ୍ୟାରେ 'ହେ ସ୍ରଷ୍ଟା' ମଞ୍ଚସ୍ଥ

ଦାମନଯୋଡ଼ି,୧୫ା୪(ଡି.ଏନ୍.ଏ./ସ୍ୱ.ପ୍ର)





ମା' କଣ୍ଟାବାଉଁଶୁଣୀଙ୍କଠାରେ ପୂଜାର୍ଚ୍ଚନା କରାଯାଇ ସଂସ୍କୃତି ଶିଖାକୁ ଶୋଭାଯାତ୍ରାରେ ନିଆଯାଉଛି ।

ରାଜ୍ୟସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତା ପଞ୍ଚପଟମାଳୀ ନାଟ୍ୟ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ସେକ୍ଟର ୧ ମୁକ୍ତ ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ହିମାଂଶୁ ଶେଖର ଲାଲ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରି ନାଟକ ସମାଜ ଓ ସଂସ୍କୃତିର ପ୍ରତି ଛବି ବୋଲି କହିଥିଲେ । ଏଥିରେ ନାଲ୍‌କୋ ଇଡି ରବିଶଙ୍କର ଦାଶ, ମହାପ୍ରବନ୍ଧକ ଆର.କେ. ମିଶ୍ର, ପି.କେ. ଷଡ଼ଙ୍ଗୀ, ଭୀମସେନ ପ୍ରଧାନ, ସୁଶିଲ କୁମାର ପାଢ଼ୀ, ରାମଚନ୍ଦ୍ର ତ୍ରିପାଠୀ, ଅରୁଣ କୁମାର ଦାସ, ରମେଶ ଚନ୍ଦ୍ର ଯୋଶୀ ଓ ମହମ୍ମଦ ଫରିଦ୍‌ଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଅପରାହ୍ନରେ ଦାମନଯୋଡିର ଆରାଧ୍ୟ ଦେବୀ ମା' କଣ୍ଟାବାଉଁଶୁଣୀଙ୍କଠାରେ ପୂଜାର୍ଚ୍ଚନା କରାଯାଇ ସଂସ୍କୃତି ଶିଖାକୁ ଘଣ୍ଟଘଣ୍ଟା, ସଂକୀର୍ତ୍ତନ ମଧ୍ୟରେ ନଗର ପରିକ୍ରମା କରାଯାଇଥିଲା । ପରେ ମଞ୍ଚନିକଟରେ ଅବସ୍ଥାପିତ କରାଯାଇଥିଲା । ନାଟ୍ୟ ମହୋତ୍ସବର ଉପଦେଷ୍ଟା ତଥା ନାଲ୍‌କୋ ମହାପ୍ରବନ୍ଧକ ନେତ୍ରାନନ୍ଦ ମହାରଣା ଓ ନିର୍ମଳ କୁମାର ରାଉତ ମଞ୍ଚ ସଂଯୋଜନା କରିଥିଲେ। ପ୍ରଥମ ସନ୍ଧ୍ୟାରେ ଭୁବନେଶ୍ୱରର ପଞ୍ଚଧ୍ୱନୀ ନାଟ୍ୟ ପରିଷଦ ପକ୍ଷରୁ ପରିବେଷିତ ହୋଇଥିଲା ନାଟକ 'ହେ ସ୍ରଷ୍ଟା' । ପଞ୍ଚାନନ ଦାଶଙ୍କ ରଚନା ଓ ଦୀପ୍ତିରଞ୍ଜନ ଦାଶଙ୍କ ନିର୍ଦ୍ଦେଶନାରେ ଆୟୋଜିତ ନାଟକକୁ ସୁରେନ୍ଦ୍ର ନାଥ ଗୌଡ଼ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଅଭିଜିତ ପଟ୍ଟନାୟକ ଓ ଜ୍ୟୋତିରଞ୍ଜନ ରାୟ ସହଯୋଗ କରିଥିଲେ । ସୁବାସ ପଣ୍ଡାଙ୍କ ଦିଗ୍‌ଦର୍ଶନ, ପ୍ରଦୀପ କୁମାର ଦାସଙ୍କ ପ୍ରଯୋଜନା, ପ୍ରଜ୍ଞାଦତ୍ତ ସାହୁଙ୍କ ମଞ୍ଚସଜ୍ଜା ଓ ପ୍ରକାଶ ମହାରଣାଙ୍କ ସଂଯୋଜନାରେ ନାଟକ ପରିବେଷିତ ହୋଇଥିଲା । ଏଥିରେ କରୁଣାକର ସାମଲ, ରଘୁନାଥ ବେହେରା, ସନ୍ତୋଷ ପଟ୍ଟନାୟକ, ମାନସ ପରିଡା, ମମତା ମହାନ୍ତି, ଲକ୍ଷ୍ମୀ ଦୀୟା, ସେନାପତି ଅଭିନୟ କରିଥିଲେ । ପି.କେ. ଦାଶ, ଶିଶିରକୁମାର ମିଶ୍ର, ସୁଶାନ୍ତ କର ଓ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ

ପୂର୍ବ ତଟ ରେଳପଥ
ନିର୍ମାଣ କାର୍ଯ୍ୟ
ETCECONHQBBS2019015, 11.04.2019
EMD : ₹ 13,13,100.00
http://www.ireps.gov.in

CLASSIFIED DISPLAY







‘ଘରେ ଘରେ ଶଙ୍ଖ’

# ବିଜୁ ଜନତା ଦଳର ଜନଇସ୍ତାହାର

ରାଜ୍ୟ ବ୍ୟାପୀ ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମରୁ ମିଳିଥିବା ଜନାଦେଶକୁ ସମ୍ମାନ ଦେଇ ବିଜୁ ଜନତା ଦଳ ଆଗାମୀ ୫ବର୍ଷ ପାଇଁ ‘ମମତା’, ‘ଆହାର’, ‘କାଳିଆ’, ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’, ‘ମିଶନ ଶକ୍ତି’, ‘ଆମ ଗାଁ ଆମ ବିକାଶ’, ‘ପିଠା’, ‘ଟଙ୍କିକିଆ ଚାଉଳ’ ଭଳି ସମସ୍ତ ଲୋକାଭିମୁଖୀ ଯୋଜନା ଚାଲୁ ରଖିବ । ଏଥି ସହିତ ୨୦୧୪ ଇସ୍ତାହାରରେ ରହିଥିବା ସମସ୍ତ ପ୍ରସ୍ତାବ ଗୁଡିକ ହେବ ୨୦୧୯ ଇସ୍ତାହାରର ମୂଳଭିତ୍ତି ଯାହାଦ୍ୱାରା ରାଜ୍ୟରେ ଚାଲିଥିବା ବିକାଶ ପ୍ରକ୍ରିୟା ଅବ୍ୟାହତ ରହିବ ।

## କୃଷକ

- ❑ ଚାଷୀଙ୍କୁ ମିଳିବ ବର୍ଷକୁ ୧୦ ହଜାର ଏବଂ ଭୂମିହୀନ ଶ୍ରମିକଙ୍କୁ ୧୨ ହଜାର ଟଙ୍କା । ବିନା ସୁଧରେ ମିଳିବ ୧ଲକ୍ଷ ଟଙ୍କାର ଋଣ ।
- ❑ ବିଜୁ ଜନତା ଦଳ ସରକାର ଗଠନର ପ୍ରଥମ ଦିନରେ ହିଁ **‘କାଳିଆ’** ଯୋଜନାରେ ବାକି ଥିବା ୨୫ ଲକ୍ଷ ଚାଷୀଙ୍କୁ ଏକାଥରକେ ମିଳିବ ୨ଟି କିସ୍ତିର ୧୦ ହଜାର ଟଙ୍କା ।
- ❑ **‘କାଳିଆ କମିଶନ’** ଗଠନ କରାଯାଇ ୩ ବର୍ଷରେ ଥରେ ସହାୟତା ରାଶି ସଂଶୋଧନ, କୃଷକ କଲ୍ୟାଣ, ଅଭାବୀ ଚାଷୀଙ୍କୁ ସହାୟତା ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ପାଇଁ ସୁପାରିଶ । ଜଣେ କୃଷକ ସଦସ୍ୟ ହେବେ ଏହାର ଉପାଧକ୍ଷ, ପାଇବେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା
- ❑ କୃଷକ ଏବଂ ଭୂମିହୀନ କୃଷି ଶ୍ରମିକ ପରିବାରର ପିଲାଙ୍କ ଉଚ୍ଚ ଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ **‘କାଳିଆ ଛାତ୍ରବୃତ୍ତି’** ।
- ❑ ଅଧିକ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ଧାରା ଅବ୍ୟାହତ ରହିବ । ଚାଲୁ ରହିଥିବା ଜଳସେଚନ ପ୍ରକଳ୍ପ ସମେତ ରାଜ୍ୟରେ ଜଳ ସେଚନର ବିକାଶ ପାଇଁ ୫୦ ହଜାର କୋଟି ଟଙ୍କା ବ୍ୟୟ କରାଯିବ ।
- ❑ **‘ଆମ ଝିଅ’** ଯୋଜନାରେ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ।
- ❑ ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣକରିବା ପାଇଁ କେନ୍ଦ୍ର ସରକାରଙ୍କର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବ ।
- ❑ ମରୁଡି, ବନ୍ୟା ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକମାନଙ୍କୁ ସହାୟକ ମୂଲ୍ୟ ଉପରେ ସ୍ୱତନ୍ତ୍ର ସହାୟତା ଦିଆଯିବ ।

## ମହିଳା

- ❑ ବିଜେଡି ସରକାର ଗଢା ହେଲା ପରେ ମିଶନ ଶକ୍ତିର ମହିଳାଙ୍କୁ ମିଳିବ ବର୍ଷକୁ ୫ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଏବଂ ୫୦୦ କୋଟି ଟଙ୍କାର ଲାଭ । ବିନା ସୁଧରେ ମିଳିବ ୫ଲକ୍ଷ ଟଙ୍କାର ଋଣ ।
- ❑ ଲୋକସଭାରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବିଜେଡି ବିଧାନ ସଭାରେ ଏବଂ ଲୋକସଭାରେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ପାଇଁ ନିରନ୍ତର ଉଦ୍ୟମ କରିବ ।
- ❑ ମିଶନ ଶକ୍ତି ପାଇଁ ଖୋଲାଯିବ ସ୍ୱତନ୍ତ୍ର ବିଭାଗ, ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ଏବଂ ରାଜ୍ୟସ୍ତରରେ ଗଢାହେବ **‘ମିଶନ ଶକ୍ତି ଫେଡେରେସନ’** । ରାଜ୍ୟସ୍ତରୀୟ ମିଶନ ଶକ୍ତି ଫେଡେରେସନର ମୁଖ୍ୟ ରହିବେ ଜଣେ ମହିଳା ପାଇବେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ।
- ❑ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୦%ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ।
- ❑ କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ବାଳିକା ଶିକ୍ଷା ମାଗଣା ।
- ❑ **‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’**ରେ ମିଳୁଥିବା ୭ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ।
- ❑ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି, ରାଜ୍ୟ ବିପର୍ଯ୍ୟୟ ପାଣ୍ଠି ଭଳି ମିଶନ ଶକ୍ତି ମହିଳାଙ୍କ ଆର୍ଥିକ ସହାୟତା ପାଇଁ **ମିଶନ ଶକ୍ତି କର୍ପସ ପାଣ୍ଠି** ।
- ❑ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କାର ସହାୟତା ।

## ଯୁବଶକ୍ତି

- ❑ ଯୁବକଯୁବତୀଙ୍କ ପାଇଁ ଶିଳ୍ପାନୁଷ୍ଠାନରେ ୭୫% ଚାକିରୀ ସୁବିଧା । ୧୫ଲକ୍ଷ ଯୁବକଯୁବତୀ ହାସଲ କରିବେ **‘ସ୍କିଲ୍ଡ ଇନ୍ ଓଡ଼ିଶା’**ରେ ଦକ୍ଷତା । **‘ୱାର୍ଲ୍ଡ ସ୍କିଲ୍ ସେଣ୍ଟର’** ଦ୍ୱାରା ବିଶ୍ୱସ୍ତରୀୟ ଦକ୍ଷତା ହାସଲ କରିବେ ୧.୫ ଲକ୍ଷ ଯୁବକଯୁବତୀ ।
- ❑ ସବୁ ରାଜ୍ୟସ୍ତରୀୟ ନିଯୁକ୍ତି ପରୀକ୍ଷା ଫିସ୍ ଛାଡ ।
- ❑ ଛାତ୍ରବୃତ୍ତି ପରିଷଦ ଗଠନ କରାଯାଇ ମେଧା ଏବଂ ସାମାଜିକ-ଆର୍ଥିକ ଭିତ୍ତିରେ ଛାତ୍ରବୃତ୍ତି ସୁବିଧା
- ❑ ଭୁବନେଶ୍ୱରଠାରେ ଅତ୍ୟାଧୁନିକ ମାନର ଯୁବ ଭବନ ନିର୍ମାଣ

## ଛାତ୍ରଛାତ୍ରୀ

- ❑ ରାଜ୍ୟର ଅବଶିଷ୍ଟ ୧୨୪ଟି ବ୍ଲକ୍ ଓ ୧୧୪ଟି ପୌରାଞ୍ଚଳରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ।
- ❑ ସମସ୍ତ ଆଦର୍ଶ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ଆବାସିକ ସୁବିଧା, ଯାତାୟତ ବ୍ୟବସ୍ଥା ଏବଂ ଆବଶ୍ୟକୀୟ ଭିତ୍ତିଭୂମି ସୁବିଧା ।
- ❑ ରାଜ୍ୟରେ ସାମଗ୍ରିକ ସ୍କୁଲ ଶିକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିବା ପାଇଁ ‘ମୋ ସ୍କୁଲ’ ଅଭିଯାନକୁ କରାଯିବ ବ୍ୟାପକ ।
- ❑ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟା ଲଘୁ ପଛୁଆ ବର୍ଗ ଓ ଅନ୍ୟ ବର୍ଗର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ।
- ❑ ସମସ୍ତ ଉଚ୍ଚ ବିଦ୍ୟାଳୟରେ ଆଇ.ଟି.ଲାବ୍ ସୁବିଧା ।
- ❑ କଲେଜ, ୟୁନିଭରସିଟି ସବୁଠି ମାଗଣା ୱାଇ ଫାଇ, କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ୧ଜିବି ମାଗଣା ଡାଟା ।
- ❑ ବିନା ସୁଧରେ ୧୦ ଲକ୍ଷ ଟଙ୍କାର ଶିକ୍ଷାଋଣ ।
- ❑ ଉଚ୍ଚଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗକୁ ନିଶ୍ଚିତ କରିବା ପାଇଁ ଏକ ବିସ୍ତୃତ ନୀତି ପ୍ରଣୟନ ।

## ଆଶ୍ରୟ ସୁରକ୍ଷା

- ❑ ବାକି ରହିଥିବା ସମସ୍ତ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବା ପ୍ରକ୍ରିୟା ସରକାରଙ୍କ ଦ୍ୱାରା ଅଗ୍ରାଧିକାର ଭିତ୍ତିରେ ଜାରି ରହିବ ।
- ❑ **ଜାଗା ମିଶନରେ** ଜମି ଅଧିକାର ପ୍ରଦାନ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବ।
- ❑ ୫ ବର୍ଷ ମଧ୍ୟରେ ମ୍ୟୁନିସିପାଲ କର୍ପୋରେସନ୍ ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଅଗ୍ରାଧିକାର ଭିତ୍ତିରେ ସମ୍ପତ୍ତି ଅଧିକାର ।
- ❑ ନିମ୍ନ ଆୟ ବର୍ଗର ପରିବାର ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସେମାନଙ୍କ କଚ୍ଚା କିମ୍ବା ଟିଣ/ ଆଜବେସଟସ୍ ଛପର ଘରକୁ ପକ୍କାଘରରେ ପରିଣତ କରିବା ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ।

## ଖାଦ୍ୟ ସୁରକ୍ଷା

- ❑ ୧ଟଙ୍କିଆ ଚାଉଳ ଯୋଗାଣ ଯୋଜନା ଚାଲୁ ରହିବ ।
- ❑ ଅଧିକ ସ୍ଥାନରେ ନୂତନ ଆହାର କେନ୍ଦ୍ର ଏବଂ ପର୍ଯ୍ୟାୟ କ୍ରମେ ରାତ୍ରି ଆହାର ବ୍ୟବସ୍ଥା ।
- ❑ ଅଧିକ ସଂଖ୍ୟକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସରକାରୀ ଧାନ ସଂଗ୍ରହଣ ପ୍ରକ୍ରିୟାରେ ସାମିଲ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ।
- ❑ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ବଞ୍ଚିତ ଗରିବ, ଅସହାୟ ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଚାଲୁ ରହିବ ‘ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା’ ।

## ସ୍ୱାସ୍ଥ୍ୟ ସୁରକ୍ଷା

- ❑ ଆଗାମୀ ୩ ବର୍ଷ ମଧ୍ୟରେ ୫ଟି ନୂତନ ସରକାରୀ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ।
- ❑ ଖାଲି ରହିଥିବା ସମସ୍ତ ପାରାମେଡିକାଲ ଷ୍ଟାଫ୍ ପଦବୀଗୁଡିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯିବା ସହିତ ଆବଶ୍ୟକତା ଅନୁଯାୟୀ ନୂତନ ପଦବୀ ସୃଷ୍ଟି ।
- ❑ ପାରାମେଡିକ୍ସ କ୍ୟାଡରରେ ସମସ୍ତ ନୂତନ ନିଯିକ୍ତିଗୁଡିକ ସ୍ଥାୟୀ ଭାବେ ହେବ ।
- ❑ ନୂତନ ସ୍ମାର୍ଟ ସାର୍ବଜନୀନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟ କାର୍ଡ ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯିବ
- ❑ ଏସ୍.ସି.ବି ମେଡିକାଲ କଲେଜ ହସ୍ପିଟାଲ, ଏମ୍.କେ.ସି.ଜି ମେଡିକାଲ କଲେଜ ହସ୍ପିଟାଲ ଏବଂ ଭିମସାର, ବୁର୍ଲାଠାରେ ସର୍ବୋତ୍କୃଷ୍ଟ ମାନର ୩ଟି ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା ।
- ❑ ଓଡିଶା ହେବ ଏକ ଡାକ୍ତର ବଳକା ରାଜ୍ୟ
- ❑ ୩୧୪ ବ୍ଲକ୍‌ରେ ନର୍ସିଂ ଏବଂ ଏ.ଏନ୍.ଏମ୍. ତାଲିମ୍ ସ୍କୁଲ ।

## ସାମାଜିକ ସୁରକ୍ଷା

- ❑ ହିତାଧିକାରୀଙ୍କୁ ପେନ୍‌ସନ ଯୋଜନାରେ ସାମିଲ ପାଇଁ କୌଣସି ଧାର୍ଯ୍ୟ ଲକ୍ଷ୍ୟ ନ ରଖି ସାମିଲ ପ୍ରକ୍ରିୟା ଜାରି ରହିବ ।
- ❑ ଭିନ୍ନକ୍ଷମ, ଅସହାୟ, କିନ୍ନର, ସ୍ୱତନ୍ତ୍ର ସହାୟତା ଆବଶ୍ୟକତା କରୁଥିବା ବ୍ୟକ୍ତି, ଅନାଥ, ବୌଦ୍ଧିକ ଓ ମାନସିକ ଅନଗ୍ରସର ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମର ପୁନର୍ବିଲୋକନ କରାଯାଇ ଏହାକୁ ଉପଯୋଗୀ ଜୀବିକା ନିର୍ବାହ ବ୍ୟବସ୍ଥା ସହିତ ସମୟୋପଯୋଗୀ କରାଯିବ ।
- ❑ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୩୦ ବର୍ଷରୁ ଊର୍ଦ୍ଧ୍ୱ ଅସହାୟ ଅବିବାହିତା ମହିଳା ଏବଂ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ବିଧବାମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ତାଲିମ ସହିତ ସମ୍ମାନର ସହ ଜୀବିକା ନିର୍ବାହ କାର୍ଯ୍ୟ ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ।
- ❑ ଜାତୀୟ ନିରାପତ୍ତା ଆଇନ୍ ବଳରେ ଗିରଫ ହୋଇଥିବା ‘ମିଶା ବନ୍ଦୀ’ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ପେନ୍‌ସନ୍ ଏବଂ ଅନ୍ୟାନ୍ୟ ସୁବିଧା ଘୋଷଣା ।

## ନିର୍ମାଣ ଶ୍ରମିକ

- ❑ ସାମିଲ ହୋଇନଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବୋର୍ଡ ଏବଂ ଜନକଲ୍ୟାଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ।
- ❑ ପ୍ରବାସୀ ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କର ମୂଳ ଏବଂ ଗନ୍ତବ୍ୟସ୍ଥଳ ରାଜ୍ୟ ଅନୁସାରେ ପଞ୍ଜୀକରଣ ।
- ❑ ଆଗାମୀ ୫ ବର୍ଷ ମଧ୍ୟରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକମାନଙ୍କୁ ପର୍ଯ୍ୟାୟକ୍ରମେ ‘ଓଡ଼ିଶା ଅସଂଗଠିତ କ୍ଷେତ୍ର ଶ୍ରମିକ ସାମାଜିକ ନିରାପତ୍ତା ବୋର୍ଡ’ରେ ହିତାଧିକାରୀ ଭାବେ ପଞ୍ଜୀକରଣ ଏବଂ ସାମାଜିକ ସହାୟତା ପ୍ରଦାନ ।

## ଜୁହାର

- ଆଂଚଳିକ ବୈଷମ୍ୟ ହ୍ରାସ ଓ ଦ୍ରୁତ ବିକାଶ ଲକ୍ଷ୍ୟରେ ବରଗଡ, ବଲାଙ୍ଗୀର, ବୌଦ୍ଧ, ଦେବଗଡ, ଝାରସୁଗୁଡା, କଳାହାଣ୍ଡି, ସମ୍ବଲପୁର, ସୁବର୍ଣ୍ଣପୁର ଜିଲ୍ଲା ସମେତ ଆଠମଲ୍ଲିକ, କୁଚିଣ୍ଡା ଓ ନୀଳଗିରି ଉପଖଣ୍ଡ ପାଇଁ **'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'** ।
- **'ନବୀନ ଓଡିଶା, ସଶକ୍ତ ଓଡିଶା'** ହେବ 'ସମସ୍ତଙ୍କ **ଓଡିଶା'** ।
- ପ୍ରତିନିଧିତ୍ୱ ନଥିବା କୁଡୁମୀ ସମ୍ପ୍ରଦାୟ, ଅନୁସୂଚିତ ଜାତି ଓ ଅର୍ଥନୈତିକ ଅନଗ୍ରସର ବର୍ଗଙ୍କ କଲ୍ୟାଣ, ସେମାନଙ୍କର ଅନନ୍ୟ ଦକ୍ଷତା, କଳା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ **'ସ୍ୱତନ୍ତ୍ର ପରିଷଦ'** ଗଠନ କରାଯିବ ।
- ସଂଖ୍ୟାଲଘୁ ବହୁଳ ଅଂଚଳରେ ଚିହ୍ନିତ କ୍ଲଷ୍ଟର୍‌ରେ ବିଶ୍ୱସ୍ତରୀୟ ଗୋଷ୍ଠୀ କେନ୍ଦ୍ର ସ୍ଥାପନ ।
- ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରର ନିରନ୍ତର ବିକାଶ, ସ୍ୱାର୍ଥରକ୍ଷା ଏବଂ କାର୍ଯ୍ୟ ପ୍ରଣାଳୀକୁ ସୁଗମ କରିବା ପାଇଁ **'ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କଲ୍ୟାଣ ପରିଷଦ'** ।
- ପୂଜକ, ବାରିକ, ରଜକମାନଙ୍କ ଭଳି ପାରମ୍ପରିକ ବୃତ୍ତିଧାରୀମାନଙ୍କ ପାଇଁ **'କଲ୍ୟାଣ ପରିଷଦ'** ।

## ଶିଳ୍ପ ସମୃଦ୍ଧି

- ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଇ ଏକ ଦୂରଦୃଷ୍ଟି ସମ୍ପନ୍ନ ନୂତନ ଶିଳ୍ପ ନୀତି ।
- ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ନୀତି ।
- ରାଜ୍ୟରେ ପ୍ରମୁଖ କ୍ଷେତ୍ରଗୁଡିକରେ ସର୍ବୋତ୍‌କୃଷ୍ଟ ମାନର ଶିଳ୍ପ ପାର୍କ ପ୍ରତିଷ୍ଠା ସହ ଫିଲ୍ମ ସିଟି, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ଔଷଧ ଉତ୍ପାଦନ କ୍ଲଷ୍ଟର ବିକଶିତ କରାଯିବ ।
- ସମ୍ବଲପୁର, ରାଉରକେଲା, କଟକ ଏବଂ କୋରାପୁଟଠାରେ ୪ଟି ଶିଳ୍ପ ପାର୍କ ।
- ରାୟଗଡାଠାରେ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତି ପାର୍କ ଏବଂ ବରଗଡଠାରେ ଔଷଧ ଉତ୍ପାଦନ କ୍ଲଷ୍ଟର ସ୍ଥାପନ ।
- ସହସ୍ର ବର୍ଷର ସହର କଟକରେ ଏକ ବିଶ୍ୱସ୍ତରୀୟ ଫିଲ୍ମ ସିଟି ଏବଂ ଅତ୍ୟାଧୁନିକମାନର ଚଳଚିତ୍ର ସୁଟିଂ ଓ ପ୍ରସ୍ତୁତି କେନ୍ଦ୍ର ସ୍ଥାପନ ହେବ ।
- ପୁଞ୍ଜିନିବେଶ ଅନୁଗାମୀ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ୪ ଟି ଶିଳ୍ପ କରିଡର ସ୍ଥାପନ ।
- ଚଳଚିତ୍ର ଓ ଟେଲିଭିଜନ, ସମସ୍ତ ଅଡିଓ-ଭିଜୁଆଲ ମାଧ୍ୟମ, ଆନିମେସନ, ଡିଜିଟାଲ ଚଳଚିତ୍ର, ୱେବ୍ ମିଡିଆ ପାଇଁ ଏକ ନୂତନ ବିଭାଗ ।

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ

- ସମସ୍ତ ଜିଲ୍ଲା ଏବଂ ଗୁରୁତ୍ୱପୂର୍ଣ୍ଣ ସବ୍-ଡିଭିଜନ ଗୁଡିକରେ ନୂତନ ଏମ.ଏସ୍.ଏମ୍.ଇ. ପାର୍କ ନିର୍ମାଣ ।
- ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗର ଅଭିବୃଦ୍ଧି ଲକ୍ଷ୍ୟରେ ୫ଟି ରାଜ୍ୟସ୍ତରୀୟ ଫୁଡ୍ ପାର୍କ ।
- ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ଉନ୍ନତି ସାଧନ ନିମନ୍ତେ ଏକ ନୂତନ ଖାଦ୍ୟ ପ୍ରକ୍ରିୟାକରଣ ନିର୍ଦ୍ଦେଶାଳୟ।
- ରିହାତି ଦରରେ ଋଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଏକ ଅନୁକୂଳ ସୁଧ ରିହାତି ଯୋଜନା।
- ଅଣୁ ଉଦ୍ୟୋଗ ଗୁଡିକର ବିକାଶ ଲକ୍ଷ୍ୟରେ ଏକ ଉପଯୁକ୍ତ ରାଜ୍ୟ ପ୍ରାୟୋଜିତ ଆତ୍ମ ନିଯୁକ୍ତି ଯୋଜନା ।
- ଯୁବକଯୁବତୀଙ୍କ ମଧ୍ୟରେ ଔଦ୍ୟୋଗିକ ମନୋଭାବ ବୃଦ୍ଧି ପାଇଁ ୫ ବର୍ଷରେ ୫୦୦୦ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ।

## ଆମ ଗାଁ ଆମ ବିକାଶ

- ପ୍ରଶାସନର **୩ 'ଟି'** ମାର୍ଗରେ **'ପିଠା'** ସହିତ **'ଆମ ଗାଁ ଆମ ବିକାଶ'** କାର୍ଯ୍ୟକ୍ରମ ଜାରି ରହିବ ।
- ବ୍ଲକ ଅଂଚଳରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର **'ଆମ ଗାଁ ଆମ ବିକାଶ'** କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

## ଆମ ସହର ଆମ ଉନ୍ନତି

- ରାଜ୍ୟର ସମସ୍ତ ମହାନଗର ନିଗମ ଅଂଚଳ, ପୌରାଂଚଳ ଓ ବିଜ୍ଞାପିତ ଅଂଚଳ ପରିଷଦରେ ଶତ ପ୍ରତିଶତ ଡ୍ରେନେଜ୍, ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଉପଲବ୍ଧ ହେବ ।
- ସବୁ ମହାନଗର ନିଗମ ଅଂଚଳଗୁଡିକରେ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ।
- ବିଜେଡି ସରକାର ଆଶ୍ରୟ ସୁରକ୍ଷା ଓ ବସ୍ତି ଉନ୍ନତିକରଣ କାର୍ଯ୍ୟକୁ ସାର୍ବଜନୀନ କରିବା ପାଇଁ **'ଜାଗା ମିଶନ'** ଓ **'ଆବାସ ମିଶନ'** କାର୍ଯ୍ୟକ୍ରମକୁ ପରିବର୍ଦ୍ଧିତ କରିବ ।
- **'ଓଡିଶା ସ୍ମାର୍ଟ ସିଟି ମିଶନ'** ଜରିଆରେ ରାଜ୍ୟର ୫ଟି ମହାନଗର ନିଗମକୁ ସ୍ମାର୍ଟ ସିଟି ଭାବେ ବିକଶିତ କରାଯିବ ।

## କ୍ରୀଡା ଭିତ୍ତିଭୂମିର ବିକାଶ

- ବିଦ୍ୟାଳୟରେ କ୍ରୀଡା ଶିକ୍ଷା ଓ ସଂସ୍କୃତିର ବିକାଶ
- ମହିଳା ଏବଂ ସ୍ୱତନ୍ତ୍ର ସମସ୍ୟା ଥିବା କ୍ରୀଡାବିତ୍‌ଙ୍କ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରାଯିବ ।
- ରାଜ୍ୟରେ କ୍ରୀଡା କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଉଥିବା ଯୁବକ ସଂଘଗୁଡିକୁ ପ୍ରୋତ୍ସାହନ ଦିଆଯିବ ।
- ଜନଜାତିଙ୍କ ମଧ୍ୟରେ କ୍ରୀଡାର ବିକାଶ ।
- କଳିଙ୍ଗ ଅନ୍ତର୍ଜାତୀୟ ସ୍ପୋର୍ଟସ୍ ସିଟି ସ୍ଥାପନ କରାଯିବ ।
- ଭୁବନେଶ୍ୱରକୁ ଦେଶର କ୍ରୀଡା ରାଜଧାନୀ ଭାବେ ପ୍ରତିଷ୍ଠା କରାଯିବ । ରାଜ୍ୟର ପ୍ରମୁଖ ସହର ଓ ଜିଲ୍ଲା ମୁଖ୍ୟାଳୟରେ ସମନ୍ୱିତ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ ।
- ସୁନ୍ଦରଗଡ ଜିଲ୍ଲାର ୧୭ଟି ବ୍ଲକରେ ଆଷ୍ଟ୍ରୋ ଟର୍ଫ ହକି ବ୍ୟବସ୍ଥା ।
- ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଓ କୋଚିଂ ସୁବିଧା ପାଇଁ ହାଇ ପରଫରମାନ୍‌ସ ଏକାଡେମୀ ସ୍ଥାପନ ।

## ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ

- ପଛୁଆ ବର୍ଗଙ୍କ ପାଇଁ **'ରାଜ୍ୟ ପଛୁଆ ବର୍ଗ କମିଶନ'** ପୁନର୍ଗଠନ କରାଯିବ।
- ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କିମ୍ବା ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡିକରେ ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯିବ ।
- ଉଚ୍ଚଶିକ୍ଷା ଓ ନିଯୁକ୍ତିଭିତ୍ତିକ ଶିକ୍ଷା ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟର ୧୧୪ଟି ସ୍ଥାନରେ ସବୁବର୍ଗର ଛାତ୍ରଛାତ୍ରୀମାନେ ରହିପାରିବା ଭଳି ଆଧୁନିକ ସୁବିଧା ସହିତ ଛାତ୍ରାବାସ ନିର୍ମାଣ କରାଯିବ।
- ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବର୍ଗର ଯୁବକଯୁବତୀମାନଙ୍କର ଦକ୍ଷତା ବିକାଶ ସହିତ ସେମାନଙ୍କୁ ଦକ୍ଷତା ଭିତ୍ତିକ ନିଯୁକ୍ତି ପାଇଁ ବାର୍ଷିକ ୨୫ ହଜାର ଟଙ୍କା ପ୍ରୋତ୍ସାହନ ଦିଆଯିବ। ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସେମାନଙ୍କୁ ମଧ୍ୟ ମୂଳ ପୁଞ୍ଜି ଏବଂ ସ୍ୱଳ୍ପ ସୁଧରେ ଋଣ ସହାୟତା ପ୍ରଦାନ କରାଯିବ।
- ଗରିବ ସଂଖ୍ୟାଲଘୁ ପରିବାରର ୨ଟି ଝିଅଙ୍କ ବିବାହ ପାଇଁ ସହାୟତା ଦିଆଯିବ।
- ସବୁ ସ୍ତରରେ ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଦିଆଯିବ ।
- ପ୍ରି-ମାର୍ଟିକ୍ ଓ ପୋଷ୍ଟ-ମାର୍ଟିକ ପାଠ ପଢୁଥିବା ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ହଷ୍ଟେଲରେ ଦେୟମୁକ୍ତ ରହିବା ଓ ଖାଇବା ସୁବିଧା ପାଇଁ ଛାତ୍ରବୃତ୍ତି ଓ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ।
- ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପାଇଁ ମାଗଣା କୋଚିଂ ସୁବିଧା କରାଯିବ।
- ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର **'ଏସ୍.ଟି.ଏସ୍.ସି ଡେଭେଲପମେଣ୍ଟ ଆକ୍ଟ'** ଅଣାଯାଇ ରାଜ୍ୟରେ ଏହି ବର୍ଗର ଜନସଂଖ୍ୟା ଅନୁଯାୟୀ ବାର୍ଷିକ ବଜେଟ୍‌ରେ ଅର୍ଥ ବରାଦ କରାଯିବ।
- କୁଚିଣ୍ଡା, ବାମରା, ଜମନକିରା, ଥୂଆମୂଳ-ରାମପୁର, ଲାଞ୍ଜିଗଡ, ନୀଳଗିରି, ସୋରଡା ଏବଂ ତିଲେଇବଣି ପାଇଁ ଅଧକ୍ଷ ଏବଂ ସଦସ୍ୟମାନଙ୍କୁ ନେଇ **'ବିକାଶ ପରିଷଦ'** ଗଠନ କରାଯିବ ।

## ପର୍ଯ୍ୟଟନର ବିକାଶ

- ୩୦ଟି ଜିଲ୍ଲାରେ **'ଜିଲ୍ଲା ପର୍ଯ୍ୟଟନ ପରିଷଦ'** ଗଠନ କରାଯିବ ।
- ସମସ୍ତ ପର୍ଯ୍ୟଟନ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ସାମଗ୍ରୀ ଯୋଗାଣ ଏବଂ ବ୍ୟବସାୟ ପାଇଁ ବୁଝାମଣା ପତ୍ର ।

## ନବୀନ ଓଡିଶା

- ବିଜୁ ଏକ୍ସପ୍ରେସ୍ ୱେ ରାଜ୍ୟର ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମକୁ ସଂଯୋଗ କରିବ।
- ଐତିହ୍ୟସଂପନ୍ନ ରୌପ୍ୟ ନଗରୀ କଟକ ସହିତ ସ୍ମାର୍ଟ ସିଟି ଭୁବନେଶ୍ୱରକୁ ମେଟ୍ରୋ ରେଳପଥ ଦ୍ୱାରା ସଂଯୋଗୀକରଣ କରାଯିବ ।
- ଆଗାମୀ ୫ ବର୍ଷରେ ବିଜୁ ସେତୁ ଯୋଜନାରେ ୭୫୦ ଟି ସେତୁ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୦୦ କିଲୋମିଟର ରୁ ଉର୍ଦ୍ଧ୍ୱ ଗ୍ରାମ୍ୟ ରାସ୍ତା ।
- ରାଜ୍ୟ ଯୋଜନାରେ ୧୦୦୦ କିଲୋମିଟର ରାସ୍ତା ଉନ୍ନତିକରଣ ।
- ଆଗାମୀ ୫ ବର୍ଷରେ ପି.ଏମ୍.ଜି.ଏସ୍.ୱାଇ. ଯୋଜନାରେ ୪୦ ହଜାର କି,ମି, ରାସ୍ତା ନିର୍ମାଣ/ରାସ୍ତା ଉନ୍ନତିକରଣ, ତନ୍ମଧ୍ୟରୁ ୧୦ ହଜାର କି.ମି. ରାସ୍ତା ସବୁଜ ଜ୍ଞାନ କୌଶଳର ଉପଯୋଗ କରି ନିର୍ମାଣ କରାଯିବ ।
- ଓଡିଶା ଆଦର୍ଶ ବିଦ୍ୟାଳୟ, ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ ଭିତ୍ତିଭୂମିର ବିକାଶ ସାଧନ ।
- ସମସ୍ତ ବ୍ଲକ ମୁଖ୍ୟାଳୟ, ପୌରାଞ୍ଚଳ ଓ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡିକୁ ଅତି କମ୍‌ରେ ୨-ଲେନ୍ ବିଶିଷ୍ଟ ରାଜ୍ୟ ରାଜପଥ ବ୍ୟବସ୍ଥା ।
- ପର୍ଯ୍ୟଟନ ଗୁରୁତ୍ୱ ବହନ କରୁଥିବା ସମସ୍ତ ସ୍ଥାନଗୁଡିକୁ ରାଜ୍ୟ ରାଜପଥ ସଂଯୋଗୀକରଣ ।
- ସମସ୍ତ ପ୍ରମୁଖ ରାସ୍ତାଗୁଡିକରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର।
- ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହରଗୁଡିକରେ ନୂଆ ରିଂ ବନ୍ଧ ।

## ହକ୍ ମାଗୁଛି ଓଡିଶା

- ବିଭିନ୍ନ ସମୟରେ କେନ୍ଦ୍ରରେ ଶାସନରେ ଥିବା ସରକାର ସବୁବେଳେ ଓଡିଶାର ଅଧିକାରକୁ ଅବହେଳା କରିଆସିଛନ୍ତି । ଏହି ଅବହେଳା ଐତିହାସିକ ଏବଂ ଏଥିଯୋଗୁଁ ଓଡିଶା ଟେଲି ଯୋଗାଯୋଗ, ରେଲୱେ ନେଟ୍‌ୱାର୍କ, ବ୍ୟାଙ୍କି, ଜାତୀୟ ରାଜପଥ ଉନ୍ନତିକରଣ ଆଦି କ୍ଷେତ୍ରଗୁଡିକରେ ପଛରେ ପଡିଛି ।
- ୟୁ.ପି.ଏ ସରକାର ପୋଲାଭରମ ଡ୍ୟାମ୍‌କୁ ଜାତୀୟ ମାନ୍ୟତା ଦେଇଥିଲେ ଏବଂ ବର୍ତ୍ତମାନର ଏନ୍.ଡି.ଏ ସରକାର ଏ ପ୍ରସଙ୍ଗରେ ଓଡିଶାର ସ୍ୱାର୍ଥ ବିରୁଦ୍ଧରେ ଯାଇ ଛତିଶଗଡର ତତ୍କାଳୀନ ବିଜେପି ସରକାରଙ୍କୁ ସମର୍ଥନ କଲେ । ଉଭୟ କ୍ଷେତ୍ରରେ ନ୍ୟାୟ ପାଇବା ପାଇଁ ପନ୍ଥା ନିର୍ଦ୍ଧାରଣ ପ୍ରକ୍ରିୟା ଜାରି ରଖିବ।
- ବିଜେପିର ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନର ପ୍ରତିଶ୍ରୁତି ଓଡିଶା ପ୍ରତି ସବୁଠାରୁ ନିଷ୍ଠୁର ପରିହାସ ନଥିଲା ତ ଆଉ କଣ ?
- ୨୦୧୪ ରେ ବିଜେପି ଇସ୍ତାହାରରେ ୧ ନଂରେ ଥିବା ଏହି ପ୍ରତିଶ୍ରୁତି ୫ ବର୍ଷ ପାଇଁ ଭୁଲିଗଲା ଏବଂ ଏବେର ଇସ୍ତାହାରରେ ସେ ବାବଦରେ ପଦୁଟିଏ ବି ଲେଖିଲା ନାହିଁ।
- ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ହେଉଛି ଐତିହାସିକ ଅବହେଳାର ଶିକାର ହୋଇଆସୁଥିବା ଓଡିଶା ପାଇଁ ପ୍ରତିକାରର ଏକମାତ୍ର ବାଟ ।
- ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଅର୍ଥ ହେଉଛି ରାଜ୍ୟର ବିକାଶ ଏବଂ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କୁ କର୍ମ ନିଯୁକ୍ତି ପାଇଁ ଅଧିକ ପୁଂଜି ନିବେଶ ନିମନ୍ତେ ଅଧିକ ଅର୍ଥ ବ୍ୟବସ୍ଥା।
- ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନକୁ ଅସ୍ୱୀକାର କରି ବିଜେପି ଓଡିଶାର ଯୁବକଯୁବତୀମାନଙ୍କର ଆଶା ଓ ଆକାଙ୍‌କ୍ଷାକୁ ଧୂଳିସାତ୍ କରିଛି।
- ନିର୍ଦ୍ଧାରିତ ସମୟ ସରିଯାଇଥିଲେ ମଧ୍ୟ କେନ୍ଦ୍ର ଦ୍ୱାରା କୋଇଲା ରୟାଲିଟି ସଂଶୋଧନ କରାଯାଇନାହିଁ।
- ଖଣିଜ ସଂପଦର ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।
- ଉପରୋକ୍ତ ପ୍ରସଙ୍ଗ ଆମର କେନ୍ଦ୍ର ସରକାରଙ୍କ ପ୍ରତି ପ୍ରମୁଖ ଦାବୀ ରହିବ।
- ଏଥର କୌଣସି ଜାତୀୟ ଦଳ ସଂଖ୍ୟାଧିକ ଗରିଷ୍ଠତା ପାଇବେ ନାହିଁ। ଏଣୁ କେନ୍ଦ୍ର ସରକାର ଗଠନରେ ଓଡିଶାର ପ୍ରମୁଖ ଭୂମିକା ରହିବ । ଯିଏ ବି ଓଡିଶାର ନ୍ୟାଯ୍ୟ ଅଧିକାରକୁ ଗୁରୁତ୍ୱ ଦେବ, ବିଜେଡି ସେହି ସରକାରକୁ ସମର୍ଥନ ଦେବ।

## ଓଡିଆ ସ୍ୱାଭିମାନ

- ଓଡିଆ ଭାଷାକୁ ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିବା ସହିତ ସତ୍ୟବାଦୀଠାରେ ଓଡିଆ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି । ଏହି ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଓଡିଆ ଭାଷା ଓ ସାହିତ୍ୟର ବିକାଶ, ଓଡିଆ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ, ଓଡିଆ ସ୍ୱାଭିମାନର ସୁରକ୍ଷା ସହିତ ଓଡିଶାର ନିଜସ୍ୱ ନୃତ୍ୟଶୈଳୀ, କଳା ଭାସ୍କର୍ଯ୍ୟ ଓ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କାର୍ଯ୍ୟ କରିବ ।
- ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଅନୁଷ୍ଠାନ ଏବଂ ସଂସ୍ଥାଗୁଡିକର ପୁନର୍ବିଲୋକନ ଏବଂ ପୁନର୍ବିନ୍ୟାସ କରାଯାଇ ଏଗୁଡିକୁ ଅଧିକ କ୍ରିୟାଶୀଳ କରାଯିବ ।
- ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟ କ୍ଷେତ୍ରରେ ଦିଆଯାଉଥିବା ସମସ୍ତ ସମ୍ମାନଗୁଡିର ପୁନଃସମୀକ୍ଷା ପୂର୍ବକ ଏହାର ପରିସର ବ୍ୟାପକ କରାଯାଇ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କରାଯିବ ।
- ଐତିହ୍ୟ କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତିଗୁଡିକୁ ଅବିଳମ୍ବେ କାର୍ଯ୍ୟକାରୀ କରାଯିବ ।

**ନବୀନ ଓଡ଼ିଶା ସଶକ୍ତ ଓଡ଼ିଶା**

# ବିଜେଡି, ଭାଜପା କଡ଼ା ଟକ୍କର

ରଞ୍ଜନ କୁମାର ପ୍ରଧାନ
ନୟାଗଡ଼ ଅଫିସ,୧୫।୪

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଆସନ୍ତା ୧୮ତାରିଖରେ ନିର୍ବାଚନ ହେବ। ନୂଆଗାଁ ବ୍ଲକର ୨୨, ଦଶପଲ୍ଲା ବ୍ଲକର ୨୦, ଗଣିଆ ବ୍ଲକର ୮ ପଞ୍ଚାୟତ ଓ ଦଶପଲ୍ଲା ଏନ୍ଏସିକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ନିର୍ବାଚନ ପାଇଁ ଉଭୟ ଭାଜପା ଓ ବିଜେଡି ହାଇଭୋଲଟେଜ୍ ପ୍ରଚାର ଚଳାଇଥିବାବେଳେ କଂଗ୍ରେସ ଏଥିରେ ପଛରେ ପଡ଼ିଯାଇଛି। ଭାଜପାର ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଶପଲ୍ଲା ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଗତ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଶପଲ୍ଲା ଗାନ୍ଧୀ ମଇଦାନରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଜଣେ ମହିଳାଙ୍କୁ ମିଶାଇ ୭ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ହେଲେ ବର୍ତ୍ତମାନର ସ୍ଥିତି ଦେଖିଲେ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେବା ଆଲୋଚନା ହେଉଛି। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ କୁମାର ନାୟକଙ୍କ ଘର ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ହୋଇଥିବାରୁ ଏଠାରୁ ସେ କିଛି ଭୋଟ ପାଇପାରନ୍ତି। ସେହିଭଳି କଂଗ୍ରେସର ପାରମ୍ପରିକ ଭୋଟ ତାଙ୍କୁ ମିଳିପାରେ। ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ଭାଜପାରେ ମିଶି ବିଧାୟକ ପ୍ରାର୍ଥୀ ହୋଇଛନ୍ତି।


ରମେଶ ଚନ୍ଦ୍ର ବେହେରା


ପ୍ରଶାନ୍ତ କୁମାର ନାୟକ


ପୂର୍ଣ୍ଣଚନ୍ଦ୍ର ନାୟକ

ନିଜ ଜାତିର ପାଖାପାଖି ୩୦ ହଜାର ଭୋଟ ଉପରେ ସେ ଭରସା ରଖିଛନ୍ତି। ଗତଥର ଭାଜପା ତୃତୀୟ ସ୍ଥାନରେ ଥିଲା। ବର୍ତ୍ତମାନ ସବୁଠି ପରିବର୍ତ୍ତନର ସ୍ୱର ଶୁଭୁଥିବାରୁ ପୂର୍ଣ୍ଣଚନ୍ଦ୍ର ବିଜୟୀ ହେବା ଆଶା ରଖିଛନ୍ତି। ଅନ୍ୟପକ୍ଷେ ସରକାରୀ ଚାକିରି ଛାଡ଼ି ରାଜନୀତିରେ ପାଦ ରଖିଥିବା ରମେଶ ଚନ୍ଦ୍ର ବେହେରା ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଳେ ଦଳୀୟ ହାୱା ଯୋଗୁ ସେ ଜିତିବା ପାଇଁ ଆଶା ବାନ୍ଧିଛନ୍ତି। ରମେଶ ଦଶପଲ୍ଲାର ବିଜେଡି ନେତାମାନଙ୍କୁ ଏକାଠି କରି ନିର୍ବାଚନ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି। ବିଭିନ୍ନ ଗ୍ରାମକୁ ଯାଇ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ବିଷୟରେ କହୁଛନ୍ତି।

୧୦ବର୍ଷ ହେଲା ବିଜେଡି ଗଡ଼ ଭାବେ ପରିଗଣିତ ଦଶପଲ୍ଲା ନିର୍ବାଚନମଣ୍ଡଳୀ ଏଥର ଗଡ଼ ରକ୍ଷା କରିପାରିବ ନା ଏହା ଭାଜପା ଅକ୍ତିଆରକୁ ଚାଲିଯିବ ତାହାକୁ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି। ସରିଗଣ୍ଡା ପଞ୍ଚାୟତ ବଡ଼କାମେଟି ଗ୍ରାମର ସାରଥି କଅଁରଙ୍କ କହିବା କଥା, ପ୍ରତିଥର ଆମେ ଭୋଟ ଦେଉଛୁ, ହେଲେ ଗ୍ରାମରେ କୋଠ ଘରଟିଏ ହୋଇପାରିନାହିଁ। ଭୋଗବାଡ଼ି ପଞ୍ଚାୟତ ଟାଙ୍ଗିସାହର କେତେଜଣ ଲୋକଙ୍କ କହିବା କଥା, ବର୍ତ୍ତମାନ ଗ୍ରାମରେ ପରିବର୍ତ୍ତନର ସ୍ୱର ଶୁଭୁଛି। ଗ୍ରାମରେ ୨୨ ପରିବାର ଥିବାବେଳେ ମାତ୍ର ୨ ପରିବାରଙ୍କୁ କାଳିଆ ଯୋଜନାରେ ଟଙ୍କା ମିଳିଛି। ସେହିଭଳି ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରଟିଏ ମଧ୍ୟ ନାହିଁ। ବିଭିନ୍ନ ପ୍ରସଙ୍ଗ ଉଠାଉଥିବା ବେଳେ ପ୍ରାର୍ଥୀମାନେ ଏହା ସମାଧାନ କରିବାକୁ ପ୍ରତିଶ୍ରୁତି ଦିଅନ୍ତି, ହେଲେ ନିର୍ବାଚନ ପରେ ସବୁ ଭୁଲିଯାଉଥିବା କହନ୍ତି ଭୋଟରମାନେ।

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପୂର୍ଣ୍ଣଚନ୍ଦ୍ର ନାୟକ | ୭୫,୮୩୨ |
| କଂଗ୍ରେସ | ଇନ୍ଦୁମତୀ ନାୟକ | ୧୮,୫୦୫ |
| ଭାଜପା | ପ୍ରମୋଦ କୁମାର ବେହେରା | ୧୬,୦୫୩ |

| ୨୦୧୯ର ପ୍ରାର୍ଥୀ | |
|---|---|
| ବିଜେଡି | ରମେଶ ଚନ୍ଦ୍ର ବେହେରା |
| ଭାଜପା | ପୂର୍ଣ୍ଣଚନ୍ଦ୍ର ନାୟକ |
| କଂଗ୍ରେସ | ପ୍ରଶାନ୍ତ କୁମାର ନାୟକ |
| ଏନ୍ସିପି | ବେଣୁଧର ନାୟକ |
| ସମତା କ୍ରାନ୍ତି ଦଳ | ତ୍ରିନାଥ ନାୟକ |
| ବିଏସ୍ପି | ଦେବରାଜ ନାୟକ |
| ସ୍ୱାଧୀନ | ବିଷ୍ଣୁପ୍ରିୟା ଦାଶ |

**ଦଶପଲ୍ଲା ନିର୍ବାଚନମଣ୍ଡଳୀ**

ମୋଟ ଭୋଟର ସଂଖ୍ୟା
୧,୮୯,୬୩୦
ପୁରୁଷ ଭୋଟର
୯୮,୮୬୨
ମହିଳା ଭୋଟର
୯୦,୭୫୩
ମୋଟ ବୁଥ୍ ସଂଖ୍ୟା
୨୩୪
ଅନ୍ୟାନ୍ୟ ଭୋଟର
୧୫
ଦିବ୍ୟାଙ୍ଗ ଭୋଟର
୩୩୯୧
ଭିଆଇପି ଭୋଟର
୩

# ସ୍ୱାମୀଙ୍କ ସହ ଲଢୁଛନ୍ତି ସ୍ତ୍ରୀ

## ଆସିକା ଲୋକ ସଭା, ୫ ବିଧାନସଭା ଆସନରେ ୯ ମହିଳା ପ୍ରାର୍ଥୀ

ବ୍ରହ୍ମପୁର ଅଫିସ,୧୫।୪

ଗଞ୍ଜାମ ଜିଲା ପୋଲସରା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନର ବିଧାୟକ ଶ୍ରୀକାନ୍ତ ସାହୁ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ତାଙ୍କ ସ୍ତ୍ରୀ ଗୋଲାପ ସାହୁ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ଆସିକା ଲୋକ ସଭା ଓ ୫ ବିଧାନସଭା କ୍ଷେତ୍ରରେ ଏଥର ୯ ମହିଳା ପ୍ରାର୍ଥୀ ଅଛନ୍ତି। ତେବେ ସ୍ୱାମୀ ଓ ସ୍ତ୍ରୀଙ୍କ ନିର୍ବାଚନ ଲଢ଼େଇ ରୋଚକ ହୋଇଛି। ଆସନ୍ତା ୧୮ତାରିଖରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଆସିକା ଲୋକ ସଭା ଆସନରେ ୮ ପ୍ରାର୍ଥୀଙ୍କ ମଧ୍ୟରେ ଦୁଇ ମହିଳା ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭାଜପାର ଅନୀତା ଶୁଭଦର୍ଶିନୀ ଓ ବିଜେଡିରୁ ପ୍ରମିଳା ବିଶୋୟୀ। ସେହିପରି ଏହି ସଂସଦୀୟ କ୍ଷେତ୍ର ଅଧୀନ ଖଲ୍ଲିକୋଟ ସେଗ୍ମେଣ୍ଟରେ ୩ ମହିଳା ନିର୍ବାଚନ ଲଢୁଥିବା ବେଳେ ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ଆସିକା ଓ ପୋଲସରାରୁ ଜଣେ ଲେଖାଏ ମହିଳା ପ୍ରାର୍ଥୀ ଅଛନ୍ତି।

ଗୋଲାପ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ ମଧ୍ୟ ପୋଲସରା ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ଲଢୁଥିବା ସ୍ୱାମୀ ଶ୍ରୀକାନ୍ତଙ୍କ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଛନ୍ତି। ଶ୍ରୀକାନ୍ତ ଦ୍ୱିତୀୟଥର ବିଜେଡି ଟିକେଟ ପାଇଛନ୍ତି। ବିଜେଡି ସରକାରଙ୍କ ବହୁମୁଖୀ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ସ୍ୱାମୀ ଓ ସ୍ତ୍ରୀ ଭୋଟରଙ୍କୁ ସଚେତନ କରାଉଛନ୍ତି। ସ୍ୱାଧୀନ ପ୍ରାର୍ଥୀ ହୋଇ ବିଜେଡିର କାହିଁକି ପ୍ରଚାର କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଶ୍ରୀକାନ୍ତଙ୍କ ନିର୍ବାଚନୀ କ୍ୟାମ୍ପେନରେ ଥିବା ଦଳର ବରିଷ୍ଠ ନେତା ଅଶୋକ ସ୍ୱାଇଁ କହିଛନ୍ତି, ଗୋଲାପ ବିଜେଡିର ଡମି ପ୍ରାର୍ଥୀ ଥିଲେ। ଭୁଲବଶତଃ ଶେଷ ଦିବସରେ ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରି ନ ଥିଲେ। ତେଣୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ରହିଛି।

ଅପରପକ୍ଷରେ ଲୋକ ସଭା କ୍ଷେତ୍ରର ୨ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରମିଳାଙ୍କ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାରାଥନ ପ୍ରଚାର କରିଛନ୍ତି। ଏସଏଚଜିର ଗାଉଁଲି ମହିଳା ପ୍ରମିଳାଙ୍କୁ ହେଲିକପ୍ଟରରେ ବସାଇ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ବୁଲାଇଛନ୍ତି। ସେହିପରି ଅନିତାଙ୍କ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ନେତାମାନେ ଘମାଘୋଟ ପ୍ରଚାର କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରୁ ଏହି ଲୋକ ସଭା ନିର୍ବାଚନମଣ୍ଡଳୀରେ ଖୋଲା ପ୍ରଚାର ଶେଷ ହେବ।

# ଚିକିଟିର ୫ ବୁଥ୍‌ରେ ସାନି ମତଦାନ ଦାବି

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଗଞ୍ଜାମ ଜିଲାର ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ ବୁଥ୍‌ରେ ସାନି ମତଦାନ କରିବାକୁ ଭାଜପା ଦାବି କରିଛି। ସେହି ବୁଥ୍‌ଗୁଡିକ ହେଲା ହରିପୁରର ୮୧ ନମ୍ବର, ଯାଟିପଦର ୮୨ ଓ ୮୩, ଗୋବିନ୍ଦଚନ୍ଦ୍ରପୁର ୧୩୮ ଏବଂ ମଇସାନପୁରର ୧୪୭ ବୁଥ୍। ବିଜେଡି କର୍ମକର୍ତ୍ତା ଏବଂ ନେତାମାନଙ୍କ ଦ୍ୱାରା ବୁଥ୍ ରିଗିଂ ଓ କ୍ୟାପ୍‌ଚରିଂ ହୋଇଥିବାରୁ ସେଠାରେ ସାନି ମତଦାନ କରିବାକୁ ରାଜ୍ୟ ଭାଜପା ପକ୍ଷରୁ ଏକ ଦାବିପତ୍ର ଭାରତର ମୁଖ୍ୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ଉଦ୍ଦେଶ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାରଙ୍କୁ ସୋମବାର ପ୍ରଦାନ କରାଯାଇଛି। ଚିକିଟିର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ ଉପରେ ବିଜେଡିର ଗୁଣ୍ଡମାନେ ଆକ୍ରମଣ କରିଥିଲେ। ସେଠାରେ ବୁଥ୍ ରିଗିଂ, କ୍ୟାପ୍‌ଚରିଂ, ପୋଲିଂ ଏଜେଣ୍ଟମାନଙ୍କୁ ବୁଥ୍ ଭିତରେ ପ୍ରବେଶ କରାଇ ନ ଦିଆଯିବା ସହ କେତେକ ସ୍ଥାନରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ପାରିନାହାନ୍ତି। ଏଣୁ ଉପରୋକ୍ତ ୫ ବୁଥ୍‌ରେ ସାନି ମତଦାନ ପାଇଁ ଭାଜପା ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ଥିଲେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଭାଜପା କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ରାଜ୍ୟ ଭାଜପା ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ।

### ଭାଜପା ନେତାଙ୍କୁ ହତ୍ୟାର ପ୍ରତିବାଦ

# ସିଇଓଙ୍କୁ ଫେରାଦ ହେଲା ଭାଜପା

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଶାସକ ଦଳର ପ୍ରାୟୋଜିତ ହିଂସା ରାଜ୍ୟରେ ଭୋଟରମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟିକରିଛି। ଖୋର୍ଦ୍ଧା ବିଧାନସଭା ଆସନର ଭାଜପା ବିଧାୟକ ପ୍ରାର୍ଥୀ କାଳୁଚରଣ ଖଣ୍ଡେଇତରାୟଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ ଏବଂ ତାଙ୍କ ସମର୍ଥକ ତଥା ଭାଜପା ନେତା ମଙ୍ଗୁଳି ଜେନାଙ୍କୁ ଗୁଳିକରି ହତ୍ୟା ପରେ ବି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ବିଜେଡିର ଗୁଣ୍ଡାମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ପୂର୍ବରୁ ଏଭଳି ହିଂସା ସମ୍ପର୍କରେ ଭାଜପା ପକ୍ଷରୁ ଅନେକଥର ଅଭିଯୋଗ ହେଲା ପରେ ବି ସିଇଓ କାହିଁକି ଚୁପ୍ ବସିଛନ୍ତି। ଏହା ବିରୋଧରେ ସୋମବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁହଁରେ କଳା ପଟି ବାନ୍ଧି ସିଇଓଙ୍କୁ ଭେଟିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

ଖୋର୍ଦ୍ଧାରେ ଭାଜପା ନେତା ମଙ୍ଗୁଳି ଜେନା ପାର୍ଟି ଅଫିସରୁ ଫେରୁଥିବାବେଳେ ବିଜୁ ଗୁଣ୍ଡାବାହିନୀ କାର୍ଯ୍ୟକର୍ତ୍ତାମାନେ ରବିବାର ରାତିରେ ଗୁଳି କରି ହତ୍ୟା କରିଛନ୍ତି। ସିଇଓଙ୍କ ନୀରବତା ଶାସକ ଦଳକୁ ଏବଂ ହିଂସାତ୍ମକ ଆଚରଣ କରୁଥିବା ବ୍ୟକ୍ତିଙ୍କୁ ଶକ୍ତି ଯୋଗାଉଛି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା। ବିଭିନ୍ନ ସ୍ଥାନରେ ବିଜେଡି ହାରିବା ଭୟରେ ବୁଥ୍ ରିଗିଂ, କ୍ୟାପ୍‌ଚରିଂ ସାଙ୍ଗକୁ ପୋଲିଂ ଏଜେଣ୍ଟମାନଙ୍କୁ ବୁଥ୍ ଭିତରେ ପ୍ରବେଶ କରାଇ ଦେଇ ନାହିଁ। କେତେକ ସ୍ଥାନରେ ବିଜୁ ଯୁବ ବାହିନୀର କର୍ମୀମାନେ ଭାଜପା ଏଜେଣ୍ଟମାନଙ୍କୁ ଭୟଭୀତ କରାଇଛନ୍ତି। ଶାସକ ଦଳର ଗୁଣ୍ଡା ଏବଂ ସରକାରୀ କଳର ଅପବ୍ୟବହାର କରି ବିଜେଡି ନିର୍ବାଚନକୁ ନିଜ ଅଧୀନରେ ରଖିବାକୁ ପ୍ରୟାସ କରିଛି। ଘସିପୁରାରେ ଭାଜପାର ଜଣେ କର୍ମକର୍ତ୍ତାଙ୍କୁ ହତ୍ୟା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଦିନ ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କୁ ଆକ୍ରମଣ କରାଯାଇଥିଲା। ଏଥିରେ କୌଣସି କାର୍ଯ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ନିର୍ବାଚନର ଠିକ୍ ପୂର୍ବରୁ ଏପରି ହତ୍ୟାକାଣ୍ଡ ଅତ୍ୟନ୍ତ ନିନ୍ଦନୀୟ। ଶାସକ ଦଳର ଗୁଣ୍ଡା ନିର୍ବାଚନ ପରିଚାଳନାରେ ବିଶୃଙ୍ଖଳା ସୃଷ୍ଟି କରିଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା, ରିଗିଂ ଏବଂ କ୍ୟାପ୍‌ଚରିଂ ହୋଇଥିବା ବୁଥ୍‌ଗୁଡିକରେ ପୁଣି ଭୋଟ କରିବା ନେଇ ପ୍ରତିନିଧି ଦଳ ଦାବି କରିଛି।

ଏହି ପ୍ରତିନିଧି ଦଳରେ ଥିଲେ ରାଜ୍ୟ ଉପସଭାପତି ରମାରଞ୍ଜନ ବଳିଆରସିଂ, ଚିକିଟିର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ।

### ବନ୍ଧବାହାଲରେ ଭାଜପାର ବିଜୟ ସଂକଳ୍ପ ସମାବେଶ

# କେନ୍ଦ୍ରରେ ଭାଜପା ସରକାର ଗଢ଼ିବ: ଧର୍ମେନ୍ଦ୍ର

ଲଖନପୁର,୧୫।୪(ଡି.ଏନ୍.ଏ.)

ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ଧବାହାଲ ଧନୁଯାତ୍ରା ପଡ଼ିଆରେ ସୋମବାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଦଳର ହେଭିୱେଟ୍ ନେତା କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟରେ ଭାଜପା ସରକାର ଗଢ଼ିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଭାଜପା ସରକାର ଆସିଲେ ଭୁବନେଶ୍ୱର ସହିତ ଦିଲ୍ଲୀ ଯୋଡ଼ିହେବ। ଦଳର ଲୋକ ସଭା ଓ ବିଧାନସଭା ସଦସ୍ୟ ସିଧାସଳଖ କେନ୍ଦ୍ର ସରକାର ସହିତ ଯୋଡ଼ିହେବେ। ବିଜେଡି ସରକାରରେ ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଭାଜପା ସରକାର ଆସିଲେ ବଳାତ୍କାରୀମାନଙ୍କୁ ଫାଶୀଦଣ୍ଡ ଦିଆଯିବ। ଉଚ୍ଚଶିକ୍ଷିତା ଝିଅମାନଙ୍କୁ ସ୍କୁଟି, ଉଚ୍ଚଶିକ୍ଷା ପାଇଁ ୫୦ହଜାର ଟଙ୍କା ଆର୍ଥିକ ସହାୟତା, ଚାଷୀଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣଛାଡ଼ କରାଯିବ। ମୋଦି ସରକାର ଝାରସୁଗୁଡ଼ା ଜିଲାର ବିକାଶ ପାଇଁ ଡିଏମ୍ଏଫ୍‌ରୁ ହଜାର କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରୁ ରାଜ୍ୟ ସରକାର ପିସି ଖାଇଲେ ବୋଲି ଏହି ଅବସରରେ ପ୍ରଧାନ ଅଭିଯୋଗ କରିଥିଲେ। ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଓଡ଼ିଶା ଅର୍ଥନୀତିର ପେଣ୍ଠସ୍ଥଳୀ ହୋଇଥିବାବେଳେ ଏହି ଅଞ୍ଚଳବାସୀ ସର୍ବଦା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହୋଇ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏ ଅଞ୍ଚଳର ବିକାଶ ପାଇଁ ଡବଲ ଇଞ୍ଜିନ୍ ଆବଶ୍ୟତା ରହିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଦେବାକୁ ପ୍ରଧାନ ଆହ୍ୱାନ ଦେଇଥିଲେ। ସେହିଭଳି ଓରିଏଣ୍ଟ କାଗଜକଳ, ବିଟିଏମ୍ ସୂତାକଳ ଭଳି ଏଠାରେ ଥିବା ଅନେକ ଶିଳ୍ପାନୁଷ୍ଠାନ ବନ୍ଦ ହୋଇପଡ଼ିଛି। ଏଥିପାଇଁ ବରଗଡ଼ ଲୋକ ସଭା ପ୍ରାର୍ଥୀ ସୁରେଶ ପୂଜାରୀ ଓ ବ୍ରଜରାଜନଗର ବିଧାନସଭା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ପ୍ରଧାନ ଭୁବନେଶ୍ୱରରୁ ହେଲିକପ୍ଟରରେ ଆସି ଏଠାରେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ୫୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ରଘୁନନ୍ଦନ ପଣ୍ଡା, ସାମଲ ନାୟକ, ପ୍ରମୋଦ ସେନାପତି, କିଶୋର ମିଶ୍ର, ମଙ୍ଗଳ ସାହୁ, ଅମରେନ୍ଦ୍ର ରାୟ, ମଞ୍ଜୁବାଳା ଗୁରୁ, ରୀନା ପଟେଲ, ସୁନୀଲ ପଣ୍ଡା, ବିଶ୍ୱଜିତ ଭୋଇ, ପ୍ରଶାନ୍ତ ତ୍ରିପାଠୀ, ପ୍ରଦୀପ କରାଳୀ, ନୀଳାଞ୍ଚଳ ସା, ଆଲୋକ ସାହୁ, ସମୀର ମିଶ୍ର, ସଞ୍ଜୟ ସିଂହ, ପାରସ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୟ ସଙ୍କଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

### ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ନିର୍ଣ୍ଣାୟକ ହୋଇପାରେ ଦଳ ବଦଳ ନେତାଙ୍କ ଭୂମିକା


ଦେବେଶ ଆଚାର୍ଯ୍ୟ


ଅଶ୍ୱିନୀ ଷଡ଼ଙ୍ଗୀ


ନିପନ ଦାଶ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ,୧୫।୪

ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଦଳଗୁଡ଼ିକ ବିଜୟର ଆଶା ନେଇ ପ୍ରଚାରକୁ ଜୋରଦାର କରିଛନ୍ତି। ଆସନ୍ତା ୧୮ ତାରିଖରେ ଭୋଟ। ୧୬ ତାରିଖ ସନ୍ଧ୍ୟାରେ ସରିଯିବ ପ୍ରଚାର। ପ୍ରାର୍ଥୀମାନେ ଏବେ ଘରକୁ ଘର ଯାଇ ଭୋଟ ଭିକ୍ଷା କରୁଛନ୍ତି। କଂଗ୍ରେସ ନିର୍ବାଚନ ଇସ୍ତାହାର ଅନୁଯାୟୀ କୃଷିଋଣ ଛାଡ଼, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୬୦୦ ଟଙ୍କାକୁ ବୃଦ୍ଧି, ପ୍ରତ୍ୟେକ ପରିବାରର ଜଣକୁ ଚାକିରି, ଚାଷୀଙ୍କୁ ମାଗଣାରେ ସୋଲାର ପମ୍ପ ଆଦି ପ୍ରତିଶ୍ରୁତି ନେଇ ଭୋଟରଙ୍କ ପାଖରେ ପହଞ୍ଚୁଥିବା ବେଳେ ଭାଜପା ବିଭିନ୍ନ କେନ୍ଦ୍ରୀୟ ଯୋଜନା, ରାଜ୍ୟ ସରକାରଙ୍କ ବିଫଳତା, ବେକାରି, ଚାଷୀ ସମସ୍ୟା, ଜଳସେଚନକୁ ମୁଖ୍ୟ ପ୍ରସଙ୍ଗ କରିଛି। ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନା, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ରାସ୍ତାଘାଟ, ସେତୁ ନିର୍ମାଣ ସହ ବିଭିନ୍ନ ଗ୍ରାମକୁ ସଂଯୋଗ ଭଳି ଅନେକ ବିକାଶମୂଳକ କାର୍ଯ୍ୟକୁ ନେଇ ବିଜେଡି ନେତାମାନେ ଭୋଟରମାନଙ୍କ ପାଖରେ ପହଞ୍ଚୁ ଥିବା ଦେଖିବାକୁ ମିଳିଛି। ୨୦୦୯ରେ କଂଗ୍ରେସ ଏହି ଆସନକୁ ନିଜ ଦଖଲକୁ ନେଇଥିଲା। ମାତ୍ର ତତ୍କାଳୀନ କଂଗ୍ରେସ ପ୍ରାର୍ଥୀ ସାଧୁ ନେପାକଙ୍କ ସମେତ ଭାଜପା ଛାଡ଼ିଥିବା ସୁବାସ ଚୌହାନ, ଦେବବ୍ରତ ମିଶ୍ର ଏବଂ ସମର୍ଥକମାନେ ଏବେ ବିଜେଡିରେ ସାମିଲ ହୋଇଛନ୍ତି। ଏହାକୁ ନେଇ ବିଜେଡି ସଙ୍ଗଠନ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇଛି ବୋଲି ଦଳୀୟ ନେତାମାନେ କହିଛନ୍ତି। ମାତ୍ର ସେମାନେ ଦଳ ଛାଡ଼ିବା ପରେ ମଧ୍ୟ ଭାଜପା କିମ୍ବା କଂଗ୍ରେସ ନିଜକୁ ଦୁର୍ବଳ ମଣୁନାହାନ୍ତି। ହେଲେ ଦଳ ବଦଳ କରିଥିବା ସେହି ନେତାଙ୍କ ଭୂମିକା ଏଥର ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଭାଜପା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ କୁହନ୍ତି, ଆମ ଦଳରେ କିଛି ଅନ୍ତର୍ଦ୍ୱନ୍ଦ୍ୱ ନାହିଁ। ଦଳ ଏବେ ସଙ୍ଗଠିତ ଅଛି। ଏହି ନିର୍ବାଚନମଣ୍ଡଳୀରେ ଭାଜପାର ଭୋଟ୍ ହାର ଯଥେଷ୍ଟ ପରିମାଣରେ ବଢ଼ିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକାରୀ ଯୋଜନା ଯୋଗୁ ଏଥର ଦଳ ନିଶ୍ଚୟ ବିଜୟ ଲାଭ କରିବ। କଂଗ୍ରେସ ପ୍ରାର୍ଥୀ ନିପନ ଦାଶଙ୍କ ମତରେ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ଆଦୌ କନ୍ଦଳ ନାହିଁ। ସମସ୍ତ କର୍ମୀ ଦଳ ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବହୁମୁଖୀ ଯୋଜନାର ଇସ୍ତାହାର ପ୍ରତି ଲୋକେ ଆକୃଷ୍ଟ ହେଉଛନ୍ତି। ସେଥିପାଇଁ ଏଠି ଦଳ ଜିତିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବହୁମୁଖୀ ବିକାଶ ହୋଇଛି। ଲୋକେ ମଧ୍ୟ ନବୀନଙ୍କ ପ୍ରତି ଆସ୍ଥା ରଖି ଦଳକୁ ଶାସନର ସୁଯୋଗ ଦେଇ ଆସିଛନ୍ତି। ଏଥର ମଧ୍ୟ ଦଳ ବିଜୟ ଲାଭ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଭୋଟର ଗାଇସୀମା ଗ୍ରାମର ଚୂଡ଼ାମଣି ପାଣ୍ଡେ କହିଛନ୍ତି, ତାଙ୍କ ଭୋଟ୍ ଦୁର୍ନୀତି, ଭ୍ରଷ୍ଟାଚାର ସରକାର ତଥା ପ୍ରାର୍ଥୀଙ୍କ ବିପକ୍ଷରେ ଯିବ। ଜଣେ ଭଲ ନେତାଙ୍କୁ ସେ ଭୋଟ ଦେବାକୁ ସ୍ଥିର କରିଛନ୍ତି। ବରଗଡ଼ର ସାମାଜିକ କର୍ମୀ ଶିବାନନ୍ଦ ମଟାରୀ କୁହନ୍ତି, ଯେଉଁ ପ୍ରାର୍ଥୀ ବରଗଡ଼ ଏବଂ ଦେଶର ବିକାଶ ପାଇଁ ଚିନ୍ତା କରୁଛନ୍ତି, ସେଭଳି ପ୍ରାର୍ଥୀଙ୍କ ସପକ୍ଷରେ ତାଙ୍କ ଭୋଟ ଯିବ। ପାର୍ଟି ନୁହେଁ, ପ୍ରାର୍ଥୀ ଦେଖି ସେ ମତଦାନ କରିବେ। ଏଭଳି ସ୍ଥିତିରେ ଏଠାରେ ନିର୍ବାଚନୀ ପାଣିପାଗ ରୋଚକ ସ୍ଥିତିରେ ପହଞ୍ଚିଛି। ନେତା ଓ କର୍ମୀ ଦଳ ଅଦଳବଦଳ କରୁଥିଲେ ମଧ୍ୟ ଭୋଟର ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ବିଜୟ କାହା ସପକ୍ଷରେ ଯିବ ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

| | |
|---|---|
| ମୋଟ ଭୋଟ ଗ୍ରହଣ କେନ୍ଦ୍ର | ୨୩୧ |
| ସମ୍ବେଦନଶୀଳ | ୩୧ |
| ଭିଆଇପି ଭୋଟର | ୩ |
| ଅଧିକ ସମ୍ବେଦନଶୀଳ | ନାହିଁ |
| ସାଧାରଣ | ୨୦୦ |

| ୨୦୧୪ ନିର୍ବାଚନ ଫଳାଫଳ | |
|---|---|
| ବିଜେଡି | ୫୯,୩୫୦ |
| କଂଗ୍ରେସ | ୪୬,୧୪୬ |
| ଭାଜପା | ୨୨,୭୦୭ |

ମୋଟ ଭୋଟର ସଂଖ୍ୟା
୨,୧୬,୩୫୮
ମହିଳା ଭୋଟର
୧,୧୧,୯୪୫
ପୁରୁଷ ଭୋଟର
୧,୦୪,୩୯୬
ଅନ୍ୟାନ୍ୟ
୧୭

## ସଂକ୍ଷେପରେ

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଜୟପୁର,୧୫।୪ (ଡି.ଏନ.ଏ/ନି.ପ୍ର)- କୋରାପୁଟ ଜିଲା ଜୟପୁର ଉପ-କାରାଗାରର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଶାଖାପାଟଣା ଜିଲା ସିଲେରୁ ଥାନା ଅନ୍ତର୍ଗତ ଦୋରକଣ୍ଡା ଗ୍ରାମର କିମିଡ଼ୁ ରାମା (୨୦) । ଗତ ମାର୍ଚ୍ଚ ୧୫ ତାରିଖରେ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବୈପାରୀଗୁଡ଼ା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହି ଦିନଠାରୁ ସେ ଜୟପୁର ଜେଲରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ । ଏନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷ କୌଣସ ସୂଚନା ଦେଇ ନାହାନ୍ତି । ଜେଲ କର୍ତ୍ତୃପକ୍ଷ କହିବା ଅନୁଯାୟୀ, ରବିବାର ସନ୍ଧ୍ୟାରେ ରାମାଙ୍କ ବାନ୍ତିହେବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୋମବାର ଭୋରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଚଳାଇଛି ।

# ଡବ୍‌ଲ ଇଞ୍ଜିନ ରାଜ୍ୟରେ ଆଣିବ ବିକାଶ

**ରାଉରକେଲା ଅଫିସ/ଫୁଲବାଣୀ ଅଫିସ/ଅନୁଗୋଳ ଅଫିସ, ୧୫।୪**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୮ତାରିଖରେ ହେବ। ଏହି ପର୍ଯ୍ୟାୟରେ ହେଉଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁଦଳ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି। ଏହିକ୍ରମରେ ଭାଜପା ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଭିକ୍ଷା କରିବାକୁ ସୋମବାର ଓଡ଼ିଶା ଗସ୍ତରେ ଆସିଥିଲେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ପ୍ରଥମେ ରାଉରକେଲା ପରେ ଅନୁଗୋଳ ଓ ଶେଷରେ ଫୁଲବାଣୀ ଠାରେ ଆୟୋଜିତ ଦଳର ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ଯୋଗୀ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ୍ ସରକାର ଆସିଲେ ବିକାଶର ଶୀର୍ଷରେ ପହଞ୍ଚିବ ବୋଲି କହିଥିଲେ।

ଯୋଗୀ ପ୍ରଥମେ ରାଉରକେଲା ଏୟାର ଷ୍ଟ୍ରିପ ନିକଟ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ବାସ୍ତବ ବିକାଶ ପାଇଁ ଏଠିକାର ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ କରୁନାହାନ୍ତି। ସମ୍ପଦର ସଦୁପଯୋଗ କଲେ ଜନତାଙ୍କ ସାମୂହିକ ମଙ୍ଗଳ ହେବ। ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା ଅର୍ଥକୁ ମଧ୍ୟ ଖର୍ଚ୍ଚ କରିପାରୁନାହାନ୍ତି। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଗଠନ ହେଲେ ପ୍ରତ୍ୟେକ ସମସ୍ୟାର ସମାଧାନ ସମ୍ଭବ ହେବ ବୋଲି ଯୋଗୀ କହିଥିଲେ। ଏହି ଅବସରରେ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଓ ନବୀନ ନିଜ ଆସନରୁ ଜିତିବେ ନା ନାହିଁ ସେ ନେଇ ଆଶଙ୍କାରେ ପଡ଼ିଛନ୍ତି। ସେଥିପାଇଁ ରାହୁଲ ତାଙ୍କ ପାରମ୍ପରିକ ଆସନ ଅମେଠି ସହ ୱାୟନାଡ୍‌ରେ ମଧ୍ୟ ନିର୍ବାଚନ ଲଢ଼ୁଛନ୍ତି। ନବୀନ ମଧ୍ୟ ତାଙ୍କ ଆସନ ହିଞ୍ଜିଳି ସହ ବିଜେପୁରରୁ ପ୍ରାର୍ଥୀ ହୋଇଛନ୍ତି। ଏମାନଙ୍କ ଉପରୁ ଲୋକେ ଆସ୍ଥା ହରାଇଛନ୍ତି। ଏପରି ଅବସ୍ଥାରେ ନରେନ୍ଦ୍ର ମୋଦିଙ୍କୁ ଆଉ ଥରେ କ୍ଷମତାକୁ ଆଣିବାକୁ ଯୋଗୀ ନିବେଦନ କରିଥିଲେ। ଏକ ସମୃଦ୍ଧ ଭାରତ ପାଇଁ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ସେ ଆହ୍ୱାନ ଦେଇଥିଲେ।

ପରେ ଅନୁଗୋଳସ୍ଥିତ ବିଜୁମଇଦାନରେ ଆୟୋଜିତ ସମାବେଶରେ ଯୋଗୀ ପହଞ୍ଚି ଜୟ ଜଗନ୍ନାଥରୁ ତାଙ୍କ ଭାଷଣ ଆରମ୍ଭ କରିଥିଲେ। ଓଡ଼ିଆରେ ଜନତାଙ୍କୁ ନମସ୍କାର କରିବା ସହ ସଭାସ୍ଥଳରେ ଥିବା ମା' ଓ ବରିଷ୍ଠଙ୍କୁ ପ୍ରଣାମ ବୋଲି କହିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମା' ହିଙ୍ଗୁଳାଙ୍କ କ୍ଷେତ୍ରରେ ବହୁତ ମୂଲ୍ୟବାନ ସମ୍ପତ୍ତି ରହିଛି। ଖାଲି ଏଠାରେ ନୁହେଁ, ସମଗ୍ର ଓଡ଼ିଶା ପ୍ରାକୃତିକ ସମ୍ପଦ ଓ ଯୁବଶକ୍ତିରେ ପରିପୂର୍ଣ୍ଣ। କିନ୍ତୁ ରାଜ୍ୟରେ ଯୋଗ୍ୟ ସରକାର ନ ଥିବା କାରଣରୁ ଓଡ଼ିଶାର ବିକାଶ ହୋଇପାରୁନାହିଁ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧା ଟାର୍ଗେଟ କରି ଗରିବଙ୍କ ଝାଳବୁହା ଧନ ଚିଟ୍‌ଫଣ୍ଡ କମ୍ପାନୀକୁ ଟେକି ଦେଇଥିବା ଅଭିଯୋଗ କରିଥିଲେ। ଏପରି କି ଚିଟଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ନେତା ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ଦଳୀୟ ଟିକେଟ ପ୍ରଦାନ କରି ନବୀନ ପ୍ରୋତ୍ସାହିତ କରୁଛନ୍ତି ବୋଲି ଯୋଗୀ କହିଥିଲେ। ଏହାପରେ ଯୋଗୀ କେନ୍ଦ୍ର ସରକାରଙ୍କ ସଫଳତା ବଖାଣିଥିଲେ। ଅନୁଗୋଳ ମାଟିର ପୁଅ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୭ କୋଟି ଗରିବ ମହିଳାଙ୍କୁ ବିନା ଦେୟରେ ଉଜ୍ଜ୍ୱଳା ଯୋଜନାରେ ସାମିଲ କରିଥିବାରୁ ମହିଳାମାନଙ୍କ ଓଠରେ ହସ ଖେଳିଛି ବୋଲି କହିଥିଲେ। ଭାଜପା କେନ୍ଦ୍ରରେ ସରକାର ଗଢ଼ିବା ପରେ କୌଣସି ଦୁର୍ନୀତି ହୋଇନାହିଁ ବରଂ ଦେଶର ବିକାଶରେ କାର୍ଯ୍ୟ କରିଛି। ଓଡ଼ିଶାରେ ରେଲୱେ, ପେଟ୍ରୋଲ, ହାଇୱେ, ବିମାନବନ୍ଦର ଭଳି ଅନେକ କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟ କରାଯାଇଛି। ଆତଙ୍କବାଦୀ, ମାଓବାଦୀଙ୍କୁ ମୋଦି ସରକାର କଡ଼ା ଜବାବ ଦେଇଛନ୍ତି। ଭାଜପା ଦେଶକୁ ସୁରକ୍ଷା ଦେବା ସହ ସମୃଦ୍ଧି ଓ ବିକାଶ କରୁଛି। ଗରିବ, ଚାଷୀ, ଯୁବକ ଓ ମହିଳାଙ୍କ ପାଇଁ ବଡ଼ ବଡ଼ କାର୍ଯ୍ୟ କରୁଛି। ତେଣୁ ଓଡ଼ିଶାରେ ଭାଜପା ସରକାର ହେବା ଆବଶ୍ୟକ ବୋଲି ଯୋଗୀ କହିଥିଲେ।

ଶେଷରେ ଫୁଲବାଣୀ କରୋନେଶନ ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଯୋଗୀ କହିଥିଲେ, ଓଡିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ଏଠାର ଯୁବକ ପ୍ରତିଭାବାନ । ସେମାନେ ନିଜ ପ୍ରତିଭା ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀର ବିକାଶରେ ଲଗାଉଛନ୍ତି। ହେଲେ ନିଜ ଅଞ୍ଚଳରେ ପ୍ରତିଭାର ସମ୍ମାନ ନାହିଁ। ଓଡ଼ିଶାରେ ଭାଜପା ସରକାର ଥିଲେ କନ୍ଧମାଳର ଯୁବକ ରାଜ୍ୟ ବାହାରକୁ ଖଟିବାକୁ ଯାଇ ନ ଥାନ୍ତେ। ଦିନେ ମହାନ ଓଡିଶା ସ୍ୱପ୍ନ ଦେଖିଥିବା ବିଜୁ ବାବୁଙ୍କୁ ଏହା ବେଶି କଷ୍ଟ ଦେଉଥିବ। ତାଙ୍କ ସ୍ୱପ୍ନକୁ ଧୂଳିସାତ କରିଛି ବିଜେଡି ସରକାର । ଏବେ ସମସ୍ତଙ୍କ ମୁହଁରେ ଗୋଟିଏ କଥା କେନ୍ଦ୍ରରେ ମୋଦି ପ୍ରଧାନମନ୍ତ୍ରୀ ହୁଅନ୍ତୁ। ଗତ ୫ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଦେଶର ଦେଢ଼ କୋଟି ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ, ୪ କୋଟି ପରିବାରକୁ ନିଶୁଳ୍କ ବିଦ୍ୟୁତ୍ ସେବା, ୭ କୋଟି ପରିବାରକୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, ସାଢ଼େ ୧୨ କୋଟି ପରିବାରକୁ ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରେ ୬ ହଜାର ଟଙ୍କା ସହାୟତା ଦେବାର ବ୍ୟବସ୍ଥା, ୩୭ କୋଟି ଗରିବଙ୍କ ପାଇଁ ଜନଧନ ଯୋଜନାରେ ବ୍ୟାଙ୍କ ଖାତା ଖୋଲିବା, ୧୫କୋଟି ଯୁବକଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଆର୍ଥିକ ସ୍ୱାବଲମ୍ବୀ ପାଇଁ ପଦକ୍ଷେପ, ୫୦ କୋଟି ଗରିବଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ଭଳି ଅନେକ ଜନହିତକର ଯୋଜନା କରିଛନ୍ତି। ଏହା କିଛି ଜାତିକୁ ଦେଖି କରାଯାଇନାହିଁ। ଦେଶର ପ୍ରତ୍ୟେକଙ୍କ ହିତଙ୍କ ପାଇଁ ହୋଇଛି। ତୁଷ୍ଟିକରଣ ନୀତିରେ ଭାଜପା ବିଶ୍ୱାସ କରେନାହିଁ ବୋଲି ଯୋଗୀ କହିଥିଲେ। ଏଥିସହ ଓଡ଼ିଶାରେ ଏବେ ସମସ୍ତେ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଯୋଗୀ କହିଥିଲେ । ୩ଟି ଯାକ ସଭାରେ ଯୋଗୀ ଦଳୀୟ ସାଂସଦ ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କହିଥିଲେ।



ରାଉରକେଲା ସମାବେଶରେ ଉପସ୍ଥିତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓ ଅନ୍ୟ ନେତୃମଣ୍ଡଳୀ।

**ନିର୍ବାଚନୀ ସଭାରେ ଯୋଗୀ ଆଦିତ୍ୟନାଥ**

- ରାଉରକେଲା, ଅନୁଗୋଳ, ଫୁଲବାଣୀରେ ସାଧାରଣ ସଭାରେ ଯୋଗ ଦେଲେ
- ଭାଜପା ଆସିଲେ ବିକାଶର ନୂଆ ଓଡିଶା ନିର୍ମାଣ ସଫଳ ହେବ
- ଚିଟ୍‌ଫଣ୍ଡରେ ସମ୍ପୃକ୍ତ ନେତାଙ୍କୁ ପ୍ରୋତ୍ସାହିତ କରୁଛନ୍ତି ରାଜ୍ୟ ସରକାର

# 'ଚାଷୀ, କୋଶଲୀ ଭାଷା ପ୍ରତି କେନ୍ଦ୍ର ଅଣଦେଖା କରିଛି'

**ଅତାବିରା/ଭେଡ଼େନ,୧୫।୪(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବରଗଡ଼ ଜିଲା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ବରଗଡ଼ ଜିଲାର ଅତାବିରା ନିର୍ବାଚନମଣ୍ଡଳୀରୁ ପ୍ରଚାର ଆରମ୍ଭ କରିଥିଲେ । ଭେଡ଼େନ ବ୍ଲକର ବାନିପାଲି ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରକୁ ଟାର୍ଗେଟ୍ କରିଥିଲେ। ଚାଷୀ ଓ କୋଶଲୀ ଭାଷା ପ୍ରସଙ୍ଗ ଉଠାଇ ସେଥିପ୍ରତି କେନ୍ଦ୍ର ଅଣଦେଖା କରି ଚାଲିଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, କାଳିଆ ଯୋଜନାରେ ଏପର୍ଯ୍ୟନ୍ତ ରାଜ୍ୟର ୪୦ଲକ୍ଷ ଚାଷୀ ଉପକୃତ ହୋଇ ସାରିଲେଣି। ମାତ୍ର କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚଳାଇଛି। ସେ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରି ପାରିବେନି। ବିଜେଡି ସରକାର ଗଢ଼ିବାର ପ୍ରଥମ ଦିନରେ ହିଁ ୨ଟି କିସ୍ତିର ୧୦ହଜାର ଟଙ୍କା ଚାଷୀଙ୍କ ଆକାଉଣ୍ଟରେ ଜମା ହେବ। ସେହିପରି ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦୁଇଗୁଣା କରିବାକୁ କହିଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା ହୋଇ ପାରିଲାନାହିଁ। ଏପରିକି ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଁ ସେ ଦାବି କରିଥିଲେ। ବିଧାନସଭା ଗୃହ କମିଟି ମଧ୍ୟ ଏ ନେଇ କେନ୍ଦ୍ରକୁ ଫେରାଦ ହୋଇଥିଲା। ମାତ୍ର ୨ବର୍ଷ ବିତିଗଲା ପଛେ ଧାନର ସହାୟକ ମୂଲ୍ୟ ଦୁଇଗୁଣା ହେଲାନାହିଁ। ଓଡ଼ିଶାର ଦୁଇ କେନ୍ଦ୍ରମନ୍ତ୍ରୀ ଥିଲେ ମଧ୍ୟ ସେଥିପାଇଁ ମୁହଁ ଖୋଲି ନ ଥିବା ମୁଖ୍ୟମନ୍ତ୍ରୀ କହିଥିଲେ । କେନ୍ଦ୍ର ସରକାର ହସ୍ତତନ୍ତ ସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇଥିଲେ। ବୁଣାକାରମାନେ ହଇରାଣ ହେଲେ। ବେପାର କମିଲା। ରାଜ୍ୟ ସରକାର ଜିଏସ୍‌ଟି ହ୍ରାସ ପାଇଁ ଦାବି କଲେ। ଶେଷରେ ବୁଣାକାରଙ୍କ ଉପରୁ ଜିଏସ୍‌ଟି ହ୍ରାସ କରାଗଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବା ପାଇଁ ସେ କେନ୍ଦ୍ର ନିକଟରେ ଦାବି କରିଥିଲେ। ମାତ୍ର ତାହା ମଧ୍ୟ କେନ୍ଦ୍ର ସରକାର କଲା ନାହିଁ। କେବଳ ନିର୍ବାଚନ ସମୟରେ ଭାଜପା ନେତା ଓ ମନ୍ତ୍ରୀମାନେ ଏଠାକୁ ଆସି ବଡ଼ ବଡ଼ କଥା କହୁଛନ୍ତି ଏବଂ ରାଜ୍ୟବାସୀଙ୍କ ସୁଖଦୁଃଖରେ ଭାଗୀଦାର ହେଉ ନାହାନ୍ତି। ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସାଢ଼େ ୪କୋଟି ଓଡ଼ିଆଙ୍କ ସେବା କରି ଚାଲିଥିବେ ବୋଲି ପ୍ରକାଶ କରି ବିଜେଡିର ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ଏବଂ ଅତାବିରା ବିଧାନସଭା ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ମତଦାନ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ।

ଉକ୍ତ ସଭାରେ ଲୋକ ସଭା ପ୍ରାର୍ଥୀ ଆଚାର୍ଯ୍ୟ ଦଳର ମହାନଦୀ ଲଢ଼େଇ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଦେଶ ସ୍ୱାଧୀନତା ପରେ କାଳିଆ ଯୋଜନା ଚାଷୀଙ୍କ ପାଇଁ ଏକ ବଡ଼ ଯୋଜନା। ଯେତେ ଚକ୍ରାନ୍ତ କଲେ ମଧ୍ୟ କେହି ଏହାକୁ ରୋକି ପାରିବେ ନାହିଁ କିମ୍ବା ଅତାବିରା ଓ ଭେଡ଼େନ ବ୍ଲକ ସମେତ ସାରା ଜିଲା, ରାଜ୍ୟର ବିକାଶଧାରାକୁ ବନ୍ଦ କରିପାରିବେ ନାହିଁ ବୋଲି ସେ କହିଥିଲେ। ସେହିପରି ଦଳର ବିଧାନସଭା ପ୍ରାର୍ଥିନୀ ଛୁରିଆ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିବା ସହିତ ନବୀନଙ୍କ ଯୋଜନା ରାଜ୍ୟକୁ ଏକ ବିକଶିତ ରାଜ୍ୟରେ ପରିଣତ କରିପାରିଛି ବୋଲି କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଯାଇ ସେଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ।



ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଓ ଦଳୀୟ ପ୍ରାର୍ଥୀ।

# ପୂର୍ବତନ ମନ୍ତ୍ରୀ, ବିଧାୟକ, ଅସନ୍ତୁଷ୍ଟ ନେତାଙ୍କୁ ଥଇଥାନ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

**ପ୍ରଫୁଲ୍ଲ ଘଡ଼େଇ ବିଜେଡି ଉପସଭାପତି ନିଯୁକ୍ତ**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଛି। ବାକି ୩ଟି ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବାରୁ ଅସନ୍ତୁଷ୍ଟ ନେତାମାନଙ୍କୁ ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱରେ ଥଇଥାନ କରି ସନ୍ତୁଷ୍ଟ କରିବା ପାଇଁ ବିଜେଡି ଉଦ୍ୟମ ଜାରି ରଖିଛି। ଏହି କ୍ରମରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଟିକେଟ ଆଶାୟୀ ପ୍ରାର୍ଥୀମାନଙ୍କୁ ବିଭିନ୍ନ ସାଗଠନିକ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କୁ ରାଜ୍ୟ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଘଡ଼େଇଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ନିକଟରେ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା। ଏଥିସହିତ ଘଡ଼େଇଙ୍କୁ ଖୋର୍ଦ୍ଧା, ରଣପୁର ଏବଂ ଚିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ, ନିରଞ୍ଜନ ପୂଜାରୀ, ଅର୍କକେଶରୀ ସିଂଦେଓଙ୍କୁ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ରଙ୍କୁ ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ, ମନୋଜ ନାୟକଙ୍କୁ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କୁ ବିଜେଡି ସାଧାରଣ ସମ୍ପାଦକ, ପ୍ରକାଶ ଦାଶଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଏବଂ ଯୁଗଳ ନାୟକଙ୍କୁ କଟକ ସଂସଦୀୟ କ୍ଷେତ୍ରର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ଦିଲ୍ଲୀପ ଦୁରିଆଙ୍କୁ ସମ୍ବଲପୁର ଓ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରେଢାଖୋଲ ଓ ରାଜନଗର ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଭାବେ ଏମଡି ମୋବିନ, ଝାରସୁଗୁଡ଼ା ଓ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶୈଳେଶ ଦାନି, ବଣାଇ ଓ ବଡ଼ସାହି ସହ ପର୍ଯ୍ୟବେକ୍ଷକ ଭାବେ ଏମଡି ସହିଦ, ତଳସରା ଓ ଆଳି ସହ ପର୍ଯ୍ୟବେକ୍ଷକ ଭାବେ ପଲ୍ଲବ ଲିମା, ସୁନ୍ଦରଗଡ଼ ଓ ଛେଣ୍ଡିପଦା ସହ ପର୍ଯ୍ୟବେକ୍ଷକ ଭାବେ ଭୀମସେନ ମୁଦୁଲିଙ୍କୁ ନିଯୁକ୍ତି ଦିଆଯାଇଛି। ବୀରମହାରାଜପୁର ଓ ବାଙ୍ଗିରୀପୋଷି ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଲୋଇସିଂହା ଓ ଉଦଳା ସହ ପର୍ଯ୍ୟବେକ୍ଷକ ଭାବେ ଅନୁସୂୟା ମାଝି, ଆନନ୍ଦପୁର ଓ ବାରିପଦା ସହ ପର୍ଯ୍ୟବେକ୍ଷକ ଭାବେ ସନ୍ତୋଷ ବେଜ, କେନ୍ଦ୍ରାପଡ଼ା ସହ ପର୍ଯ୍ୟବେକ୍ଷକ ଭାବେ ଅଂଶୁମାନ ରଶ୍ମି ସାଗର ଏବଂ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଭାବେ ଶୁଭ୍ରାଂଶୁ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ମହେନ୍ଦ୍ର ମିଶ୍ର, ପ୍ରସନ୍ନଜିତ ସିଂହ, କମଳାକାନ୍ତ ମହାପାତ୍ରଙ୍କୁ ବିଜେଡି ସାଂଗଠନିକ ସମ୍ପାଦକ ଏବଂ ସରୋଜିନୀ ଦାସଙ୍କୁ ମହିଳା ବିଜେଡି ସାଙ୍ଗଠନିକ ସମ୍ପାଦିକା ଭାବେ ନିଯୁକ୍ତି କରାଯାଇଥିବାବେଳେ ବିଜେଡି ସଂଖ୍ୟାଲଘୁ ସେଲ ଉପସଭାପତି ଭାବେ ମୀର୍‌ଖାଦିମ ବକ୍ସ ଓ ବିଜେଡି ଯୁବ ସଂଖ୍ୟା ଲଘୁ ସେଲ କଟକ ଜିଲା ଉପସଭାପତି ଭାବେ ଜାକିର ଖାଁଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ରତିକାନ୍ତ ସାହାଣୀ ଓ ସରୋଜକାନ୍ତ ସାହୁଙ୍କୁ କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି, ସୂର୍ଯ୍ୟ ମହାନ୍ତିଙ୍କୁ ସମ୍ପାଦକ, ଅକ୍ଷୟ କୁମାର ମେକାପଙ୍କୁ କାର୍ଯ୍ୟକାରୀ ସଭାପତି, ଚିତ୍ତରଞ୍ଜନ ବେହେରାଙ୍କୁ କେନ୍ଦ୍ରାପଡ଼ା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି, ଗୌତମ ସ୍ୱାଇଁଙ୍କୁ କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସମ୍ପାଦକ, ଦୁର୍ଗା ପ୍ରସାଦ ପତିଙ୍କୁ କେନ୍ଦ୍ରାପଡ଼ା ଜିଲା ବିଜେଡି ଉପସଭାପତି, ଶୁଭ୍ରାଂଶୁ ଭୂଷଣ କରଙ୍କୁ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଏବଂ ଦେବାଶିଷ ପଣ୍ଡାଙ୍କୁ ଜିଲା ଯୁବ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

ଅନୁରୂପ ଭାବେ କେନ୍ଦ୍ରାପଡ଼ା ଜିଲା ମହିଳା ବିଜେଡି ସାଂଗଠନିକ ସମ୍ପାଦକ ଭାବେ ସବିତା ସାହୁ ଓ ମନୋରମା ଭୂୟାଁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ରତିକାନ୍ତ ସାମନ୍ତରାୟଙ୍କୁ ଜିଲା ଯୁବ ବିଜେଡି ସାଂଗଠନିକ ସମ୍ପାଦକ, କେନ୍ଦ୍ରାପଡ଼ା ଜିଲା ବିଜେଡି ଏସସି ସେଲ ସମ୍ପାଦକ ଭାବେ ସୁଦାମ ମଲ୍ଲିକ ଏବଂ ସଞ୍ଜୟ ମଲ୍ଲିକ, କେନ୍ଦ୍ରାପଡ଼ା ଜିଲା ବିଜେଡି ଯୁବ ସଂଖ୍ୟାଲଘୁ ସେଲ ସଭାପତି ଭାବେ ମହମ୍ମଦ ଅମୀରଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଯୁକ୍ତି ଦିଆଯାଇଛି ବୋଲି ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

■ ଓଏଚ୍‌ଆର୍‌ସି ଅଧ୍ୟକ୍ଷ ପଦବୀ ମାମଲା

### ସମୟ ଲୋଡ଼ିଲେ ସରକାର

**କଟକ ଅଫିସ, ୧୫।୪**

ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି) ଅଧ୍ୟକ୍ଷ ପଦବୀ ଖାଲି ପଡ଼ିବା ନେଇ ରୁଜୁ ହୋଇଥିବା ମାମଲାରେ ହାଇକୋର୍ଟଙ୍କୁ ସରକାର ସମୟ ମାଗିଛନ୍ତି। ଗ୍ରୀଷ୍ମ ଅବକାଶ ପରେ ଅର୍ଥାତ୍ ଜୁନ୍ ୧୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ଓଏଚ୍‌ଆରସି ଅଧ୍ୟକ୍ଷ ପଦବୀ ଦୀର୍ଘ ୬ ବର୍ଷ ହେବ ଫାଙ୍କା ପଡ଼ିଛି। ଏହାକୁ ନେଇ ଆଡଭୋକେଟ୍ ପ୍ରବୀର ଦାସ ଏବଂ ଶିବ ଶଙ୍କର ମହାନ୍ତି ଦୁଇଟି ପୃଥକ୍ ମାମଲା ରୁଜୁ କରିଥିଲେ। ଏହାର ଏକତ୍ର ଶୁଣାଣି ହାଇକୋର୍ଟରେ ଜାରି ରହିଛି। ସରକାରଙ୍କ ପକ୍ଷରୁ ସୋମବାର ଏ ନେଇ ଏକ ସତ୍ୟପାଠ ଦାଖଲ କରାଯାଇଛି। ସତ୍ୟପାଠରେ ଦର୍ଶାଯାଇଛି ଯେ, ଗତ ଡିସେମ୍ବର ୨୨ ତାରିଖରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କୁ କମିଶନ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଜଷ୍ଟିସ ଦାସଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ସ୍ୱୀକୃତି ଦେବା ନିମନ୍ତେ କମିଶନ ସଚିବ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆଇନ ବିଭାଗ ନିକଟରେ ଏହା ବିଚାରାଧୀନ ଅଛି। ଅନ୍ୟପକ୍ଷରେ ସ୍ଥାୟୀ ଅଧ୍ୟକ୍ଷ ପଦବୀ ପୂରଣ ନିମନ୍ତେ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ହାଇକୋର୍ଟ ଉତ୍ତର ମାଗିଥିଲେ। ତେବେ ବର୍ତ୍ତମାନ ନିର୍ବାଚନ ଚାଲିଥିବାରୁ ଏହାର ଉତ୍ତର ରଖିବାକୁ ସରକାରଙ୍କ ପକ୍ଷରୁ ସମୟ ଲୋଡାଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣି କରାଯାଉଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

FINANCE

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

BUSINESS

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି। (ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6

See Color Display Classified on every Tuesday & Friday

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୌନ୍ଦର୍ଯ୍ୟ

# ଟମାଟୋ ଫେସ୍‌ମାସ୍କ

ଟମାଟୋ ଆମ ଶରୀର ଲାଗି ବହୁତ ଉପାଦେୟ। ଏହା ମଧ୍ୟ ହିମୋଗ୍ଲୋବିନ୍ ବଢ଼ାଇବାରେ ସହାୟକ ହୁଏ। କିନ୍ତୁ ଆପଣ ଜାଣିଛନ୍ତି କି ଏହି ଟମାଟୋ ମୁହଁର ସୁନ୍ଦରତା ବଢ଼ାଇଥାଏ ? ଆଜ୍ଞା ହଁ , ଟମାଟୋରେ ପ୍ରସ୍ତୁତ ଫେସମାସ୍କ ମୁହଁର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ଜାଣିବା ଟମାଟୋରେ କିପରି ଫେସମାସ୍କ ବ୍ୟବହାର ସମ୍ପର୍କରେ..

**ଟମାଟୋ ଓ ଦହି**

ଟମାଟୋ ଓ ଦହିର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଅଳ୍ପ ଟମାଟୋ ରସ, ଏକ ଚାମଚ ଦହି, ଏକ ଚାମଚ ଲେମ୍ବୁରସ, ଅଳ୍ପ ପରିମାଣର ହଳଦୀ ଓ ଏକ ଚାମଚ ମହୁ ନିଅନ୍ତୁ। ଏବେ ଏକ ପାତ୍ରରେ ସବୁ ସାମଗ୍ରୀକୁ ଭଲଭାବେ ମିଶାଇ ଦିଅନ୍ତୁ। ପରେ ଏହି ପେଷ୍ଟକୁ ମୁହଁରେ ଲଗାନ୍ତୁ। ଏହା ମଧ୍ୟ ଆଖିତଳ ଡାର୍କ ସର୍କଲ ଦୂର କରିବା ସହ ମୁହଁର ତ୍ୱଚାରେ ନମନୀୟତା ଆଣିଥାଏ।

**ଟମାଟୋ ଓ ଅଲିଭ୍ ଅଏଲ**

ଟମାଟୋ ଓ ଅଲିଭ ଅଏଲର ପେଷ୍ଟ ଲଗାଇବା ଦ୍ୱାରା ତ୍ୱଚା ସଫା ଦେଖାଯାଏ। ଏହି ପେଷ୍ଟ ମୁହଁରେ ଥିବା ଦାଗ ଦୂର କରିବାରେ ସାହାଯ୍ୟ କରେ। ଯେଉଁମାନଙ୍କର ମୁଖବ୍ରଣ ସମସ୍ୟା ରହିଛି, ତାଙ୍କ ପାଇଁ ଏହି ପେଷ୍ଟ ଭଲ କାମ କରିଥାଏ। ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଟମାଟୋ ରସ ଏକ ଚାମଚରେ ଅଲିଭ୍ ଅଏଲକୁ ମିଶାନ୍ତୁ। ମୁହଁ ତଥା ବେକରେ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଛାଡିଦିଅନ୍ତୁ। ତା'ପରେ ଧୋଇହୋଇ ପଡିଲେ ମୁହଁରେ ଚମକ ଆସିଥାଏ।

**ଟମାଟୋ ଓ ଆଲୋଭେରା**

ଟମାଟୋ ସହିତ ଆଲୋଭେରା ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଫେସ୍‌ମାସ୍କ ଶୁଖିଗଲା ପରେ ଭଲଭାବେ ଧୋଇଦିଅନ୍ତୁ। ଏହାଦ୍ୱାରା ଡାର୍କ ସର୍କଲ ଓ ଡାର୍କ ସ୍ପଟ୍ ଦୂର ହୋଇଥାଏ।

**ଟମାଟୋ ଓ ମହୁ**

ଟମାଟୋ ଓ ମହୁକୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଗୋଟିଏ ଛୋଟ ଟମାଟୋ, ଦୁଇ ଚାମଚ ମହୁରେ ଏକ ଚାମଚ ଲେମ୍ବୁରସକୁ ଭଲଭାବେ ମିଶାନ୍ତୁ। ଏହି ପେଷ୍ଟକୁ ହାଲ୍‌କା ହାତରେ ମୁହଁରେ ଲଗାଇ ଦିଅନ୍ତୁ। ପାଖାପାଖି ୧୫ମିନିଟ୍ ରଖିବା ପରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଏହାଦ୍ୱାରା ମୁହଁ ଆହୁରି ଉଜ୍ଜ୍ୱଳ ଦେଖାଯିବ।



ଖାଦ୍ୟରୁଚି

# ଡାଲ୍ ପନିର

**ଆବଶ୍ୟକ ସାମଗ୍ରୀ**


ଗୁଣ୍ଡ ହୋଇଥିବା ପନିର ଏକ କପ୍, ଭିଜା ଯାଇଥିବା ଚଣାଡାଲି ଦୁଇକପ୍, ଏକ ଚାମଚ ଅଦା ରସୁଣ ପେଷ୍ଟ, ତେଜପତ୍ର, ଶୁଖିଲା ଲଙ୍କା, ଲବଙ୍ଗ, ଡାଲ୍‌ଚିନି ଖଣ୍ଡ, ଦୁଇଟି କଳା ଇଲାଇଚି, ଛୋଟ ଆକାରରେ କଟା ହୋଇଥିବା ପିଆଜ ୨ଟା, କଟା ହୋଇଥିବା ଟମାଟୋ ଦୁଇଟି, ଏକ ଚାମଚ ହଳଦୀଗୁଣ୍ଡ, ଦୁଇ ଚାମଚ କଶ୍ମୀରୀ ମିର୍ଚ୍ଚ ପାଉଡର, ଆବଶ୍ୟକ ଅନୁସାରେ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ।



**ପ୍ରସ୍ତୁତି ପ୍ରଣାଳୀ**

ଏକ କଡ଼ାଇରେ ତେଲ ଗରମ କରି ପନିରକୁ ଭାଜନ୍ତୁ। ଭାଜି ହେଲାପରେ ପ୍ରେସରକୁକରରେ ତେଲ ପକାଇ ଶୁଖିଲା ଲଙ୍କା, ଲବଙ୍ଗ, ତେଜପତ୍ର, ଡାଲ୍‌ଚିନି ଓ ଇଲାଇଚି ପକାଇ ଛୁଙ୍କ କରନ୍ତୁ। ଏହାପରେ ପିଆଜ ପକାଇ ଏହା ଗୋଲଡେନ୍ କଲର ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପୁଣି ଅଦା-ରସୁଣ ପେଷ୍ଟ, ହଳଦୀ ପାଉଡର, କଶ୍ମୀରୀ ମିର୍ଚ୍ଚ ପାଉଡର, ଟମାଟୋ ପକାଇ କିଛି ସମୟ କଷନ୍ତୁ। ଏବେ ଏଥିରେ ଚଣାଡାଲି, ଲୁଣ, ପାଣି ପକାନ୍ତୁ। ପାଣି ଯେତେବେଳେ ଫୁଟିବା ଆରମ୍ଭ କରୁଛି ସେତେବେଳେ ତାକୁ ଭଲଭାବେ ସିଝିବାକୁ ଛାଡ଼ିଦିଅନ୍ତୁ। ଯେତେବେଳେ ଡାଲି ପୂରା ସିଝିଗଲା ସେତେବେଳେ ଆଗରୁ ଭଜା ହୋଇଥିବା ପନିର ଖଣ୍ଡକୁ ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଡାଲ୍ ପନିର।






# ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍‌ର ସନ୍ତୁଳିତ ସ୍ତର

-ଡା. ଲିପ୍‌ସା ମିଶ୍ର


''ଏଫ୍‌ଏସ୍‌ଏଚ୍ (ଫଲିକିଲ ଷ୍ଟିମୁଲେଟିଂ ହରମୋନ) ଆସିଷ୍ଟେଟ ରିପ୍ରଡକ୍ଟିଭ ଟେକ୍ନୋଲୋଜି (ଏଆର୍‌ଟି)ରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକ ଷ୍ଟିମୁଲେଟିଂ ହରମୋନ ସହିତ ସିନର୍ଜିରେ ଏଲଏଚ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଲୁଭେଶନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡିକ ଉତ୍ପନ୍ନ ହୋଇଥାଆନ୍ତି, ଯାହାକୁ 'ଫଲିକିଲ୍' କୁହାଯାଏ। ଯେତେବେଳେ ମହିଳାମାନଙ୍କର ମାସିକ ଋତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନ ଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲର ବୃଦ୍ଧି ଘଟିଥାଏ।''

ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍ କ'ଣ : ଲୁଟେଞ୍ଜିଂ ହରମୋନ (ଏଲ୍‌ଏଚ୍) ହେଉଛି ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଏକ ପ୍ରମୁଖ ପ୍ରଜନନକାରୀ ହରମୋନ, ଯାହା ଋତୁଚକ୍ର ଏବଂ ଓଭୁଲେଶନ ସମୟକୁ ନିୟନ୍ତ୍ରଣ କରିଥାଏ। ଏଲ୍‌ଏଚ ଉତ୍ପନ୍ନର ସ୍ତରଗୁଡିକ ବଢିବା ସହିତ ଓଭୁଲେଶନ ମଧ୍ୟ ପ୍ରଭାବିତ ହୋଇଥାଏ। ସେହିପରି ଫଲିକିଲ ଷ୍ଟିମୁଲେଟିଂ ହରମୋନ(ଏଫ୍‌ଏସ୍‌ଏଚ୍) ହେଉଛି ପ୍ରତ୍ୟେକ ଋତୁଚକ୍ରରେ ଡିମ୍ବାଶୟରେ ଡିମ୍ବଗୁଡିକର ପରିପକ୍ୱତା ନିମନ୍ତେ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଆଉ ଏକ ଦରକାରୀ ପ୍ରଜନନକାରୀ ହରମୋନ। ଚକ୍ର ସମୟରେ ଏଫ୍‌ଏସଏଚ୍‌ର ସ୍ତରଗୁଡିକ ଭିନ୍ନ ହୋଇଥାଏ। କିନ୍ତୁ ଓଭୁଲେଶନର କିଛି ସମୟ ପୂର୍ବରୁ ଏଗୁଡିକ ଅଧିକ ହୋଇଥାଏ।

ଆଇଭିଏଫ୍ ଚିକିତ୍ସା ସମୟରେ ଏଲ୍‌ଏଚ୍ ଓ ଏଫ୍‌ଏସ୍‌ଏଚ୍‌ର ସିନର୍ଜି କାହିଁକି ଗୁରୁତ୍ୱପୂର୍ଣ୍ଣ : ଏଫଏସଏଚ (ଫଲିକିଲ ଷ୍ଟିମୁଲେଟିଂ ହରମୋନ) ଆସିଷ୍ଟେଡ୍ ରିପ୍ରଡକ୍ଟିଭ ଟେକ୍ନୋଲୋଜି (ଏଆର୍‌ଟି)ରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକିଲ ଷ୍ଟିମୁଲେଟିଂ ହରମୋନ ସହିତ ସିନର୍ଜିରେ ଏଲ୍‌ଏଚ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଲୁଭେଶନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡିକ ଉତ୍ପନ୍ନ ହୋଇଥାଆନ୍ତି, ଯାହାକୁ 'ଫଲିକିଲ୍' କୁହାଯାଏ। ଯେତେବେଳେ ମହିଳାମାନଙ୍କର ମାସିକ ଋତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନ ଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲଗୁଡିକର ବୃଦ୍ଧି ଘଟିଥାଏ। କିଛି ସପ୍ତାହ ପରେ ଏହି ଫଲିକିଲମାନଙ୍କ ମଧ୍ୟରେ ମାତ୍ର ଗୋଟିଏ ପରିପକ୍ୱ ହେବାକୁ ଓ ଫାଟିବାକୁ ବିକଶିତ ହୋଇଥାଏ ଏବଂ ଓଭୁଲେଶନ ସମୟରେ ଏହାର ଡିମ୍ବ ନିଷ୍କାସନ କରିଥାଏ। ବିକଶିତ ହେବାକୁ ଆରମ୍ଭ କରୁଥିବା ଅନ୍ୟ ସମସ୍ତ ଫଲିକିଲ ବୃଦ୍ଧି କରନ୍ତି ନାହିଁ ଏବଂ ପୁନର୍ଗଠିତ ହୋଇଥାଆନ୍ତି। ପରିଶେଷରେ ଗର୍ଭାଶୟ ମଧ୍ୟରେ ବହୁ କମ୍ ପରିମାଣର ଡିମ୍ବ ମହିଳାମାନଙ୍କ ପ୍ରାଜନନିକ ଜୀବନ ଅବଧି ସମୟରେ ଡିମ୍ବ ନିଷ୍କାସିତ କରିବାକୁ ରହିଥାଆନ୍ତି।

ଏଆର୍‌ଟି ପୂର୍ବରୁ ଏଫ୍‌ଏସଏଚ ଥିବା ଔଷଧଗୁଡିକ ଦ୍ୱାରା ଫଲିକିଲ ଓ ଡିମ୍ବଗୁଡିକର ପୁନାରମ୍ଭ ସମ୍ଭବ। ଏହା ହେଉଛି ଏକ ହରମୋନ, ଯେଉଁ କାରଣରୁ ପିଟ୍ୟୁଟାରୀ ଗ୍ଲାଣ୍ଡ ଗୋଟିଏ ଡିମ୍ବ ବିକଶିତ କରିଥାଏ। ଯଦି ମହିଳାଙ୍କ ଏଫ୍‌ଏସ୍‌ଏଚ୍‌ର ରକ୍ତସ୍ତରର ବୃଦ୍ଧି ଘଟିଥାଏ, ତେବେ ମୋଟାମୋଟି ଭାବେ ସେହି ସମାନ ହାରରେ ବିଭିନ୍ନ ଫଲିକିଲର ବିକାଶ ହୋଇଥାଏ, ଯାହା ଏକାଧିକ ପରିପକ୍ୱ ଡିମ୍ବକୁ ସଂଗ୍ରହ କରିବା ପାଇଁ ଅନୁମତି ପ୍ରଦାନ କରିଥାଏ।

**ଆଇଭିଏଫ୍ ସାଇକେଲ ପୂର୍ବରୁ ଉପଚାରର ଭୂମିକା:** କେତେକ ମହିଳା, ଯେଉଁମାନେ ଆଇଭିଏଫ ଚିକିତ୍ସା ପାଇଁ ଇଚ୍ଛୁକ ଥାଆନ୍ତି, ସେମାନଙ୍କୁ ପରାମର୍ଶ ଦିଆଯାଇଥିବା ଉପଚାର କାରଣରୁ କିଛି ସମୟ ପାଇଁ ପିଟ୍ୟୁଟାରୀ ଗ୍ରନ୍ଥିରୁ ଅଧିକ ପରିମାଣର ଏଫ୍‌ଏସଏଚ ଏବଂ ଏଲଏଚ୍ ନିର୍ଗତ ହୋଇଥାଏ, ଯେପର୍ଯ୍ୟନ୍ତ ଏଥିରେ ଗଚ୍ଛିତ କମ୍ ହୋଇ ନ ଥାଏ। ଏହି ପ୍ରକାର ଅବିରତ ଉପଚାର ଦ୍ୱାରା ଗ୍ଲାଣ୍ଡରେ ନୂତନ ଏଫଏସଏଚ ଏବଂ ଏଲଏଚ ନିର୍ଗମନକୁ ରୋକିଥାଏ ଏବଂ ଗୋଟିଏ ଦିନ ପ୍ରତି ଏହିସବୁ ହରମୋନ ନିର୍ଗମନ ୭ରୁ ୧୦ ଦିନ ମଧ୍ୟରେ ସୀମିତ ରହିଥାଏ। ଉପଚାରର ମୁଖ୍ୟ ଲକ୍ଷ୍ୟ ହେଉଛି ଫୋଲିସିଲ ବୃଦ୍ଧି ସମୟରେ ରକ୍ତରେ ଏଲଏଚ ସ୍ତରକୁ ହ୍ରାସ କରାଇବା, ଯେବେକି ଉଚ୍ଚ ସ୍ତରର ଏଲଏଚ ଡିମ୍ବ ଗୁଣବତ୍ତାକୁ ହ୍ରାସ, ଅପରିପକ୍ୱ ଡିମ୍ବାଶୟ ନିଷ୍କାସନ ଏବଂ ଡିମ୍ବାଶୟ ଦ୍ୱାରା ପ୍ରୋଜେଷ୍ଟେରୋନ ସିନ୍ଥେସିସ୍‌କୁ ଉତ୍ତେଜିତ କରିପାରେ। ପ୍ରୋଜେଷ୍ଟେରୋନରେ ଅପରିପକ୍ୱତା ୟୁଟେରାଇନ ଲାଇନିଂର ଅନୁପଯୁକ୍ତ ବିକାଶ କରିଥାଏ ଏବଂ ଭ୍ରୂଣ ସ୍ଥାପନାରେ କମ୍ ଆଶଙ୍କା ଥାଏ। ଏଲଏଚ ଏବଂ ଏଫଏସଏଚ୍‌ର ସିନର୍ଜି ରକ୍ତ ସ୍ତରର ଅହେତୁକ ବୃଦ୍ଧିର କାରଣ ହୋଇଥାଏ। ତୃତୀୟ ଦିନର ଉପଚାରରେ ଏଲଏଚ୍+ଏଫଏସଏଚ୍‌ର ସତ୍ତ୍ୱକୁ ଏକତ୍ର ନିଆଯାଏ, ଯାହାକି ଫୋଲିସିଲର ଅବିରତ ବୃଦ୍ଧିକୁ ଉତ୍ତେଜିତ କରିଥାଏ, ଯେବେକି ଏଫଏସଏଚ୍‌ର ପିଟ୍ୟୁଟାରୀ ନିର୍ଗମନ ହ୍ରାସ ପାଇଥାଏ।



ନିକଟରେ କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଲଏଚ୍ କମ୍ ଥିବା ରୋଗୀମାନଙ୍କର ଡିମ୍ବାଶୟର ପ୍ରତିକ୍ରିୟା ଆଣ୍ଟାଗୋନିଷ୍ଟ ସାଇକେଲ ମଧ୍ୟରେ ଗତି କରିଥାନ୍ତି ଏବଂ ଥରେ ଯେତେବେଳେ ଏଫଏସଏଚ ଏଲଏଚ ସପ୍ଲିମେଣ୍ଟେଶନ ସହିତ ଏକତ୍ର ହୋଇଥାଏ, ସେତେବେଳେ କିଛି ନିର୍ଦ୍ଦିଷ୍ଟ ଫଳାଫଳ ପାଇଁ ଏଫଏସଏଚ ଏକୁଟିଆ ପୁନଃ ମିଳନ ହୋଇଥାଏ। ଏହାର ମୁଖ୍ୟ ଫଳାଫଳ ଥିଲା କି ଜନ୍ମ ହେବା ରେଟ୍ ଏବଂ ଦ୍ୱିତୀୟ ଫଳାଫଳଗୁଡିକ ଉତ୍ତମ ଏସ୍ତ୍ରାଡିଅଲ ସ୍ତର, ଡିମ୍ବ ସଂଖ୍ୟା ସଂଗ୍ରହ, ଭ୍ରୂଣ ସ୍ଥାନାନ୍ତରଣ ଏବଂ ପ୍ରୋଜେନ, ମହିଳାମାନଙ୍କଠାରେ ଏଣ୍ଡୋମେଟେରିଆଲ ମୋଟାପା ଦେଖାଯାଇଥାଏ, ଯେଉଁମାନେ କି ଏକତ୍ର ସପ୍ଲିମେଣ୍ଟ ନେଇଥାନ୍ତି।



ପାଖାପାଖି ୨୦୭ ଆଇଭିଏଫ ସାଇକେଲଙ୍କ ମଧ୍ୟରେ ଏକ କେସ୍ ଷ୍ଟଡି କରାଯାଇଥିଲା। ଯେଉଁଠାରେ ୮୧ଟି ସାଇକେଲ ସ୍ୱାଭାବିକ ଥିବା ବେଳେ ୫୧ ଜଣଙ୍କୁ ଏଲଏଚ ସପ୍ଲିମେଣ୍ଟେଶନ ଦିଆଯାଇଥିଲା ଏବଂ ୭୫ ଜଣଙ୍କୁ କିଛି ଦିଆଯାଇ ନ ଥିଲା। ଉକ୍ତ ତିନୋଟି ଦଳଙ୍କୁ ବୟସ ଅନୁଯାୟୀ, ଏଫଏସଏଚ ପ୍ରାରମ୍ଭିକ ଡୋଜ୍, ଭ୍ରୂଣ ସଂଖ୍ୟାରେ ସ୍ଥାନାନ୍ତରଣ, ଫ୍ରୋଜେନ ଭ୍ରୂଣର ସଂଖ୍ୟା ଏବଂ ଏଣ୍ଡୋମେଟେରିଆଲ ମୋଟାପା ଭିତ୍ତିରେ ପୃଥକ୍ କରାଯାଇଥିଲା। ତେଣୁ ଗ୍ରୁପ୍ ୧ର ୮୦ ଜଣ ମହିଳା ଏଫଏସଏଚ୍ ଉତ୍ତେଜନାର ମଧ୍ୟମ ସମୟର ଖୁବ୍ କମ୍‌ରେ ରହିଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ ଭାବେ କେତେକ ଡିମ୍ବାଣୁ ଉଭୟ ଅନ୍ୟ ଗ୍ରୁପ୍ ତୁଳନାରେ ସଂଗ୍ରହ କରାଯାଇଥିଲା। ଯଦିଓ ସେମାନଙ୍କ ମଧ୍ୟରେ ଭ୍ରୂଣ ସ୍ଥାନାନ୍ତରଣ କିମ୍ବା ପ୍ରୋଜେନ ସଂଖ୍ୟାରେ କିଛି ବି ପାର୍ଥକ୍ୟ ନ ଥିଲା। ଗ୍ରୁପ୍ ୨ ଦଳର ମହିଳାମାନେ ଏଲଏଚ ସପ୍ଲିମେଣ୍ଟାରେ ଥିବା ବେଳେ ଯେଉଁ ରୋଗୀମାନେ ସପ୍ଲିମେଣ୍ଟ ନେଇ ନ ଥିଲେ ସେମାନଙ୍କ ତୁଳନାରେ ସିରମ ଏସ୍ତ୍ରାଡିଅଲ ସଂଖ୍ୟା ଅଧିକ ରହିଥିଲା।

ଏହିପରି ଭାବରେ ମହିଳାମାନଙ୍କର ଏକ ବଡ଼ ଦଳ ଏଲଏଚ ସପ୍ଲିମେଣ୍ଟେଶନରୁ ଉପକୃତ ହୋଇ ଥିଲେ। ଯଦି ଉପଯୁକ୍ତ ରୋଗୀଙ୍କ ଉପରେ ଦୃଷ୍ଟିକେନ୍ଦ୍ରିତ କରାଯାଏ, ତେବେ ଆଇଭିଏଫ୍‌ରେ ଏଲଏଚ ଏବଂ ଏଫଏସଏଚ୍ ସାଇକେଲର ସମ୍ଭାବନା ଉପାଦେୟ ହୋଇପାରେ। ଆଇଭିଏଫର ସଫଳତା ମାତ୍ରା ହେଉଛି ଅଧିକ କିନ୍ତୁ କିଛି ନିର୍ଦ୍ଦିଷ୍ଟ ମହିଳାମାନଙ୍କ କ୍ଷେତ୍ରରେ ଅଧିକ ନୁହେଁ, ଯେଉଁମାନେ କି ବାରମ୍ବାର ଶାରୀରିକ, ଆବେଗିକ ଏବଂ ଆର୍ଥିକ ଚିନ୍ତା ଦେଇ ବାରମ୍ବାର ଗତି କରିଥାନ୍ତି। ଉକ୍ତ ସର୍ବେକ୍ଷଣ ଏଲଏଚ୍ ସପ୍ଲିମେଣ୍ଟେଶନ ବ୍ୟବହାର ଦ୍ୱାରା ବର୍ଦ୍ଧିତ ସଫଳତା ମାତ୍ରାର କ୍ଷମତା ରହିଛି ବୋଲି ସୂଚିତ କରିଥାଏ।

*-ଆଇଭିଏଫ୍ ବିଶେଷଜ୍ଞ*
*ଇନ୍ଦିରା ଆଇଭିଏଫ୍, ଭୁବନେଶ୍ୱର*
*ମୋ:୯୪୩୮୧୭୫୧୦୮*



ଫ୍ୟାଶନ

# କୁଲ୍ ଫୁଟ୍‌ୱେର

ଶୀତ ହେଉ କି ଖରା ସବୁ ସିଜନ୍‌ରେ ଝିଅମାନେ ନିଜକୁ ଅପ୍‌ଡେଟ୍ ରଖିବାକୁ ପସନ୍ଦ କରିଥାନ୍ତି। ଏଥିଲାଗି ଷ୍ଟାଇଲିଶ୍ ଲୁକ୍ ଦେଇଥାନ୍ତି। ଝିଅମାନଙ୍କ ଆସେସରିଜ୍ ମଧ୍ୟରୁ ଫୁଟ୍‌ୱେର ଅନ୍ୟତମ, ଯାହା ନିଜର ରଙ୍ଗରୂପ ଓ ଷ୍ଟାଇଲ୍ ଦ୍ୱାରା ଆପଣଙ୍କୁ ଷ୍ଟାଇଲିଶ୍ କରିଥାଏ। ଏଥିଲାଗି ଆଜି ଆପଣଙ୍କ ପାଇଁ କିଛି ଏମିତି ଫୁଟ୍‌ୱେର ଆଣିଛୁ, ଯାହାର ସାହାଯ୍ୟ ନେଇ ଆପଣ ଖରାଦିନେ ବି କୁଲ୍ ଲୁକ୍ ଦେଇପାରିବେ।

**କଲରଫୁଲ୍ ଫୁଟ୍‌ୱେର**

ପ୍ଲେନ୍ ଟି ଶାର୍ଟ ଓ ଜିନ୍ସ ସହିତ କଲରଫୁଲ ହିଲ୍ସ ଓ ଫ୍ଲାଟ୍ ଫୁଟ୍‌ୱେର ପିନ୍ଧାଯାଇପାରେ।

**କଲରଫୁଲ୍ ବାଲେଟ୍ ଫ୍ଲାଟ୍ ଫୁଟ୍‌ୱେର**

ଯେଉଁମାନେ ହିଲ୍ ପିନ୍ଧିବାକୁ ପସନ୍ଦ କରନ୍ତି ନାହିଁ ତାଙ୍କ ପାଇଁ ପ୍ରିଣ୍ଟେଡ୍ ବାଲେଟ୍ ପୂରା ପରଫେକ୍ଟ। ଏହା ତାଙ୍କୁ ଆରାମ ଦେଇଥାଏ।



**କାଜୁଆଲ ଫୁଟ୍‌ୱେର**

ଖରା ସିଜନ୍‌ରେ ଏହି ଫନି ଡିଜାଇନ୍ ସୁଇଟେବଲ୍ ହୋଇଥାଏ। ପାର୍ଟି ଯିବାର ଥିଲେ କି କଲେଜ୍ ଏହା ଦୁଇଟି ଯାକ ଜାଗାରେ ପିନ୍ଧିବା ପାଇଁ ଉପଯୁକ୍ତ। ଏହି ସମୟରେ ବଜାରରେ କେତେ ରଙ୍ଗର ରିବନ ଷ୍ଟ୍ରେପ୍, ବିଡ୍ସ, ଲଟକନ ଓ ରେଶମ ସୂତା ଗୁଚ୍ଛରେ ସଜ୍ଜିତ ହୋଇଥିବା ସ୍ୟାଣ୍ଡେଲ୍ ମାର୍କେଟରେ ମିଳୁଛି, ତାକୁ ବି ପିନ୍ଧିପାରିବେ।



# ଘରର ମୁଖ୍ୟ ଦ୍ୱାର ଓ ବାସ୍ତୁଶାସ୍ତ୍ର

- ଘର ସାମ୍ନାରେ କୌଣସି କଣ୍ଟାଜାତୀୟ ବୃକ୍ଷ ଲଗାନ୍ତୁ ନାହିଁ। ଏପରି ଗଛ ବାହାରେ ଲଗାଇବା ଦ୍ୱାରା ସବୁ ପଜିଟିଭ୍ ଏନର୍ଜି ବାହାରକୁ ପଳାଏ। ଏହା ସହ କଣ୍ଟାଜାତୀୟ ଫୁଲ କିମ୍ବା ଗଛ ଲଗାଇବା ଦ୍ୱାରା ଘରେ ରହୁଥିବା ସଦସ୍ୟଙ୍କ ମାନସିକ ସମସ୍ୟା ଦେଖାଯାଇପାରେ।
- ଯେଉଁ ଦୁଆର ଦେଇ ଘରେ ପ୍ରବେଶ କରୁଛନ୍ତି ସେଠି କୌଣସି ଭଙ୍ଗା ଜିନିଷ ରଖନ୍ତୁ ନାହିଁ। ଭଙ୍ଗା ଚେୟାର, ଖଟ, ସୋଫା ବା ଅନ୍ୟ କୌଣସି ସାମଗ୍ରୀ ରଖିବା ଦ୍ୱାରା ଘରେ ଅଶାନ୍ତି ବଢ଼ିଥାଏ।
- ଘରର ମୁଖ୍ୟ ଦ୍ୱାର ସାମ୍ନାରେ ମନ୍ଦିର କଲେ ସେଥିରେ ଦେବଦେବୀ ବାସ କରନ୍ତି ନାହିଁ। ଏହାଦ୍ୱାରା କେତେ କଷ୍ଟ ଭୋଗିବାକୁ ପଡ଼ିପାରେ।
- ଘର ସାମ୍ନାରେ କେବେବି କୂଅ କିମ୍ବା ଗାଡ଼ ରଖନ୍ତୁ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.42 (25) | 38,905.84 (138.73) | 11,690.35 (46.90) | 32,620.00 (₹200) | 38,100.00 (₹80) |



"ଆଗାମୀ ବର୍ଷେ ସୁଦ୍ଧା ଫୁଲ୍‌ଫ୍ରେମ ମିରର ଲେସ୍ କ୍ୟାମେରା ବର୍ଗରେ ୨୦% ବଜାର ଅଂଶୀଦାର ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।"

–ମନୀଷ ଶର୍ମା,ସିଇଓ, ପାନାସୋନିକ ଇଣ୍ଡିଆ



"ଜେଟ ଏୟାରୱେଜ ସମସ୍ୟା ସମାଧାନ ଲାଗି ବ୍ୟାଙ୍କ, ଋଣ ପ୍ରଦାନକାରୀ ସଂସ୍ଥାଙ୍କ ସହ ମିଳିତ ହୋଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।"

–ସୁରେଶ ପ୍ରଭୁ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କୁ ଜେଟ୍ ପାଇଲଟଙ୍କ ଗୁହାରି


ମୁମ୍ବାଇ,୧୫-୪: ଋଣରେ ବୁଡ଼ି ଯାଇଥିବା ଏୟାରଲାଇନ କମ୍ପାନୀ ଜେଟ୍ ଏୟାରୱେଜର ପାଇଲଟମାନେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ଙ୍କ ନିକଟରେ ଚାକିରୀ ରକ୍ଷା ଲାଗି ଗୁହାରି କରିଛନ୍ତି। କମ୍ପାନୀର ପାଇଲଟ ସଂଗଠନ ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ ଏସ୍‌ବିଆଇକୁ ୧୫୦୦କୋଟି ଟଙ୍କା ଜାରି କରିବାକୁ ଅନୁରୋଧ କରିଛି। ସଂଗଠନ ସହ ଜଡ଼ିତ କମ୍ପାନୀର ୨୦ ହଜାର କର୍ମଚାରୀଙ୍କ ନିଯୁକ୍ତି ରକ୍ଷା ଲାଗି ଅନୁରୋଧ କରାଯାଇଛି। ସୂଚନାଥାଉ କି, ଋଣ ପୁନର୍ଗଠନକୁ ନେଇ ଗତ ମାସରେ ହୋଇଥିବା ଯୋଜନାନୁଯାୟୀ ଏସ୍‌ବିଆଇ ଜେଟ୍ ଏୟାରୱେଜରେ ୧୫୦୦ କୋଟି ଟଙ୍କା ନିବେଶ କରିବାର ଥିଲା। ଗିଲ୍ଡ ଉପାଧ୍ୟକ୍ଷ ଆଦିମ ବାଲିୟାନୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜେଟ୍‌ରେ କାମ କରୁଥିବା କର୍ମଚାରୀଙ୍କ ଚାକିରୀ ବଞ୍ଚାଇବାକୁ ପଦକ୍ଷେପ ନିଅନ୍ତୁ। ସୂଚନାଥାଉ କି, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ସୋମବାର ଜେଟ୍ ଏୟାରୱେଜର ପାଇଲଟ, ଇଞ୍ଜିନିୟର ଏବଂ ବରିଷ୍ଠ କର୍ମଚାରୀମାନେ ବେତନ ପାଇବା ଦାବି ନେଇ କମ୍ପାନୀ ମୁଖ୍ୟାଳୟରେ ଏକତ୍ରିତ ହୋଇଥିଲେ।

### ପାଇକାରୀ ମୁଦ୍ରାସ୍ଫୀତି ୩.୧୮%କୁ ବୃଦ୍ଧି



ନୂଆଦିଲ୍ଲୀ,୧୫-୪: ଖାଦ୍ୟପଦାର୍ଥ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି କାରଣରୁ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି କ୍ରମାଗତ ଦ୍ୱିତୀୟ ମାସ ବୃଦ୍ଧି ପାଇଛି ଏବଂ ମାର୍ଚ୍ଚରେ ଏହା ୩.୧୮%ରେ ପହଞ୍ଚିଯାଇଛି। ସୋମବାର ଜାରି ସରକାରୀ ତଥ୍ୟରୁ ଏହା ଜଣାପଡିଛି। ଫେବୃୟାରୀରେ ଏହା ୨.୯୩% ରହିଥିବା ବେଳେ ଗତବର୍ଷ ମାର୍ଚ୍ଚରେ ୨.୭୪% ରହିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ଖାଦ୍ୟପଦାର୍ଥ ଓ ପନିପରିବା ଦରରେ ବେଶ ବୃଦ୍ଧି ପରିଲକ୍ଷିତ ହୋଇଛି। ପନିପରିବା କ୍ଷେତ୍ରରେ ମୁଦ୍ରାସ୍ଫୀତି ଫେବୃୟାରୀରେ ୬.୮୨% ଥିବା ବେଳେ ମାର୍ଚ୍ଚରେ ଏହା ବଢ଼ି ୨୮.୧୩% ହୋଇଛି। ତେବେ ଆଳୁ ଦର ଫେବୃୟାରୀରେ ୨୩.୪୦ ପ୍ରତିଶତ ରହିଥିବା ବେଳେ ମାର୍ଚ୍ଚରେ ଏହା ହ୍ରାସ ପାଇ ୧.୩୦ ପ୍ରତିଶତ ହୋଇଛି। ଆଲୋଚ୍ୟ ମାସରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ୫.୬୮ ପ୍ରତିଶତ ରହିଛି। ଇନ୍ଧନ ଏବଂ ବିଜୁଳି କ୍ଷେତ୍ରରେ ମଧ୍ୟ ମୁଦ୍ରାସ୍ଫୀତି ଫେବୃୟାରୀରେ ୨୨୩% ରହିଥିବା ବେଳେ ମାର୍ଚ୍ଚରେ ୫.୪୧ ପ୍ରତିଶତକୁ ବୃଦ୍ଧି ପାଇଛି। ସପ୍ତାହକ ପୂର୍ବେ ପ୍ରାପ୍ତ ତଥ୍ୟରୁ ଜଣାପଡିଛି ଯେ, ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ୨.୮୬%କୁ ବୃଦ୍ଧି ପାଇଛି, ଯାହାକି ଫେବୃୟାରୀରେ ୨.୫୭% ରହିଥିଲା।

### ରପ୍ତାନି ୫୪୦ ବିଲିୟନ ଛୁଇଁଲା



ମେଙ୍ଗାଲୁରୁ/ନୂଆଦିଲ୍ଲୀ,୧୫-୪: ଗତ ଆର୍ଥିକ ବର୍ଷ ୨୦୧୮-୧୯ରେ ଦେଶର ରପ୍ତାନି ସର୍ବୋଚ୍ଚ ସ୍ତର ଛୁଇଁଛି। ଏହି ଅବଧିରେ ରପ୍ତାନି ୫୪୦ ବିଲିୟନ ଡଲାର ହୋଇଛି। ଏଥିମଧ୍ୟରୁ ମର୍ଚ୍ଚାଣ୍ଡାଇଜ ରପ୍ତାନି ୩୩୦ ବିଲିୟନ ହୋଇଥିବା ବେଳେ ସେବା କ୍ଷେତ୍ରରେ ୨୧୦ ବିଲିୟନ ଡଲାର ରପ୍ତାନି ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ଆଲୋଚ୍ୟ ବର୍ଷରେ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ୧୦ ବିଲିୟନ ଡଲାରକୁ ହ୍ରାସ ପାଇଛି, ଯାହା କି ପୂର୍ବବର୍ଷ ୬୩ ବିଲିୟନ ଡଲାର ଥିଲା। ଅନ୍ୟପକ୍ଷରେ ଦେଶର ରପ୍ତାନି ମାର୍ଚ୍ଚରେ ୧୧ପ୍ରତିଶତ ବଢ଼ି ୩୨.୫୫ ବିଲିୟନ ଡଲାରରେ ପହଞ୍ଚିଛି। ଫାର୍ମା, ରସାୟନ ଏବଂ ଇଞ୍ଜିନିୟରିଂ ଭଳି କ୍ଷେତ୍ରରେ ଉଚ୍ଚ ବୃଦ୍ଧି ଯୋଗୁ ରପ୍ତାନି ବଢ଼ିଛି। ସୋମବାର ଜାରି ସରକାରୀ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୧୯ରେ ଆମଦାନୀ ୧.୪୪ ପ୍ରତିଶତ ବୃଦ୍ଧି ପାଇ ୪୩.୪୪ ବିଲିୟନ ଡଲାର ରହିଛି।

## ଆର୍ଥିକ ବର୍ଷ ୨୦୧୯ରେ

# ଇଣ୍ଡିଆ ପୋଷ୍ଟକୁ ୧୫ ହଜାର କୋଟି କ୍ଷତି

- ବିଏସ୍‌ଏନ୍‌ଏଲ, ଏୟାର ଇଣ୍ଡିଆକୁ ଟପିଗଲା
- ୨୦୧୭ରେ ବିଏସ୍‌ଏନ୍‌ଏଲ ୮ ହଜାର, ଏୟାର ଇଣ୍ଡିଆ ୫୩୪୦ କୋଟି କ୍ଷତି ସହିଛି
- ଇ-କମର୍ସ ବ୍ୟବସ୍ଥା ଆପଣାଇବାକୁ ପରାମର୍ଶ




ନୂଆଦିଲ୍ଲୀ,୧୫–୪

ବିଏସ୍‌ଏନ୍‌ଏଲ ଏବଂ ଏୟାର ଇଣ୍ଡିଆ ୨୦୧୯ ଆର୍ଥିକ ବର୍ଷ(୨୦୧୮–୧୯)ରେ ସର୍ବାଧିକ କ୍ଷତି ସହିଥିବା ସରକାରୀ କମ୍ପାନୀ ମନେ କରାଯାଉଥିଲା। କିନ୍ତୁ ଅନ୍ୟ ଏକ ସରକାରୀ ସଂସ୍ଥା କ୍ଷତି ସହିବାରେ ଏହି ଦୁଇ ରାଷ୍ଟ୍ରାୟତ୍ତ କମ୍ପାନୀକୁ ବଳିଯାଇଛି। ସାରା ଦେଶରେ ୧.୫ ଲକ୍ଷରୁ ଅଧିକ ଡାକଘର ଏବଂ ପପୁଲାର ସେଭିଙ୍ଗସ ସ୍କିମ୍ ଚଳାଉଥିବା ଇଣ୍ଡିଆ ପୋଷ୍ଟର କ୍ଷତି ୨୦୧୯ ଆର୍ଥିକ ବର୍ଷ(୨୦୧୮–୧୯)ରେ ୧୫ ହଜାର କୋଟି ଟଙ୍କାରେ ପହଞ୍ଚି ଯାଇଛି। ଆର୍ଥିକ ବର୍ଷ ୨୦୧୭ରେ ବିଏସ୍‌ଏନ୍‌ଏଲ୍ ଏବଂ ଏୟାର ଇଣ୍ଡିଆର କ୍ଷତିର ପରିମାଣ ଯଥାକ୍ରମେ ୮ ହଜାର କୋଟି ଏବଂ ୫୩୪୦ କୋଟି ଟଙ୍କା ଥିଲା। କ୍ଷତିରେ ଚାଲୁଥିବା ଅନ୍ୟ ସରକାରୀ ସଂସ୍ଥା ଭଳି ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଅଧିକ ବ୍ୟୟ କରୁଛି। ଫଳରେ ଏହାର ଅପରେଟିଂ କଷ୍ଟ ବା କ୍ରିୟାନ୍ୱୟନ ଖର୍ଚ୍ଚ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାର ବିଭିନ୍ନ ସମୟରେ ବେତନ କମିଶନ ଲାଗୁ କରିବା ଯୋଗୁ ବର୍ତ୍ତମାନ ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଏହାର ମୋଟ ରାଜସ୍ୱର ୯୦ ପ୍ରତିଶତ ଖର୍ଚ୍ଚ କରୁଛି। ତେବେ ରାଜସ୍ୱ ଆଦାୟ ଦିନକୁ ଦିନ କମିବାରେ ଲାଗିଛି। ଆର୍ଥିକ ବର୍ଷ ୨୦୧୮–୧୯ର ସଂଶୋଧିତ ଆକଳନ ଅନୁଯାୟୀ ଦରମା ଓ ଭତ୍ତା ବାବଦରେ ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ୧୬,୬୨୦ କୋଟି ଟଙ୍କା ଖର୍ଚ୍ଚ କରିଛି। କିନ୍ତୁ ଏହା ସେହି ବର୍ଷ ୧୮ ହଜାର କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। ସେଥିରେ ୯୭୮୨ କୋଟି ଟଙ୍କାର ପେନସନ ବାବଦ ଖର୍ଚ୍ଚକୁ ଯୋଡି ଦିଆଗଲେ ଆଲୋଚ୍ୟ ଆର୍ଥିକ ବର୍ଷରେ କେବଳ କର୍ମଚାରୀଙ୍କ ବାବଦରେ ବ୍ୟୟ ୨୬,୪୦୦ କୋଟି ଟଙ୍କା ହୋଇଛି। ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ଆର୍ଥିକ ବର୍ଷ ୨୦୨୦ରେ ଦରମା ଓ ଭତ୍ତା ବାବଦରେ ୧୭,୪୫୧ କୋଟି ଏବଂ ପେନସନ ବାବଦରେ ୧୦,୨୭୧ କୋଟି ଟଙ୍କା ବ୍ୟୟ କରିବ ବୋଲି ଆକଳନ କରିଛି। ସେହିବର୍ଷ ରାଜସ୍ୱ ଆଦାୟ ୧୯,୨୦୩ କୋଟି ଟଙ୍କା ରହିବ ବୋଲି ଦର୍ଶାଯାଇଛି। କମ୍ପାନୀ ଏହି କ୍ଷତିରୁ ବାହାରି ଆସିବାକୁ ପ୍ରୟାସ କରୁଥିବା ବେଳେ ସାମଗ୍ରୀ ମୂଲ୍ୟ ହ୍ରାସ ପାଉଥିବାରୁ ଏବଂ ପାରମ୍ପରିକ ସେବା କ୍ଷେତ୍ରରେ ଅନ୍ୟ ବିକଳ୍ପ ମିଳୁଥିବାରୁ ତାହା ସମ୍ଭବ ହୋଇପାରୁନି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୪.୩୩ ଲକ୍ଷ କର୍ମଚାରୀ ଏବଂ ୧.୫୬ ଲକ୍ଷ ପୋଷ୍ଟ ଅଫିସକୁ କାର୍ଯ୍ୟରେ ଲଗାଇବା ଲାଗି ଇଣ୍ଡିଆ ପୋଷ୍ଟ ଇ–କମର୍ସ ବ୍ୟବସ୍ଥା ଆପଣାଇବାକୁ ସରକାର ପରାମର୍ଶ ଦେଇଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଦେଶରେ ସମସ୍ତ ବ୍ୟାଙ୍କର ଶାଖାଠାରୁ ଅଧିକ ପୋଷ୍ଟ ଅଫିସ ରହିଛି। ସେହି କାରଣରୁ କ୍ଷତି ବଢ଼ି ବଢ଼ି ଚାଲିଛି। ଇଣ୍ଡିଆ ପୋଷ୍ଟ ଗୋଟିଏ ପୋଷ୍ଟ କାର୍ଡ ଛପାଇବାରେ ୧୨.୧୫ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ମାତ୍ର ୫୦ ପଇସାରେ ଏହାକୁ ବିକୁଛି। ପାର୍ସଲ ସେବା, ବୁକ୍ ପୋଷ୍ଟ, ସ୍ପିଡ ପୋଷ୍ଟ, ରେଜିଷ୍ଟ୍ରେଶନ ଆଦି ସେବାରେ କ୍ଷତି ସହିବାକୁ ପଡୁଛି। ଏହାଛଡ଼ା ଇଣ୍ଡିଆ ପୋଷ୍ଟ ସୋଭରେନ ଗୋଲ୍ଡ ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ବୀମା, ପାର୍ସପୋର୍ଟ ସେବା ଯୋଗାଣ, ରେଲୱେ ଟିକେଟ ଭଳି ଏକାଧିକ ଆର୍ଥିକ ସେବା କ୍ଷେତ୍ରରେ ପାଦ ଥାପିଛି। କିନ୍ତୁ ଏଥିରୁ ସେଭଳି ଲାଭ ହେଉନି। ୨୦୧୮ ଆର୍ଥିକ ବର୍ଷରେ ଏହିସବୁ ସେବା ଯୋଗାଣରୁ ୮୪୪ କୋଟି ଟଙ୍କାର ରାଜସ୍ୱ ମିଳିଛି। ଏହାଛଡ଼ା ଇଣ୍ଡିଆ ପୋଷ୍ଟ ନ୍ୟାଶନାଲ ସେଭିଙ୍ଗସ ସ୍କିମ୍ ଏବଂ ସେଭିଂ ସାର୍ଟିଫିକେଟ ବିକ୍ରି କରି ଅଧିକ ରାଜସ୍ୱ ପାଇଥାଏ। ଏହା ୨୦୧୭ ଆର୍ଥିକ ବର୍ଷରେ ମୋଟ ରାଜସ୍ୱର ୬୦% ଅର୍ଥାତ ୧୧,୫୧୧ କୋଟି ଟଙ୍କା ହାସଲ କରିଛି। ବିଶେଷଜ୍ଞଙ୍କ ମତରେ ଇଣ୍ଡିଆ ପୋଷ୍ଟର ଦେଶର କୋଣ ଅନୁକୋଣରେ ଉପସ୍ଥିତି ରହିଥିବାରୁ ଏହା ଇ–କମର୍ସ କମ୍ପାନୀଙ୍କ ଲାଗି କ୍ୟାଶ ଅନ୍ ଡେଲିଭରି ସେବା ଯୋଗାଇ ବେଶ ଅର୍ଥ ଅର୍ଜନ କରିପାରିବ। ତେବେ ଗୋଦାମ ଅଭାବ ଏଦିଗରେ ବଡ଼ ବାଧକ ହୋଇଛି।

## ଆକର୍ଷଣୀୟ ରିହାତି ଦେଉଛି ଡୁରିଆନ୍

ଭୁବନେଶ୍ୱର,୧୫–୪

ପ୍ରମୁଖ ଫର୍ନିଚର ବ୍ରାଣ୍ଡ ଡୁରିଆନ୍ ପକ୍ଷରୁ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକମାନେ ଡୁରିଆନ୍‌ର ଶୋ'ରୁମରେ ଫ୍ଲାଟ ୫୦% ରିହାତି ପାଇପାରିବେ। ଏହି ଅଫର ବଛାବଛା ହୋମ୍ ଏବଂ ଅଫିସ ଫର୍ନିଚର ଉପରେ ଲାଗୁ ହେବ। ମାର୍ଚ୍ଚ ୩୦ରୁ ଆରମ୍ଭ ହୋଇଥିବା ଅଫର ସୀମିତ ସମୟ ଲାଗି ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ସାରା ଦେଶରେ ୩୭ ଷ୍ଟୋର ସହ ପ୍ରଡକ୍ଟ ଏବଂ ସେବା ଯୋଗାଣ କରୁଛି। ଭୁବନେଶ୍ୱରର ସାମନ୍ତରାପୁରଠାରେ ଗ୍ରାହକ ଏହି ଅଫର ଲାଭ କରି ପାରିବେ। ସୋଫା, ଟିପୟ, ଡାଇନିଂ, ବେଡ୍ ରୁମ ଏବଂ ଅଫିସ ଫର୍ନିଚର ବର୍ଗରେ ବିସ୍ତୃତ ପ୍ରଡକ୍ଟ ଗ୍ରାହକ ପାଇପାରିବେ। ଭୁବନେଶ୍ୱରର ଶୋ'ରୁମ ୧୫,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଅବସ୍ଥିତ। ଗ୍ରାହକମାନେ ସେମାନଙ୍କ ଆବଶ୍ୟକତା ମୁତାବକ ବିଭିନ୍ନ ପ୍ରଡକ୍ଟ ଏଠାରେ ଲାଭ କରିବାକୁ ସକ୍ଷମ ହେବେ ବୋଲି ଡୁରିଆନ୍‌ର ରାଜ୍ୟ ମୁଖ୍ୟ ଅଜୟ ଶର୍ମା ସୂଚନା ଦେଇଛନ୍ତି। ଏଠାରେ ପ୍ୟୁର ଲେଦର, ଫ୍ୟାବ୍ରିକର ବିଭିନ୍ନ ପ୍ରଡକ୍ଟ ମଧ୍ୟ ସାମିଲ ରହିଛି। ବଜାଜ,ଏଚ୍‌ଡିଏଫ୍‌ସି ଏବଂ କ୍ରେଡିଟ କାର୍ଡରେ ସହଜ ଇଏମ୍‌ଆଇ ରହିଛି। ପେଟିଏମ୍ ମଲରେ ପେମେଣ୍ଟ ଉପରେ ବୋନାଞ୍ଜା ଗିଫ୍ଟ ଭାଉଚର ପାଇବେ। ଅଫରକୁ ଗ୍ରାହକଙ୍କ ଲାଗି କଷ୍ଟମାଇଜ କରାଯାଇଛି। ଗ୍ରାହକଙ୍କ ଚାହିଦାରେ ପରିବର୍ତ୍ତନ ଆସିଥିବାରୁ ବିଭିନ୍ନ ବର୍ଗର ଗ୍ରାହକଙ୍କୁ ବିଚାର କରି ପ୍ରଡକ୍ଟ ଡିଜାଇନ ହୋଇଥିବା ଶର୍ମା କହିଛନ୍ତି। ପ୍ରତି ପ୍ରଡକ୍ଟ ଉପରେ ଗ୍ରାହକ ୫ ବର୍ଷର ୱାରେଣ୍ଟି ଏବଂ ସହଜ ଡେଲିଭରି ସୁବିଧା ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି।

## ଏସ୍‌ବିଆଇ ଲାଇଫ୍‌ର ଆଞ୍ଚଳିକ କାର୍ଯ୍ୟାଳୟ ଶୁଭାରମ୍ଭ



ଭୁବନେଶ୍ୱର,୧୫–୪

ଏସ୍‌ବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ସ୍ଥାନୀୟ ଇନଫୋସିଟି ଇନଫିନିଆ ଟାୱାରରେ ନୂଆ ଆଞ୍ଚଳିକ କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଛି। ଏସ୍‌ବିଆଇ ଲାଇଫର ଏମ୍‌ଡି ତଥା ସିଇଓ ସଞ୍ଜୀବ ନୌଟିଆଲ ଏହାର ଉନ୍ମୋଚନ କରିଥିଲେ। ନୂଆ କାର୍ଯ୍ୟାଳୟ ଦ୍ୱାରା ସମ୍ପୂର୍ଣ୍ଣ ସୁରକ୍ଷା ଉତ୍ପାଦ ସମାଧାନ ପୋର୍ଟଫୋଲିଓକୁ ଗ୍ରାହକଙ୍କୁ ପ୍ରଦାନ କରିବାକୁ କମ୍ପାନୀ ଯୋଜନା ରଖିଛି। ଓଡ଼ିଶାରେ ବୀମା ସମାଧାନ ଲୋକଙ୍କ ନିକଟରେ ଏତେଟା ପହଞ୍ଚି ନ ଥିବାରୁ ଅଭିନବ ଢଙ୍ଗରେ ବିଭିନ୍ନ ଉତ୍ପାଦ ଏବଂ ସେବା ଯୋଗାଣ ନେଇ ଉଦ୍ୟମ ଜାରି ରହିବ ବୋଲି ସିଇଓ ନୌଟିଆଲ କହିଛନ୍ତି। ଓଡ଼ିଶାରେ ୩୮ଟି ସ୍ଥାନରେ ୪୦ ଶାଖା ସହ କମ୍ପାନୀ ଉପସ୍ଥିତିକୁ ସୁଦୃଢ଼ କରୁଥିବା ନୌଟିଆଲ କହିଛନ୍ତି। ଏଥିରେ ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା ଏସ୍‌ବିଆଇ ଜୋନ ୩ ସଭାପତି ରବୀନ୍ଦ୍ର କୁମାର, ଆକ୍‌ଚୁରିଆଲ ରିସ୍କ ମ୍ୟାନେଜମେଣ୍ଟ ସଭାପତି ସଞ୍ଜୀବ ପୂଜାରୀ, ଏସ୍‌ବିଆଇ ଲାଇଫର ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୟ ଭଟ୍ଟନାଗର ପ୍ରମୁଖ ଉପସ୍ଥିତ ଥିଲେ।


## ନାଲ୍‌କୋ ପକ୍ଷରୁ ଆମ୍ବେଡ୍‌କର ଜୟନ୍ତୀ



ଭୁବନେଶ୍ୱର,୧୫–୪

ରାଷ୍ଟ୍ରାୟତ୍ତ ନାଲ୍‌କୋ ପକ୍ଷରୁ ସ୍ଥାନୀୟ ନାଲ୍‌କୋ ନଗରଠାରେ ଭାରତ ରତ୍ନ ବାବା ସାହେବ ବି.ଆର. ଆମ୍ବେଡ୍‌କରଙ୍କ ୧୨୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଏହି ଅବସରରେ ଆମ୍ବେଡକରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଦେଶ ଗଠନରେ ଆମ୍ବେଡ୍‌କରଙ୍କ ଯୋଗଦାନ ତଥା ଭୂମିକା ଉପରେ ଚାନ୍ଦ ଏଠାରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସେହିଭଳି ସାମାଜିକ ଅନଗ୍ରସର ଶିଶୁଙ୍କୁ ସ୍ୱଚ୍ଛତା କିଟ୍ ପ୍ରଦାନ କରାଯାଇଥିଲା। ଏଥିରେ ନାଲ୍‌କୋର ବରିଷ୍ଠ ନିର୍ଦ୍ଦେଶକ, କର୍ମଚାରୀ, ନାଲ୍‌କୋ ଏସ୍‌ଟିଏସ୍‌ସି ୱେଲଫେୟାର ସଂଘ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ବେଙ୍ଗାଲୁରୁ ଏୟାରପୋର୍ଟରୁ ଯାତ୍ରା ହେବ ମହଙ୍ଗା



ନୂଆଦିଲ୍ଲୀ,୧୫–୪

ଯାତ୍ରୀଙ୍କ ଲାଗି ବେଙ୍ଗାଲୁରୁ ଏୟାରପୋର୍ଟରୁ ବିମାନ ଯାତ୍ରା କରିବା ମହଙ୍ଗା ହେବାକୁ ଯାଉଛି। ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ(ଏଇଆର୍‌ଏ) ଏହି ବିମାନବନ୍ଦରରୁ ଯାତ୍ରା କରିବାକୁ ଥିବା ଯାତ୍ରୀଙ୍କ ଠାରୁ ଟିକଟ ମୂଲ୍ୟ ସହିତ ୟୁଜର ଡେଭଲପମେଣ୍ଟ ଫିସ(ୟୁଡିଏଫ୍) ବାବଦରେ ୧୨୦ ପ୍ରତିଶତ ଚାର୍ଜ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୪ ମାସ ପାଇଁ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ନୂଆଦିଲ୍ଲୀ ଓ ମୁମ୍ବାଇ ପରେ ଦେଶର ଏହା ତୃତୀୟ ସବୁଠାରୁ ବ୍ୟସ୍ତ ବିମାନବନ୍ଦର କୁହାଯାଉଛି। ବିମାନବନ୍ଦରର ସମ୍ପ୍ରସାରଣ ଓ ଆଧୁନିକୀକରଣ କାର୍ଯ୍ୟଲାଗି ଅର୍ଥ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା ଆପଣାଯାଇଛି। ବେଙ୍ଗାଲୁରୁ ବିମାନବନ୍ଦର କର୍ତ୍ତୃପକ୍ଷ ସୋମବାର ଏକ ବୟାନ ଜାରି କରି ଘରୋଇ ଉଡ଼ାଣ ଲାଗି ୟୁଡିଏଫ୍‌କୁ ୧୩୯ରୁ ୩୦୬ ଟଙ୍କାକୁ ବୃଦ୍ଧି କରାଯାଇଥିବା କହିଛି। ସେହିପରି ଅନ୍ତଃରାଷ୍ଟ୍ରୀୟ ଉଡ଼ାଣ ପାଇଁ ଏହା ୫୫୮ ଟଙ୍କା ବଦଳରେ ୧୨୨୬ ଟଙ୍କା ହେବ ବୋଲି କୁହାଯାଇଛି। ନୂଆ ଦର ମଙ୍ଗଳବାରଠାରୁ ଲାଗୁ ହେବ। ବିବୃତିରେ କୁହାଯାଇଛି ଯେ, ଘରୋଇ ଓ ଅନ୍ତଃରାଷ୍ଟ୍ରୀୟ ଯାତ୍ରାରେ ନୂଆ ଶୁଳ୍କ ଯଥାକ୍ରମେ ୧୨୦ ପ୍ରତିଶତ ଏବଂ ୧୧୯ ପ୍ରତିଶତ ବୃଦ୍ଧି କରାଯାଇଛି।

## ହିରୋ ଚ୍ୟାଲେଞ୍ଜ–୨୦୧୯ ଘୋଷଣା

THE Hero CHALLENGE

ନୂଆଦିଲ୍ଲୀ,୧୫–୪

ଇଂଲଣ୍ଡର ଲିଭରପୁଲ ୱାଟର ପ୍ରିନ୍ସ ଡକ୍‌ରେ ଦି ହିରୋ ଚ୍ୟାଲେଞ୍ଜ–୨୦୧୯ ଗଲ୍ଫ ନାଇଟ୍ ଅନୁଷ୍ଠିତ ହେବ। ବିଶ୍ୱରଖ୍ୟାତି ସମ୍ପନ୍ନ ଗଲ୍ଫର ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥି ଲାଗି ପ୍ରଶଂସକଙ୍କୁ ମାଗଣାରେ ଟିକେଟ ପ୍ରଦାନ କରାଯିବ। ମେ ୯ରୁ ୧୨ ହିଲ୍ ସାଇଡ ଗଲ୍ଫ କ୍ଲବରେ ବେଟଫ୍ରେଡ ବ୍ରିଟିଶ ମାଷ୍ଟର ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ଏହି ଗଲ୍ଫ ନାଇଟ୍ ଅନୁଷ୍ଠିତ ହେବ। ଏଭଳି ପଦକ୍ଷେପ ଦ୍ୱାରା ପେସାଦାରଙ୍କ ସହ ସମ୍ପର୍କ ଯୋଡିବା ସହିତ ଭବିଷ୍ୟତର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ହିରୋ ମୋଟୋକର୍ପର ସିଇଓ ପୱନ ମୁଞ୍ଜାଲ କହିଛନ୍ତି।

## କ୍ୟାରିବ୍ୟାଗ୍ ପାଇଁ ବାଟା ଗଣିଲା ୯ ହଜାର




ନୂଆଦିଲ୍ଲୀ,୧୫–୪

ବାଟା ଇଣ୍ଡିଆ ମାତ୍ର ୩ ଟଙ୍କାର କ୍ୟାରି ବ୍ୟାଗ୍ ପାଇଁ ୯ ହଜାର ଟଙ୍କା ଜରିମାନା ଗଣିବାକୁ ବାଧ୍ୟ ହୋଇଛି। ଜଣେ ଗ୍ରାହକଙ୍କ ଅଭିଯୋଗକ୍ରମେ କମ୍ପାନୀଠାରୁ ଏହି ଜରିମାନା ଆଦାୟ ନିର୍ଦ୍ଦେଶ ଦିଆଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଫେବୃୟାରୀ ୫ରେ ଚଣ୍ଡିଗଡ଼ ସେକ୍ଟର ୨୨ସ୍ଥିତ ବାଟା ଇଣ୍ଡିଆର ଏକ ଆଉଟଲେଟରେ ଦିନେଶ ପ୍ରସାଦ ରତୁଡି ନାମକ ଜଣେ ଗ୍ରାହକ ୩୯୯ ଟଙ୍କାର ସପିଂ କରିଥିଲେ। କିନ୍ତୁ ତାଙ୍କ ପାଇଁ ୪୦୨ ଟଙ୍କାର ବିଲ୍ ତିଆରି ହୋଇଥିଲା। ଏହି ବିଲ୍‌ରେ କ୍ୟାରି ବ୍ୟାଗ୍ ବାବଦରେ ୩ ଟଙ୍କା ଯୋଡି ଦିଆଯାଇଥିଲା। ଗ୍ରାହକ ଏହି କ୍ୟାରି ବ୍ୟାଗ୍ ନେବାକୁ ଚାହୁଁ ନ ଥିଲେ, କିନ୍ତୁ ତାଙ୍କୁ ଏଥିପାଇଁ ବାଧ୍ୟ କରାଯାଇଥିଲା ଏବଂ ଚାର୍ଜ ଅସୁଲ କରାଯାଇଥିଲା। ରତୁଡି କଞ୍ଜ୍ୟୁମର ଫୋରମ୍‌ରେ ଏହା ବିରୋଧରେ ଅଭିଯୋଗ କରିଥିଲେ। ତେବେ ବାଟା ପକ୍ଷରୁ ଯୁକ୍ତି ଦର୍ଶାଯାଇ କୁହାଯାଇଥିଲା ଯେ, ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଗ୍ରାହକଙ୍କଠାରୁ ଚାର୍ଜ ଅସୁଲ କରାଯାଇଥିଲା। କିନ୍ତୁ ଫୋରମ କମ୍ପାନୀର ଏହି ଦାବିକୁ ଖାରଜ କରିଦେଇଥିଲେ। ପରିବେଶ ସୁରକ୍ଷା ଚିନ୍ତା ଥିଲେ କମ୍ପାନୀ ମାଗଣାରେ କ୍ୟାରି ବ୍ୟାଗ୍ ବାଣ୍ଟି ପାରିଥାନ୍ତା ବୋଲି ଫୋରମ କହିଥିଲେ। ରତୁଡିଙ୍କଠାରୁ ଅନ୍ୟାୟ ଭାବେ ନିଆଯାଇଥିବା ୩ ଟଙ୍କା ଫେରାଇବା ସହ କ୍ଷତିପୂରଣ ବାବଦରେ ୩ ହଜାର ଟଙ୍କା ଏବଂ ମାମଲା ପରିଚାଳନା ଖର୍ଚ୍ଚ ବାବଦରେ ଆହୁରି ୧ ହଜାର ଟଙ୍କା ଦେବାକୁ ଫୋରମ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା କମ୍ପାନୀକୁ କଞ୍ଜ୍ୟୁମର ଲିଗଲ ଏଡ୍ ଆକାଉଣ୍ଟରେ ୫ ହଜାର ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବାଟା ଇଣ୍ଡିଆ ଏହାର ସମସ୍ତ ଗ୍ରାହକଙ୍କୁ ମାଗଣାରେ କ୍ୟାରି ବ୍ୟାଗ୍ ଦେବାକୁ ଫୋରମ ନିର୍ଦ୍ଦେଶ ଦେଇଛନ୍ତି।

## ଫିଟ୍‌ଜୀ କ୍ୟୁରେଟ ଆଡମିଶନ ଟେଷ୍ଟ ୨୧ରେ

FIITJEE

ଭୁବନେଶ୍ୱର, ୧୫–୪

ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀ ପକ୍ଷରୁ ଏହାର କ୍ୟୁରେଟ କାର୍ଯ୍ୟକ୍ରମରେ ନାମଲେଖା ନିମନ୍ତେ ମେଧାବୃତ୍ତି ତଥା ଆଡମିଶନ ଟେଷ୍ଟ ଚଳିତ ମାସ ୨୧ରେ ଅନୁଷ୍ଠିତ ହେବ। ଏଥିପାଇଁ ପଞ୍ଜୀକରଣର ସମୟ ଏପ୍ରିଲ୍ ୨୦ ପର୍ଯ୍ୟନ୍ତ ରହିଛି। ଏଥିପାଇଁ ଆଗ୍ରହୀ ଛାତ୍ରୀଛାତ୍ର ନିକଟସ୍ଥ ଫିଟଜୀ ସେଣ୍ଟରରୁ କିମ୍ବା ଅନ୍‌ଲାଇନ୍ ମାଧ୍ୟମରେ ଲଗ୍‌ଅନ୍ କରି ପାଇପାରିବେ। ଏହି ଅବସରରେ ଫିଟ୍‌ଜୀ ନିର୍ଦ୍ଦେଶକ ଆର୍‌ଏଲ୍ ତ୍ରିଖା କହିଛନ୍ତି ଯେ, ୨୦୨୧ରେ ଆଇଆଇଟି ପାଇଁ ନିଜର ସ୍ୱପ୍ନ ପୂରଣ କରିବା ନିମନ୍ତେ କ୍ୟୁରେଟ୍ ହେଉଛି ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ସଠିକ୍ ମାର୍ଗ।

**PARADIP PORT TRUST**

**CORRIGENDUM - I TO E-TENDER CALL NOTICE NO. EM/MM/PE/04/2019/ 1903TDR52, Dt.19.03.2019 FOR SUPPLY OF PORTABLE DG SET & BATTERY CHARGER**

The due date of submission of Tender & opening of EMD Bid is hereby further extended as below. 1. Last Date of Submission of tender up to **5:00 PM** of **Dt.02.05.2019. 2.** Opening of EMD Bid at **3:30 PM** of **Dt.03.05.2019.** All other terms and conditions in the original tender remained unaltered. For details, log on to our Website: https://eprocure.gov.in/eprocure/app or contact the office of the undersigned.

Sd/- Dy. Materials Manager

PPT/PR/13/19-20 Dt.12.04.2019

अखिल भारतीय आयुर्विज्ञान संस्थान (एम्स), भुवनेश्वर

**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. : AIIMS/BBSR/Engg./ 492 & 479 /2019-20 Dated : 11th Apr 2019

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Comprehensive Maintenance of Civil Works of all the Buildings of Hospital Complex, Medical College Complex, Nursing College, Hostels & Residential Complex at AIIMS, Bhubaneswar."** *(NIT No. : AIIMS/BBSR/Engg./ 002 /2019-20)* and **"Connecting the Rain Water Pipes of all the Buildings to nearby Drain at Hospital Complex, AIIMS, Bhubaneswar"** *(NIT No. : AIIMS/BBSR/Engg./ 003 /2019-20).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
Executive Engineer (Civil)
AIIMS, Bhubaneswar

**OFFICE OF THE DEPUTY DIRECTOR OF MINES, KOIRA CIRCLE, KOIRA, DISTRICT : SUNDARGARH**

**E-mail: ddm.koira@orissaminerals.gov.in**

No.1536 **NOTICE** Date: 06.04.2019

**Loss of e-Transit Passes**

No.01-G:- This is to inform that the following e-Transit Passes in From M1/G1 issued for transportation of minerals from different mining lease holders/ plant (Licensee holders) under Koira mining Circle are lost during transit by the mineral carrying vehicles. These lost e-TPs are not to be re-used by treating as an authentic Govt. document in support of carrying minerals. Any use of such lost Transit Passes will be treated as unlawful / illegal and such act is punishable under Law.

| Sl No. | e-Pass No. (G1/ M1) / Date of issue | Vehicle No. | Source of Mineral | Destination | Remarks |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | M1 L21902272/85 dt.12.02.2019 | OD04H8085 | Jindal Steel & Power Ltd. (TRB Iron Mines) | JSPL, Barbil, Pellet Plant | Lost at Tensa near Bana Durga Temple enroute to JSPL, Barbil on dt.19.02.2019 loaded with 17.060 mt of Iron Ore fines of 60.23% Fe. |
| 2. | M1 L219038321/231 dt.10.03.2019 | OR23A0081 | AMTC (P) Ltd.- Narayanposhi Iron & Mn Mines | SMC Power & Generation Ltd. Jharsuguda | Lost at Badmal enroute to Jharsuguda on dt.11.03.2019 loaded with 18.600 mt of Iron Ore lumps of 61.07%Fe. |
| 3. | M1 L21902783/105 dt.10.03.2019 | OR04M6583 | Feegrde & Co. (P) Ltd.- Nadidihi Iron & Mn Mines | Feegrade & Co. (P) Ltd. Storing Plot at Paradeep Port | Lost at Kuakhia enroute to Paradeep Port on self A/c on dt.11.03.2019 loaded with 18.880 mt of Iron Ore Sc. fines of 56.63%Fe. |

It is hereby requested that, if any of the above transit Passes traced / found anywhere by any body, the said e-TP may please be returned generously to the Deputy Director of Mines-cum-Competent Authority, Koira 'or' in any of the circle office of Deputy Director of Mines / O/o the mining Officer of Steel & Mines Department, Odisha to prevent from illegal use of such e-Transit Passes.

30016/11/0001/1920 **Sd./- Deputy Director of Mines-cum-Competent Authority, Koira**



“ଆଇପିଏଲ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ ଦଳର ନିଷ୍ପତ୍ତି ପ୍ରକ୍ରିୟାରେ ମୁଁ ଆଉ ଅଂଶବିଶେଷ ହୋଇ ରହିନାହିଁ ।

–ଡେଭିଡ ୱାର୍ନର, ଅଷ୍ଟ୍ରେଲୀୟ ଓପନର



“ସନରାଇଜର୍ସ ଆଇଦ୍ରାବାଦକୁ ହରାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ପରେ ଆମର ଟାଇଟଲ ଜିତିବା ଆଶା ସଞ୍ଚାର ହୋଇଛି ।

–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ

# ଭାରତୀୟ ଦଳ ଘୋଷିତ

**ମୁମ୍ବାଇ/ନୂଆଦିଲ୍ଲୀ, ୧୫।୪(ପି.ଟି.)**

**କ୍ରିକେଟ ମହାକୁମ୍ଭ ଆଇସିସି ବିଶ୍ୱକପ କ୍ରମେ ପାଖେଇ ଆସିଛି। ମେ ୩୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଇଂଲଣ୍ଡରେ ଆୟୋଜନ ହେବ ଏହି ମେଗା ଇଭେଣ୍ଟ। ୧୦ ଦଳକୁ ନେଇ ହେବାକୁ ଯାଉଥିବା କ୍ରିକେଟର ଏହା ମେଗା ପ୍ରତିଯୋଗିତା ପାଇଁ ସୋମବାର ଭାରତୀୟ ଦଳ ଘୋଷଣା ହୋଇଛି। ଏଥିସହିତ ଖେଳାଳି ଚୟନକୁ ନେଇ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟିଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଏଥର ପଡ଼ିଆକୁ ଓହ୍ଲାଇବ ଟିମ୍ ଇଣ୍ଡିଆ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ରୋମାଞ୍ଚ ମଧ୍ୟରେ ବିଶ୍ୱକପ ଦଳ ଘୋଷଣା କ୍ରିକେଟ ପ୍ରେମୀଙ୍କ ମନରେ ଉଷ୍ମତା ଭରିଛି। ଏଣିକି ଆଇପିଏଲ ସହିତ ଆଇସିସି ବିଶ୍ୱକପକୁ ନେଇ ଚାଲିବ ଆଲୋଚନା ପର୍ଯ୍ୟାଲୋଚନା। ଏପରି ଏକ ସନ୍ଧିକ୍ଷଣରେ ଧରିତ୍ରୀ ପକ୍ଷରୁ ଆରମ୍ଭ ହୋଇଛି ଅବଗଣନା।**




ମେ ୩୦ରୁ ଇଂଲଣ୍ଡରେ ହେବ ଆଇସିସି(ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ) ବିଶ୍ୱକପର ଦ୍ୱାଦଶ ସଂସ୍କରଣ। ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ମେଗା ଇଭେଣ୍ଟ ପାଇଁ ସୋମବାର ଭାରତୀୟ ଦଳ ଘୋଷିତ ହୋଇଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ଦଳରେ ରୋହିତ ଶର୍ମାଙ୍କୁ ଉପ–ଅଧିନାୟକ କରାଯାଇଛି। ମହେନ୍ଦ୍ର ସିଂ ଧୋନୀ ପ୍ରଥମ ପସନ୍ଦ ଉଇକେଟ କିପରଭାବେ ଦଳରେ ସ୍ଥାନ ନେଇଥିବାବେଳେ ଦ୍ୱିତୀୟ ଉଇକେଟ କିପରଭାବେ ସାମିଲ ହୋଇଛନ୍ତି ଦୀନେଶ କାର୍ତ୍ତିକ। ଦୀର୍ଘ ୧୨ ବର୍ଷ ବ୍ୟବଧାନରେ କାର୍ତ୍ତିକ ବିଶ୍ୱକପ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦୀର୍ଘଦିନଧରି ଆଲୋଚନାର କେନ୍ଦ୍ରରେ ରହିଥିବା ଯୁବ ଉଇକେଟ କିପର ରିଷଭ ପନ୍ତ ଶେଷରେ ବାଦ୍ ପଡ଼ିଛନ୍ତି। ୩୩ ବର୍ଷୀୟ କାର୍ତ୍ତିକ ୯୧ଟି ଦିନିକିଆ ଖେଳିବାର ଅଭିଜ୍ଞତା ରଖିଛନ୍ତି। ତେଣୁ ୨୧ ବର୍ଷୀୟ ରିଷଭଙ୍କ ତୁଳନାରେଅଭିଜ୍ଞ କାର୍ତ୍ତିକଙ୍କୁ ଦଳରେ ନେବାକୁ ଏମଏସକେ ପ୍ରସାଦଙ୍କ ନେତୃତ୍ୱାଧୀନଚୟନକମିଟିନିଷ୍ପତ୍ତିନେଇଛି। ସବୁଠାରୁ ପୁରୁଣା ଖେଳାଳିଭାବେ କାର୍ତ୍ତିକ ବିଶ୍ୱକପ ଦଳରେ ସ୍ଥାନ ପାଇଛନ୍ତି। ୨୦୦୪ରେ ମହେନ୍ଦ୍ର ସିଂ ଧୋନୀ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବାର ୩ ମାସ ପୂର୍ବରୁ କାର୍ତ୍ତିକଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା। କାର୍ତ୍ତିକ ୨୦୦୭ ଭାରତୀୟ ବିଶ୍ୱକପ ଦଳରେ ସାମିଲ ହୋଇଥିଲେ। ମାତ୍ର ୨୦୧୧ ଓ ୨୦୧୫ ସଂସ୍କରଣରେ ସେ ବାଦ୍ ପଡ଼ିଥିଲେ। ସୋମବାର ଘୋଷିତ ଖେଳାଳି ତାଲିକା ଅନୁସାରେ ଧୋନୀ କ୍ୟାରିୟରର ୪ର୍ଥ ଦିନିକିଆ ବିଶ୍ୱକପ ଖେଳିବାକୁ ଯାଉଛନ୍ତି। ଏହା ତାଙ୍କ କ୍ୟାରିୟର ଅନ୍ତିମ ବିଶ୍ୱକପ ବୋଲି କୁହା ଯାଉଛି। କୋହଲି କ୍ୟାରିୟରର ତୃତୀୟ ବିଶ୍ୱକପ ଖେଳିବାକୁ ଯାଉଥିବାବେଳେ ରୋହିତ ଶର୍ମା, ଶିଖର ଧାୱନ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି ଓ ଭୁବନେଶ୍ୱର କୁମାର ୨୦୧୫ ବିଶ୍ୱକପ ଦଳରେ ସାମିଲ ଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଦର୍ଶନ ଭାରତୀୟ ଦଳ ଚୟନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କ୍ୟାପ୍‌ଟେନ କୋହଲି ପୂର୍ବରୁ ସ୍ପଷ୍ଟ କରି ସାରିଥିଲେ। ଏହା ସତ ପ୍ରମାଣିତ ହୋଇଛି। ରିଷଭ ଚଳିତ ଆଇପିଏଲରେ ୨୪୫ ରନ କରି ସାରିଥିଲେ ମଧ୍ୟ ୧୧୧ ରନ କରିଥିବା କାର୍ତ୍ତିକଙ୍କୁ ଅଗ୍ରାଧିକାର ଦିଆ ଯାଇଛି। ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଯାଇ ଚୟନ କମିଟି ମୁଖ୍ୟ ଏମଏସକେ କହିଛନ୍ତି ଯେ, ‘‘କାର୍ତ୍ତିକ ଓ ପନ୍ତଙ୍କ ସାମିଲକୁ ନେଇ ଦୀର୍ଘ ସମୟ ଆଲୋଚନା ଚାଲିଥିଲା। ମହେନ୍ଦ୍ର ସିଂ ଧୋନୀ ଆହତ ହେଲେ ଯାଇ ଦ୍ୱିତୀୟ ଉଇକେଟ କିପର ପଡ଼ିଆକୁ ଓହ୍ଲାଇବେ। ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ, କ୍ୱାର୍ଟର ଫାଇନାଲ କିମ୍ବା ସେମିଫାଇନାଲ ହୋଇପାରେ। ତେଣୁ ପନ୍ତ ପ୍ରବଳ ଦାବିଦାର ସତ୍ତ୍ୱେ ଆମେ ଅଭିଜ୍ଞ କାର୍ତ୍ତିକଙ୍କୁ ଚୟନ କଲୁ’’। ୧୫ ଜଣିଆ ଦଳରେ ତାମିଲନାଡୁର ସିମ୍ ବୋଲିଂ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ସାମିଲ କରାଯାଇଛି। ତାଙ୍କୁ ବ୍ୟାଟିଂ ଅର୍ଡରର ୪ ନମ୍ବର ସ୍ଥାନର ବ୍ୟବହାର କରାଯାଇପାରେ। ଏ କ୍ଷେତ୍ରରେ ସେ ଅମ୍ବାତି ରାୟୁଡୁଙ୍କୁ ପଛରେ ପକାଇ ଦେଇଥିଲେ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରେ ଆମେ ଏହାକୁ ନେଇ ଯୋଜନା କରିଥିଲୁ। ଗତ କିଛି ମାସ ମଧ୍ୟରେ ବିଜୟ ଶଙ୍କରଙ୍କ ପ୍ରଦର୍ଶନ ପ୍ରଭାବୀ ରହି ଆସିଥିଲା ବୋଲି ପ୍ରସାଦ କହିଛନ୍ତି। ଲୋକେଶ ରାହୁଲଙ୍କ ସାମିଲକୁ ନେଇ କୌଣସି ବିବାଦ ନାହିଁ। ସେ ତୃତୀୟ ଓପନର ଭାବେ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ସେ ବିଜୟ ଶଙ୍କରଙ୍କ ସହିତ ମିଡଲ ଅର୍ଡର ପାଇଁ ମଧ୍ୟ ଦାବିଦାର ରହିବେ। ୪ ନମ୍ବର ସ୍ଥାନ ପାଇଁ ବିଜୟ ଶଙ୍କର, କେଦାର ଯାଦବ ଓ ଲୋକେଶ ରାହୁଲ ଦାବିଦାର ରହିବେ। ପରିବେଶ ଓ ପରିସ୍ଥିତି ଅନୁସାରେ ଟିମ୍ ମ୍ୟାନେଜମେଣ୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ପ୍ରସାଦ କହିଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ଦକ୍ଷତା ଏବଂ ଡ୍ରାଏ ଉଇକେଟରେ ବୋଲିଂ ଦକ୍ଷତାକୁ ବିଚାରକୁ ନିଆ ଯାଇ ତାଙ୍କୁ ୧୫ ଜଣିଆ ଦଳରେ ସାମିଲ କରାଯାଇଛି। ‘‘ଗତ ଦେଢ଼ ବର୍ଷ ଧରି ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଆମପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇ ଆସିଛନ୍ତି। ମାତ୍ର ପରିସ୍ଥିତି ଅନୁସାରେ ଚୂଡ଼ାନ୍ତ ଏକାଦଶରେ ଜଣେ ଅତିରିକ୍ତ ଅଲରାଉଣ୍ଡର ଆବଶ୍ୟକ ପଡ଼ିପାରେ। ତାକୁ ଦୃଷ୍ଟିରେ ରଖି ଜାଡେଜାଙ୍କୁ ନିଆ ଯାଇଛି’’ ବୋଲି ପ୍ରସାଦ ବର୍ଣ୍ଣନା କରିଛନ୍ତି। ଟୁର୍ନାମେଣ୍ଟର ଦ୍ୱିତୀୟଭାଗରେ ଉଇକେଟ ଅଧିକ ଡ୍ରାଏ ହେଲେ ଜାଡେଜା ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ସେ କହିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ବିଜୟ ଶଙ୍କର ମିଳିତଭାବେ ୪ର୍ଥ ପେସର ଦାୟିତ୍ୱ ତୁଲାଇବାକୁଥିବାରୁ ଜଣେ ଅତିରିକ୍ତ ସ୍ପିଡଷ୍ଟରଙ୍କ ଆବଶ୍ୟକ ଅନୁଭବ ହୋଇ ନାହିଁ। ଫିଟ୍ ରହିଲେ ଯଶପ୍ରୀତ ବୁମରା ଓ ମହମ୍ମଦ ସାମି ପ୍ରଥମ ପସନ୍ଦ ଦୁଇ ପେସର ରହିବେ। ଭୁବନେଶ୍ୱର କୁମାର ତୃତୀୟ ଦ୍ରୁତ ବୋଲରଭାବେ ଚୟନ ପାଇଁ ଉପଲବ୍ଧ ହେବେ। ଏହି ଅବସରରେ ନଭଦୀପ ସଇନି ଓ ଖଲିଲ ଅହମଦଙ୍କ ନାମ ମଧ୍ୟ ବିଚାରକୁ ନିଆ ଯାଇଥିଲା ବୋଲି ପ୍ରସାଦ କହିଛନ୍ତି। ତେବେ ଏହି ଦୁଇ ଯୁବ ବୋଲର ଭାରତୀୟ ଦଳ ସହ ଇଂଲଣ୍ଡ ଯିବା ସମ୍ଭାବନା ରହିଛି। ଯଦି ବୁମ୍‌ରା, ସାମି କିମ୍ବା ଭୁବନେଶ୍ୱର କୁମାରଙ୍କ ମଧ୍ୟରୁ କେହି ଆହତ ହୁଅନ୍ତି ତେବେ ସେମାନେ ତାଙ୍କ ସ୍ଥାନ ନେବେ।

## ‘ପନ୍ତଙ୍କୁ ସ୍ଥାନ ନ ମିଳିବା ଆଶ୍ଚର୍ଯ୍ୟ କରିଛି’

**ନୂଆଦିଲ୍ଲୀ, ୧୫।୪ (ପି.ଟି.):** ଆଇସିସି ବିଶ୍ୱକପ୍ ଲାଗି ସୋମବାର ଘୋଷିତ ଭାରତୀୟ ଦଳରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ସ୍ଥାନ ନ ମିଳିବା ନେଇ ପ୍ରାକ୍ତନ ଅଧିନାୟକ ସୁନୀଲ ଗାଭାସ୍କର ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଭଲ ବ୍ୟାଟିଂ ଫର୍ମ ଓ ଉଇକେଟ୍ ରକ୍ଷଣରେ ଉନ୍ନତି କରୁଥିବା ସତ୍ତ୍ୱେ ପନ୍ତଙ୍କ ସ୍ଥାନରେ ଅଭିଜ୍ଞତା ଦୃଷ୍ଟିରୁ ୩୩ ବର୍ଷୀୟ ଦୀନେଶ କାର୍ତ୍ତିକଙ୍କୁ ବିଶ୍ୱକପ୍ ଟିକେଟ୍ ମିଳିଛି। ଚୟନକର୍ତ୍ତାଙ୍କ ନିଷ୍ପତ୍ତି ସାମାନ୍ୟ ଆଶ୍ଚର୍ଯ୍ୟ କରିଥିଲେ ମଧ୍ୟ କାର୍ତ୍ତିକ ଜଣେ ଶ୍ରେଷ୍ଠ ଉଇକେଟ୍‌କିପର ବୋଲି ଗାଭାସ୍କର ଏକ ସାକ୍ଷାତକାର ଅବସରରେ କହିଛନ୍ତି। ‘ପନ୍ତଙ୍କ ଫର୍ମକୁ ଦେଖିଲେ ଏହି ନିଷ୍ପତ୍ତି ସାମାନ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ସେ କେବଳ ଆଇପିଏଲ୍ ନୁହେଁ ଏଥିପୂର୍ବରୁ ମଧ୍ୟ ପ୍ରଭାବୀ ବ୍ୟାଟିଂ ପ୍ରଦର୍ଶନ କରିସାରିଛନ୍ତି। ଉଇକେଟ ରକ୍ଷଣରେ ମଧ୍ୟ ଦିନକୁ ଦିନ ସେ ଉନ୍ନତି କରୁଛନ୍ତି। ସେହିଭଳି ସେ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ ହୋଇଥିବାରୁ ଟପ୍–୬ରେ ବୋଲରଙ୍କୁ ଅଡୁଆରେ ପକାଇବାର ବିକଳ୍ପ ମଧ୍ୟ ରହିଛି’ ବୋଲି ଗାଭାସ୍କର କହିଛନ୍ତି। ଚଳିତ ଆଇପିଏଲ୍‌ରେ କାର୍ତ୍ତିକ (୧୧୧ ରନ)ଙ୍କ ଅପେକ୍ଷା ପନ୍ତ (୨୪୫)ଙ୍କ ବ୍ୟାଟିଂ ଭଲ ରହିଥିଲେ ମଧ୍ୟ ତାଙ୍କୁ ବାଦ୍ ଦିଆଯିବାର ଯଥାର୍ଥତା ରହିଛି ବୋଲି ଗାଭାସ୍କର ଏକ ଜାତୀୟ ଖବରକାଗଜକୁ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। ‘ଯେତେବେଳେ ଏମ୍‌ଏସ୍‌ଡି (ମହେନ୍ଦ୍ର ସିଂ ଧୋନୀ) ଅସୁସ୍ଥ ହୋଇ ଖେଳିପାରିବେ ନାହିଁ ସେତେବେଳେ ବିକଳ୍ପ ଭାବେ ଜଣେ ଭଲ ଉଇକେଟ୍‌କିପରଙ୍କୁ ନିଆଯିବ। ଏହି କ୍ଷେତ୍ରରେ ଅନ୍ୟମାନଙ୍କ ଅପେକ୍ଷା କାର୍ତ୍ତିକଙ୍କ ଉଇକେଟ୍–କିପିଂ ଦକ୍ଷତା ସର୍ବାଗ୍ରେ ରହିବ, ଯାହାକି ତାଙ୍କୁ ବିଶ୍ୱକପ୍‌ରେ ସ୍ଥାନ ମିଳିବାରେ ସହାୟତା କରିଛି’ ବୋଲି ଏହି ମହାନ ବ୍ୟାଟ୍ସମ୍ୟାନ କହିଛନ୍ତି। ଅନ୍ୟତମ ପ୍ରାକ୍ତନ ଭାରତୀୟ କ୍ରିକେଟର୍ ସଞ୍ଜୟ ମଞ୍ଜରେକର ମଧ୍ୟ କାର୍ତ୍ତିକଙ୍କୁ ସ୍ଥାନ ମିଳିବା ନେଇ ସାମାନ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ‘ଟିମ୍ ଚୟନବେଳେ ସମସ୍ତଙ୍କୁ ଖୁସି ରଖିବା ଅସମ୍ଭବ। କିନ୍ତୁ କାର୍ତ୍ତିକଙ୍କ ଚୟନ ଆଶ୍ଚର୍ଯ୍ୟ କରିଛି। କାର୍ତ୍ତିକଙ୍କ ପ୍ରଦର୍ଶନରେ ସ୍ଥିରତା ନ ଥିବା ସହ ଚଳିତବର୍ଷ ଜାନୁୟାରୀରୁ ସେ ଦଳରୁ ବାହାରେ ରହିଆସିଛନ୍ତି। ଏହାସତ୍ତ୍ୱେ ତାଙ୍କୁ ସିଧାସଳଖ ବିଶ୍ୱକପ୍ ଟିକେଟ୍ ଦିଆଯାଇଛି’ ବୋଲି ମଞ୍ଜରେକର ପ୍ରକାଶ କରିଛନ୍ତି। ଇଂଲଣ୍ଡର ପ୍ରାକ୍ତନ ଅଧିନାୟକ ମାଇକେଲ ଭନ ମଧ୍ୟ ପନ୍ତଙ୍କୁ ସ୍ଥାନ ନ ମିଳିବାକୁ ନେଇ ଟୁଇଟର୍‌ରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସେହିଭଳି ବିଶ୍ୱକପ୍ ଦଳରେ ଦିଲ୍ଲୀର ଯୁବ ଉଇକେଟ୍‌କିପର ପନ୍ତଙ୍କୁ ସ୍ଥାନ ମିଳିବାର ଥିଲା ବୋଲି ଆକାଶ ଚୋପ୍ରା କହିଥିବାବେଳେ ଭେଟେରାନ ଦ୍ରୁତ ବୋଲର ଆର୍‌ପି ସିଂ କିନ୍ତୁ ବିଶ୍ୱକପ୍‌ରେ ଅଭିଜ୍ଞତା ଦଳକୁ ସହାୟତା କରିବ ବୋଲି କହିଛନ୍ତି।



## ବିରାଟ ବାହିନୀ

**ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା (ଉପ– ଅଧିନାୟକ), ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ ଓ ରବୀନ୍ଦ୍ର ଜାଡେଜା।**

### ବିରାଟ କୋହଲି



ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଓ ଅଧିନାୟକ
ବୟସ: ୩୦
ମ୍ୟାଚ୍: ୨୨୭
ରନ:୧୦,୮୪୩
ସର୍ବୋଚ୍ଚ ସ୍କୋର: ୧୮୩
ଆଭରେଜ: ୫୯.୫୭
ଷ୍ଟ୍ରାଇକ ରେଟ: ୯୨.୯୬
ଶତକ: ୪୧
ଅର୍ଦ୍ଧ ଶତକ: ୪୯
ବିଶ୍ୱକପ୍ ଖେଳିଛନ୍ତି: ୨୦୧୧,୨୦୧୫

### ରୋହିତ ଶର୍ମା



ଓପନିଂ ବ୍ୟାଟ୍ସମ୍ୟାନ
ବୟସ: ୩୧
ମ୍ୟାଚ୍: ୨୦୬
ରନ: ୮୦୧୦
ସର୍ବୋଚ୍ଚ ସ୍କୋର: ୨୬୪
ଆଭରେଜ: ୪୭.୩୯
ଷ୍ଟ୍ରାଇକ ରେଟ୍: ୮୭.୯୫
ଶତକ: ୨୨
ଅର୍ଦ୍ଧଶତକ: ୪୧
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ମହେନ୍ଦ୍ର ସିଂ ଧୋନୀ



ଉଇକେଟକିପର ବ୍ୟାଟ୍ସମ୍ୟାନ
ବୟସ: ୩୭
ମ୍ୟାଚ୍; ୩୪୧
ରନ:୧୦, ୫୦୦
ସର୍ବୋଚ୍ଚ ସ୍କୋର: ୧୮୩*
ଆଭରେଜ: ୫୦.୭୨
ଷ୍ଟ୍ରାଇକ ରେଟ୍: ୮୭.୫୫
ଶତକ: ୧୦
ଅର୍ଦ୍ଧଶତକ: ୭୧
କ୍ୟାଚ୍: ୩୧୪
ଷ୍ଟମ୍ପିଂ: ୧୨୦
ବିଶ୍ୱକପ୍ ଖେଳିଛନ୍ତି: ୨୦୦୭, ୨୦୧୧, ୨୦୧୫

### ଶିଖର ଧାୱନ



ଓପିନଂ ବ୍ୟାଟ୍ସମ୍ୟାନ
ବୟସ: ୩୩
ରନ:୫,୩୫୫
ସର୍ବୋଚ୍ଚ ସ୍କୋର: ୧୪୩
ଆଭରେଜ: ୪୪.୬୨
ଷ୍ଟ୍ରାଇକ ରେଟ୍: ୯୩.୭୯
ଶତକ: ୧୬
ଅର୍ଦ୍ଧଶତକ: ୨୭
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ହାର୍ଦ୍ଦିକ ପାଣ୍ଡ୍ୟା



ଅଲରାଉଣ୍ଡର
ବୟସ: ୨୫
ମ୍ୟାଚ୍: ୪୫
ରନ: ୭୩୧
ସର୍ବୋଚ୍ଚ ସ୍କୋର: ୮୩
ଆଭରେଜ: ୨୯.୨୪
ଷ୍ଟ୍ରାଇକ ରେଟ୍: ୧୧୬.୫୮
ଶତକ: ୦
ଅର୍ଦ୍ଧଶତକ: ୪
ଉଇକେଟ: ୪୪
ଶ୍ରେଷ୍ଠ ବୋଲିଂ: ୩/୩୧
ଇକୋନୋମି: ୫.୫୩

### ଲୋକେଶ ରାହୁଲ



ଟପ୍‌ଅର୍ଡର ବ୍ୟାଟ୍ସମ୍ୟାନ
ବୟସ: ୨୬
ମ୍ୟାଚ୍: ୧୪
ରନ: ୩୪୩
ସର୍ବୋଚ୍ଚ ସ୍କୋର: ୧୦୦*
ଆଭରେଜ: ୩୪.୩୦
ଷ୍ଟ୍ରାଇକ ରେଟ୍: ୮୦.୮୯
ଶତକ: ୧
ଅର୍ଦ୍ଧଶତକ: ୨

### ଦୀନେଶ କାର୍ତ୍ତିକ



ଉଇକେଟକିପର ବ୍ୟାଟ୍ସମ୍ୟାନ
ବୟସ: ୩୩
ମ୍ୟାଚ୍: ୯୧
ରନ: ୧୭୩୮
ସର୍ବୋଚ୍ଚ ସ୍କୋର: ୭୯
ଆଭରେଜ: ୩୧.୦୩
ଶତକ: ୦
ଅର୍ଦ୍ଧଶତକ: ୯
କ୍ୟାଚ୍: ୬୧
ଷ୍ଟମ୍ପିଂ: ୭
ବିଶ୍ୱକପ୍ ଖେଳିଛନ୍ତି: ୨୦୦୭

### ରବୀନ୍ଦ୍ର ଜାଡେଜା



ଅଲରାଉଣ୍ଡର
ବୟସ: ୩୦
ମ୍ୟାଚ୍: ୧୫୧
ରନ: ୨୦୩୫
ସର୍ବୋଚ୍ଚ ସ୍କୋର: ୮୭
ଆଭରେଜ: ୨୯.୯୨
ଷ୍ଟ୍ରାଇକରେଟ୍: ୮୪.୨୩
ଶତକ: ୦
ଅର୍ଦ୍ଧଶତକ: ୧୦
ଉଇକେଟ: ୧୭୪
ଶ୍ରେଷ୍ଠ ବୋଲିଂ: ୫/୩୬
ଇକୋନୋମି: ୪.୮୮
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ବିଜୟ ଶଙ୍କର



ବୋଲିଂ ଅଲରାଉଣ୍ଡର
ବୟସ: ୨୮
ମ୍ୟାଚ୍:୯
ରନ: ୧୬୫
ସର୍ବୋଚ୍ଚ ସ୍କୋର: ୪୬
ଆଭରେଜ: ୩୩.୦୦
ଷ୍ଟ୍ରାଇକ ରେଟ୍: ୯୬.୪୯
ଶତକ:୦
ଅର୍ଦ୍ଧଶତକ:୦
ଉଇକେଟ: ୨
ଶ୍ରେଷ୍ଠ ବୋଲିଂ: ୨/୧୫
ଇକୋନୋମି: ୫.୬୧

### କେଦାର ଯାଦବ



ବ୍ୟାଟିଂ ଅଲରାଉଣ୍ଡର
ବୟସ: ୩୪
ମ୍ୟାଚ୍: ୫୯
ରନ:୧୧୭୪
ସର୍ବୋଚ୍ଚ ସ୍କୋର: ୧୨୦
ଆଭରେଜ: ୪୩.୪୮
ଷ୍ଟ୍ରାଇକ ରେଟ୍: ୧୦୨.୫୩
ଶତକ: ୨
ଅର୍ଦ୍ଧଶତକ: ୫
ଉଇକେଟ: ୨୭
ଶ୍ରେଷ୍ଠ ବୋଲିଂ: ୩/୨୩
ଇକୋନୋମି: ୫.୧୫

### ଯୁଜବେନ୍ଦ୍ର ଚହଲ



ସ୍ପିନର
ବୟସ: ୨୮
ମ୍ୟାଚ୍: ୪୧
ରନ୍: ୩୪
ଉଇକେଟ: ୭୨
ଶ୍ରେଷ୍ଠ ବୋଲିଂ: ୬/୪୨
ଆଭରେଜ: ୨୪.୬୧
ଇକୋନୋମି: ୪.୮୯
୫ ଉଇକେଟ ସଫଳତା: ୨ଥର
କ୍ୟାଚ୍: ୧୦

### ଯଶପ୍ରୀତ ବୁମ୍‌ରା



ଦ୍ରୁତ ବୋଲର
ବୟସ: ୨୫
ମ୍ୟାଚ୍: ୪୯
ଉଇକେଟ: ୮୫
ଶ୍ରେଷ୍ଠ ବୋଲିଂ: ୫/୨୭
ଆଭରେଜ: ୨୨.୧୫
ଇକୋନୋମି: ୪.୫୧
୫ ଉଇକେଟ ସଫଳତା: ଥରେ

### କୁଲଦୀପ ଯାଦବ



ସ୍ପିନର
ବୟସ: ୨୪
ମ୍ୟାଚ୍: ୪୪
ଉଇକେଟ: ୮୭
ଶ୍ରେଷ୍ଠ ପ୍ରଦର୍ଶନ: ୬/୨୫
ଆଭରେଜ: ୨୧.୭୪
ଇକୋନୋମି: ୪.୯୩
୫ ଉଇକେଟ ସଫଳତା: ଥରେ

### ଭୁବନେଶ୍ୱର କୁମାର



ଦ୍ରୁତ ବୋଲର
ବୟସ: ୨୯
ମ୍ୟାଚ୍: ୧୦୫
ଉଇକେଟ: ୧୧୮
ଶ୍ରେଷ୍ଠ ପ୍ରଦର୍ଶନ: ୫/୪୨
୫ ଉଇକେଟ ସଫଳତା: ଥରେ
ବିଶ୍ୱକପ୍ ଖେଳିଛନ୍ତି: ୨୦୧୫

### ମହମ୍ମଦ ସାମି



ଦ୍ରୁତ ବୋଲର
ବୟସ: ୨୮
ଉଇକେଟ: ୧୧୩
ଶ୍ରେଷ୍ଠ ବୋଲିଂ: ୪/୩୫
ଆଭରେଜ: ୨୬.୧୧
ଇକୋନୋମି: ୫.୪୮

## ଉଇକେଟ୍-କିପିଂ ଦକ୍ଷତା କାର୍ତ୍ତିକଙ୍କୁ ସହାୟତା କଲା

**ମୁମ୍ବାଇ, ୧୫।୪(ପି.ଟି.):** ଇଂଲଣ୍ଡରେ ହେବାକୁ ଥିବା ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ସୋମବାର ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଭାରତୀୟ ଦଳରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ସ୍ଥାନ ମିଳିନାହିଁ। ଭେଟେରାନ ମହେନ୍ଦ୍ର ସିଂ ଧୋନୀ ପ୍ରଥମ ପସନ୍ଦର ଉଇକେଟ୍‌କିପର ରହିଥିବାବେଳେ ରିଭର୍ଜ ପାଇଁ ଅଭିଜ୍ଞ ଦୀନେଶ କାର୍ତ୍ତିକ ଓ ପନ୍ତଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। କିନ୍ତୁ ଉଇକେଟ୍–କିପିଂ ଦକ୍ଷତା ଦୃଷ୍ଟିରୁ ଶେଷରେ ଚୟନକର୍ତ୍ତାମାନେ କାର୍ତ୍ତିକଙ୍କ ନାମରେ ମୋହର ମାରିଥିଲେ। ଏଥିପୂର୍ବରୁ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ପନ୍ତଙ୍କୁ ଷ୍ଟାଣ୍ଡ–ବାଏରେ ରଖାଯାଇଥିଲା। ପନ୍ତ କିନ୍ତୁ ‘ପାଖାପାଖି ପହଞ୍ଚିଯାଇଥିଲେ’ ବୋଲି ଚୟନ କମିଟିର ଅଧ୍ୟକ୍ଷ ଏମ୍‌ଏସ୍‌କେ ପ୍ରସାଦ କହିଛନ୍ତି। ‘ପନ୍ତ ଓ କାର୍ତ୍ତିକଙ୍କୁ ନେଇ ଆମେ ବହୁ ଆଲୋଚନା କରିଥିଲୁ। ଯଦି ଧୋନୀ ଆଘାତପ୍ରାପ୍ତ ହୁଅନ୍ତି ତେବେ ପନ୍ତ କିମ୍ବା କାର୍ତ୍ତିକ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ। ତେବେ ଏହା ଯଦି କ୍ୱାର୍ଟର ଫାଇନାଲ କିମ୍ବା ସେମିଫାଇନାଲ ପରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ହୋଇଥାଏ ସେଠାରେ ଉଇକେଟ୍–କିପିଂ ମଧ୍ୟ ସମାନ ଗୁରୁତ୍ୱ ବହନ କରିଥାଏ। କେବଳ ଏହି କାରଣ ଲାଗି ଆମେ ପନ୍ତଙ୍କ ବଦଳରେ କାର୍ତ୍ତିକଙ୍କୁ ନେବାକୁ ବାଧ୍ୟ ହେଲୁ ଏବଂ ପନ୍ତ ଅଳ୍ପକେ ସୁଯୋଗ ହରାଇଲେ’ ବୋଲି ପ୍ରସାଦ ଖବରଦାତା ସମ୍ମିଳନୀରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଥମ ଭାରତୀୟ ଉଇକେଟ୍‌କିପର ଭାବେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ଶତକ ହାସଲ କରିବାର କୀର୍ତ୍ତିମାନ ପନ୍ତଙ୍କ ନାମରେ ରହିଛି। ଗତ ବର୍ଷ ଓଭାଲରେ ଖେଳାଯାଇଥିବା ୫ମ ଟେଷ୍ଟ ମ୍ୟାଚ୍‌ରେ ସେ ୧୧୪ ରନର ଶତକୀୟ ଇନିଂସ ଖେଳିଥିଲେ। ଏହାପରେ ଅଷ୍ଟ୍ରେଲିଆର ସିଡ୍‌ନୀ ଟେଷ୍ଟରେ ପନ୍ତ ଖେଳିଥିବା ୧୫୯ ରନର ମାରାଥନ ଇନିଂସ ଆଜିବି ଦର୍ଶକଙ୍କ ମନରେ ଉଜ୍ଜୀବିତ ରହିଛି।



ଏମ୍‌ଏସ୍‌କେ ପ୍ରସାଦ

## ଚୟନକର୍ତ୍ତାଙ୍କୁ ଡାଟା ଆନାଲିଟିକ୍ସ ପ୍ରେଜେଣ୍ଟେଶନ

**ନୂଆଦିଲ୍ଲୀ,୧୫।୪(ପି.ଟି.):** ବିଶ୍ୱକପ୍ ଦଳ ଚୟନ ପୂର୍ବରୁ ଚୟନକର୍ତ୍ତାମାନେ ପ୍ରଥମଥର ପାଇଁ ଭିନ୍ନ ଶୈଳୀ ଆପଣାଇଥିଲେ। ଚୟନକର୍ତ୍ତାମାନେ ଭାବପ୍ରବଣତାକୁ ପଛରେ ପକାଇ ଏକ ସନ୍ତୁଳିତ ଦଳ ଚୟନ କରିବାକୁ ପ୍ରୟାସ କରିଛନ୍ତି। ଦଳ ଚୟନର ଗୋଟିଏ ଦିନ ପୂର୍ବରୁ ୫ଜଣିଆ ଚୟନକମିଟିକୁ ଏକ ସାଢେ ୩ ଘଣ୍ଟିଆ ଡାଟା ଆନାଲିଟିସ ପ୍ରେଜେଣ୍ଟେଶନ ପ୍ରଦାନ କରାଯାଇଥିଲା। ଇଂଲଣ୍ଡ ପରିବେଶକୁ ଦୃଷ୍ଟିରେ ରଖି ଦଳ ଚୟନ କରାଯାଇଥିଲା। ଟିମ୍ ଇଣ୍ଡିଆ ଡାଟା ଆନାଲିଷ୍ଟ ସି.କେ.ଏମ. ଧନଞ୍ଜୟ ଏକ ସ୍ୱତନ୍ତ୍ର ଡାଟା ଆନାଲିଟିକ୍ସ ପ୍ୟାକେଜ ପ୍ରସ୍ତୁତ କରି ଚୟନକର୍ତ୍ତାଙ୍କୁ ଅବଗତ କରାଇଥିଲେ। ବିଶ୍ୱକପ୍ ଆଶାୟୀ ଭାରତୀୟ ଖେଳାଳିଙ୍କ ସମେତ ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରର ପ୍ରତିପକ୍ଷ ଦଳଗୁଡ଼ିକର ସବଳତା, ଦୁର୍ବଳତା ଓ ବିଭିନ୍ନ ଦିଗ ନେଇ ସେ ଚୟନକମିଟି ସମ୍ମୁଖରେ ଏକ ପ୍ରସ୍ତୁତି ଉପସ୍ଥାପନା କରିଥିଲେ। ମୋଟାମୋଟି ଉପରେ ଚୟନକର୍ତ୍ତାଙ୍କୁ ମ୍ୟାଚ୍, ରନ, ଷ୍ଟ୍ରାଇକ୍‌ରେଟ ଓ ଉଇକେଟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଦଳ ଚୟନପୂର୍ବରୁ ବିଭିନ୍ନ ଦୃଷ୍ଟିକୋଣକୁ ନେଇ ବିଚାର କରାଯାଇଥିଲା। ଏପରିକି ଚୟନକର୍ତ୍ତାଙ୍କୁ ଏବେ ଖେଳୁଥିବା ଇଂଲଣ୍ଡ ଏକାଦଶ ବିଭିନ୍ନ ପରିବେଶ (ଘରୋଇ ଓ ବାହାର)ରେ କିଭଳି ପ୍ରଦର୍ଶନ କରିଛି ଓ ଏଥିପାଇଁ କେଉଁ ଖେଳାଳି ଓ ନିଷ୍ପତ୍ତି ଦଳ ସପକ୍ଷ ଓ ବିପକ୍ଷରେ ଯାଇଛନ୍ତି ଦର୍ଶାଯାଇଥିଲା। ବିଭିନ୍ନ ସ୍ୱତନ୍ତ୍ର ବୋଲରଙ୍କ ବିପକ୍ଷରେ କେଉଁ ଭାରତୀୟ ଖେଳାଳିମାନେ ସଫଳ ହୋଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ଇଂଲଣ୍ଡର ପ୍ରତ୍ୟେକ ଭେନ୍ୟୁରେ କେତେ ପରିମାଣରେ ରନ୍ ସଂଗ୍ରହ ହୋଇଛି ସେ ମଧ୍ୟ ସବିଶେଷ ଆଲୋଚନା କରାଯାଇଥିଲା।



“ଆମ ଦଳକୁ ୯ ଦିନରେ ୫ଟି ଗେମ୍ ଖେଳିବାକୁ ପଡ଼ିଥିବାରୁ କ୍ଲାନ୍ତ ପାଇଁ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ହାରିଗଲୁ ।

-ଜ୍ୟାକ୍ସ କାଲିସ୍, ନାଇଟ ରାଇଡର୍ସ କୋଚ୍



“ହୋମ୍ ୱାର୍କ ଠିକ୍ ନ ଥିବାରୁ ରବିବାର ଚାଇନା ଫର୍ମୁଲା ୱାନ ଗ୍ରାଁ ପ୍ରିରେ ଆମ ଟିମ୍‌ର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା ।

-ସେବାଷ୍ଟିଆନ ଭେଟେଲ, ଫେରାରି ଡ୍ରାଇଭର



### ଆଜିର ମ୍ୟାଚ

କିଙ୍ଗ୍ସ ଇଲେଭେନ ପଞ୍ଜାବ
ବନାମ
ରାଜସ୍ଥାନ ରୟାଲ୍ସ

ପ୍ରସାରଣ
ସ୍ଥାନ : ମୋହାଲି
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# କୋଚ୍‌ଙ୍କ ବେତନ ନେଇ ବିଚାର ବିମର୍ଷ

**ନୂଆଦିଲ୍ଲୀ, ୧୫।୪ (ପି.ଟି.):** ସର୍ବଭାରତୀୟ ଫୁଟ୍‌ବଲ ମହସଂଘ (ଏଆଇଏଫ୍‌ଏଫ୍)ର ଟେକ୍‌ନିକାଲ କମିଟିର ପ୍ରଥମ ବୈଠକ ଏଠାରେ ସୋମବାର ବସିଥିଲା। ଜାତୀୟ ଦଳ୍ ପାଇଁ ଆବେଦନ କରିଥିବା ହାଇ ପ୍ରୋଫାଇଲ କୋଚ୍‌ଙ୍କ ବେତନ ସମ୍ପର୍କରେ ଆଲୋଚନା ହୋଇଥିଲା। ଷ୍ଟିଫେନ କନଷ୍ଟାଣ୍ଟିନ ପଦ ଛାଡ଼ିବା ପରେ ଜାତୀୟ ଫୁଟ୍‌ବଲ ଦଳର କୋଚ୍ ପଦବୀ ଖାଲି ପଡ଼ିଥିଲା। ଏହି ପଦବୀ ପାଇଁ ଏଆଇଏଫ୍‌ଏଫ୍‌କୁ ୨୫୦ ଜଣ ଆବେଦନ କରିଥିଲେ। ଆବେଦନକାରୀଙ୍କ ପାରଦର୍ଶିତା ଓ ଦକ୍ଷତାକୁ ବିଭିନ୍ନ ଦିଗରୁ ବିଚାର କରି ସେମାନଙ୍କ ମଧ୍ୟରୁ ୪୧ଜଣଙ୍କ ନାମ ଟେକ୍‌ନିକାଲ କମିଟିକୁ ସୁପାରିସ କରାଯାଇଥିଲା। ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଶ୍ୟାମ ଥାପ୍ପାଙ୍କ ଅଧକ୍ଷତାରେ ବସିଥିବା ଟେକ୍‌ନିକାଲ କମିଟି ବୈଠକରେ ୪୧ଜଣିଆ ସଂକ୍ଷିପ୍ତ ତାଲିକାକୁ ଦୁଇ ଭାଗ କରାଯାଇଥିଲା। ପ୍ରଥମ ତାଲିକାରେ ଫ୍ରାନ୍ସର ୱାର୍ଲ୍ଡ ବିଶ୍ୱକପ୍ ବିଜୟୀ କୋଚ୍ ରେମଣ୍ଡ ଡୋମେନେଚ୍, ପୂର୍ବତନ ଇଂଲଣ୍ଡ ମାନେଜର ସିଭେନ ଗୋରାନ ଏରିକ୍‌ସନ ଏବଂ ସାମ୍ ଆଲାର୍ଡିସ। ଏମାନେ ସମସ୍ତେ ହେଉଛନ୍ତି ଲାଇସେନ୍ସଧାରୀ। ବିଶ୍ୱକପ୍ ଭଳି ପ୍ରମୁଖ ଗ୍ଲୋବାଲ ଇଭେଣ୍ଟରେ ଜାତୀୟ ଦଳ ସହ ସେମାନଙ୍କର ଅଭିଜ୍ଞତା ରହିଛି। ଦ୍ୱିତୀୟ ତାଲିକାରେ ୨୪ ଜଣଙ୍କ ନାମ ସ୍ଥାନ ପାଇଛି। ଏଥିରେ ପୂର୍ବତନ ସଫଳ ବେଙ୍ଗାଲୁରୁଏଫ୍‌ସି ମ୍ୟାନେଜର ଆଲବର୍ଟ ରୋକା ରହିଛନ୍ତି। ଏହି ସମସ୍ତଙ୍କର ଯଦିଓ ଲାଇସେନ୍ସ ସହ ଜାତୀୟ ଦଳ ସହିତ ଅଭିଜ୍ଞତା ରହିଛି କିନ୍ତୁ ଗ୍ଲୋବାଲ ଇଭେଣ୍ଟ ନାହିଁ। ଟେକ୍‌ନିକାଲ କମିଟିର ପରବର୍ତ୍ତୀ ବୈଠକ ଏପ୍ରିଲ ୨୩ରେ ବସିବ। ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥିମାନଙ୍କର ଏହି ମାସ ଶେଷ ଭାଗରେ ହେବ। ଆସନ୍ତା ମାସ ପ୍ରାରମ୍ଭରେ ନୂଆ ଜାତୀୟ କୋଚ୍‌ଙ୍କ ନାମ ଚୂଡ଼ାନ୍ତ ହେବ। ପ୍ରଥମ ତାଲିକାରେ ସ୍ଥାନ ପାଇଥିବା ହାଇପ୍ରୋଫାଇଲ କୋଚ୍‌ଙ୍କ ଲାଗି ବେତନ ନିର୍ଦ୍ଧାରଣ ସବୁଠାରୁ ବଡ଼ ସମସ୍ୟା। ନାମି କୋଚ୍‌ଙ୍କୁ ଆଣିଲେ ଲୋଭନୀୟ ବେତନ ଦେବାକୁ ପଡ଼ିବ। ହାଇ ପ୍ରୋଫାଇଲ କୋଚ୍ ନିଜ ପସନ୍ଦ ମୁତାବକ ସହକାରୀ ଷ୍ଟାଫ୍ ଆଣିବାକୁ ଚାହିଁବେ। ଏଆଇଏଫ୍‌ଏଫ୍ କିନ୍ତୁ ଜଣେ ଭାରତୀୟଙ୍କୁ ଆସିଷ୍ଟାଣ୍ଟ କୋଚ ପଦବୀରେ ରଖିବାକୁ ଚାହିଁବ। ବିଶେଷ କରି କନଷ୍ଟାଣ୍ଟିନଙ୍କ ଅଧୀନରେ କାର୍ଯ୍ୟ କରିଥିବା ଭେଙ୍କଟେଶ ଶନମୁଗମଙ୍କୁ। ସୋମବାର ବୈଠକରେ ଯେଉଁମାନେ ଯୋଗଦାନ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ, ନ୍ୟାଶନାଲ ଟିମ୍ ନିର୍ଦ୍ଦେଶକ, ଅଭିଶେକ ଯାଦବ, ହେନ୍‌ରୀ ମେନିଞ୍ଜେସ, ଇସ୍‌ଫାକ ଅହମ୍ମଦ, ପ୍ରଦୀପ ଦତ୍ତ, ଜି.ପି. ପଲଗୁନା ଏବଂ ସୁନ୍ଦର ରମଣ(ଭିଡିଓ କନଫରେନ୍ସ ଜରିଆରେ)।

# ହାଇଦ୍ରାବାଦକୁ ହରାଇ ଦ୍ୱିତୀୟରେ ଦିଲ୍ଲୀ

**ହାଇଦ୍ରାବାଦ, ୧୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଏଠାରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୩୯ ରନରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୦ ଓଭରରେ ୭ ଉଇକେଟ ହରାଇ ୧୫୫ ରନ କରିଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ହାଇଦ୍ରାବାଦ ୧୮.୫ ଓଭରରେ ୧୧୬ ରନ କରି ଅଲଆଉଟ ହୋଇ ଯାଇଥିଲା। ୮ ମ୍ୟାଚରୁ ୫ମ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛି। ଦଳର ପଏଣ୍ଟ ସଂଖ୍ୟା ୧୦ରେ ପହଞ୍ଚି ଯାଇଛି। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ୬ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ସ୍ଥିର ରହିଛି।

ଡେଭିଡ ୱାର୍ନର ଓ ଜନି ବେୟାରେଷ୍ଟୋଙ୍କ ଓପନିଂ ଯୋଡ଼ିରେ ୭୨ ରନ ସଂଗ୍ରହ କରି ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା ସନ୍‌ରାଇଜର୍ସ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ଦଳର ବ୍ୟାଟିଂ ଦିଗହରା ହୋଇଯାଇଥିଲା। ୩୧ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୪୧ରନ ସଂଗ୍ରହ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ ବେୟାରଷ୍ଟୋ। ସ୍ୱାଭାବିକ ଆକ୍ରମଣାତ୍ମକ ବ୍ୟାଟିଂ ପରିବର୍ତ୍ତେ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା ୱାର୍ନର ୪୭ ବଲ୍‌ରୁ ୫୧(୩ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ମାତ୍ର ମିଡଲ ଏବଂ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସନ୍‌ରାଇଜର୍ସ ପାଇଁ ବିପଦକୁ ଡାକି ଆଣିଥିଲା। କେନ୍ ୱିଲିୟମସନ ୩, ରିକି ଭୁଇ ୭, ବିଜୟ ଶଙ୍କର ୧, ଦୀପକ ହୁଦା ୩, ଅଭିଷେକ ଶର୍ମା ୨, ଭୁବନେଶ୍ୱର କୁମାର ୨ ଏବଂ ରଶିଦ ଖାଁ ଓ ଖଲିଲ ଅହମଦ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ୧୮.୫ ଓଭରରେ ୧୧୬ ରନ କରି ସନ୍‌ରାଇଜର୍ସ ଅଲଆଉଟ ହୋଇ ଯାଇଥିଲା। ଅର୍ଥାତ୍ ଏକଦା ୨ ଉଇକେଟ ହରାଇ ୧୦୧ ରନ ପୂରଣ କରିଥିବା ସନ୍‌ରାଇଜର୍ସ ୧୫ ରନ ବ୍ୟବଧାନରେ ୮ଟି ଉଇକେଟ ହରାଇଥିଲା। ଦିଲ୍ଲୀ ପକ୍ଷରୁ କାଗିଶୋ ରାବାଡ଼ା ୪ଟି, କେମୋ ପଲ୍ ଓ କ୍ରିସ ମୋରିସ ୩ଟି ଲେଖାଏ ଉଇକେଟ ନେଇଥିଲେ। ୪ ଓଭର ବିଶିଷ୍ଟ ସ୍ପେଲ୍‌ରେ ମାତ୍ର ୧୭ ରନ ଦେଇ ୩ଟି ଉଇକେଟ ନେଇଥିବା କେମୋ ପଲ୍ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଟସ୍ ଜିତି ସନ୍‌ରାଇଜର୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ ଦ୍ରୁତ ବୋଲର ଖଲିଲ ଅହମଦ। ସେ ନିଜ ପ୍ରଥମ ଓଭରର ୫ମ ବଲ୍‌ରେ ପୃଥ୍ୱୀ ଶ’ଙ୍କୁ ଏବଂ ଦ୍ୱିତୀୟ ଓଭରର ୨ୟ ବଲ୍‌ରେ ଶିଖର ଧାୱନଙ୍କୁ ଆଉଟ କରି ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପୃଥ୍ୱୀ ୪ ଓ ଧାୱନ ୭ ରନକରି ଆଉଟ ହେବାରୁ ଦିଲ୍ଲୀ ସ୍କୋର ୩.୨ ଓଭର ବେଳକୁ ୨୦/୨ ହୋଇଯାଇଥିଲା। ମିଡଲ ଅର୍ଡରରେ କଲିନ୍ ମୁନ୍‌ରୋ ଓ ଅଧିନାୟକ ଶ୍ରେୟସ ଆୟାର ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ମୁନ୍‌ରୋ ୨୪ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ଦ୍ରୁତ ୪୦ ରନ କରି ଆଉଟ ହୋଇଥିଲେ। ଆୟାର ୪୦ ବଲ୍‌ରୁ ୫ ଚୌକା ସହାୟତାରେ ଧୈର୍ଯ୍ୟପୂର୍ଣ୍ଣ ୪୫ ରନ କରିଥିବାବେଳେ ରିଷଭ ପନ୍ତ ୧୯ ବଲ୍‌ରୁ ୨୩(୩ ଚୌକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ଶେଷଭାଗ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଦିଲ୍ଲୀ ଇନିଂସ ୨୦ ଓଭରରେ ୧୫୫/୭ରେ ସୀମିତ ହୋଇ ଯାଇଥିଲା। ଅକ୍ଷର ପଟେଲ ୧୪ ରନରେ ଅପରାଜିତ ରହିଥିବାବେଳେ କ୍ରିସ୍ ମୋରିସ ୪, କେମୋ ପଲ୍ ୭ ରନ କରି ଆଉଟ ହୋଇଥିଲେ। ହାଇଦ୍ରାବାଦ ପକ୍ଷରୁ ଖଲିଲ ସର୍ବାଧିକ ୩ଟି, ଭୁବନେଶ୍ୱର କୁମାର ୨ଟି ଏବଂ ଅଭିଷେକ ଶର୍ମା ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

■ ଦିଲ୍ଲୀ କ୍ୟାପିଟାଲ୍ସ
୨୦ ଓଭରରେ ୧୫୫/୭(ଆୟାର-୪୫, ମୁନ୍‌ରୋ-୪୦, ପନ୍ତ-୨୩, ଖଲିଲ-୩/୩୦, ଭୁବନେଶ୍ୱର-୨/୩୩, ଅଭିଷେକ-୧/୧୦, ରଶିଦ-୧/୨୨)।

■ ସନ୍‌ରାଇଜର୍ସ ହାଇଦ୍ରାବାଦ
୧୮.୫ ଓଭରରେ ୧୧୬/ଅଲଆଉଟ(ୱାର୍ନର-୫୧, ବେୟାରଷ୍ଟୋ-୪୧, ରାବାଡ଼ା-୪/୨୨, ପଲ୍-୩/୧୭, ମୋରିସ-୩/୨୨)।

ମ୍ୟାନ ଅଫ ଦି ମ୍ୟାଚ:
କେମୋ ପଲ୍



ଜନି ବେୟାରଷ୍ଟୋଙ୍କ ଉଇକେଟ୍ ନେବା ପରେ କେମୋ ପଲ (ବାମ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।



ଆଇପିଏଲ୍‌ରେ ସୋମବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଏବି ଡି’ଭିଲର୍ସ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | +୦.୨୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୫ | ୩ | ୧୦ | ୦.୪୧୮ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | +୦.୩୫୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୨୦୯ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | -୦.୦୯୩ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | ୦.୪୦୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୧ | ୬ | ୨ | -୧.୨୦୨ |

# ପ୍ରଜନେଶଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍




**ନୂଆଦିଲ୍ଲୀ, ୧୫।୪(ପି.ଟି.)**

ସ୍ଥିର ପ୍ରଦର୍ଶନ କରିଆସୁଥିବା ଭାରତୀୟ ଟେନିସ ତାରକା ପ୍ରଜନେଶ ଗୁଣେଶ୍ୱରନ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ଲାଭ କରିଛନ୍ତି। ସୋମବାର ସଦ୍ୟ ପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗ୍‌ରେ ୨୯ ବର୍ଷୀୟ ପ୍ରଜନେଶ ୨ଟି ପାହାଚ ଉପରକୁ ଉଠି ୮୦ତମ ସ୍ଥାନରେ ରହିଛନ୍ତି। ଗତ ଫେବ୍ରୁୟାରୀରେ ଟପ୍-୧୦୦ରେ ପ୍ରବେଶ କରିଥିବା ପ୍ରଜନେଶ ଏଥିସହ ଭାରତୀୟ ଟେନିସ ଇତିହାସରେ ୬ଷ୍ଠ ଶ୍ରେଷ୍ଠ ସିଙ୍ଗଲ୍ସ ମାନ୍ୟତା ହାସଲ କରିଛନ୍ତି। ଇଣ୍ଡିଆନ ୱେଲ୍ସ ଜରିଆରେ କ୍ୟାରିୟରର ପ୍ରଥମ ଏଟିପି ମାଷ୍ଟର୍ସ ଖେଳିଥିବା ପ୍ରଜନେଶ ଏହି ପ୍ରତିଯୋଗିତାର ୩ୟ ରାଉଣ୍ଡରେ ପ୍ରବେଶ କରିଥିଲେ। ସେହିଭଳି ବିଏନ୍‌ପି ପରିବାସ ଓପନ୍ ଟୁର୍ନାମେଣ୍ଟରେ ମଧ୍ୟ ସେ ୩ୟ ରାଉଣ୍ଡରେ ପହଞ୍ଚିଥିଲେ। ମିଆମି ଓପନ୍‌ର ମୁଖ୍ୟ ପର୍ଯ୍ୟାୟ ପ୍ରବେଶ କରିବାରେ ସେ ସଫଳ ହୋଇଥିଲେ। ଅନ୍ୟତମ ଭାରତୀୟ ଖେଳାଳି ରାମକୁମାର ରାମନାଥନ ୧୬ଟି ପାହାଚ ତଳକୁ ଖସି ୧୫୭ତମ ସ୍ଥାନରେ ରହିଛନ୍ତି।

## ଏଟିପି ଟ୍ରଫି ଜିତିବାରେ ଗାରିନ ଦଶନ୍ଧିର ପ୍ରଥମ ଚିଲି ଖେଳାଳି

**ଲସ୍ ଏଞ୍ଜେଲ୍ସ, ୧୫।୪(ଏଏଫ୍‌ପି):** ଏଠାରେ ଚାଲିଥିବା ୟୁଏସ୍ ପୁରୁଷ କ୍ଲେ କୋର୍ଟ ଟେନିସ ଚାମ୍ପିୟନଶିପ୍‌ରେ ଚିଲିର କ୍ରିଷ୍ଟିଆନ ଗାରିନ ଚାମ୍ପିୟନ ହୋଇଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ୨୨ ବର୍ଷୀୟ ଗାରିନ ୭-୬ (୭/୪), ୪-୬, ୬-୩ ସେଟ୍‌ରେ କାସପର ରଡ୍‌ଙ୍କୁ ପରାସ୍ତ କରିଥିଲେ। ଏଥିସହ ଗତ ଦଶନ୍ଧିରେ ପ୍ରଥମ ଚିଲି ଖେଳାଳି ଭାବେ ସେ ଏଟିପି ଟୁର୍ ଟାଇଟଲ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଶେଷଥର ପାଇଁ ୨୦୦୯ରେ ଫର୍ନାଣ୍ଡୋ ଗୋଞ୍ଜାଲେଜ ଚିଲି ପକ୍ଷରୁ ଏଟିପି ଟୁର୍ ଟାଇଟଲ ଜିତିଥିଲେ। ଫାଇନାଲ ପଥରେ ଗାରିନ ୭-୬ (୭/୨), ୬-୨ ସେଟ୍‌ରେ ଆମେରିକାର ସାମ୍ କ୍ୟାରୀଙ୍କୁ ପରାସ୍ତ କରିଥିଲେ। ଅପରପକ୍ଷରେ ପ୍ରଥମ ନର୍‌ୱେ ଖେଳାଳି ଭାବେ ରଡ୍ ଏଟିପି ଟାଇଟଲ୍ ଜିତିବାରୁ ବଞ୍ଚିତ ହୋଇଛନ୍ତି। ଶେଷଥର ପାଇଁ ରଡ୍‌ଙ୍କ ବାପା କ୍ରିଷ୍ଟିଆନ ୧୯୯୫ରେ ସ୍ୱିଡେନରେ ଅନୁଷ୍ଠିତ ଏଟିପି ଟୁର୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ।

# ଆନିସିମୋଭା ଟପ୍ ୫୦ ନିକଟତର



ଆମାଣ୍ଡା ଆନିସିମୋଭା

**ପ୍ୟାରିସ, ୧୫।୪ (ଏଏଫ୍‌ପି)**

ସୋମବାର ପ୍ରକାଶିତ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ ତାଲିକାରେ ଆମେରିକାର ସ୍ୱଳ୍ପ ବୟସ୍କା ଆମାଣ୍ଡା ଆନିସିମୋଭା ବିଶ୍ୱ ଟପ୍ ୫୦ର ନିକଟତର ହୋଇଛନ୍ତି। ନିକଟରେ ଏହି ଖେଳାଳି ବୋଗୋଟାଠାରେ ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ଜିତିଥିଲେ। ଜାନୁୟାରୀରେ ଅଷ୍ଟ୍ରେଲିଆନ ଓପନରେ ପ୍ରି-କ୍ୱାର୍ଟରରେ ପ୍ରବେଶ କରି ଆନିସିମୋଭା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେତେବେଳେ ମାତ୍ର ୧୭ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ହିସାବରେ ସେ ର୍ୟାଙ୍କିଙ୍ଗ ତାଲିକାର ଟପ୍ ୧୦୦ ରେ ପ୍ରବେଶ କରିଥିଲେ। ବର୍ତ୍ତମାନ ସେ ୫୪ତମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ୟୁଏସ ଏବଂ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଜାପାନର ନାଓମି ଓସାକା ର୍ୟାଙ୍କିଙ୍ଗ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

### ଡବ୍ଲ୍ୟୁଟିଏ ଟପ୍ ୧୦

ନାଓମି ଓସାକା (ଜାପାନ), ୨. ସିମୋନା ହାଲେପ (ରୋମାନିଆ), ୩. ପେଟ୍ରା କ୍ୱିଟୋଭା (ଚେକ୍‌ରିପବ୍ଲିକ୍), ୪. କାରେଲିନା ପ୍ଲିସକୋଭା (ଚେକ୍‌ରିପବ୍ଲିକ୍), ୫. ଆଞ୍ଜେଲିକ୍ କର୍ବର (ଜର୍ମାନୀ), ୬. ଏଲିନା ସ୍ୱିତୋଲିନା (ୟୁକ୍ରେନ), ୭.କିକି ବର୍ଟେନ୍ସ (ନେଦରଲାଣ୍ଡ), ୮. ସ୍ଲୋଏନ୍ ଷ୍ଟିଫେନ୍ସ (ଆମେରିକା), ୯. ଆସଲେ ବାର୍ଟି (ଅଷ୍ଟ୍ରେଲିଆ), ୧୦. ଆରିନା ସାବାଲେଙ୍କା (ବେଲାରୁଷ)।

# ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳରେ ସ୍ମିଥ୍, ୱାର୍ନର




**ସିଡ୍‌ନୀ, ୧୫।୪(ଏଏଫ୍‌ପି)**

ଆସନ୍ତା ମେ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଲାଗି ସୋମବାର ଆରୋନ୍ ଫିଞ୍ଚଙ୍କ ନେତୃତ୍ୱରେ ୧୫ ଜଣିଆ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ଛନ୍ଦି ହୋଇପଡ଼ିଥିବା ଷ୍ଟିଭେନ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କୁ ଏହି ବିଶ୍ୱକପ୍ ଦଳରେ ସ୍ଥାନ ମିଳିଛି। ତେବେ ଜୋଶ୍ ହାଜେଲଉଡ୍ ଓ ପିଟର୍ ହ୍ୟାଣ୍ଡ୍ସକମ୍ବଙ୍କୁ ନିରାଶ ହେବାକୁ ପଡ଼ିଛି।

କେପ୍ ଟାଉନ୍ ବଲ୍ ଟ୍ୟାମ୍ପରିଂ ମାମଲାରେ ସ୍ମିଥ୍ ଓ ୱାର୍ନରଙ୍କୁ ଏକ ବର୍ଷ ଲେଖାଏ ବାସନ୍ଦ କରାଯାଇଥିଲା। ଯାହାର ଅବଧି ଗତ ମାସ ଶେଷ ଭାଗରେ ସମାପ୍ତ ହୋଇଥିଲା। ଏହାପରେ ଦୁହେଁ ସେତେବେଳେ ୟୁଏଇରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ସିରିଜ ଖେଳିବା ଲାଗି ଯୋଗ୍ୟ ହୋଇଥିଲେ ମଧ୍ୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସେମାନେ ଆଇପିଏଲ୍‌କୁ ବାଛିଥିଲେ। ଏଥିରେ ୱାର୍ନର ଶତପ୍ରତିଶତ ସଫଳ ହୋଇ ବେଶ୍ ପ୍ରଭାବୀ ବ୍ୟାଟିଂ କରିଥିଲେ। ଅଷ୍ଟ୍ରେଲିଆ ଏହାର ଶେଷ ୮ଟି ଦିନିକିଆରେ ଯଥାକ୍ରମେ ଭାରତ ଓ ପାକିସ୍ତାନକୁ ପରାସ୍ତ କରିଥିବାରୁ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ମନୋବଳ ମଧ୍ୟ ବିଶ୍ୱକପ୍ ପୂର୍ବରୁ ଦୃଢ଼ ରହିଛି।

ଅଷ୍ଟ୍ରେଲିଆ ଦଳରେ ଏକମାତ୍ର ଉଇକେଟ୍‌କିପର ଭାବେ ଆଲେକ୍ସ କେରୀ ରହିଥିବାବେଳେ ୱାର୍ନର, ଫିଞ୍ଚ୍ ଓ ଉସମାନ ଖ୍ୱାଜାଙ୍କ ଭାବେ ୩ ଜଣ ଓପନର୍ ରହିଛନ୍ତି। ସେହିଭଳି ସ୍ମିଥ୍‌ଙ୍କ ସମେତ ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ୍ ଓ ଅଲ୍‌ରାଉଣ୍ଡର ମାର୍କସ ଷ୍ଟୋଇନିସ ମିଡ୍‌ଲ ଅର୍ଡର ଦାୟିତ୍ୱ ସମ୍ଭାଳିବେ। ଚୟନକର୍ତ୍ତାମାନେ ଆଡାମ ଜାମ୍ପା ଓ ନାଥନ ଲିୟନଙ୍କ ରୂପରେ ୨ଜଣ ସ୍ପିନରଙ୍କୁ ଦଳରେ ସ୍ଥାନ ଦେଇଛନ୍ତି। ସେହିଭଳି ଦଳରେ ୫ଜଣ ସ୍ପେଶାଲିଷ୍ଟ ଦ୍ରୁତ ବୋଲରଙ୍କୁ ନିଆଯାଇଛି। ସେମାନେ ହେଲେ ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ଝେ ରିଚାର୍ଡଶନ, ଜାସନ ବେହରେନଡ୍ରଫ୍ ଓ ନାଥନ କୁଲ୍ଟର-ନିଲ। ପିଠି ଯନ୍ତ୍ରଣା ଲାଗି ଗତ ଜାନୁୟାରୀରୁ କ୍ରିକେଟରୁ ଦୂରେଇ ରହିଥିବା ହାଜେଲଉଡ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି।

**ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳ:** ଆରୋନ୍ ଫିଞ୍ଚ୍ (ଅଧିନାୟକ), ଉସମାନ ଖ୍ୱାଜା, ଡେଭିଡ୍ ୱାର୍ନର, ଷ୍ଟିଭ ସ୍ମିଥ୍, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ଆଲେକ୍ସ କେରୀ, ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, ଝେ ରିଚାର୍ଡଶନ, ନାଥନ କୁଲ୍ଟର-ନିଲ, ଜାସନ ବେହରେନଡ୍ରଫ୍, ନାଥନ ଲିୟନ ଓ ଆଡାମ ଜାମ୍ପା।


ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରାଧାନାଥ ପାତ୍ର
ପ୍ଲଟ ନଂ.୧୬, ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ: ୨୦।୧୨।୧୯୨୫
ତିରୋଧାନ: ୨୭।୦୩।୨୦୧୮
ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପୁଣ୍ୟତିଥିରେ ଆମର ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ଓ ରହିବ ମଧ୍ୟ। ଏ ପବିତ୍ର ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ: ପୁତ୍ର- ବିନୟ ଓ ବିଜୟ, ପୁତ୍ରବଧୂ- ସବିତା ଓ ସ୍ୱାଗତିକା, ଝିଅ- ଜୟନ୍ତୀ ଓ ଭାରତୀ, ନାତି, ନାତୁଣୀ- ଦିନେଶ, ବିଜୟିନୀ, ଇଥେନ୍, ପିଙ୍କି, ବନ୍ଧୁ ଓ ପରିବାରବର୍ଗ।
ଧ-୫୩୬୪୨

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶରତ ମଞ୍ଜରୀ ରଥ
ଚାହୁଁଚାହୁଁ ପନ୍ଦର ବର୍ଷ ପୂରିଗଲା ତୁମେ ଆମକୁ ଛାଡି ଚାଲିଯିବାର । ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ । ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ । ପଞ୍ଚଦଶ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେଜି, ଗିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ
D-66216

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଏପ୍ରିଲ ୧୬/୨୦୧୯ Rayagada, Tuesday, April 16/ 2019

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ବେଳେ ୫ ଗିରଫ

ଜୟପୁର,୧୫।୪(ଡି.ଏନ.ଏ)-କୋରାପୁଟ ଜିଲା ଜୟପୁର ସଦର ଥାନା ପୋଲିସ ଉତ୍ତର ପ୍ରଦେଶ ଅଞ୍ଚଳକୁ ଗଞ୍ଜେଇ ଚାଲାଣ ବେଳେ ୫ ଜଣଙ୍କୁ ଗିରଫ କରିଛି । ଏଥିସହ ଟ୍ରକ ଏବଂ ଇନୋଭା କାରକୁ ଜବତ କରିଛି । ଅଭିଯୁକ୍ତମାନେ ହେଲେ ନବରଙ୍ଗପୁରର ଆବାସ ଆଲ୍ଲି (୩୪), ଜୟପୁର ଟାଉନ ଥାନାର ମହମ୍ମଦ ଜାଫର ଏଲିଆସ ବଡୁ(୩୦), ଉତ୍ତର ପ୍ରଦେଶ ରିୱାର ଈଶ୍ୱର ତିୱାରୀ (୩୨), ଆହ୍ଲାବାଦର ଅଖିଳେଶ ସିଂ(୨୧), କାନପୁରର ରାହୁଲ ସିଂ (୩୬) । ମାଛକୁଣ୍ଡ ଥାନା ଅଞ୍ଚଳରୁ ୧୪ ଚକିଆ ଟ୍ରକ(ୟୁପି୭୮-ଡିଟି-୦୧୧୧)ରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଉକ୍ତ ଟ୍ରକକୁ ସୁରକ୍ଷା ଦେଇ ଯାଉଥିବା ଇନୋଭା କାର (ଓଡି୧୦ଡି୮୦୦୧)କୁ ପୋଲିସ ସ୍ଥାନୀୟ ପେପରମିଲ ଛକ ଠାରେ ଯାଞ୍ଚ କରିଥିଲା । ଟ୍ରକରେ ୨ କୁଇଣ୍ଟାଲ ୭୧କିଲୋ ଗ୍ରାମ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା । ପୋଲିସ ଉଭୟ ଗାଡ଼ିରେ ଥିବା ୫ ଜଣଙ୍କୁ ଗିରଫ କରିବା ସହ ଗଞ୍ଜେଇ ଓ କିଛି ଟଙ୍କା ଜବତ କରିଥିଲା । ଏ ନେଇ ପୋଲିସ ଏକ ମାମଲା (୭୨/୧୯) ରୁଜୁ କରି ତଦନ୍ତ ଚଳାଇଛି ।

### ନାବାଳିକାକୁ ଅପହରଣ

ଡାବୁଗାଁ,୧୫।୪ (ଡି.ଏନ.ଏ.)-ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ସୋମବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି । ଗତ ୨୪ ତାରିଖ ସକାଳେ ଜଣେ ନାବାଳିକା ନିଜ ଜମିରେ ଥିବା ମହୁଲ ଗଛରୁ ମହୁଲ ଫୁଲ ଗୋଟାଉଥିଲେ। ଏହି ସମୟରେ ଫୁଙ୍କାଗୁଡା ଗ୍ରାମର ଗୁରୁଦେବ ହରିଜନ(୨୦) ତାଙ୍କୁ ଜୋରଜବରଦସ୍ତ ଏକ ଅଟୋରେ ଅପହରଣ କରି ନେଇ ଚାଲି ଯାଇଥିଲେ। ନାବାଳିକାକୁ ଗୁରୁଦେବ ଅପହରଣ କରି ପ୍ରଥମେ ଉମରକୋଟ ପରେ ରାଇପୁରକୁ ନେଇ ଚାଲିଯାଇଥିଲେ। ସେଠାରେ ଗୁରୁଦେବ ନାବାଳିକା ସହ ଶାରରିକ ସମ୍ପର୍କ ରଖିଥିଲେ। କିଛି ଦିନ ବିଭିନ୍ନ ସ୍ଥାନରେ ରହିବା ପରେ ଏପ୍ରିଲ ୯ ତାରିଖରେ ଗୁରୁଦେବ ଧୋଡ୍ରା ଛକରେ ନାବାଳିକାକୁ ଛାଡି କେଉଁଆଡେ ଚାଲି ଯାଇଥିଲେ। ନାବାଳିକା ନିଜ ମାତାପିତାଙ୍କୁ ଫୋନ କରି ଏ ସମ୍ପର୍କରେ ଜଣାଇଥିଲେ। ମାତାପିତା ଧୋଡ୍ରା ଆସି ଝିଅକୁ ନେଇଥିଲେ । ଏନେଇ ସୋମବାର ସନ୍ଧ୍ୟାରେ ନାବାଳିକା ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ଥାନାରେ ନଂ ୪୬/୧୯ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

### ପିକଅପ ଭ୍ୟାନ ଓଲଟି ୧ ମୃତ

ଡାବୁଗାଁ,୧୫।୪ (ଡି.ଏନ.ଏ.)
ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ନିକଟରେ ସୋମବାର ପିକଅପ ଭ୍ୟାନ ଓଲଟି ଜଣଙ୍କ ମୃତ୍ୟୁ ଘଟିଛି । ବୋରିଗାଁ ଗ୍ରାମକୁ ଯାଉଥିବା ପିକଅପ ଭ୍ୟାନ ଡାବୁଗାଁ- ବୋରିଗାଁ ମୁଖ୍ୟ ରାସ୍ତାରେ ହଠାତ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଗାଡି ପଛରେ ବସିଥିବା ଘନ ଶବର (୬୦) ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏନେଇ ଘନଙ୍କ ପୁଅ ଜଗନ୍ନାଥ ଶବର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଥାନାରେ ନଂ .୪୭/୧୯ରେ ଏକ ମାମଲା ରୁଜୁ କରାଯାଇଛି ।

■ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି

# ମହିଳା ସ୍ୱାସ୍ଥ୍ୟକର୍ମୀ ଲେଖୁଛନ୍ତି ପ୍ରେସକ୍ରିପସନ

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମହୁଲ ଖଳା

ନବରଙ୍ଗପୁର,୧୫।୪(ବି.ପ୍ର)

ପ୍ରଶାସନିକ ଅବହେଳା ହେଉ କିମ୍ବା ସରକାରଙ୍କ ଦୃଷ୍ଟିକୋଣର ଅଭାବ ଯୋଗୁ ଦିନକୁ ଦିନ ନବରଙ୍ଗପୁର ଜିଲାରେ ସ୍ୱାସ୍ଥ୍ୟସେବା ବିଗିଡିବାରେ ଲାଗିଛି। ଜିଲାର ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଡାକ୍ତର ଅଭାବ କହି ପ୍ରଶାସନ ଉପରକୁ ହାତ ଟେକି ଦେଉଥିବା ବେଳେ ଡାକ୍ତରଖାନାକୁ ରୋଗୀ ଆସିଲେ ବାଧ୍ୟ ହୋଇ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରେସକ୍ରିପସନ ଲେଖୁଛନ୍ତି । ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦେଓବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର)ରେ ଏହା ଦେଖିବାକୁ ମିଳିଛି । ଜଣେ ଫର୍ମାସିଷ୍ଟ ଓ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଛି। ତେବେ ଫର୍ମାସିଷ୍ଟ ଛୁଟିରେ ଥିବା ବେଳେ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରେସକ୍ରିପସନ ଲେଖିଥାନ୍ତି। ଔଷଧ ଉପରେ ଧାରଣା ନଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରେସକ୍ରିପସନ ଲେଖିବା କେତେଦୂର ଯଥାର୍ଥତା ରହିଛି । ଏଥିରୁ ଜଣାପଡୁଛି ଜିଲାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା କିଭଳି ଚାଲିଛି ।ସରକାର ସ୍ୱାସ୍ଥ୍ୟସେବା ନାଁରେ ବ୍ୟାପକ ଯୋଜନା ଓ ଅନୁଦାନ ଯୋଗାଉଛନ୍ତି । ମାଗଣା ଔଷଧ ଓ ନିଦାନ କଥା କହୁଛନ୍ତି। ଯେଉଁଠି ଡାକ୍ତର ନାହାନ୍ତି ସେଠାରେ ମାଗଣା ଔଷଧ ଓ ଚିକିତ୍ସା ସେବା କଥା ଏକ ବଡ ପ୍ରଶ୍ନ ହୋଇଉଠୁଛି । ଏଭଳି ସ୍ଥଳେ ସରକାରରଙ୍କ ସ୍ୱାସ୍ଥ୍ୟ ସେବା କିଭଳି ଲୋକଙ୍କ ପାଖରେ ପହଞ୍ଚିବ ସାଧାରଣରେ ଅନୁମେୟ ।

ମହୁଲ ଅମଳ ଆରମ୍ଭ ହେଲେ ଡାକ୍ତରଖାନା ପରିସର ସିମେଣ୍ଟ ଆଚ୍ଛାଦିତ କଂକ୍ରିଟ ହୋଇଥିବାରୁ ସେଠାରେ ଲୋକମାନେ ମଧ୍ୟ ମହୁଲ ଶୁଖାଉଛନ୍ତି । ଏହାକୁ କେହି ମଧ୍ୟ ବାରଣ କରୁ ନାହାନ୍ତି । ଡାକ୍ତରଖାନା ଏବେ ରୋଗୀ ସେବାରେ ନଲାଗିଲେ ମଧ୍ୟ ମହୁଲ ଖଳା ତିଆରି ହୋଇ ପାରିଛି ବୋଲି ଆଲୋଚନା ହେଉଛି । ଏନେଇ ସିଡିଏମଓ ସତ୍ୟବ୍ରତ ଛୋଟରାୟଙ୍କୁ ପଚାରିବାରୁ ଚନ୍ଦାହାଣ୍ଡିରୁ ଜଣେ ଡାକ୍ତରଙ୍କୁ ନିୟମିତ ବ୍ୟବଧାନରେ ଦେଓବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯିବ ବୋଲି କହିଛନ୍ତି। ମହୁଲ ଶୁଖାଯାଉଥିବା ଘଟଣାକୁ ନେଇ ସେ ଦୁଃଖ ପ୍ରକାଶ କରିଥିଲେ ।


ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମହୁଲ ଶୁଖାଯାଉଛି।

ଭୋଟ କାର୍ଯ୍ୟ ପରିଚାଳନା ବେଳେ ହୋଇଥିଲେ ଅସୁସ୍ଥ

# ପୋଲିଂ ଅଫିସରଙ୍କ ମୃତ୍ୟୁ

ପଟ୍ଟାଙ୍ଗି,୧୫।୪(ଡି.ଏନ.ଏ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପୁକାଲି ପଞ୍ଚାୟତ ଗୁଣ୍ଠା ଗ୍ରାମର ଶିକ୍ଷକ ତଥା ଦ୍ୱିତୀୟ ପୋଲିଂ ଅଫିସର ଧନୁର୍ଜୟ ଗେମେଲଙ୍କ ମୃତ୍ୟୁ ହୋଇଛି । ସେ ତଳଗୋଲୁର ପଞ୍ଚାୟତ କତାବାଲସା ଗ୍ରାମରେ ଶିକ୍ଷକ ଭାବେ ନିଯୁକ୍ତି ହୋଇଥିଲେ । ପରବର୍ତ୍ତୀ ସମୟରେ ପେଦାଗୁଡି ଗ୍ରାମ ବିଦ୍ୟାଳୟକୁ ଡେପୁଟେଶନରେ ଯାଇଥିଲେ । ଚଳିତ ନିର୍ବାଚନରେ ସେ ଜୟପୁର ସବଡିଭିଜନର କୋଟପାଡ ନିର୍ବାଚନମଣ୍ଡଳୀ ଅଧୀନ ବାନିଆଁ ଉପର ପ୍ରାଇମେରୀ ବିଦ୍ୟାଳୟରେ ଦ୍ୱିତୀୟ ପୋଲିଂ ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ ।

ଦଶମନ୍ତପୁର ବ୍ଲକ ଅପଗ୍ରେଡ ହାଇସ୍କୁଲ ପ୍ରଧାନ ଶିକ୍ଷକ ତଥା ପ୍ରିଜାଇଡିଂ ଅଫିସର ସୁନିଲ କୁମାର ପ୍ରଧାନଙ୍କ କହିବା ଅନୁଯାୟୀ, ନିର୍ବାଚନ ସମୟରେ ଭୋଟ କାର୍ଯ୍ୟ ପରିଚାଳନା ବେଳେ ଧନୁର୍ଜୟଙ୍କ ସ୍ୱାସ୍ଥ୍ୟ ଭଲ ନ ଥିବାରୁ କିଛି ଖାଇ ନ ଥିଲେ । ନିର୍ବାଚନ କାର୍ଯ୍ୟ ସାରି କୋଟପାଡ ଫେରୁଥିବା ବେଳେ ଅଧିକ ଅସୁସ୍ଥ ହେବା ସହ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରେ ବ୍ଲକ ପରିସରରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ ବିଭାଗର ଷ୍ଟଲରେ ଚିକିତ୍ସିତ ହୋଇ ଔଷଧ ନେଇ ନିଜ ଗ୍ରାମକୁ ଫେରି ଯାଇଥିବା କହିଛନ୍ତି । ଗ୍ରାମରେ ପହଞ୍ଚି ଅତ୍ୟଧିକ ଅସୁସ୍ଥ ହୋଇ ପଡିଥିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ଜିଲା ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନେବା ସମୟରେ ପରିବାର ଲୋକେ ଲମତାପୁଟ ବ୍ଲକର ଆଶାକିରନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ଖବର ପାଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରଜନୀକାନ୍ତ ବଡନାୟକ, ସିଆରସିସି ବିକାଶ ହନ୍ତାଳ ଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ପାଞ୍ଚ ହଜାର ଟଙ୍କା ପ୍ରଦାନ କରିଥିଲେ । ସେହିପରି ବ୍ଲକ ଶିକ୍ଷକ ସଂଘ ସଭାପତି ସୁକାନ୍ତ ପଟନାୟକ , ଅର୍ଜୁନ ଆର୍ଲାବ , ପି ଧର୍ମା ପାତ୍ର , ବିଶ୍ୱନାଥ ବୁରୁଡି , ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି କେ ଶ୍ରୀନିବାସ , ରବୀନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ତାଙ୍କ ପରିବାର ବର୍ଗଙ୍କୁ ୧୧ ହଜାର ଟଙ୍କା ପ୍ରଦାନ କରିଥିଲେ ।



# ଗୁରୁନାନକଙ୍କ ଜୟନ୍ତୀ ନେଇ ଚିତ୍ରକଳା କର୍ମଶାଳା

କୋରାପୁଟ,୧୫।୪(ସ୍ୱ.ପ୍ର)-

କୋରାପୁଟସ୍ଥିତ ନନ୍ଦନିକା ଅନୁଷ୍ଠାନ ଓ ଇଜେଡସିସିର ମିଳିତ ଆନୁକୂଲ୍ୟରେ ଗୁରୁନାନକଙ୍କ ୫୫୦ତମ ଜୟନ୍ତୀ ପାଳନ ନେଇ ସୋମବାର ସ୍ଥାନୀୟ ବିକାଶ ବିଦ୍ୟାଳୟଠାରେ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଚିତ୍ରକଳାର ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କମଲେଶ ସାହୁ , ଗୋକୁଳ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁରୁ ସୁଜିତ ସିଂହ, ମନୋଦିପା ଗୁପ୍ତା, ସୌମେନ୍ଦ୍ର କୁମାର ସ୍ୱାଇଁ , ନୀଳମାଧବ ମହାପାତ୍ର ପ୍ରମୁଖ ଯୋଗ ଦେଇ ଚିତ୍ରକଳାର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟଦର୍ଶନୀ ସଂଯୋଜନା କରିଥିଲେ ।

# କାଳବୈଶାଖୀ ପ୍ରଭାବ : ଛପର ଉଡିଲା


କାଳବୈଶାଖୀରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରବର୍ଗ ।

ଡାବୁଗାଁ,୧୫।୪(ଡି.ଏନ.ଏ.)

ନବରଙ୍ଗପୁରେ ଜିଲା ଡାବୁଗାଁ ବ୍ଲକର ବୋରିଗାଁ ପଞ୍ଚାୟତ ଅଧୀନ ଆମ୍ବାଗୁଡା ଗ୍ରାମରେ ରବିବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ସହ ବର୍ଷା ହୋଇଥିଲା । ଏଥିରେ ୨ ଟି ଘରର ଛପର ଉଡିଯାଇଛି । ଜୋରରେ ପବନ ହେବାରୁ ଆମ୍ବଗୁଡା ଗ୍ରାମର ବନସିଂ ଭତ୍ରାଙ୍କ ଆଜବେଷ୍ଟସ ଉଡିଯାଇଥିଲା । ଫଳରେ ତାଙ୍କ ଘରଭିତରେ ବର୍ଷା ପାଣି ପଶି ୫୦ ବସ୍ତା ଧାନ ଓ ୧ ବସ୍ତା ଚାଉଳ ନଷ୍ଟ ହୋଇଯାଇଛି । ସେହିପରି ସେହି ଗ୍ରାମର ସୁକ୍ରି ଭତ୍ରା ଓ ତାଙ୍କ ୨ ପୁଅ ଓ ବୋହୁ ଘରେ ରୋଷେଇ କରୁଥିବା ସମୟରେ ଘର ଉପରେ ପଡିଥିବା ଆଜବେଷ୍ଟସ ଉଡିଯାଇଥିଲା । ସୋମବାର ସକାଳେ ୨ କ୍ଷତିଗ୍ରସ୍ତ ପରିବାର ତରଫରୁ ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ସହାୟତା ପାଇଁ ଆବେଦନ କରିଥିଲେ । ଡାବୁଗାଁ ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ସେଠାରେ ପହଞ୍ଚି ଜରିପାଲ ପ୍ରଦାନ କରିଥିଲେ । ସରକାରୀ ସହାୟତା ପାଇବାରେ ସେମାନଙ୍କୁ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ବୋଲେରୋ-ବାଇକ୍ ମୁହାଁମୁହିଁ : ୨ ମୃତ

## ଉତ୍ତ୍ୟକ୍ତ ଲୋକେ ଗାଡି ପୋଡିଦେଲେ

ମାଲକାନଗିରି/କାଲିମେଳା, ୧୫।୪(ଡି.ଏନ.ଏ)

ମାଲକାନଗିରି ଜିଲା ପୋଟେରୁ କଲେଜ ଛକ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୫ଟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ବୋଲେରୋ-ବାଇକକୁ ମୁହାଁମୁହିଁ ଧକ୍କା ହେବା ଯୋଗୁ ଘଟଣା ସ୍ଥଳରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ବୋଲେରୋ ଡ୍ରାଇଭର ଆହତ ହୋଇଛନ୍ତି । ଉଭୟ ବାଇକ ଆରୋହୀଙ୍କ ମୃତ୍ୟୁ ପରେ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ନିଆଁ ଲଗାଇ ଜାଳି ଦେଇଛନ୍ତି। ଦୁଇ ମୃତକ ହେଲେ ଗୁମୁକା ପଞ୍ଚାୟତର ଏମଭି-୬୫ ଗ୍ରାମର ଯୋଗେଶ ଗାଇନଙ୍କ ପୁଅ ଶ୍ୟାମଲ ଗାଇନ ଓ ଏମପିଭି-୧୩ ଗ୍ରାମର ମଣିନ୍ଦ୍ର ଦାସଙ୍କ ପୁଅ ମେଘନାଦ ଦାସ ବୋଲି ଜଣାପଡିଛି । ପୋଟେରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା ଜାରି ରଖିଛି। ଖବର ଲେଖା ହେବାଯାଏ ସେଠାରେ ପରିସ୍ଥିତି ଅଣାୟତ ରହିଛି ।

ଘଟଣା ସ୍ଥଳରୁ ମିଳିଥିବା ସୂଚନା ଅନୁଯାୟୀ କାଲିମେଳା ଅଞ୍ଚଳର ଏକ ବୋଲେରୋ (ଓଡି ୩୦ ସି-୧୮୧୮) ମାଲକାନଗିରିରୁ କାଲିମେଳା ଅଭିମୁଖେ ଆସୁଥିବା ସମୟରେ ପୋଟେରୁ ଥାନାଠାରୁ ପ୍ରାୟ ୩ ଶହ ମିଟର ଦୂର ତଥା ପୋଟେରୁ କଜେଜ ଛକ ନିକଟରେ କାଲିମେଳାରୁ ମାଲକାନଗିରି ଅଭିମୁଖେ ବାଇକ୍ (ଓଡି ୩୦ ଏ-୯୦୦୨)ରେ ଯାଉଥିବା ୨ ବ୍ୟକ୍ତିଙ୍କୁ ସମ୍ମୁଖ ପଟୁ ବୋଲେରୋ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଦୁଇ ବାଇକ୍ ଆରୋହୀ ନିକଟରେ ଥିବା କଲଭର୍ଟ ତଳେ ଏକ ନାଳ ପାଣିରେ ଛିଟିକି ପଡିଥିଲେ । ଘଟଣା ସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇ ବୋଲେରୋଟି ଶହେ ମିଟର ଦୂରକୁ ଘୋଷାଡି ହୋଇ ରସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା । ତେବେ ବୋଲେରୋ ଚାଳକଙ୍କ ଭୁଲ ପାଇଁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଉପସ୍ଥିତ ଲୋକମାନେ କହିଛନ୍ତି । ଘଟଣା ସ୍ଥଳରେ କାଲିମେଳା ଥାନା ଅଧିକାରୀ ଚନ୍ଦ୍ର ଶେଖର ଶବର ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚଳାଇଥିଲେ। ମୃତ ଶ୍ୟାମଲ ପୋଲିସ ବିଭାଗରେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି।


ଉତ୍ତ୍ୟକ୍ତ ଲୋକେ ବୋଲେରୋ ଜାଳି ଦେଇଛନ୍ତି ।

## ଶ୍ରୀରାମ ନବମୀ ପାଳିତ

ନବରଙ୍ଗପୁର,୧୫।୪(ଡି.ଏନ.ଏ)

ସ୍ଥାନୀୟ ତାରାଗାଁ ବାଇପାସ ରୋଡସ୍ଥିତ ରଶ୍ମିରଞ୍ଜନ ଶିକ୍ଷାଶ୍ରମରେ ମହାବିଷୁବ ସଂକ୍ରାନ୍ତି ଓ ଶ୍ରୀରାମ ନବମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନ ପରିକ୍ରମା , ପୁଷ୍ପାର୍ଘ୍ୟ ଅର୍ପଣ, ବିନାୟକ ଓ ଗୁରୁ ବନ୍ଦନା, ପ୍ରଣାୟାମ, ପ୍ରାର୍ଥନା ପରେ କୀର୍ତ୍ତନ, ଆଳତୀ ଓ ପ୍ରସାଦ ବଣ୍ଟନ ପରେ ଉତ୍ସବ ସମାପନ ହୋଇଯାଇଛି । ଏଥିରେ ରଶ୍ମିପ୍ରସାଦ ଅଧକ୍ଷତା କରି ଶ୍ରୀରାମଙ୍କ ଆଶ୍ରମ ଜୀବନ, ସୀତାଙ୍କ ସହ ବନବାସ ମାଧ୍ୟମରେ ନିଜକୁ ସମସ୍ତ ଦିଗରୁ କଷ୍ଟ ଦେଇ ଅନ୍ୟମାନଙ୍କୁ ରକ୍ଷା କରିବାର ଶିକ୍ଷା ସବୁ ଯୁଗର ଶାସକବର୍ଗଙ୍କ ନିମନ୍ତେ ପ୍ରେରଣାପ୍ରଦ ହୋଇରହିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ନୂତନାନନ୍ଦ ପାଢି ପ୍ରତିନିଧିତ୍ୱ କରିଥିଲେ । ଗଣେଶ୍ୱର ଦାଶ, ମମତା ପାଳ, ରାଜେନ୍ଦ୍ର ପ୍ରସାଦ ପାଳ, ରବିଶଙ୍କର ପାତ୍ର, ଟି. ସିଦ୍ଧାର୍ଥ ଶଙ୍କର ପାତ୍ର, ଇଂ. ଡମ୍ବରୁଧର ବେହେରା, ବିଳାସିନୀ ବିଶୋୟୀ, ପଞ୍ଚାନନ ଚୌଧୁରୀ, ଶ୍ରୀଧର ସାମନ୍ତରାୟ, ପଞ୍ଚତତ୍ତ୍ୱ ସଂକୀର୍ତ୍ତନମଣ୍ଡଳୀ, ବଳରାମ ଛୁଆଁଳ ସିଂହ, ଭାସ୍କର ବିଶୋୟୀ, ଧ୍ରୁବଚରଣ ପଣ୍ଡା, ଯୁଧିଷ୍ଠିର ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ମା' ଠାକୁରାଣୀଙ୍କ କଳସ ଯାତ୍ରା ଆରମ୍ଭ

ଡାବୁଗାଁ,୧୫।୪(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ଠାରେ ୯ ଦିନ ବ୍ୟାପି ମା' ଠାକୁରାଣୀଙ୍କ କଳସୀ ଯାତ୍ରା ସୋମବାର ଆରମ୍ଭ ହୋଇଛି । ମା' ଠାକୁରାଣୀ ମନ୍ଦିରରୁ ଶୋଭାଯାତ୍ରାରେ କଳସୀ ମଣ୍ଡପକୁ ଆସିଥିଲେ। ୯ ଦିନ ବ୍ୟାପି ମା' ଠାକୁରାଣୀ କଳସୀରେ ଘଟ ଦ୍ୱାରା ଗ୍ରାମରେ ଘରକୁ ଘର ବୁଲି ପୂଜା ପାଇବେ। ମା' ଠାକୁରାଣୀ ୯ ଦିନର ଯାତ୍ରା ଶେଷ କରି ମନ୍ଦିରକୁ ଫେରିବେ । ଏହି କାର୍ଯ୍ୟକ୍ରମକୁ ଯାତ୍ରା ପରିଚାଳନା କମିଟି ସଭାପତି ସତ୍ୟ ରଞ୍ଜନ ପାତ୍ର, ସମ୍ପାଦକ ଯଶୋବନ୍ତ ପାତ୍ର, ସହ ସଂପାଦକ କୁନୁ ପାତ୍ର, କୋଷାଧ୍ୟକ୍ଷ ଜଗନ୍ନାଥ ବେହେରା ପ୍ରମୁଖ ପରିଚାଳନା କରୁଛନ୍ତି ।

# ଆମ୍ବେଦ୍‌କରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

ଚିତ୍ରକୋଣ୍ଡା,୧୫।୪(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ପଞ୍ଜାବୀ ଛକସ୍ଥିତ ଆମ୍ବେଡକର ପ୍ରତିମୂର୍ତ୍ତିଠାରେ ଆମ୍ବେଡକର ଜୟନ୍ତୀ ପାଳନ କମିଟି ପକ୍ଷରୁ ଡାକ୍ତର ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। କମିଟି ଉପଦେଷ୍ଟା ହେମନ୍ତ ଦଳପତିଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବରେ ସୁଜାତା ସାହାଣି, ରାମା ନାଗ ଓ ପଙ୍କଜ ନାଏକ ଯୋଗଦେଇ ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। କମିଟି ସଭାପତି ବିଦେଶୀ ଗଉଡ, ସମ୍ପାଦକ ଭୀମ ନାୟକ, ସହସମ୍ପାଦକ ଶିବ ପ୍ରସାଦ ଖରା, ସଦନ ଖରା, ମଙ୍ଗୁଲୁ ଗଉଡ, ତ୍ରିଲୋଚନ ସେଠୀ, କାର୍ଯ୍ୟକାରୀ କମିଟି ମୁଖ୍ୟ କ୍ଷୀରୋଦ କୁମାର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ଜନସାଧାରଣ ଓ ଛାତ୍ରୀଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପଞ୍ଜାବୀ ଛକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସକାଳ ୭ଟାରୁ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିଠାରୁ ଆମ୍ବେଡକର ରଥ ପରିକ୍ରମା କରିଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ, ପୁସ୍ତକମେଳା, ଆମ୍ବେଡକରଙ୍କ ଜୀବନୀ ଉପରେ ଆଧାରିତ ଚଳଚିତ୍ର ପ୍ରଦର୍ଶନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡାଏଟ୍ ଛାତ୍ରୀଛାତ୍ରମାନେ ନାଟକ ପରିବେଷଣ କରିଥିଲେ।



ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ଶୋଭାଯାତ୍ରା ।

## ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ପାଳିତ

ଚିତ୍ରକୋଣ୍ଡା,୧୫।୪(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ଚିତ୍ରକୋଣ୍ଡା ସହରସ୍ଥିତ ବ୍ୟାଙ୍କଲାଇନର ଶ୍ରୀ ବୀରବଜରଙ୍ଗୀ ପୀଠ, ହାଟପଦା ହନୁମାନ ମନ୍ଦିର, ଇଟାଭାଟି ଲାଇନସ୍ଥିତ ହନୁମାନ ମନ୍ଦିର, ଆରଙ୍ଗୀ ହନୁମାନ ମନ୍ଦିର, ବଡପଦା ହନୁମାନ ମନ୍ଦିର ଓ ଦୋରାଗୁଡା ହନୁମାନଙ୍କ ପୀଠରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିସହ ଆଖଣ୍ଡଳମଣି ମନ୍ଦିର, ବାଲାଜୀ ମନ୍ଦିର ଓ ନୀଳକଣ୍ଠେଶ୍ୱର ମନ୍ଦିର, ଦିବ୍ୟଜୀବନ ସଂଘ, ନିଗମାନନ୍ଦ ଆଶ୍ରମ ପକ୍ଷରୁ ମଧ୍ୟ ହନୁମାନ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ କେତେକ ସ୍ଥାନରେ ଚାରିପ୍ରହର ନାମଯଜ୍ଞ, ହୋମ ଯଜ୍ଞ, ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ସେହିଭଳି ଚିତ୍ରକୋଣ୍ଡା ବନଦୁର୍ଗା ମନ୍ଦିର, ଭଣ୍ଡାର ଘରଣୀ ମନ୍ଦିର, ତାରିଣୀ ମନ୍ଦିର, ଡାଲଖାଇ ମନ୍ଦିରରେ ମହାବିଷୁବ ସଙ୍କ୍ରାନ୍ତି ପାଳିତ ହୋଇଛି।

# ମାଲକାନଗିରି : ପୁରୁଷଙ୍କ ଅପେକ୍ଷା ଅଧିକ ମହିଳା ମତଦାନ କରିଛନ୍ତି

ମାଲକାନଗିରି, ୧୫।୪ (ଡି.ଏନ.ଏ.)

ମାଲକାନଗିରି ଜିଲାରେ ଗତ ୧୧ରେ ହୋଇଥିବା ନିର୍ବାଚନରେ ପୁରୁଷଙ୍କ ଅପେକ୍ଷା ଅଧିକ ମହିଳା ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି । ଯାହାକି ମହିଳା ସଶକ୍ତୀକରଣ ଦିଗରେ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି । ମାଲକାନଗିରି ଜିଲାର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମାଲକାନଗରି ଓ ଚିତ୍ରକୋଣ୍ଡା ରହିଛି । ଏହି ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୪ ଲକ୍ଷ ୨୦ ହଜାର ୩୫୮ ଜଣ ଭୋଟର ରହିଛନ୍ତି। ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୩୧ ହଜାର ୪୪୪ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୧୪ ହଜାର ୩୭୧ ଜଣ ପୁରୁଷ,୧ ଲକ୍ଷ ୧୭ ହଜାର ୬୩ ଜଣ ମହିଳା ଓ ୧୦ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି । ସେଥି ମଧ୍ୟରେ ଚଳିତ ନିର୍ବାଚନରେ ୨୩୧୪ ଜଣ ନୂତନ ଭୋଟର ସାମିଲ ହୋଇଛନ୍ତି। ୩୮୯୧ ଭିନ୍ନକ୍ଷମ ଭୋଟର ମଧ୍ୟ ରହିଛନ୍ତି। ଏମାନଙ୍କ ପାଇଁ ମୋଟ ୨୯୭ଟି ବୁଥ କରାଯାଇଥିଲା । ତେବେ ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୮୫ହଜାର ୬୫୫ ପୁରୁଷ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଥିବା ବେଳେ ୮୯ହଜାର ୪୩୩ ଜଣ ମହିଳା ଭୋଟର ସେମାନଙ୍କ ମତଦାନ କରିଛନ୍ତି। ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ଶତକଡ଼ା ୭୫.୬୫ ପ୍ରତିଶତ ମତଦାନ ହୋଇଛି । ସେହପରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ମୋଟ ୧ ଲକ୍ଷ ୮୮ ହଜାର ୯୧୪ ଜଣ ଭୋଟର ରହିଛନ୍ତି। ତନ୍ମଧ୍ୟରୁ ୯୦ ହଜାର ୫୪୯ ଜଣ ପୁରୁଷ, ୯୮ ହଜାର ୩୫୫ ଜଣ ମହିଳା ଓ ୧୦ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି । ୨୧୭୪ ଜଣ ନୂତନ ଭୋଟର ସାମିଲ ହୋଇଛନ୍ତି। ଭିନ୍ନକ୍ଷମ ଭୋଟରଙ୍କ ସଂଖ୍ୟା ୧୬୯୬। ମତଦାତାଙ୍କ ପାଇଁ ୨୪୩ଟି ବୁଥ ହୋଇଥିଲା। ୬୨ହଜାର ୧୨୨ ଜଣ ପୁରୁଷ ସେମାନଙ୍କ ମତ ସାବ୍ୟସ୍ତ କରିଥିବା ବେଳେ ୬୬ହଜାର ୪୩୪ ଜଣ ମହିଳା ଭୋଟର ମତଦାନ କରିଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ଶତକଡ଼ା ୬୮.୦୫ ପ୍ରତିଶତ ମତଦାନ ହୋଇଛି । ଉପରୋକ୍ତ ଆକଳନ ଅନୁଯାୟୀ ଜିଲାରେ ପୁରୁଷଙ୍କ ତୁଳନାରେ ଶତକଡ଼ା ୦.୨୫ ପ୍ରତିଶତ ଅଧିକ ମହିଳା ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଅସଲ କଥା ହେଲା ବିଶ୍ୱାସ। ବାଳକର ବିଶ୍ୱାସ ଭଳି, ଗୁରୁବାକ୍ୟରେ ବିଶ୍ୱାସ କର।
-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଲୋକ ଅଦାଲତ ସଭ୍ୟ ମନୋନୀତ



ରାୟଗଡା ଅଫିସ୍, ୧୫।୪:ରାୟଗଡା ଜିଲାରେ ଓଡ଼ିଶା ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଲୋକ ଅଦାଲତର ସଭ୍ୟ ରୂପେ ଡା. କେ.ସାଲଭା ରାଜୁ ମନୋନୀତ ହୋଇଛନ୍ତି। ଡା. ରାଜୁ ନିକଟରେ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧକ୍ଷ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତବ୍ୟ ପରାୟଣ, ଛାତ୍ରବତ୍ସଳ, ସାମାଜିକ କର୍ମୀ ଏବଂ ଧର୍ମ ପରାୟଣ ବ୍ୟକ୍ତି ଭାବେ ତାଙ୍କର ଖାତିର ରହିଛି। ଦୀର୍ଘ ୩୭ବର୍ଷର ଅଧ୍ୟାପନା ପରେ ଏହି କାର୍ଯ୍ୟରେ ଯୋଗ ଦେଇଛନ୍ତି।

### ଗଛରେ ପିଟି ହେଲା ବାଇକ୍: ୩ ଗୁରୁତର



ଟିକିରି,୧୫।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ନିକଟ ଡେଙ୍ଗାଗୁଡ଼ା ଛକରେ ସୋମବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣା ଘଟି ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ହାଡିଗୁଡ଼ା ପଞ୍ଚାୟତ ପୁଡୁଯୋଡି ଗ୍ରାମର ଶଙ୍କର ମାଝି(୩୦), ଧନେଶ୍ୱର ମାଝି(୩୨) ଓ କବି ମାଝି (୨୫)। ପ୍ରକାଶ ଯେ, ଶଙ୍କର, ଧନେଶ୍ୱର ଓ କବି ୩ ଜଣ ଏକ ବାଇକ୍‌ରେ ଗୋରଖପୁରରୁ ଟିକିରି ଅଭିମୁଖେ ଯାଉଥିଲେ। ଡେଙ୍ଗାଗୁଡ଼ା ଛକରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଯାଇଥିଲା। ଏଥିରେ ସେମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ।

### ପଣାସଂକ୍ରାନ୍ତି ପାଳିତ



ଟିକିରି,୧୫।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ହନୁମାନ ମନ୍ଦିରରେ ରବିବାର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସେଠାରେ ହନୁମାନ ଚାଳିଶା ପାଠ କରାଯାଇଛି। ନିରଞ୍ଜନ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

### କିନ୍ନର ଦିବସ ପାଳିତ

ଗୁଣପୁର,୧୫।୪(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁରଠାରେ ସୋମବାର କିନ୍ନର ଦିବସ ପାଳିତ ହୋଇଛି। ଗୁଣପୁରର ଶଖା କାର୍ଯ୍ୟାଳୟରେ ମା’ ମାଝିଗୌରୀ କମ୍ୟୁନିଟିବେସ୍‌ଡ ଅର୍ଗାନାଇଜେଶନ ପକ୍ଷରୁ କିନ୍ନରଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ରମେଶଚନ୍ଦ୍ର ପୁଆଲା, ସଂପାଦକ ପିଙ୍କି ମହାପାତ୍ର, ଉପସଭାପତି ସ୍ୱାତି ବାତ୍ରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୨୦୧୪ ଏପ୍ରିଲ ୧୫ ତାରିଖରେ ନାଲାସା ତାଙ୍କ ରାୟରେ କିନ୍ନରମାନଙ୍କୁ ମାନ୍ୟତା ପ୍ରଦାନ କରିଥିଲେ।

# ହଜିଯାଉଛି ମାତୃତ୍ୱ ସ୍ନେହ

■ଆଖିବୁଜିଲା ମା’ ଛାଡି ଯାଇଥିବା ଶିଶୁକନ୍ୟା
■ଡାକ୍ତରଖାନା ସମ୍ମୁଖ ନାଳରୁ ମିଳିଲା ଶିଶୁପୁତ୍ରର ମୃତଦେହ

ପାରଳାଖେମୁଣ୍ଡି, ୧୫।୪ (ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ୨ଟି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ମାଆର ଅବହେଳା ପାଇଁ ୨ଟି ଶିଶୁଙ୍କ ମୃତ୍ୟୁ ଘଟିଛି। ଜଣେ ଡାକ୍ତରଖାନାରେ କନ୍ୟାସନ୍ତାନ ଜନ୍ମ କରି ଛାଡି ଚାଲିଯିବାର ଦିନକ ପରେ ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ମାଆ ମୃତ ଶିଶୁପୁତ୍ରକୁ ଆଣି ଡାକ୍ତରଖାନା ଫାଟକ ସମ୍ମୁଖରେ ଫିଙ୍ଗି ଦେଇଯାଇଛନ୍ତି। ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମହିଳା ପ୍ରସୂତି ପରେ ତାଙ୍କର ଶିଶୁକନ୍ୟାଟିଏ ଜନ୍ମ ହୋଇଥିଲା। ସେ ଏହି ଶିଶୁକନ୍ୟାକୁ ଚିକିତ୍ସାଳୟରେ ଛାଡି ରବିବାର ଚାଲିଯାଇଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଶିଶୁଟିକୁ ଭେଣ୍ଟିଲେଟରରେ ରଖି ଚିକିତ୍ସା କରୁଥିଲେ। ଏଥିସହ ଚାଇଲ୍ଡଲାଇନକୁ ମଧ୍ୟ ଖବର ଦେଇଥିଲେ। ତେବେ ଚାଇଲଡ୍ ଲାଇନ ସଦସ୍ୟମାନେ ପହଞ୍ଚିବା ପୂର୍ବରୁ ସୋମବାର ଶିଶୁକନ୍ୟାର ମୃତ୍ୟୁ ହୋଇଛି। ଶିଶୁକନ୍ୟାକୁ ଜନ୍ମ ଦେଇ ଛାଡିଚାଲିଯାଇଥିବା ମହିଳାଜଣକ ରାୟଗଡା ଜିଲା ଗୁଣୁପୁର ଅଞ୍ଚଳର ବାସିନ୍ଦା ବୋଲି ଚିକିତ୍ସାଳୟ କାଗଜପତ୍ରରୁ ଜଣାପଡିଛି । ଶିଶୁକନ୍ୟାଟି ୯ମାସ ବଦଳରେ ମାତ୍ର ୬ ମାସ ଅବଧିରେ ଜନ୍ମ ହୋଇଥିଲା। ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଲେ ଯେ, ଏହା ଏକ ଦୁଃଖଦ ଘଟଣା। ଶିଶୁକୁ ଏଭଳି ଛାଡି ଚାଲିଯିବା ଅପରାଧ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୁନୁରାଣୀ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ। ଜିଲା ଶିଶୁକଲ୍ୟାଣ ସମିତି ଅଧକ୍ଷ ବିନୋଦଚନ୍ଦ୍ର ଜେନାଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ବିଷୟରେ ଖବର ପାଇଛୁ। ମହିଳା ଜଣକ ବାହାର ଜିଲାର ହୋଇଥିଲେ ତାଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛୁ। ଏହା ହସ୍ତଗତ ହେବା ପରେ ପଦକ୍ଷେପ ନିଆଯିବ ବୋଲି ଜେନା କହିଥିଲେ। ସେହିପରି ସୋମବାର ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମୁଖ୍ୟ ଡାକ୍ତରଖାନା ପରିସର ମୁଖ୍ୟ ଫାଟକ ନିକଟରୁ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର ହୋଇଛି। ସୋମବାର ମଧ୍ୟାହ୍ନରେ କିଛି ଲୋକ ଫାଟକ ସମ୍ମୁଖ ନାଳରୁ ଏକ ମୃତ ନବଜାତ ଶିଶୁପୁତ୍ର ପଡିଥିବା ଦେଖି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। କୌଣସି ମହିଳା ଏହି ଶିଶୁକୁ ଜନ୍ମଦେଇ ମୁଖ୍ୟ ଫାଟକ ନିକଟରେ ଫୋପାଡି ଦେଇ ଚାଲିଯାଇଥିବା ସନ୍ଦେହ କରାଯାଉଛି।

■ ଚାଷଜମିକୁ ମାଡୁନି କେନାଲ ପାଣି

# ଜିଲାପାଳଙ୍କୁ ଭେଟିଲେ ଚାଷୀ

ପାରଳାଖେମୁଣ୍ଡି, ୧୫।୪ (ସ୍ୱ.ପ୍ର.)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀମାନେ।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିର ଗୋଷାଣୀ ବ୍ଲକ ଅନ୍ତର୍ଗତ ପାଟିକୋଟା, ତାମ୍ପରକଇଠା, ରଣଦେବୀ ଆଦି ଗ୍ରାମର ପ୍ରାୟ ୧୦୦ ହେକ୍ଟର ଚାଷଜମିକୁ ଉପରମୁଣ୍ଡରୁ ପାଣି ନ ଛାଡିବା ଯୋଗୁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ଏନେଇ ଗଜପତି ଜିଲାପାଳ ଅନୁପମ ଶାହାଙ୍କୁ ଭେଟି ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚାଷୀ ନିଜ ଅସୁବିଧା ସମ୍ପର୍କରେ ଜଣାଇଥିଲେ। ସେମାନେ କହିଥିଲେ ଯେ, ଉପଲଡାଠାରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗର ଏକ କେନାଲର ଜଳ ଉକ୍ତ ଅଞ୍ଚଳରେ ପ୍ରବାହିତ ହେଉଛି । ଉପଲଡା ଗ୍ରାମରେ ବିଭାଗୀୟ ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ତଳିଆ ଅଞ୍ଚଳକୁ ଜଳସେଚନ ହୋଇପାରୁନାହିଁ। କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଇଙ୍ଗିତରେ ଏପରି ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏପରିକି ଉକ୍ତ କେନାଲରେ ଥିବା ଫାଟକର ନଟ୍‌ବୋଲ୍ଟ ବିଭାଗୀୟ କର୍ମଚାରୀ ନେଇଯାଉଛନ୍ତି। ଫଳରେ ଏହି କେନାଲର ପାଣି ଛାଡିବା ମଧ୍ୟ ମୁସ୍କିଲ ହୋଇଯାଉଛି । ଏନେଇ କ୍ଷୁଦ୍ର ଜଳସେଚନ ବିଭାଗକୁ ବାରମ୍ବାର ଜଣାଇଲେ ମଧ୍ୟ ସେମାନେ ଶୁଣୁନାହାନ୍ତି। କେବଳ ଆଜିକାଲି ଭିତରେ ପାଣି ଛଡାଯିବ କହି ଦିନ ଗଡାଇ ଚାଲିଛନ୍ତି। ଯଦି ଆସନ୍ତା ଦିନେ ୨ଦିନ ମଧ୍ୟରେ ଚାଷଜମିକୁ ଜଳସେଚନ ବ୍ୟବସ୍ଥା ନ ହୁଏ ତେବେ ଏଠାରେ ମରୁଡି ପରିସ୍ଥିତି ସୃଷ୍ଟି ହେବ ବୋଲି ଚାଷୀମାନେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲା ପରିଷଦ ସଭ୍ୟ ଗେଡେଲା ଶ୍ରୀଧରଙ୍କ ସମେତ ଚାଷୀମାନେ ଚେତାବନୀ ଦେଇଛନ୍ତି ।

## ମତଦାନ ପରେ ହାର ଜିତକୁ ନେଇ ଚର୍ଚ୍ଚା

ପାରଳାଖେମୁଣ୍ଡି, ୧୫।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଓ ମୋହନା ନିର୍ବାଚନମଣ୍ଡଳୀରେ ଗତ ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଏବେ ବିଭିନ୍ନ ସ୍ଥାନରେ ପ୍ରାର୍ଥୀଙ୍କ ହାର ଜିତ୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ପ୍ରାର୍ଥୀଙ୍କ ସମର୍ଥକମାନେ ନିଜ ନିଜ ଜିତାପଟକୁ ନେଇ ଆକଳନ କରୁଥିବା ଦେଖିବାକୁ ମିଳୁଛି। ପାରଳାଖେମୁଣ୍ଡି ବିଧାନସଭା ଆସନରେ ବିଜେଡିରୁ ରାଜକୁମାରୀ କଲ୍ୟାଣୀ ଦେବୀ, ଭାଜପାରୁ କେ.ନାରାୟଣ ରାଓ, କଂଗ୍ରେସରୁ କେ.ସୁରିୟା ରାଓ ଏବଂ ସ୍ୱାଧୀନ ପ୍ରାର୍ଥୀ ଡ.ତିରୁପତି ପାଣିଗ୍ରାହୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମତଦାନ ପରେ ବିଭିନ୍ନ ଛକ, ଚା’ ଦୋକାନ, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ସେମାନଙ୍କ ସମର୍ଥକଙ୍କ ମଧ୍ୟରେ ଆଲୋଚନା ପର୍ଯ୍ୟାଲୋଚନା ଲାଗି ରହିଛି। ଗୋଟିଏ ଦଳ ତାଙ୍କ ଜିତିବାକୁ ନେଇ ଯୁକ୍ତି ରଖୁଥିବାବେଳେ ଅନ୍ୟଦଳ ମଧ୍ୟ ସେମାନଙ୍କ ବିଜୟ ସପକ୍ଷରେ ମତ ରଖୁଛନ୍ତି। ସେହପରି ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଦାଶରଥୀ ଗମାଙ୍ଗ, ବିଜେଡିର ପୂର୍ଣ୍ଣବାସୀ ନାୟକ, ଭାଜପାର ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କର ସମର୍ଥକମାନେ ମଧ୍ୟ ନିଜ ସପକ୍ଷରେ ମତ ରଖୁଛନ୍ତି। ଆସନ୍ତା ମେ ୨୩ରେ ଭୋଟ ଗଣତି ପରେ କାହା ଆକଳନ ସତ ହେଉଛି ତାହା ଜଣାପଡିବ।

## ଗୋଷାଣୀରେ ହାତୀ ପଲ

ପାରଳାଖେମୁଣ୍ଡି, ୧୫।୪(ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣୀ ବ୍ଲକ କେରାଣ୍ଡି ପଞ୍ଚାୟତ ଧାମଣୀ ଗାଁ ନିକଟରେ ସୋମବାର ରାତି ୯ଟା ସମୟରେ ଆନ୍ଧ୍ର ପଟୁ ୬ଟି ହାତୀ ମୁଖ୍ୟରାସ୍ତା ପାର କରିଛନ୍ତି। ବର୍ତ୍ତମାନେ ହତୀପଲ ଗୋଷାଣୀ ବ୍ଲକର ରଣଦେଇ, ଭିନଳା, ବାପୁଜୀପେଣ୍ଟ, ବାଘଶାଳା ଆଦି ଗାଁ ଅଭିମୁଖେ ଯାଇଥିବା ଜଣାପଡିଛି। ଓଡ଼ିଶା ବନ ଓ ଆନ୍ଧ୍ର ବନ ବିଭାଗ ଧାମଣୀ ଗାଁ ନିକଟରେ ପହଞ୍ଚି ହାତୀପଲକୁ ଘଉଡାଇବାକୁ ଚେଷ୍ଟା କରୁଛନ୍ତି।

# ଟିକିରିରେ ଆମ୍ବେଡକର ଜୟନ୍ତୀ

ଟିକିରି,୧୫।୪(ଡି.ଏନ୍.ଏ.)



ଆମ୍ବେଡକର ମିଶନ ପକ୍ଷରୁ ବାହାରି ଥିବା ବାଇକ୍ ରାଲି।

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିରେ ଡ. ଆମ୍ବେଡକର ଜୟନ୍ତୀ ପାଳିତ ହୋଇଛି। ଆମ୍ବେଡକର ମିଶନ ପକ୍ଷରୁ ରବିବାର ସ୍ଥାନୀୟ ନୂଆପଡାଠାରୁ ଏକ ବାଇକ୍ ରାଲି ବାହାରି କାଶୀପୁରରେ ପହଞ୍ଚିଥିଲା। ମିଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନାର ଗଜେନ୍ଦ୍ର ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ବିଶ୍ୱାସ ନାଏକ, ହଳଧର ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଟିକିରିସ୍ଥିତ ଆମ୍ବେଡକର କ୍ଲବରେ ଅନୁଷ୍ଠିତ ଜୟନ୍ତୀ କାର୍ଯ୍ୟକ୍ରମରେ ମକରନ୍ଦ ମୁଦୁଲି, ବିଦ୍ୟାଧର ଦୁରିଆ, ରେଙ୍ଗୁ ନାଏକ, ସୁନା ବେହେରା, ରସିକ ନାଏକ, ରତ୍ନାକର ନାଏକ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବ ସଭାପତି ଶ୍ରୀକାନ୍ତ ଦୁରିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସ୍କୁଲକୁ ଯାଉ ନ ଥିବା ଏବଂ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ବିଦ୍ୟାଳୟାଭିମୁଖୀ କରାଇବାକୁ ଯୁବ କ୍ଲବ ପ୍ରୟାସ କରୁଛି ବୋଲି ଅତିଥିମାନେ କହିଛନ୍ତି। ସଭାପତି ଶ୍ରୀକାନ୍ତ ଦୁରିଆ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରେସ୍ ୟୁନିୟନର ଏମ୍.କେ. ସାଇ, ଉମ୍ବରୁଧର ବେହେରା, ପ୍ରଫୁଲ୍ଲ କୁମାର ବେହେରା ଉପସ୍ଥିତ ଥିଲେ। କ୍ଲବର କିଶୋର, ମୋତିଲାଲଙ୍କ ସହିତ ଅନ୍ୟମାନେ ଏହାର ପରିଚାଳନା କରିଥିଲେ।

# ବିଷୁବ ମିଳନରେ ପଦ୍ମଶ୍ରୀ କମଳାଙ୍କୁ ସମ୍ମାନିତ

ଜୟପୁର ୧୫।୪(ନିପ୍ର)

ଜୟପୁର ଲେଖିକା ସଂସଦରେ ବିଷୁବ ମିଳନ ଉତ୍ସବ ସଭାପତି ପ୍ରମୋଦିନୀ ହୋତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଏକ କଲେଜରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ କମଳା ପୁଜାରୀ ଯୋଗଦେଇ ଆଜିର ନାରୀ କୌଣସିଗୁଣରେ କମ୍ ନୁହଁନ୍ତି ବୋଲି କହିଥିଲେ। ସେ ଦେଶି ଧାନ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ କନକଲତା ରଥ ଏବଂ ନାରାୟଣୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଷୁବ ମିଳନର ପ୍ରଧାନ୍ୟତା ବିଷୟରେ ସୂଚନା ଦେଇଥିଲେ । ଶୋଭାଗୀନୀ ନନ୍ଦ , ଉର୍ମିଳା ଶର୍ମା, ପ୍ରମୋଦିନୀ ହୋତା ପଦ୍ମଶ୍ରୀ କମଳା ପୁଜାରୀଙ୍କ ଜୀବନୀ ବିଷୟରେ ଉପସ୍ଥାପନ କରିଥିଲେ । ବିଷ୍ଣୁ ପ୍ରିୟା ମିଶ୍ର, କୁମୁଦୀନୀ ହୋତା, ବିନୋଦିନୀ ହୋତା, ଗୁପ୍ତେଶ୍ୱର ଦାଶ, ବିଷ୍ଣୁ ପ୍ରିୟା ମିଶ୍ର, ଶିବାନି ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

## ନବ ନିର୍ମାଣ ସମିତିର ମହାବିଷୁବ ମିଳନ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗୁଣପୁର,୧୫।୪(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରଠାରେ ନବ ନିର୍ମାଣ ସମିତି ପକ୍ଷରୁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଏକ ଲଜ୍‌ରେ ମହାବିଷୁବ ମିଳନ ତଥା ଓଡିଆ ନବବର୍ଷ ପାଳିତ ହୋଇଯାଇଛି। ନବ ନିର୍ମାଣ ସମିତି ଅଧକ୍ଷ ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ସୀମାଞ୍ଚଳ କର ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ନରେନ୍ଦ୍ର କୁମାର ମିଶ୍ର ଓ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ନରସିଂହ ପ୍ରସାଦ ଦାସ ଯୋଗ ଦେଇଥିଲେ। ଅତିଥିମାନେ ମହାବିଷୁବ ମିଳନ ଓ ଓଡ଼ିଆ ନବବର୍ଷ ଉପରେ ଆଲୋଚନା କରିଥିଲେ। ଉମାଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିଲେ। କେଶବ ରାଓଙ୍କ ନିର୍ଦ୍ଦେଶନାରେ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ପଣ୍ଡିତ ପ୍ରକାଶ ରଥ ପଞ୍ଜିକା ପାଠ କରିଥିଲେ। ଏହି ଅବସରରେ ନରସିଂହ ପ୍ରସାଦ ଦାସ, ପ୍ରତିଭା ରଥ ଏବଂ ନରେନ୍ଦ୍ର ମିଶ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବଂଶୀଧର ସେଠୀ, କୈଳାସ ଦାସ, ପ୍ରତାପ ରାୟ ପ୍ରମୁଖ ମଧ୍ୟ ମହାବିଷୁବ ମିଳନ ଉପରେ ମତ ରଖିଥିଲେ। ରମେଶ ମିଶ୍ର, ରାଜେଶ ପାଢୀ, ବିମଳ ମିଶ୍ର, ଆଶୁତୋଷ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁର୍ଗା ଶତପଥୀ ଧନ୍ୟବାଦ ଦେଇଥିଲେ।

## ହନୁମାନ ଜୟନ୍ତୀ ପାଳିତ



ବିଷୁବମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାମନାଗୁଡ଼ା, ୧୫।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଭାମିନୀ ପଞ୍ଚାୟତ ଲିମାପଦର ଗ୍ରାମ ସୀତାରାମ ମନ୍ଦିରରେ ହନୁମାନ ଜୟନ୍ତୀ, ମହାବିଷୁବ ମିଳନ ପାଳନ କରାଯାଇଛି। ସୁସ୍ଥ ସାହିତ୍ୟ ସମାଜ ଏବଂ ପ୍ରଫୁଲ୍ଲ ସ୍ମୃତି ସମ୍ମାନ ପରିବାର ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପାରଳାଖେମୁଣ୍ଡି ସିଟି ସ୍କୁଲ ଉପାଧକ୍ଷ ତଥା ବିଶିଷ୍ଟ କବି ଏବଂ ଛଉ ନୃତ୍ୟ ବିଶାରଦ ଡାକ୍ତର ମୁର୍ମୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୀମାଞ୍ଚଳ କର, ରୁଦ୍ର ମୋହନ ବିଶ୍ୱାଳ, ବିଜୟ ପାଢୀ ଓ ମୁଖ୍ୟବକ୍ତା ଭାବେ ପ୍ରତାପ ଚନ୍ଦ୍ର ରାୟ ଯୋଗ ଦେଇଥିଲେ। ଏହି ଅବସରରେ କୋରାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ମିନା ସ୍ୱାଇଁଙ୍କୁ ଚତୁର୍ଥ ପ୍ରଫୁଲ୍ଲ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଗୁଣପୁର ସୁସ୍ଥ ସାହିତ୍ୟ ସମାଜ ପକ୍ଷରୁ ବାସୁଦେବ ପାତ୍ର, ଜନାବ ସଲିମ, ଉଷାରାଣୀ ପଣ୍ଡା, ରମେଶ ମିଶ୍ରଙ୍କୁ ବିଷୁବ ସମ୍ମାନ ୨୦୧୯ ପ୍ରଦାନ କରାଯାଇଛି। ଲିମାପଦରର ଗାୟକ ହୃଷୀକେଶ ପଣ୍ଡାଙ୍କୁ ଗ୍ରାମଦେବୀ ଶାନ୍ତି ସମ୍ମାନ ଦିଆଯାଇଛି। କାର୍ଯ୍ୟକ୍ରମରେ ବାସୁଦେବ ପାତ୍ରଙ୍କ ଦ୍ୱାରା ରଚିତ ‘ପ୍ରବନ୍ଧ ସମାରୋହ’ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଗଜପତି ଜିଲା ନଟରାଜ ଡ୍ୟାନ୍ସ ଗ୍ରୁପ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ ସ୍ମୃତି ସମ୍ମାନ ପରିବାର ସଭାପତି ପ୍ରସନ୍ନ ତ୍ରିପାଠୀ, ପ୍ରମୋଦ ତ୍ରିପାଠୀ, ଅଶ୍ୱିନୀ ତ୍ରିପାଠୀ, ଅରବିନ୍ଦ ତ୍ରିପାଠୀ, ଅକ୍ଷୟ ପଣ୍ଡା, ହର ପ୍ରସାଦ ରଥ, ହିମାଂଶୁ ପଣ୍ଡା, ଚକ୍ରପାଣି ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

# ୩ କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

■ପାରତାପୁର ଘାଟି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର, ହେଲ୍‌ପର ମୃତ
■ ଅନ୍ୟ ଏକ ଟ୍ରକ ଡ୍ରାଇଭର ଗୁରୁତର

ରାୟଗଡା ଅଫିସ୍, ୧୫।୪



ପାରତାପୁର ଘାଟିରେ ଦୁର୍ଘଟଣାଗ୍ରସ୍ତ କୋଇଲା ବୋଝେଇ ଟ୍ରକ।

ରାୟଗଡା ଓ ଶେଷଖାଲ ଥାନା ଅଞ୍ଚଳରେ ସୋମବାର ପୃଥକ ସ୍ଥାନରେ ୩ଟି ଟ୍ରକ୍ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ପଡୋଶୀ ରାଜସ୍ଥାନ ରାଜ୍ୟ ବିଲବାଡା ଜିଲା ମନୋହରଗଡ ଗ୍ରାମର ଭବର ସିଂ ମୀନା(୫୦) ଓ ସୁରେଶ ମୀନା(୩୦) । ଆହତ ଜଣକ ହେଲେ ହରିଶ ଲାଲ।

ପ୍ରକାଶ ଯେ, ବିଶାଖାପାଟଣା ବନ୍ଦରରୁ କୋଇଲା ବୋଝେଇକରି ୭ଟି ଟ୍ରକ୍ ରାୟଗଡ଼ାକୁ ଆସୁଥିଲେ। ସୋମବାର ଭୋରରୁ ୩ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରଥମେ ରାୟଗଡା ସହରର ଝଞ୍ଜାବତୀ ନଦୀ ଉପରେ ଥିବା ପୋଲରେ ଗୋଟିଏ ଟ୍ରକ୍ (ଓଡି-୨୩ସି-୮୮୪୧) ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ପୋଲ ନିକଟରେ ଥିବା ସୁରକ୍ଷା ପାଚେରିରେ ବାଡେଇ ହୋଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ହରିଶ ଲାଲ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପୋଲିସ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପରେ ଶେଷଖାଲ ଥାନା ପାରତାପୁର ଘାଟିରେ ସୋମବାର ଭୋର ପ୍ରାୟ ୫ଟାରେ ଏକ କୋଇଲା ବୋଝେଇ ଟ୍ରକ( ଆର୍‌ଜେ-୦୬ଜି ଏ -୭୬୮୧ ) ଭାରସାମ୍ୟ ହରାଇ ଓଲଟି ପଡି ଏକ ଗଛରେ ପିଟି ହୋଇ ଯାଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ଭବର ସିଂ ମୀନା ଓ ହେଲ୍‌ପର ସୁରେଶ ମୀନା ପ୍ରାଣ ହରାଇଛନ୍ତି। ପଛରେ ଆସୁଥିବା ଅନ୍ୟ ଏକ ଟ୍ରକ୍ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ପୋଲିସକୁ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ମୃତକଙ୍କ ପରିବାରକୁ ସୂଚନା ଦେଇଛି। ସେହିଭଳି ଅତଡା ଗାଁ ନିକଟରେ ଆଉ ଏକ ଟ୍ରକ୍(ଏପି-୦୭-ଟିଏମ୍-୮୧୮୯) ନିୟନ୍ତ୍ରଣ ହରାଇ ଏକ ଚାଷ ଜମିରେ ଓଲଟି ପଡିଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଏନେଇ ରାୟଗଡା ଥାନା ଓ ଶେଷଖାଲ ଥାନାରେ ଗୋଟିଏ ଲେଖାଏ ମାମଲା ରୁଜୁ ହୋଇଥିବା ଏସ୍‌ଡିପିଓ ତପନ କୁମାର ରଥ କହିଛନ୍ତି।

ପୂର୍ବ ତଟ ରେଳପଥ
ନିର୍ମାଣ କାର୍ଯ୍ୟ
ETCECONHQBBS2019015, 11.04.2019
EMD : ₹ 13,13,100.00, ₹ 11,800.00
http://www.ireps.gov.in
PR-48/CC/18-20

CLASSIFIED DISPLAY

